Split by PDF Splitter



ପାପପ୍ରଣୟ କରିବାର ମକଦ୍ଦମା ଦୌନ୍ ବୈଠକରେ ଦେଖାଯାଏ । ପିନଲକୋଡ ଜାରି ହେବା ଦିନୁ ଏପ୍ରକାର ମକଦ୍ଦମା ବିଜ ନାହିଁ ତେବେ ସାମାନ୍ୟ ଶ୍ରେଣୀର ଲୋକଙ୍କ ମଧ୍ୟରେ ତାହା ଘଟନା ହୋଇଥିବାରୁ ତହିଁ ପ୍ରତି ସାଧାରଣଙ୍କ ମନ ଆକର୍ଷିତ ହୋଇ ନାହିଁ । ସମ୍ପ୍ରତି କଲିକତାରେ ଯେଉଁ ମକଦ୍ଦମା ହୋଇ ଯାଇଅଛି ଓ ଯହିଁର ବିବରଣ ଆମ୍ଭେମାନେ ଏଥିପୂର୍ବେ ଲେଖିଅଛୁ ଏହାକୁ ନୂତନ ବୋଲିବାକୁ ହେବ କାରଣ ଭଦ୍ର ପରିବାର ମଧ୍ୟରେ ଏପ୍ରକାର ମକଦ୍ଦମା ଘଟଣା ହୋଇ ନାହିଁ । ଏହି ହେତୁ ଏ ମକଦ୍ଦମା ଅଭିନବ ପ୍ରକାରର ପ୍ରଶ୍ନମାନ ହେଉଅଛି ଏବଂ ଏହି ସକାଶେ ଏହା ବହୁଅତେ ଆନ୍ଦୋଳିତ ହେଉଅଛି । କେତେଲୋକ ଯେ କେତେପ୍ରକାର ମତ ବ୍ୟକ୍ତ କରୁଅଛନ୍ତି ତହିଁର ସୀମା ନାହିଁ । ସେସବୁ ମତର ଆଲୋଚନା କରିବାର ପ୍ରୟୋଜନ ନାହିଁ ତେବେ ଯୋଗେନ୍ଦ୍ର ବାବୁଙ୍କ ନାଲିଶ କରିବାଟା ଉଚିତ ହୋଇଅଛି କି ନାହିଁ ଏ ବିଷୟରେ ମତାନ୍ତର ଦେଖିବାରୁ ଆମ୍ଭେମାନେ ଆପଣା ମତ ପ୍ରକାଶ କରିବାକୁ ଇଚ୍ଛୁକ ହୋଇ ଏ ପ୍ରସ୍ତାବର ଅବତାରଣା କରିଅଛୁଁ ।

ବ୍ରାନସନ୍ ସାହେବ ବାରିଷ୍ଟର ଆସାମୀ ଉପେନ୍ଦ୍ର ନାଥ ବୋଷ ପକ୍ଷରୁ ବକ୍ତୃତା କରିବା ସମୟରେ ସର୍ବ ପ୍ରଥମେ ଏହି କଥା କହିଥିଲେ ଯେ ବିଲାତରେ ପରସ୍ତ୍ରୀଗମନ ଫଉଜଦାରୀ ଅଦାଲତର ଦଣ୍ଡନୀୟ ଅପରାଧ ନୁହଇ । ସେଠାରେ କେବଳ ଛଡପତ୍ର ଖେସାରତ୍ ସକାଶେ ଦେଓ୍ୱାନୀ ନାଲିଶ ହୁଅଇ । ଭାରତବର୍ଷରେ ଏ ଅପରାଧ ଦଣ୍ଡନୀୟ ହୋଇଅଛି ଇଂରେଜ ଗବର୍ଣ୍ଣମେଣ୍ଟ ମୁସଲମାନ ଆଇନରୁ ଏ ନୀତିଟି ଗ୍ରହଣ କରିଅଛନ୍ତି ମାତ୍ର ସମ୍ପୂର୍ଣ୍ଣରୂପେ ନୁହେ କାରଣ ମୁସଲମାନ ଦଣ୍ଡବିଧିରେ ବ୍ୟଭିଚାର ଦୋଷରେ ଲିପ୍ତଥିବା ସ୍ତ୍ରୀ ପୁରୁଷ ଉଭୟ ଦଣ୍ଡନୀୟ କିନ୍ତୁ ଇଂରେଜ ଗବର୍ଣ୍ଣମେଣ୍ଟ ସ୍ତ୍ରୀକୁ ଛାଡି ଦେଇ କେବଳ ପୁରୁଷକୁ ଦଣ୍ଡନୀୟ କରିଅଛନ୍ତି । ଅତଏବ ଆଇନଟି ଅସମ୍ପୂର୍ଣ୍ଣ ଅଟଇ । ଆଇନର ଦୋଷ ଦେଖାଇ ବାରିଷ୍ଟର ସାହେବ କି ଲାଭ ଆଶା କରିଥିଲେ ଆମ୍ଭେମାନେ କହି ନ ପାରୁଁ ମାତ୍ର ଆମ୍ଭମାନଙ୍କର ଦୃଢ ବିଶ୍ୱାସ ଏହି ଯେ ଭାରତବର୍ଷୀୟ ଦଣ୍ଡବିଧିରେ ସ୍ତ୍ରୀକୁ ଛାଡି ଦେଇ କେବଳ ପୁରୁଷକୁ ଦଣ୍ଡଦେବାର ବିଧି କରିବା ଉତ୍ତମ ହୋଇଅଛି । ସାଧାରଣତଃ ଏସମସ୍ତ ପାପ କାର୍ଯ୍ୟର ମୂଳ ପୁରୁଷ ଅଟଇ । ପୁଣି ଏଠା ସ୍ତ୍ରୀମାନେ ଅଳ୍ପବୟସରେ ବିବାହ ହୁଅନ୍ତି ଇଚ୍ଛାନୁସାରେ ସ୍ୱାମୀ ବରଣ କରି ପାରନ୍ତି ନାହିଁ ଏବଂ ଅନେକ ସ୍ଥଳରେ ସ୍ୱାମିଠାରୁ ଦୀର୍ଘକାଳ ଅନ୍ତରରେ ରହନ୍ତି । ଏମାନେ ପାପାସକ୍ତ ପୁରୁଷଙ୍କ କୁହକରେ ପଡି ଭ୍ରଷ୍ଟା ହେବା ବିଚିତ୍ର ନୁହଇ । ଏଥିଯୋଗୁଁ ଆଇନ ଏହାଙ୍କ ଉପରେ ସଦୟ ହୋଇଅଛି । ଅବଶ୍ୟ କ୍ଷେତ୍ରମଣି ପରି ସ୍ତ୍ରୀର ଦଣ୍ଡ ନ ହେବା ଦୁଃଖର ବିଷୟ କାରଣ ସେ ଏକେ ଶିକ୍ଷିତା ଦ୍ୱିତୀୟେ ଦୁଇ ପିଲାର ମାତା ତୃତୀୟେ ଏହି ଦୁଷ୍କର୍ମରେ ରତ ଥିବା ସ୍ୱାମି ନିକଟରେ ପ୍ରକାଶ ପାଇବାରୁ ତିରସ୍କୃତ ହୋଇଥିଲା ଏବଂ ଏ ପାପରେ ଆଉ ପଡିବ ନାହିଁ ବୋଲି ସ୍ୱାମିର ଗୋଡ ଧରି ସ୍ୱୀକାର କରିଥିଲା । ଏଥି ଉତ୍ତାରୁ ତାହାର ଦଣ୍ଡ ନ ପାଇବା ଅବଶ୍ୟ ଦୁଃଖର ବିଷୟ ଅଟଇ କିନ୍ତୁ ପକ୍ଷାନ୍ତରରେ ଯେବେ ତାହାର ପିତା ଉପଯୁକ୍ତ ପ୍ରକାର ଶାସନ କରିଥାନ୍ତେ ତାହା ହେଲେ କ୍ଷେତ୍ରମଣିର ଚରିତ୍ର ଏତେ ମନ୍ଦ ହୋଇ ନ ଥାନ୍ତା । ଏ ବିଷୟରେ ଈଶ୍ୱର ବାବୁଙ୍କର ଦୋଷ ଅତ୍ୟନ୍ତ ହୋଇଅଛି ଏମନ୍ତ କି ସେ ଜାଣି ଶୁଣି ଆପଣା କନ୍ୟାକୁ ବ୍ୟଭିଚାରିଣୀ କରିବାର ଲୋକେ ଅପବାଦ ଦେଉଅଛନ୍ତି । ସେ ଆପଣା ଯୋବାନବନ୍ଦୀରେ ସ୍ପଷ୍ଟ କହିଅଛନ୍ତି ଯେ ସେ ଆପଣା କନ୍ୟାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ମାତ୍ର ଏପ୍ରକାର କି କେହି ବୁଦ୍ଧିମାନ୍ ବ୍ୟକ୍ତି କରିପାରେ ? ଜଜ ସାହେବ ତାହାଙ୍କୁ ଏଥି ପାଇଁ ନିନ୍ଦା କରିଅଛନ୍ତି ଏବଂ ଯଥାର୍ଥ କହିଅଛନ୍ତି କି ଈଶ୍ୱର ବାବୁଙ୍କର ଯେପ୍ରକାର କାର୍ଯ୍ୟ ପ୍ରକାଶ ପାଇଅଛି ତାହା କୌଣସି ଇଉରୋପୀୟ କିମ୍ବା ଦେଶୀୟ ଭଦ୍ରଲୋକ କରିବା ଏମନ୍ତ ଆଶା କରି ଯାଇ ନ ପାରେ । ହିନ୍ଦୁମାନଙ୍କର ପାରିବାରିକ ନିୟମମାନ ଅତ୍ୟନ୍ତ କଠିନ ବୋଲି ଜଣାଅଛି କିନ୍ତୁ ଏସ୍ଥଳେ ତହିଁର ଚିହ୍ନମାତ୍ର ଦେଖା ଯାଇ ନାହିଁ । ଫଳତରେ ଈଶ୍ୱରବାବୁଙ୍କ ହେଳା ହେତୁରୁ କ୍ଷେତ୍ରମଣିର ସର୍ବନାଶ ଘଟିଅଛି । କ୍ଷେତ୍ରମଣି ଯେବେ ନିତାନ୍ତ ତାହାଙ୍କ କଥାରେ ନ ଚଳନ୍ତା ତେବେ ତାହାକୁ ତାହା ସ୍ୱାମୀ ନିକଟକୁ ପଠାଇ ଦେଇ ଥାନ୍ତେ ପଛେ ଯାହା ଘଟନ୍ତା ତହିଁପାଇଁ ସେ ଦାୟୀ ହୁଅନ୍ତେ ନାହିଁ ।

ଯାହା ହେଉ ଆମ୍ଭମାନଙ୍କ ମତରେ ଯୋଗେନ୍ଦ୍ରବାବୁ ନାଲିଶ କରି ଭଲ କରିଅଛନ୍ତି । ଅନେକଲୋକ ତାହାଙ୍କ ଅବସ୍ଥାରେ ନରହତ୍ୟା କରି ଆପଣା ପ୍ରାଣ ହରାଇ ଅଛନ୍ତି । ସେ ଭଦ୍ରଲୋକ ଯେପରି ରାଗ ପରବଶ ନ ହୋଇ ଆଇନର ସାହାଯ୍ୟ ନେଲେ । ପ୍ରଥମ ଥର ସ୍ତ୍ରୀକୁ କ୍ଷମା ଦେଇଥିବା ଏକପକ୍ଷରେ ଅନ୍ୟାୟ ବୋଲିଯାଇ ପାରେ ମାତ୍ର ସେ ଦୟାକରି ଛାଡି ଦେଇଥିଲେ ଏବଂ ଏମନ୍ତ ହୁଏ ହୋଇ ପାରେ ଯେ ସେସମୟରେ ନାଲିଶ କରିଥିଲେ ମକଦ୍ଦମା ପ୍ରମାଣ ହେବା କଠିନ ହୁଅନ୍ତା ଅଥଚ ସେ କେବଳ ଆପଣା ଲଜ୍ଜାକୁ ପ୍ରଚାର କରନ୍ତେ । ଏତେବେଳେ ସେ ଲଜ୍ଜା ପ୍ରଚାରିତ ହେଲା ମାତ୍ର ଆସାମୀ ଦଣ୍ଡ ପାଇଲା ଓ ସ୍ତ୍ରୀ କୌଣସିରୂପେ କ୍ଷମାର ପାତ୍ର ନୁହେ ଏହା ସୁଦ୍ଧା ନିଶ୍ଚୟ ହେଲା । ଏପରି ପାପ ଯେ ଆଉ କୌଣସି ଗୃହସ୍ଥ ଘରେ ହୋଇ ନାହିଁ କି ହେଉ ନାହିଁ ଏମନ୍ତ ବୋଲିବା ବିଷମ ସାହସିକତା ଅଟଇ କିନ୍ତୁ ସ୍ୱାମି କେବଳ ଲୋକଲଜ୍ଜାକୁ ଡରି ଅଦାଲତର ଆଶ୍ରୟ ନିଅଇ ନାହିଁ ଓ ତହିଁରେ ଏହି ବଳ ହେଉଅଛି ଯେ ପାପାସକ୍ତ ବ୍ୟକ୍ତିମାନେ ଅଧିକ ଉତ୍ସାହିତ ହେଉଅଛନ୍ତି ଏବଂ ପାପର ସ୍ରୋତ ଦିନ୨ ପ୍ରବଳ ବେଗ ଧାରଣ କରୁଅଛି । ଯୋଗେନ୍ଦ୍ରବାବୁ ଯେପ୍ରକାର ସାହସପୂର୍ବକ ମକଦ୍ଦମା କଲେ ଏହିପରି ଯେବେ ତାହାଙ୍କ ପ୍ରାୟ କ୍ଷତିଗ୍ରସ୍ତ ବ୍ୟକ୍ତିମାନେ କରିବେ ତେବେ ସମାଜର ଅନେକ ମଙ୍ଗଳ ହେବ ଏବଂ ଅନେକ ପାପୀ ଆପଣା ଦୁଷ୍କର୍ମର ଫଳ ପାଇବେ । ଯୋଗେନ୍ଦ୍ରବାବୁଙ୍କ ମକଦ୍ଦମା ଅନେକ ଗୃହସ୍ଥଙ୍କୁ ସାବଧାନ କରିବ ଏବଂ କର୍ତ୍ତବ୍ୟକର୍ମର ଶିକ୍ଷା ଦେବ ।

---

# ସାପ୍ତାହିକସଂବାଦ ।

ଗତ ରବିବାର ଶ୍ରୀଯୁକ୍ତ କମିଶ୍ନର ସାହେବ ଖୋରଧା ଗସ୍ତରୁ ଫେରି ଆସିଲେ ।

ଆମ୍ଭମାନଙ୍କର ଜଜ ମାକଫର୍ସନ ସାହେବ ପ୍ରଥମଶ୍ରେଣୀରେ ବାହାଲ ହୋଇ ଅଛନ୍ତି ।

ଏ ନଗରର ସାବେକ ଅବକାଶ ଦାରୋଗା ଅବଦୁଲ୍ ରେଜାକ ରିସ୍‌ବତ ନେବା ମକଦ୍ଦମାରେ ଯେ ଦଣ୍ଡ ପାଇଥିଲା ଅପିଲରେ ତାହା ରହିଲା ନାହିଁ । ଅର୍ଥଦଣ୍ଡ ଫେରି ଦେବା ଆଜ୍ଞା ଜଜ ସାହେବ ଦେଇଅଛନ୍ତି ।

ଏଠା କଲିଜିଏଟ ସ୍କୁଲର ଜଣେ ମାଷ୍ଟର ବାବୁ ଅମରନାଥ ଚଟ୍ଟର୍ଯ୍ୟା ବାବୁ ଗଣେଶପ୍ରସାଦ ସିଂହଙ୍କ ସ୍ଥାନରେ ସରକଲ ଅଫିସର ନିଯୁକ୍ତ ହୋଇ ଅଛନ୍ତି । ଶ୍ରୀଯୁକ୍ତ ବିଡନ ସାହେବଙ୍କର

Digitized by srujanika@gmail.com

Split by PDF Splitter



ଏ ବନ୍ଦୋବସ୍ତଟି ଉତ୍ତମ ହୋଇଅଛି ଏବଂ ଏଥିରୁ ଜଣାଯାଏ ଯେ ସେ ଆପଣା ମହକୁମା ଛଡ଼ା ଅନ୍ୟାନ୍ୟ ସ୍ଥାନରୁ ଭଲଲୋକ ବାଛି ନେବାକୁ ଚେଷ୍ଟା କରୁଅଛନ୍ତି ।

ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଡେପୁଟୀକଲେକ୍ଟର ଯେଉଁ ଅମଲାର ଅପମାନ କରିଥିଲେ ତାହାକୁ ଡକାଇ ବୋଧକରି ଦେଇ ଅଛନ୍ତି । ବାବୁଙ୍କର ଶରୀର ଜ୍ୱରରୋଗରେ ପୀଡ଼ିତ ଥିବାରୁ ମନ ସ୍ଥିର ନ ଥିଲା । ସୁତରାଂ ଯେମନ୍ତ ସେସମୟରେ ରାଗାନ୍ୱିତ ହୋଇ କହିଯାଇ ଥିଲେ ତେମନ୍ତ ପଶ୍ଚାତ୍ ଅମଲାର ମନୋଦୁଃଖ ହେବାର ଜାଣିପାରି ତହିଁର ପ୍ରତୀକାର କଲେ । ବାବୁଙ୍କର ଏପ୍ରକାର ମହତ୍ତ୍ୱପଣିଆ ଦେଖି ସମସ୍ତେ ସନ୍ତୁଷ୍ଟ ହୋଇ ଅଛନ୍ତି ନୋହିଲେ ଏମନ୍ତ ଲୋକ କିଏ ଅଛି ଯେ ତାହାଠାରୁ କଦାକାଳରେ ଭ୍ରମ ହେବ ନାହିଁ ।

ଏହି ଜିଲ୍ଲା ଝଙ୍କଡ଼ ପ୍ରଗନାରେ ଦୁଇଜଣ ବଣିଆ ମରହଟି ପୁରୁଣା ଟଙ୍କା ଅଧିକ ସୁନା ସଞ୍ଜନାକରି କରୁଥିବାରୁ ଥାନାରେ ଧରା ପଡ଼ିଅଛନ୍ତି ସେମାନଙ୍କଘରୁ ଛାଞ୍ଚ ଓ କୃତ୍ରିମ ମୁଦ୍ରାଇତ୍ୟାଦି ବାହାରି ଅଛି । ସେମାନେ ଅସୁରେଶ୍ୱରର ଜଣେ ବଣିଆଠାରୁ ଛାଞ୍ଚ ନେଇଥିବାର କହିବାରୁ ତାହା ଘର ତଲ୍ଲାସ ହେଲା ଓ ହଳେ ଛାଞ୍ଚ ବାହାରିଲା । ସେ ପଳାତକ ହୋଇଅଛି ତାହାର ଜଣେ ଗୃହକର ଓ ଜଣେ ଭଣ୍ଡାରୀ ଯେ ସେ କୃତ୍ରିମମୁଦ୍ରାର ଦଲାଲି କରୁଥିଲା ଧରା ହୋଇ ଏ ଦୁଇଜଣ ହାଜତରେ ଅଛନ୍ତି ଓ ମକଦ୍ଦମାର ଅନୁସନ୍ଧାନ ଲାଗିଅଛି ।

ବାଲେଶ୍ୱରରେ ଦେଶୀୟ ଟୀକା ନିବାରଣ ବିଷୟର ଆଇନ ଜାରି ହୋଇଅଛି ତଦନୁସାରେ ସେଠାରେ ଘୋଷଣା ଦିଆଯାଇଅଛି ଯେ କେହି ଦେଶୀୟ ଟୀକା ଦେଲେ ତାହାର [illegible] ଦଣ୍ଡନୀୟ ହେବ ଓ ଏଥିରେ ଯେ ଗୋଇନ୍ଦା ହେବ ସେ ପାରିତୋଷିକ ପାଇବ ।

ଭଦ୍ରକର ଡେପୁଟୀକଲେକ୍ଟର ବାବୁ କେଦାରନାଥ ଦତ୍ତ ଯଶୋର ଜିଲାକୁ ବଦଳ ହେଲେ ।

ପୁରୀର ଡେପୁଟୀ କଲେକ୍ଟର ବାବୁ ନବୀନଚନ୍ଦ୍ର ସେନ ଫରିଦପୁର ଜିଲାକୁ ବଦଳ ହେଲେ ।

ଡେପୁଟୀ କଲେକ୍ଟର ବାବୁ ସୀତାକାନ୍ତ ମୁଖର୍ଯ୍ୟା ବେହାରପରଗନା ଜିଲ୍ଲାରୁ ପୁରୀକୁ ବଦଳ ହୋଇ ଆସୁଅଛନ୍ତି ।

ଗତସପ୍ତାହ ବୁଧବାର ମାନ୍ୟବର ଲେପ୍ଟେନାଣ୍ଟଗବର୍ଣ୍ଣର ଦାର୍ଜିଲିଂକୁ ଯାତ୍ରାକଲେ । ବର୍ଷାକାଳ ଶେଷ କରି କଲିକତାକୁ ପ୍ରତ୍ୟାଗମନ କରିବେ ।

ଏ, ଯେ, ଫ୍ରେଜର ସାହେବ ଡେପୁଟୀକଲେକ୍ଟର ଯଶୋର ଜିଲ୍ଲାରୁ ଭଦ୍ରକକୁ ବଦଳ ହୋଇ ଆସୁ ଅଛନ୍ତି ।

ବେହାର ପରଗନାର ଡେପୁଟୀ କଲେକ୍ଟର ବାବୁ ଈଶ୍ୱରଚନ୍ଦ୍ର ମିତ୍ର ମେଦିନୀପୁରକୁ ବଦଳ ହୋଇ ଅଛନ୍ତି ଏବଂ ଏକମାସର ଅନୁଗ୍ରହ ଛୁଟୀ ପାଇ ଅଛନ୍ତି ।

ଉତ୍କଳଦର୍ପଣରେ ଲେଖାଅଛି ଯେ ଆଁକୁଡ଼ା ପ୍ରଗଣାରେ ଏବର୍ଷ ଆଦୌ ଧାନ ହେବ ନାହିଁ । ଅତ୍ୟନ୍ତ ବୃଷ୍ଟି ହେବାରୁ ପାଟସବୁ ଜଳପୂର୍ଣ୍ଣ ହୋଇଗଲା ଚଷୀମାନେ ଧାନ ବୁଣି ବା ରୋଇ ପାରିଲେ ନାହିଁ ।

ଅବଧି ଇନ୍ଦ୍ରଦେବତା ଉତ୍ତମରୂପେ ପାଳି ଅଛନ୍ତି ଓ ବିଆଳିଧାନ ଆଗାତରକୁ ପ୍ରାପ୍ତ ହେବାର ସମସ୍ତେ ଅନୁମାନ କରୁଅଛନ୍ତି । ଜିଲାର ସବୁ ଅଂଶର ଅବସ୍ଥା ଏକପ୍ରକାର ଅଟଇ । ଧାନ ଚାଉଳ ପୂର୍ବଠାରୁ କିଛି ସୁଲଭ ହୋଇଅଛି ଏବଂ ରୋଗର ପ୍ରାଦୁର୍ଭାବ ଊଣା ଅଛି ।

ଯାଜପୁରରେ ବିଆଳିଧାନ କାରପଣ ଅମଲ ହେବ ଏମନ୍ତ ପ୍ରତ୍ୟୟ ହୋଇଅଛି । ସେଠା ଅସିଷ୍ଟାଣ୍ଟ କଲେକ୍ଟର ସ୍ୱୟଂ ଗସ୍ତ କରି ଫସଲର ଅବସ୍ଥା ଉତ୍ତମ ଥିବାର ଦେଖିଅଛନ୍ତି ।

ଚଉଆରୋଗରେ ସମ୍ପ୍ରତି ଅନେକ ପଶୁ ଯାଜପୁରରେ ନଷ୍ଟ ହେଉଥିବାର ସମ୍ବାଦ ଆସିଅଛି ।

ଆମ୍ଭମାନଙ୍କର ଷ୍ଟେଟଲଟ ସାହେବ ପାଠଶାଳାର ଛାତ୍ରମାନଙ୍କ ସକାଶେ ମାସକୁ ଟ ୩୮ ଙ୍କା ଲେଖାଏ ଦୁଇବର୍ଷର ପ୍ରାପ୍ୟ ୧୧୦ ଗୋଟା ଛାତ୍ରବୃତ୍ତି ସ୍ଥାପନ କରିଅଛନ୍ତି । ଏଥିମଧ୍ୟରୁ ଓଡ଼ିଶା ଭାଗରେ ୧୯ ଟି ପଡ଼ିଅଛି ।

ଭାରତବର୍ଷର ନର୍ତ୍ତକୀ ଏବଂ ବେଶ୍ୟାଙ୍କ ପୁତ୍ର କନ୍ୟା ଗବର୍ଣ୍ଣମେଣ୍ଟ ସ୍କୁଲମାନଙ୍କରେ ଶିକ୍ଷାଲାଭ କରିପାରିବେ କି ନା ଏଥିର କଥା ଇଂଲଣ୍ଡ ପର୍ଯ୍ୟନ୍ତ ଲାଗିଅଛି । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ସହିତ ପରାମର୍ଶ କରି [illegible] ଦେବେ ବୋଲି ଇଣ୍ଡିଆ ସେକ୍ରେଟରୀ ଲେଖି ପଠାଇଅଛନ୍ତି ।

କଥିତ ହୁଅଇ ଯେ ଗୁଆଲିଅରର ମହାରାଜା ଏଣିକି ଆପଣା ସୈନ୍ୟପ୍ରତି ଦୃଷ୍ଟି କରୁ ନାହାନ୍ତି । ପ୍ରାୟ ଏକବର୍ଷ ହେଲା ପରେଟ ଦେଖି ନାହାନ୍ତି ଏବଂ ୭୦୦ ଘୋଡ଼ସୁଆର ଛଡ଼ାଇ ଦେଇଅଛନ୍ତି । ମହାରାଜାଙ୍କ ଦୃଷ୍ଟି ଏବେ ରାଜସ୍ୱ ଉପରେ ପଡ଼ିଅଛି । ଗବର୍ଣ୍ଣମେଣ୍ଟ ଦେଶୀୟ ରାଜାଙ୍କ ସୈନ୍ୟ ସମ୍ପର୍କରେ ଯେଉଁ ସରକ୍ୟୁଲର ବାହାର କରିଅଛନ୍ତି ମହାରାଜା ପୂର୍ବଠାରୁ ତାହା ଜାଣି ଥିଲେ କି ?

ଇଉରୋପର ନାନାଦେଶର ରାଜାଙ୍କମଧ୍ୟରେ ଜର୍ମାନିର ସମ୍ରାଟ୍ ବୃଦ୍ଧ ଅଟନ୍ତି । ତାହାଙ୍କର ବୟସ ବ ୮୦ ର୍ଷ । ରୁଷିଆ ରାଜାଙ୍କ ବୟସ ବ ୬୦ ର୍ଷ ଇଂଲଣ୍ଡର ମହାରାଣୀଙ୍କର ବୟସ ବ ୫୯ ର୍ଷ ତୁରସ୍କର ସୁଲତାନଙ୍କର ବୟସ ବ ୩୫ ର୍ଷ । ଆଉ ରାଜାମାନଙ୍କର ବୟସ ବ ୨୦ ର୍ଷଠାରୁ ୬୦ ପର୍ଯ୍ୟନ୍ତ ଅଟଇ ।


ବିଜ୍ଞାପନ ।

ଅଲମାରି—ଲମ୍ବ ଫୁଟ ୬ ଟ, ଚଉଡ଼ା ଫୁଟ ୩ ଟ, ମୋଟ ଇ ୧୫ ଞ୍ଚ, ଏଥିରେ ଦରଜା ଦୁଇଗୋଟା ଲେଗାଏ ଅଛି ଗୋ ୨ ଟାକୁ ଟ ୩୮

ଶିଶୁଖଟ—ଲମ୍ବ ଫୁଟ ୭ । ୭ ଇଞ୍ଚ, ଚଉଡ଼ା ଫୁଟ ୪ ଟ, ଗୋ ୧ ଟାକୁ ଟ ୧୫

ପିଅଶାଳଖଟ—ଲମ୍ବ ଫୁଟ ୭।୭ ଇଞ୍ଚ, ଚଉଡ଼ା ଫୁଟ ୪ ଟ ଗୋ ୧ ଟାକୁ ଟ ୧୧

ଟେସ ଦରଜ (ଦରଜାବାଲା ଅଲମାରି)—ଉଚ୍ଚ ଫୁଟ ୩ ଟ ଚଉଡ଼ା ଫୁଟ ୩ ଟ, ମୋଟ ଫୁଟ ୧॥ ଗୋ ୧ ଟାକୁ ଟ ୪୦

ଉପରଲିଖିତ ଜିନିଷମାନ ବଢ଼ଇମିସ୍ତ୍ରି ପ୍ରସ୍ତୁତ ଅଛି ଯାହାଙ୍କର ନେବାର ବାସନା ଥିବ କଟକପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ତଲ୍ଲାସକଲେ ପାଇ ପାରିବେ ।

ଏହା ଛଡ଼ା ଯାହାର ଯେଉଁ ପ୍ରକାର କାଠ କାମର ଦରକାର ଥିବ ଫରମାସ ଏବଂ ଅବଶ୍ୟକୀୟ ଦାଦନ ଦେଲେ ଉଚିତ ମଜୁରି ମଧ୍ୟରେ ଦେଇପାରେଁ ।

ପ୍ରକାଶଥାଉ କି ମୁଁ କଟକପ୍ରିଣ୍ଟିଂକମ୍ପାନୀଙ୍କ ମହକୁମାରେ ଏବଂ ଅନ୍ୟାନ୍ୟ ସ୍ଥାନରେ ଉତ୍ତମ କର୍ମ କରି ପ୍ରଶଂସାପତ୍ରମାନ ପାଇଅଛି ।

୨୭।୮।୭୮
କଟକ ବକ୍ସିବଜାର } ନଳାଦ୍ର ମିସ୍ତ୍ରୀ
ପତ୍ରିଆସାହି

ସିନକୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନ ପରି ଏହା ସାମାନ୍ୟ ଏବଂ କମ୍ପ ଜ୍ୱରର ଚିକିତ୍ସାରେ ସମାନ ଉପକାରୀ ଔଷଧ । ଟିନରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ଟ ୨୦ ଙ୍କା, ଡାକର ଖରଚା ଟ ୦।୫ ଅଣା ଅତିରିକ୍ତ ଲାଗଇ । (ନଗଦ ମୂଲ୍ୟରେ ବିକ୍ରୀତ)

କଲିକତା ସନ୍ନିକଟ ହାବଡ଼ାସ୍ଥ ବଟାନିକେଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।


ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଗୋଲକଚନ୍ଦ୍ର ବୋଷ କଟକ | ବକାୟା ଟ ୭୧ |
| " ଦଣ୍ଡଧର ମହାନ୍ତି ବନମାଳ | " ଟ ୭।୪ |

ଏହି ଉତ୍କଳ ଦୀପିକା ସହର କଟକ ଦରଗାବଜାରରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter
EGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ
ସଂ ୩୭ ଖ୍ୟା

ତା ୧୪ ଋଣ ମାହେ ସିପ୍ତମ୍ବର ସନ ୧୮୭୮ ମସିହା । ମୁ । ଗତ୍ରବ ଦ ୩୧ ହ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଁଇ ଡାକମାସୁଲ ଟ୧୷

ସୁହୃଦସମାଜ ଗୋଟିଏ ଶୁଭକର୍ମକୁ ଶୀଘ୍ର ପୂର୍ଣ୍ଣ କରିବାର ଉପାୟ କରୁଅଛନ୍ତି । ଭରତେଶ୍ୱରୀ ପଦଗ୍ରହଣ ଉପଲକ୍ଷରେ ଏଠାରେ ଯେଉଁ ଭିକ୍ଟୋରିଆ-ହଲ ନାମକ ଅଟ୍ଟାଳିକା ନିର୍ମାଣ ହେବାର ପ୍ରସ୍ତାବ ହୋଇଥିଲା ତହିଁର ଅଦ୍ୟାପି କିଛି କାର୍ଯ୍ୟ ହୋଇ ନାହିଁ । ଅତଏବ ସମାଜ ସ୍ଥିର କରିଅଛନ୍ତି କି ଉକ୍ତ ଅଟ୍ଟାଳିକା ନିର୍ମାଣର ବ୍ୟବସ୍ଥା କରିବା ସକାଶେ ତେହା ସ୍ୱାକ୍ଷରକାରଙ୍କୁ ଡକାଇ ସଭା କରି ଗୋଟିଏ କମିଟୀ ନିଯୁକ୍ତ କରିବା କାରଣ କମିଶ୍ନର ସାହେବଙ୍କୁ ଅନୁରୋଧ କରିବେ । ଆମ୍ଭେମାନେ ଆଶା କରୁଁ ଯେ କମିଶ୍ନର ସାହେବ ଏପକ୍ଷରେ ଅଉ ବିଲମ୍ବ କରିବେ ନାହିଁ । ଯହିଁ କଲେ ଅବଶ୍ୟ ଏ କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ ।

---

ଏହି କଟକ ଜିଲରେ ଆମ୍ଭେମାନେ ଏ ବର୍ଷ ଛଅ ସାତଥର ଡକାଇତି ହେବାର ଶୁଣିଅଛୁଁ । ତହିଁମଧ୍ୟରୁ ଏହି ମାସର ଚୌଠାରେ ଏକନମ୍ବର ମକଦ୍ଦମାରେ ଜ ୯ ଣ ଦଣ୍ଡ ପାଇବାର ଦେଖାଗଲା । ଏଥିରେ ଡକାଇତଙ୍କ ମଧ୍ୟରେ ଗଣ୍ଡାପୃତ ଓ ଚୌକିଆ ଦୁଇ ଜଣ ସରକାରୀ ଶାନ୍ତିରକ୍ଷକ ଦଣ୍ଡ ପାଇ ଅଛନ୍ତି । ଏମାନେ ପ୍ରକୃତ ଡକାଇତ ନୁହନ୍ତି । ଏହାଙ୍କ ସଙ୍ଗରେ କେହି ଶସ୍ତ୍ରଧାରୀ ନ ଥିଲା ଓ କେବଳ ଦୁଇ ଚାରିଗଣ୍ଡା କଂସା ବାସନ ଓ ଦଶଗୌଣି ଧାନ ଲୁଟି ଆଣି ଥିଲେ । ପ୍ରାୟ ସମସ୍ତ ମାଲ୍ ଧରା ପଡ଼ିଅଛି । ଏମାନେ ସ୍ୱଦରେ ଏକ ଜଣର ଘରେ ପଶି କର୍ତ୍ତା ବ୍ୟକ୍ତିକୁ ବାନ୍ଧି ପକାଇ ଘର ଲୁଟି କଲେ ଓ ଫେରିଆସିବା ବେଳେ କବାଟ ଫିଟାଇ ଦେଲେ ଗୃହର ଅନ୍ୟ ବ୍ୟକ୍ତିମାନେ ଅନ୍ୟାନ୍ୟ ସ୍ଥାନରେ ଲୁଚି ରହିଲେ । ଏମାନେ ଖାଇବାକୁ ନ ପାଇ ଚେଷ୍ଟା କରିଥିବାର କହି ଥିଲେ ଓ ସେହି ହେତୁରୁ ମଧ୍ୟ ଦଣ୍ଡ ଊଣା ହେଲା ।

---

ଏଥର ଇନ୍ଦ୍ରଦେବତାଙ୍କ ହାତରେ ଆମ୍ଭେମାନେ ଲୌହକାରର ସଣ୍ଢ଼ାସି ପ୍ରାପ୍ତ ହୋଇ ଅଛୁଁ । ପାଞ୍ଚ ସାତଦିନ ଅତ୍ୟନ୍ତ ଖରା ଓ ଗ୍ରୀଷ୍ମରେ ଦେହ ପୋଡ଼ିଗଲା ଉତ୍ତାରୁ ଏକଥର ଜଳରେ ବୁଡ଼ାଇ ଦେଉଅଛନ୍ତି ଓ ଦେହ ଶୀତଳ ହେଉଁ ୨ ପୁଣି ଅଗ୍ନିରେ ଜାଳ ଦେଉଅଛନ୍ତି । ଗତ ସପ୍ତାହ ବୁଧବାର ଓ ଗୁରୁବାର ଉତ୍ତମରୂପ ବୃଷ୍ଟି ହୋଇ ମେଘ ଏମନ୍ତ ଘଉଡ଼ି ଯାଇ ଥିଲା ଯେ ଲୋକେ ଗ୍ରୀଷ୍ମରେ କାତର ହୋଇ ଗଲେ । ପୁନର୍ବାର ଗତ ଗୁରୁବାର ଏକ ଅଧା ଉତ୍ତମ ବର୍ଷା ହୋଇ ଶୀତଳ କରି ଦେଲା । ବାସ୍ତବରେ ଏବର୍ଷର ବର୍ଷାରେ ଅଦ୍ୟାପି ଏ ସ୍ଥାନ ଶୀତଳ ହୋଇ ନାହିଁ । କେବଳ ପୁଷ୍କରଣୀମାନଙ୍କରେ କିଞ୍ଚିତ୍ ଜଳ ହୋଇଅଛି ଏବଂ କୌଣସି ପ୍ରକାରେ କ୍ଷେତ ଉଦ୍ଧାର ଯାଉଅଛି । ତଥାଚ ସର୍ବସ୍ଥଳରେ କ୍ଷେତ ପାଁଇ ପ୍ରଚୁର ବୃଷ୍ଟି ହୋଇ ନାହିଁ । ଏଣିକି ଯାହା ହେଉ ଏପର୍ଯ୍ୟନ୍ତ ଏଠାରେ ସ୍ଥାନବୃଷ୍ଟି ହୋଇଅଛି ବୋଲିବାକୁ ହେବ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ବ୍ରାହ୍ମଣୀ ଡିଭିଜନର ଏକ୍ଜିକ୍ୟୁଟିବ ଇଞ୍ଜିନିୟର କାମ୍ପଲସାହେବ ଏକ ଦୁର୍ଘଟଣାରେ ପଡ଼ି ପ୍ରାଣ ହରାଇଅଛନ୍ତି । ସେ ବୋଟରେ ଚଢ଼ି ଗସ୍ତକୁ ଯାଇ ଥିଲେ । ଦୁର୍ଘଟନା କ୍ରମେ ସ୍ରୋତରେ କପର ବୋଟରୁ ଖସି ପଡ଼ିଲେ, ତାହାଙ୍କ ସଙ୍ଗଲୋକ କେହି ସେ ସମୟରେ ଜାଣି ପାରିଲେ ନାହିଁ ପଶ୍ଚାତ୍ ଜଣାଗଲା ଯେ ସାହେବ ବୁଡ଼ି ମଲେ । କାମ୍ପଲସାହେବ ଅତ୍ୟନ୍ତ ବିଚକ୍ଷଣ ଏବଂ ଉତ୍ତମ କର୍ମକାରକ ଥିଲେ ତାହାଙ୍କର ମୃତ୍ୟୁରେ ବହୁତ ଲୋକ ଦୁଃଖିତ ଅଛନ୍ତି । ପୁଣି ବିଶେଷ ଦୁଃଖର କାରଣ ଏହି ଯେ ସାହେବଙ୍କ ସଙ୍ଗେ ସରକାରୀ ମାଝି ଚପରାସୀ ପ୍ରଭୃତି ଛଡ଼ା ତାହାଙ୍କର ନିଜର ଚାକରମାନେ ମଧ୍ୟ ଥିଲେ ଏବଂ ବୋଟ କୌଣସି ସମୁଦ୍ର କି ନଦୀରେ ନ ଥାଇ ନାଳମଧ୍ୟରେ ଥିଲା । ଏପରି ଶୋକାବହ ଦୁର୍ଘଟନା ହେଲା ଅଥଚ କେହି ସାହାଯ୍ୟ କରିବାର ତେଣିକି ଥାଉ ଜାଣିସୁଦ୍ଧା ପାରିଲେ ନାହିଁ । ପୁଲିସ ଏଥିର ଯଥୋଚିତ ଅନୁସନ୍ଧାନ କରୁଅଛନ୍ତି କିନ୍ତୁ କି ଫଳ ହେଲା ଆମ୍ଭେମାନେ ଶୁଣି ନାହିଁ ।

Digitized by srujanika@gmail.com

ଗବର୍ଣ୍ଣମେଣ୍ଟ ଗଜେଟରୁ ଜଣାଯାଏ ଗତ ଦୁଇବର୍ଷରେ ହଜାରିବାଗ ଠାରୁ ଗୟାକୁ ଯିବା ସଡକରେ ଏମନ୍ତ ବାଘ ମାତିଥିଲେ ଯେ ଗସ୍ତରତ ତଥା ସରଥିଲା ଦଳରେ ସୁବାପଥିକମାନେ ସେ ବାଟରେ ଗତାୟାତ କରିବାକୁ ସାହାସ କଲେ ନାହିଁ ଓ ବାଟ ଏକପ୍ରକାର ବନ୍ଦ ହେଲା । ସନ ୧୮୭୬ ସାଲରେ ବାଘମାନେ ପ୍ରଥମେ ସେହିବର୍ଷର ଅଗଷ୍ଟମାସରେ ୩୦୪୦ ଜଣ ମନୁଷ୍ୟ ଗର୍ଭସ୍ଥ କଲେ ତହିଁ ଆରବର୍ଷ ଜୁନମାସରେ ୫୭ ଜଣ ମନୁଷ୍ୟ ମାରିବାର ରିପୋର୍ଟ ହୋଇଥିଲା । ଶିକାରୀମାନଙ୍କୁ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରିବାରେ ସେମାନେ ଯାବତ୍ପର୍ଯ୍ୟନ୍ତ ଉପାୟ କଲେ ମାତ୍ର ଗୋଟିଏ ବାଘ ମଲା ନାହିଁ । ଗୟାନିବାସୀ ବାବୁ ରାମପ୍ରସାଦ ନାରାୟଣସିଂହ ଏ ସମ୍ବାଦ ଶୁଣି ଗତ ଜାନୁଏରୀ ମାସରେ ସେଠାକୁ ଯାଇ ଜଙ୍ଗଲରେ କୁଡ଼ିଆ ଛଡ଼ା କରି ବାଘ ମାରିବା ସକାଶେ ଲୁଚି ନିଶ୍ଚେଷ୍ଟ ହେଲେ ଓ ଛଅମାସ ସେଠାରେ ରହି ଦୁଇଟା ବାଘ ନିହତ କଲେ ଓ ଗୋଟା ଛଅଟା ଧଇଲେ । ଏମାନେ ସମସ୍ତେ ମନୁଷ୍ୟଖିଆ । ଆଉ ସେ ବାଟରେ ବାଘର ଭେଟ ନାହିଁ । ଏବେ ଲୋକେ ନିଶ୍ଚିନ୍ତ ହୋଇ ଯାତାୟାତ କରୁ ଅଛନ୍ତି ଏବଂ ଯେ ସମସ୍ତ ଲୋକ ଗ୍ରାମମାନ ଛାଡ଼ି ପଳାଇ ଯାଇଥିଲେ ସେମାନେ ଆପଣା ଆପଣା ଘରକୁ ଲେଉଟି ଆସି ଅଛନ୍ତି । ପ୍ରଶଂସିତ ବାବୁଙ୍କ ବୀରତ୍ୱ ଓ କାର୍ଯ୍ୟରେ ଗବର୍ଣ୍ଣମେଣ୍ଟ ବଙ୍ଗାଲ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାହାଙ୍କୁ ବନ୍ଧୁକ ଓ ରାଇଫଲମାନ ପୁରସ୍କାର ଓ ସାଧୁବାଦ ପ୍ରଦାନ କରି ଅଛନ୍ତି । ବାସ୍ତବରେ ବାବୁଙ୍କର ସାହସ ଅଧ୍ୟବସାୟ ଓ ସାଧାରଣ ହିତଚେଷ୍ଟା ଅତ୍ୟନ୍ତ ପ୍ରଶଂସନୀୟ ଅଟଇ ବାଘ ମାରିବା ସ୍ଥାନରେ ଛଅମାସ ଜଗିରହି ଛଅଟା ବାଘ ଧରିବା ସାମାନ୍ୟ କଥା ନୁହଇ ।

---

ସଦାବର୍ତ୍ତ ଭୂମିର ଆୟ ବ୍ୟୟ ଶାସନ କି ପ୍ରକାରରେ ହେବ ଅର୍ଥାତ୍ ଅପବ୍ୟୟ ଇତ୍ୟାଦି ନିବାରଣ ପକ୍ଷରେ ଯେଉଁ ଆଇନ ବର୍ତ୍ତମାନ ପ୍ରଚଳିତ ଅଛି ତହିଁର କି ପରିବର୍ତ୍ତନ ଆବଶ୍ୟକ ଓ କେଉଁ ଉପାୟରେ ଅପବ୍ୟୟ ସମସ୍ତ ନିବାରଣ ହେବ ଏଥିର ବିଚାର ସୁହୃଦସମାଜର ଗତ ଅଧିବେଶନରେ ହୋଇ ଥିଲା । ସଭା ସ୍ଥିର କଲେ ଯେ ଏଥିପାଇଁ ଗବର୍ଣ୍ଣମେଣ୍ଟଠାରେ ଆବେଦନପତ୍ର ଦେବାର ଉଚିତ ଓ ଗବର୍ଣ୍ଣମେଣ୍ଟରେ ଯେ ସମସ୍ତ ପ୍ରସ୍ତାବ କରିବାକୁ ହେବ ତାହା ସ୍ଥିର କରିବା କାରଣ କେତେଜଣ ସଭ୍ୟଙ୍କ ଭାର ଦିଆ ଯାଇଅଛି । ସେମାନଙ୍କ ପ୍ରସ୍ତାବ ସଭାରେ ଧାର୍ଯ୍ୟ ହେଲା ଉତ୍ତାରୁ ଗବର୍ଣ୍ଣମେଣ୍ଟକୁ ଦରଖାସ୍ତ ଯିବ । ସଦାବର୍ତ୍ତ ସମ୍ପତ୍ତିର ଅପବ୍ୟୟ ଏଠା ଲୋକଙ୍କର ଗୋଟିଏ ଭାରି ଦୁଃଖର ବିଷୟ ଓ ଯଦ୍ୟପି କି ଦଶବର୍ଷରୁ ଅଧିକ ହେବ ଲୋକମାନେ ଗବର୍ଣ୍ଣମେଣ୍ଟରେ ପୁନଃ ପୁନଃ ଅବେଦନ କରି ଥକିଗଲେଣି ତଥାପି ତହିଁର କିଛି ବିଚାର ଅବଧି ହୋଇ ନାହିଁ । ସୁହୃଦସମାଜଦ୍ୱାରା ଯେବେ ଏହି କାର୍ଯ୍ୟଟି ସାଧନ ହୁଅଇ ତେବେ ବହୁକାଳ ନିମିତ୍ତ ଏହାର ଗୋଟିଏ କୀର୍ତ୍ତି ରହିଯିବ । ହେସାବ କରି ଦେଖା ଯାଇଅଛି ଯେ ଏହି କଟକଜିଲ୍ଲାରେ ପ୍ରାୟ ତିନି ଲକ୍ଷଟଙ୍କା ଆୟର ସଦାବର୍ତ୍ତ ବା ଦେବ ଉତ୍ତର ସମ୍ପତ୍ତି ଅଛି । ଏତେ ଟଙ୍କା ଭୂତ ଖାଇ ଯାଉଅଛି ଓ ସମସ୍ତେ ଦେଖୁଥିଲେହେଁ କିଛି କରି ପାରୁ ନାହାନ୍ତି ଏହା ସାମାନ୍ୟ ଦୁଃଖର ବିଷୟ ନୁହଇ ଏତେକ ଟଙ୍କା ସାଧାରଣ କାର୍ଯ୍ୟରେ ଲାଗିଲେ କେତେ ମଙ୍ଗଳ ହୁଅନ୍ତା । ଯେଉଁମାନେ ଦାନ କରିଥିଲେ ସେମାନେ ଏହି ଆଶା କରିଥିଲେ ଯେ ଏହା ଦ୍ୱାରା ଜନସମାଜର ମଙ୍ଗଳ ଚିରକାଳ ହେଉଥିବ ଓ ତଦ୍ଦ୍ୱାରା ତାହାଙ୍କର ନାମ ଓ ଧର୍ମ ଜାଗ୍ରତ ରହିବ । ମାତ୍ର କାର୍ଯ୍ୟତଃ ଏହା ନାଓ୍ୱାରସୀମାଲ ହୋଇଅଛି ଯାହା ହାତରେ ଯାହା ପଡ଼ିଲା ସେ ଇଚ୍ଛାମତ ତହିଁର ବ୍ୟବହାର କଲା । ଗବର୍ଣ୍ଣମେଣ୍ଟ ଧର୍ମ ବିଷୟରେ ସମ୍ପର୍କ ରଖିବେ ନାହିଁ ବୋଲି ନିଶ୍ଚିନ୍ତ ରହିଲେ ଓ ଯେଉଁ ଗଣ୍ଡେ ଆଇନ କରିଦେଲେ ତାହାକୁ ସେବ ବୋଲିବା ଏମନ୍ତ କଠିନ ଯେ ଏତେ ଅପବ୍ୟୟ ହେଉଥିବା ପ୍ରତ୍ୟକ୍ଷେ କେହି ନାଲିଶ କରିବାକୁ ସାହସ କରୁ ନାହିଁ । ଉକ୍ତ ଆଇନରେ ଅନ୍ୟାୟ କାରିର ସମସ୍ତ ସୁବିଧା ଯେ ତାହା ନାମରେ ନାଲିଶ କରିବ ତାହାକୁ କେବଳ କ୍ଲେଶ ଭୋଗ କରିବାକୁ ହେବ । ସଭାର ପ୍ରସ୍ତାବ ନିଶ୍ଚୟ ରୂପେ ଧାର୍ଯ୍ୟ ହେଲେ ତହିଁର ବିବରଣ ପାଠକମାନେ ଜାଣି ପାରିବେ ।

---

### ସରବେସ୍କୁଲର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର ।

ଅମ୍ଭେମାନେ ଶୁଣି ଦୁଃଖିତ ହେଲୁଁ ଯେ ଏଠା ସରବେସ୍କୁଲର ଗତ ମାର୍ଚ୍ଚମାସରେ ଯେଉଁ ଜ ୭ ଣ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ବାହାର ଅଛନ୍ତି ତହିଁ ମଧ୍ୟରୁ ଅଦ୍ୟାପି କେହି ଛାତ୍ର କର୍ମ ପାଇ ନାହାନ୍ତି । ଏଠାରେ ଜରିପ ଇତ୍ୟାଦି କର୍ମ ଜାଣିବା ଲୋକର ଅନ୍ୟାନ୍ୟ ଜିଲ୍ଲା ଅପେକ୍ଷା ଅଧିକ ପ୍ରୟୋଜନ । ଜଙ୍ଗଲର ମହଲୁମା, ନୂତନ ସରବେ ମହଲୁମା, ସାଧାରଣ କର୍ମ ନିମିତ୍ତ ଜମି କ୍ରୟ କରିବା ମହଲୁମା, ଗ୍ରେଡ଼ଟେସ ମହଲୁମା ମିଉନିସିପାଲିଟୀ ମହଲୁମା ଓ ସଡ଼କୋପର ବାରକମାସ୍ତରୀ ମହଲୁମା ଏ ସମସ୍ତ ମହଲୁମାରେ ଜରିପ କର୍ମ ଜାଣିବା ଲୋକର ପ୍ରୟୋଜନ ଥିବ ପ୍ରତ୍ୟକ୍ଷେ ଗତ ଛ ସାତ ମାସରେ ସରବେ ସ୍କୁଲରୁ ବାହାର ଥିବା ଜ ୭ ଣ ଛାତ୍ର ମଧ୍ୟରୁ କେହି ଜଣେ କର୍ମ ନ ପାଇବା ବଡ଼ ଦୁଃଖର ବିଷୟ ଅଟଇ । ଏଥି ମଧ୍ୟରେ ଉପର ଲିଖିତ ମହଲୁମାମାନଙ୍କ ମଧ୍ୟରୁ ଯେ କୌଣସିଠାରେ ଏ ମାନଙ୍କ ଉପଯୁକ୍ତ ଗୋଟିଏ ସୁଦ୍ଧା କର୍ମ ଖାଲି ହୋଇ ନାହିଁ ଏମନ୍ତ ଅମ୍ଭେମାନେ ବିଶ୍ୱାସ କରି ନ ପାରୁଁ । ଅମ୍ଭେମାନେ ଅନୁମାନ କରୁଁ କି ସମସ୍ତ ମହଲୁମାର ହାକିମମାନେ ଏହାଙ୍କ କଥା ଜାଣି ନ ଥିବାରୁ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର ଛଡ଼ା ଅନ୍ୟ ଲୋକଙ୍କୁ ନିଯୁକ୍ତ କରୁ ଅଛନ୍ତି । କିନ୍ତୁ ଯେବେ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ ଆଗେ କର୍ମ ନ ପାଇ ଅନ୍ୟଲୋକେ କର୍ମ ପାଇବେ ତେବେ କେବଳ ଏହାଙ୍କ ପଢ଼ାର ଗବର୍ଣ୍ଣମେଣ୍ଟଙ୍କର ଯାହା ବ୍ୟୟ ହୋଇଅଛି ତାହା ବ୍ୟର୍ଥ ହେବ ଏମନ୍ତ ନୁହେ ଛାତ୍ରମାନଙ୍କର ଉତ୍ସାହ ଭଙ୍ଗ ହେବ ଏବଂ ତଦ୍ଦ୍ୱାରା ସରବେସ୍କୁଲରୁ ଯେ ସମସ୍ତ ଉପକାର ହେବାର ସମ୍ଭାବନା ତାହା ଲାଭ ହେବ ନାହିଁ । ଅମ୍ଭେମାନେ କମିଶନର ସାହେବଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଖଣ୍ଡିଏ ସରକ୍ୟୁଲର ଦ୍ୱାରା ଜିଲ୍ଲାର ସମସ୍ତ ହାକିମଙ୍କୁ ଆଦେଶ ଦେଉନ୍ତୁ ଯେ ଆଗେ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଙ୍କୁ କର୍ମ ଦେବେ । ଶ୍ରୀଯୁକ୍ତ ରେବନସା ସାହେବଙ୍କର ଏ ସବୁ ବିଷୟରେ ବଡ଼ ଦୃଷ୍ଟି ଥିଲା ଏବଂ ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ନୂତନ କମିଶନର ତାହାଙ୍କଠାରୁ ଊଣା ହେବେ ନାହିଁ ।

---

### ଶ୍ରୀ ଗଣେଶପୂଜା ।

ଏହି ସପ୍ତାହରେ ଏ ପୂଜା ଏ ନଗରରେ ଶେଷ ହେବାର ବୋଲାଯିବ କାରଣ ଯେତେଠାରେ ଗଣେଶପ୍ରତିମାମାନ ନିର୍ମିତ ହୋଇଥିଲେ ଏ ସପ୍ତାହରେ ସମସ୍ତେ ପାଣିକି ଗଲେ । ପୂର୍ବେ ଗଣେଶପୂଜାର ଆଡମ୍ବର ଏ ନଗରରେ କିଛି ନ ଥିଲା କିନ୍ତୁ ଗତ ଦଶବର୍ଷ ମଧ୍ୟରେ ଏହା କ୍ରମଶଃ ବୃଦ୍ଧି ହେବାର ଦେଖାଯାଏ । ଯେମନ୍ତ

Split by PDF Splitter



ପ୍ରତିମାର ସଂଖ୍ୟା ଯେମନ୍ତ ଅଳ୍ପ, ଅଙ୍ଗ ଓ ଶୋଭା ଘଟିଅଛି । ଏବର୍ଷ ପ୍ରାୟ ୫ଶ ବଡ ହୋଇ ଦୂରଗତ ପ୍ରତିମା ଏ ନଗରରେ ହୋଇ ଥିଲେ ତହିଁମଧ୍ୟରେ ବକ୍ସିବଜାରର ଦୁଇ ପ୍ରତିମା ଅତି ବୃହତ୍ ପ୍ରାୟ ବଡମନୁଷ୍ୟର ଆକାର ହୋଇଥିଲା ଏବଂ ଏମାନଙ୍କର ଚଉଭୁଜ ବଦଳରେ ଅଠଭୁଜ ଲେଖାଁଏ ବାହାରିଥିଲା । ଅଷ୍ଟଭୁଜ ଗଣେଶ ପୂଜା ହେବାର ନୂଆ ଦେଖାଗଲା ଭବିଷ୍ୟତକୁ ଅନ୍ତର ବଢିଲେ ଦଶ ବାରଭୁଜ ହୋଇପାରେ । ଗତ ବୁଧବାର ସନ୍ଧ୍ୟାରେ ଗୌଖାନା ପଡିଆରେ ଏମାନଙ୍କର ମିଳନ ହୋଇଥିଲା ତାହା ଦେଖିବାକୁ ଏତେ ଯାତ୍ରୀ ଯାଇଥିଲେ ଯେ ପଡିଆରେ ସ୍ଥାନ ହେଉ ନ ଥିଲା । ଦଶହରା ଓ ମୋହରମପର ଏ ନଗରର ଗଣେଶମିଳନ ଗୋଟିଏ ପ୍ରଧାନ ଯାତ୍ରାବୋଲି ପରିଗଣିତ ହୋଇଅଛି ବୋଲିବାକୁ ହେବ । ଅନେକ ଗଣେଶପ୍ରତିମା ସଙ୍ଗେ ଦୁଇ ଶିବର ପ୍ରତିମା ମଧ୍ୟ ବାହାରିଥିଲେ ଓ ମିଳନ ପଡିଆରେ ନାନାପ୍ରକାର ଚନ୍ଦ୍ରଉଦୟର ଆଲୋକରେ ପ୍ରତିମାସବୁ ଅତ୍ୟନ୍ତ ଶୋଭନୀୟ ଦୃଶ୍ୟ ହୋଇଥିଲା । ଦୁଇ ବଡ ଗଣେଶଙ୍କୁ ସର୍ବପ୍ରକାରେ ଅତି ସୁଶୋଭିତ କରିବାରେ କୌଣସି ତ୍ରୁଟି ହୋଇ ନ ଥିଲା । ମିଳନପଡିଆରେ ଗଣେଶଙ୍କ ମୂର୍ତ୍ତି ଓ ମେଢର ସାଜ ଦେଖି ମନେହେଲା ଯେ ଏଠା କାରିଗରମାନେ ଶିଳ୍ପକାର୍ଯ୍ୟର ଉନ୍ନତି କରୁଅଛନ୍ତି ବାସ୍ତବରେ ଗଣେଶପୂଜାକୁ ପ୍ରକୃତରେ ଏଠା ପ୍ରତିମା ଗଢ଼ିବା ଓ ସଜାଇବା କାରିଗିରିର ପ୍ରଦର୍ଶନ ବୋଲିବାକୁ ହେବ । ଏକଶ୍ରେଣୀର ବ୍ୟବସାୟିଙ୍କର ଯେ ଏହାଦ୍ୱାରା ଉତ୍ସାହ ଏବଂ ଉପାର୍ଜନ ହେଉଅଛି ଏହା ଅତ୍ୟନ୍ତ ସୁଖରବିଷୟ ଅଟଇ । କିନ୍ତୁ ଯେଉଁମାନେ ଏତେ ବ୍ୟୟକରି କେବଳ ପ୍ରତିମା ସଜାଉଅଛନ୍ତି ସେମାନେ ଯେବେ ତହିଁ ସଙ୍ଗେ ସଙ୍ଗେ ଉତ୍ସବର ଅନ୍ୟ କିମ୍ବା ସମସ୍ତର ଅନୁସରଣ କରନ୍ତେ ତାହା ହେଲେ ବଡ ସୁଖର ବିଷୟ ହେବ । ଅନେକ ଗଣେଶପ୍ରତିମା ନିକଟରେ ଅଦୌ ନାଚରଙ୍ଗ କିଛି ହୁଅଇ ନାହିଁ କେବଳ ଦୁଃଖ ସୁଖରେ ମୁଠାଏ ଖାଇ ମିଳନ ଦେଖି ବିଦାୟ ହୋଇଯାନ୍ତି ନୋହିଲେ ଦୁଇ ଏକଦିନ ସାମାନ୍ୟ ମଜଲସ ହୁଅଇ । କେବଳ ଦୁଇ ଏକ ସ୍ଥାନରେ ଗଣେଶ ଥିବାପର୍ଯ୍ୟନ୍ତ ପ୍ରତିଦିନ ମଜଲସ ହେବାର ଅମ୍ଭେମାନେ ଦେଖିଅଛୁଁ । ଯେମନ୍ତ ପ୍ରତିମା ସେହି ଅନୁସାରରେ ଉତ୍ସବର ସମସ୍ତ କିମ୍ବା ହେଲେ ଯଥାର୍ଥ ସୁଖର ବିଷୟ ହୁଅନ୍ତା ଭରସାକରୁଁ ଯେଉଁମାନେ ବସ୍ତୁର ବ୍ୟୟକରି ଭଲ ପ୍ରତିମା ସଜାନ୍ତି ସେମାନେ ଅମ୍ଭମାନଙ୍କ ପରାମର୍ଶକୁ ଘେନିବେ ।

---

### କଟକ ନର୍ମାଲସ୍କୁଲର ବାର୍ଷିକ ସଭା ।

ଗତ ଶନିବାର ଏଠା ନର୍ମାଲସ୍କୁଲର ବାର୍ଷିକ ପାରିତୋଷିକ ବିତରଣ ସଭା ହୋଇଥିଲା ଏବଂ ଅମ୍ଭମାନଙ୍କର ନୂତନ କମିଶନର ସ୍ମିଥ ସାହେବ ସଭାପତିର ଆସନ ଅଗ୍ରହଣ କରିଥିଲେ । ନଗରବାସୀ ଦୁଇ ତିନିଜଣ ଇଂରେଜ ଏବଂ କେତେ ଜଣ ଦେଶୀୟ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ସଭାର କାର୍ଯ୍ୟ ନିୟମିତରୂପେ ନିର୍ବାହିତ ହେଲା ଏବଂ ବାଳକମାନେ ଶିକ୍ଷିତ ପାଠମାନ ପଢିଲେ । ସେ ସମସ୍ତ ଶୁଣିବାରେ ଦର୍ଶକମାନଙ୍କର କୌତୁକ ହୋଇ ଥିଲେହେଁ ପୂର୍ବାପେକ୍ଷା ଏଥିର ଆନନ୍ଦ ନ୍ୟୂନ ହୋଇଥିଲା । ନୂତନ କମିଶନର ଏଥି ପୂର୍ବେ କୌଣସି ସଭାରେ ଦେଖା ଯାଇ ନ ଥିଲେ ଏନଗରରେ ଏହିଥର ତାହାଙ୍କୁ ପ୍ରଥମେ ସଭାରେ ଦେଖାଗଲା ସଭାପତି ହୋଇ ଯଥା ନିୟମରେ କାର୍ଯ୍ୟ ଶେଷ କଲେ ଏବଂ ଗୋଟିଏ ବକ୍ତୃତା ମଧ୍ୟ କରିଥିଲେ । ବକ୍ତୃତାର ଅଗ୍ରକ୍ଷୁଦ୍ର ଓ ତହିଁର ସାର ଏହି ଥିଲା ଯେ ବିଦ୍ୟାଳୟର ହାଜିରାର ଉପସ୍ଥିତ ସଂଖ୍ୟା ଶତକଡ଼ା ୯୦ ହୋଇଅଛି ଏହା ଅବଶ୍ୟ ସୁଖର ବିଷୟ ଅଟଇ କିନ୍ତୁ ଶତକଡ଼ା ୯୯ ହେଲେ ଅଧିକ ଭଲ ହୋଇ ଥାନ୍ତା ଛାତ୍ରମାନେ ସର୍ବଦା ବିଦ୍ୟାଳୟରେ ଉପସ୍ଥିତ ହେଲେ ଅବଶ୍ୟ ଭଲ ଶିକ୍ଷା କରିବେ । ଭୂଗୋଳପାଠ ବିଷୟରେ ସାହେବ କହିଲେ ଯେ ସେ କେତେକ ବିଦ୍ୟାଳୟରେ ଯାଇ ଦେଖି ଅଛନ୍ତି ଯେ ଛାତ୍ରମାନେ ଅନ୍ୟାନ୍ୟ ଦେଶର କଥା ଯେତେ ଶିଖନ୍ତି ଆପଣା ରାଜ୍ୟର କଥା ସେତେ ଜାଣନ୍ତି ନାହିଁ । କିନ୍ତୁ ପ୍ରଥମେ ଆପଣା ରାଜ୍ୟର କଥା ଭଲ କରି ଶିଖିବାର ଉଚିତ । ଏ ପକ୍ଷରେ ଶିକ୍ଷକମାନଙ୍କର ବିଶେଷ ମନୋଯୋଗୀ ହେବାର ଉଚିତ ତହିଁ ଉତ୍ତାରୁ ଛାତ୍ରମାନଙ୍କୁ ସମ୍ବୋଧନ କରି କହିଲେ କି ଯେଉଁମାନେ ବର୍ତ୍ତମାନ ପାରିତୋଷିକ ପାଇଲେ ସେମାନେ ଏତିକରେ ସନ୍ତୁଷ୍ଟ ନ ହୋଇ ଭବିଷ୍ୟତରେ ଯେମନ୍ତ ଏଥିରୁ ଭଲ ପାରିତୋଷିକ ପାଇବେ ତହିଁର ଚେଷ୍ଟା କରିବେ ଏବଂ ଯେଉଁମାନେ ପାରିତୋଷିକ ପାଇଲେ ନାହିଁ ସେମାନଙ୍କର ଭଗ୍ନୋତ୍ସାହ ହେବାର ଉଚିତ ନୁହେ । ଯତ୍ନ ଓ ପରିଶ୍ରମ କରି ବିଦ୍ୟାଭ୍ୟାସ କଲେ ଅବଶ୍ୟ ତହିଁର ପାରିତୋଷିକ ମିଳିବ ଓ ବିଦ୍ୟାଳୟରୁ ପାରିତୋଷିକ ପାଇବା ଏକମାତ୍ର ଉଦ୍ଦେଶ୍ୟ ନୁହେ । ବିଦ୍ୟାଭ୍ୟାସ କରିଥିଲେ ଜୀବନ ନିର୍ବାହର ଉପାୟଦ୍ୱାରା ପ୍ରକୃତ ପାରିତୋଷିକ ଲାଭ ହେବ ।

ଅମ୍ଭେମାନେ ଆଶା କରିଥିଲୁଁ ଯେ ଛାତ୍ରମାନଙ୍କର ଭବିଷ୍ୟତ ବିଷୟରେ ସାହେବ କିଛି କହିବେ ମାତ୍ର ତାହା କିଛି ଶୁଣି ପାରିଲୁଁ ନାହିଁ । ନର୍ମାଲସ୍କୁଲରେ ଯେଉଁମାନେ ପଢୁଅଛନ୍ତି ସେମାନେ ଉତ୍ତୀର୍ଣ୍ଣ ହେଲେ ଶିକ୍ଷକ ହେବେ ସେମାନଙ୍କ ସକାଶେ ଭାବିବାର କିଛି ନାହିଁ କିନ୍ତୁ ଯେଉଁମାନେ ଆଦର୍ଶ ବିଦ୍ୟାଳୟରେ ପଢୁଅଛନ୍ତି ଏବଂ ଯାହାଙ୍କୁ ପୁରସ୍କାର ଦେବା ସକାଶେ ଏ ସଭା ହୋଇଥିଲା ସେମାନେ ସ୍କୁଲ ଛାଡିଲାରୁ କିପରି ଦିନପାତ କରିବେ ଏଥିର ସଦୁପଦେଶ ଦେବା ବଡ଼ କଠିନ ଅଟଇ । ସୁପରିଣ୍ଟେଣ୍ଡେଣ୍ଟ ବାବୁଙ୍କ ବିଜ୍ଞାପନୀରୁ ଜଣା ଗଲା ଯେ ଏଠାରେ ପଢୁଥିବା ଛାତ୍ରମାନେ ଅଧିକାଂଶରେ ଦୁଃଖୀ ଓ ନାନାପ୍ରକାର ବ୍ୟବସାୟୀ ଘରର ପିଲା । ବିଦ୍ୟାଳୟରେ ପଢିଲେ ଚାକିରି ମିଳିବ ଏହି ଆଶାରେ ଅଧିକାଂଶ ଅଭିଭାବକମାନେ ଆପଣା୨ ପିଲାଙ୍କୁ ସ୍କୁଲକୁ ପଠାଉ ଅଛନ୍ତି କିନ୍ତୁ ଏତେ ଲୋକ ସକାଶେ ଚାକିରି ଅବା କେଉଁଠାରେ ଅଛି ଅଥଚ ବିଦ୍ୟାଳୟରେ ପାଠ ପଢୁଥିବାରୁ ଛାତ୍ରମାନେ ଆପଣା୨ ବ୍ୟବସାୟ ମଧ୍ୟ ଶିଖି ପାରୁ ନାହାନ୍ତି । ଯଦ୍ୟପି କି ମାନ୍ୟବର କାମ୍ବଲ ସାହେବଙ୍କ ମତରେ ବର୍ତ୍ତମାନ ଶିକ୍ଷାପ୍ରଣାଳୀଦ୍ୱାରା ଏମନ୍ତ ଆଶା ହୋଇପାରେ ଯେ କେହି ସାମାନ୍ୟ ଚଷାର ପୁଅ ହାଇକୋର୍ଟର ଜଜ ହୋଇ ପାରେ ମାତ୍ର କଦାଚ ତାହାର ଭାଗ୍ୟକୁ ତାହା ଘଟିଲେ ସୁଦ୍ଧା ତହିଁରେ ସମସ୍ତଙ୍କର ଦୁଃଖ ଯିବ ନାହିଁ । ଅଧିକାଂଶ ଲୋକଙ୍କୁ ନାନାପ୍ରକାର ବ୍ୟବସାୟ କରି ପେଟ ପାଳିବାକୁ ହେବ କିନ୍ତୁ ବାଲ୍ୟକାଳରୁ ଅଭ୍ୟାସ ନ ହେଲେ ଲେଖାପଢା ଚାକିରି ଭିନ୍ନ ଆଉ କୌଣସି କାର୍ଯ୍ୟ କରିବାକୁ ସହଜରେ ପ୍ରବୃତ୍ତି ହୁଅଇ ନାହିଁ । ଏଥି ସକାଶେ ଅମ୍ଭେମାନେ ବିବେଚନା କରୁ କି ସାମାନ୍ୟ ଶ୍ରେଣୀର ଲୋକଙ୍କୁ କେବଳ ବିଦ୍ୟାଶିକ୍ଷା ନ ଦେଇ ଯେବେ ତହିଁ ସଙ୍ଗେ ଶିଳ୍ପକର ଓ ଅନ୍ୟାନ୍ୟ ବ୍ୟବସାୟର ଶିକ୍ଷା ଦିଆଯାଏ ତାହା ହେଲେ ଯଥୋଚିତ ଉପକାର ହେବ ଓ ପିଲାମାନେ ସ୍କୁଲ

Digitized by srujanika@gmail.com

Split by PDF Splitter

REGISTERED NO. 1

163

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ଶ | ସଂ ୩୮ ସଂଖ୍ୟା

ତା ୨୮ ଋଣ ମାହେ ସେପ୍ଟେମ୍ବର ସନ ୧୮୭୮ ମସିହା । ମୂ । ଅଶ୍ୱିନ ଦ ୭ ନ ସନ ୧୨୮୬ ସାଲ ଶନିବାର .

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨।୦
ମଫସଲପାଁଇ ଡାକମାସୁଲ ଟ୧।୵

ସମ୍ପ୍ରତି ଏଣେ ଦୁର୍ଗୋତ୍ସବ ମହାପର୍ବ ଉପସ୍ଥିତ । ଆଗାମି ଗୁରୁବାରଠାରୁ ଦେବାନୀ କଚେରୀମାନ ବନ୍ଦ ହେବ ଓ ଆଗାମି ଅକ୍ଟୁବରମାସ ତା୨୮ରଖ ସୋମବାର ଦିନ ଫିଟିବ । ସରକାରି ଗଣନାଖାନା ଓ ଅନ୍ୟାନ୍ୟ ମହକୁମାମାନ ଚଳିତମାସ ତା ୨୯ ରଖ ରବିବାରଠାରୁ ଆଗାମି ମାସ ତା ୧୧ ରଖ ଶୁକ୍ରବାର ପର୍ଯ୍ୟନ୍ତ ବନ୍ଦ ହେବ । ତା ୧୨ ରଖ ଶନିବାର ବନ୍ଦ ହେବ ବୋଲି ଅବଶ୍ୟ ସମସ୍ତେ ଆଶା କରନ୍ତି ଓ ତାହା ହେଲେ ଦ ୧୫ ନ ଛୁଟି ହେବ ମାତ୍ର ଅବଶ୍ୟ ଏ ପକ୍ଷରେ କିଛି ଆଜ୍ଞା ଆସି ନାହିଁ । ଅତଏବ ଏଥିପାଇଁ ଗବର୍ଣ୍ଣମେଣ୍ଟ କୃପଣତା କଲେ ସମସ୍ତ କର୍ମଚାରିଙ୍କର ଅସୁଖ ହେବ । ଅମଲାମାନଙ୍କୁ ବେତନ ଦିଆ ଯିବାର ଆଜ୍ଞା ଆସିଅଛି ।

---

ବେଶ୍ୟାମାନଙ୍କର ରେଜେଷ୍ଟରୀ ଓ ସ୍ୱାସ୍ଥ୍ୟରକ୍ଷାର ନିୟମଦ୍ୱାରା ଭାରତବର୍ଷରେ ଥିବା ଇଂରାଜ ସୈନ୍ୟଙ୍କ ମଧ୍ୟରେ ଉପଦଂଶ ରୋଗ ଊଣା ହୋଇ ନାହିଁ ବୋଲି ସେନାଙ୍କର ସ୍ୱାସ୍ଥ୍ୟରକ୍ଷକ କମିସ୍ନରମାନେ ଲେଖିଅଛନ୍ତି । କମିସ୍ନରମାନେ ବୋଲନ୍ତି କି ଏନା ଏହି ଉପାୟଦ୍ୱାରା ଏ ରୋଗ ଊଣା ହେବାର ଅଳ୍ପ ଭରସା ଦେଖାଯାଏ କାରଣ କାର୍ଯ୍ୟତଃ ବୁଝାଯାଇଅଛି କି ଯେଉଁମାନେ ରେଜେଷ୍ଟରୀ ଭିତରେ ଆସି ନାହାନ୍ତି ସୁତରାଂ ଡାକ୍ତରଙ୍କ ପରୀକ୍ଷାରୁ ଅନ୍ତର ଅଛନ୍ତି ସେମାନଙ୍କଦ୍ୱାରା ଏ ରୋଗ ବିସ୍ତାର ହେଉଅଛି । ବାସ୍ତବରେ ଜାଣିବା ଲୋକମାନେ ପୂର୍ବରୁ ଏହି ପରି ବିବେଚନା କରିଥିଲେ ଓ କାର୍ଯ୍ୟତଃ ତାହା ଦେଖାଗଲା ତେବେ କେତେ ଗୁଡିଏ ହତଭାଗିନୀ ସ୍ତ୍ରୀଲୋକଙ୍କୁ ଏତାଦୃଶ ଲଜ୍ଜା ଅବସ୍ଥାରେ ପକାଇବାର ପ୍ରୟୋଜନ କି ? ଆମ୍ଭମାନଙ୍କ ମତରେ ଉକ୍ତ ଆଇନଟି ଉଠାଇ ଦେବାର ଉଚିତ ।

---

କନଷ୍ଟାଣ୍ଟି ନୋପଲସରେ ଥିବା ଇଂରାଜ ରାଜଦୂତ ଏବଂ ଅନ୍ୟ ଦଶଜଣ ଭଦ୍ରଲୋକ ଲେଖିଅଛନ୍ତି କି ତୁରସ୍କର ଯେଉଁସମସ୍ତ ସ୍ଥଳମାନ ରୁଷୀୟମାନେ ଅଧିକାର କରିଅଛନ୍ତି ସେ ସ୍ଥାନମାନଙ୍କରେ ନିର୍ଦ୍ଦୋଷୀ ମୁସଲମାନମାନେ ହାଣ ଖାଉଅଛନ୍ତି ବା ଅନ୍ୟ ପ୍ରକାରରେ ପ୍ରପୀଡିତ ହେଉଅଛନ୍ତି ସ୍ତ୍ରୀମାନଙ୍କ ପ୍ରତି ଘୋର ଅତ୍ୟାଚାର ହେଉଅଛି ଏବଂ ସମ୍ପତ୍ତି ସବୁ ନଷ୍ଟ ହେଉଅଛି । ଅଥଚ ରୁଷୀୟ ସୈନିକ କିମ୍ବା ସିବିଲ କର୍ମଚାରୀମାନେ ଏଥିର କିଛି ପ୍ରତିବିଧାନ କରୁ ନାହାନ୍ତି । କେବଳ ମୁସଲମାନଙ୍କ ଉପରେ ଅତ୍ୟାଚାର ହେଉଅଛି ଏମନ୍ତ ନୁହେ ଗ୍ରୀକ୍ କାଥଲିକ ଓ ଇହୁଦି ଅର୍ଥାତ୍ ବଲଗେରିଆଙ୍କ ମତ ସହିତ ଯାହାଙ୍କର ଐକ୍ୟତା ନାହିଁ ସେମାନଙ୍କୁ ସୁଦ୍ଧା ଏପରି ଅତ୍ୟାଚାର ସହ୍ୟ କରିବାକୁ ହେଉଅଛି । ଏଥିର ଉଦ୍ଦେଶ୍ୟ ଏହି ଯେ ଏପରି ହେଲେ ଏମାନେ ରାଜ୍ୟ ଛାଡି ପଳାଇବେ । କଥିତ ହୁଅଇ ଯେ ଗୋଟିଏ ସୁଦ୍ଧା ତୁରକି ଜାତୀୟ ଯୁବତି ସ୍ତ୍ରୀର ସତୀତ୍ୱ ରକ୍ଷାପାଇ ନାହିଁ ଓ ଗୁହାର କରିବାକୁ କାହାର ସାଧ୍ୟ ନାହିଁ । ବଲଗେରୀୟ ପୁଲିସ ଏସମସ୍ତ ଦୁଷ୍କର୍ମରେ ସର୍ବାପେକ୍ଷା ଅଧିକ ମାତି ଅଛନ୍ତି । ଧର୍ମର ଦୋହାଇ ଦେଇ ରୁଷୀୟମାନେ ତୁରସ୍କ ସଙ୍ଗରେ ଯୁଦ୍ଧ କରିଥିଲେ ତହିଁର ଶେଷ ଫଳ କି ଏହିପରି ହେଲା ? ଇଉରୋପର ପ୍ରଧାନ ପ୍ରଧାନ ରାଜା ଓ ଧର୍ମିକ ଲୋକମାନେ କି ଏଥିର କୌଣସି ପ୍ରତିବାଦ ସାଧିବେ ନାହିଁ ?

---

ସୁନାରୀ ବଣିଆଙ୍କର ଶ୍ରେଣୀ ଭୁକ୍ତତା ସତରଚର ଅଟଇ ଏତଦ୍ଭିନ୍ନ କାର୍ଯ୍ୟ ଦେବାକୁ ଯେତେ ଦିନ ବିଳମ୍ବ ଓ ଟାଳଟୁଳ କରନ୍ତି ତାହା ଅକଥନୀୟ । ଏଥିର ଗୁହାରି ପ୍ରାୟ ସମସ୍ତଙ୍କଠାରୁ ସର୍ବଦା ଶୁଣାଯାଏ, କିନ୍ତୁ କେହି ଯଥାବିହିତ ଉପାୟ କରନ୍ତି ନାହିଁ ବୋଧହୁଏ ଏହିହେତୁ ସେ ଗୁପ୍ତ ଦସ୍ୟୁମାନେ ଦମନ ହେଉ ନାହାନ୍ତି । ଲୋକେ ଏଥିର ଉପାୟ କଲେ ଅବଶ୍ୟ କିଛି ଦୂର ଲୁଚକାର୍ଯ୍ୟ ହୁଅନ୍ତେ ସନ୍ଦେହ ନାହିଁ । ନିକଟରେ ବଣିଆ ଶ୍ରେଣୀର ଗୋଟିଏ ମକଦ୍ଦମା ହୋଇ ସଫଳ ହୋଇ ଅଛି ତହିଁର ବୃତ୍ତାନ୍ତ ନିମ୍ନେ ଲେଖୁଅଛୁଁ ।

ଏ ନଗରବାସୀ କାହ୍ନସିଂହ ନାମକ ଜଣେ ପଞ୍ଜାବୀ ଦୁଇବର୍ଷ ପୂର୍ବେ ଜଗୁସାହୁକୁ ଉତ୍ତମ ରୂପାରେ କିଛି ଅଳଙ୍କାର ପ୍ରସ୍ତୁତ କରିଦେବା ସକାଶେ ଟଙ୍କା ଦେଇ ଥିଲା । ସାହୁ ତାକୁ ଅଳଙ୍କାର ଦେଇ ଉତ୍ତମରୂପାର ଦରରେ ମୂଲ୍ୟ ଓ

Split by PDF Splitter



କର୍ମର ମୂଳ ହେଲା । ବର୍ତ୍ତମାନ ଜଣାଗଲା ଯେ ସେ ରୂପା ମିଶ୍ରିତ ଅଟଇ ତହିଁ ପଞ୍ଜାବୀ ଜଗୁସାହୁ ନାମରେ ଫଉଜଦାରୀରେ ଠକ୍କରତାର ଅଭିଯୋଗ କଲା । ସାହୁ ଉତ୍ତର ଦେଲା ସେ ଅଲଙ୍କାର ଦେଇ ଅଛି କିନ୍ତୁ ନିଜେ ତାହା ପ୍ରସ୍ତୁତ କରି ନାହିଁ ଉତ୍ତମରୂପା କିଣି ଗୋପୀଦେକୁ ଉକ୍ତ ଅଲଙ୍କାର ପ୍ରସ୍ତୁତ ନିମିତ୍ତ ଦେଇ ଥିଲା । ଗୋପୀଦେ ସେହି ରୂପାରେ ଅଲଙ୍କାର କରି ଥିବାର କହିବାରୁ ତଦନୁସାରେ ସେ ପଞ୍ଜାବୀଠାରୁ ମୂଲ୍ୟ ନେଇ ତାକୁ ଦେଇ ଅଛି ରୂପା ନ ପୋଡ଼ିଲେ ଚିହ୍ନାଯାଏ ନା ସେ ଗୋପୀଦେଠାରୁ ଅଲଙ୍କାର ନେଲାବେଳେ ତଦ୍ରୂପ ପରୀକ୍ଷା ନ କରି ତାହା କଥାରେ ବିଶ୍ୱାସ କରିଥିଲା । ଏଥିର ପ୍ରମାଣ ହେବାରୁ ସେ ଫଉଜଦାରୀ ଦାୟରୁ ମୁକ୍ତ ପାଇ ଗୋପୀଦେ ନାମରେ ବିଶ୍ୱାସଘାତକତାର ନାଲିଶ କଲା ଦେ ଉତ୍ତର ଦେଲା ଜଗୁ ସାହୁ ତାକୁ ଯେପରି ରୂପା ଦେଇ ଥିଲା ସେହି ରୂପାରେ ସେ ଅଲଙ୍କାର କରଦେଇ ଅଛି କିନ୍ତୁ ସାକ୍ଷିମାନଙ୍କ ସାକ୍ଷ ଓ ଅନ୍ୟାନ୍ୟ ବିଷୟରୁ ପ୍ରମାଣ ହେଲା ଯେ ଜଗୁସାହୁ ତାକୁ ଉତ୍ତମ ରୂପା ଦେଇ ଥିଲା ସେ ଯେ ଅଲଙ୍କାର କରି ଦେଇ ଅଛି ସେଥିରେ ପ୍ରତିଭରିରେ ଟ ୦ /୭ ତମ୍ବା ମିଶିଅଛି । ଏହି ଦୋଷରେ ଗୋପୀଦେ କଠିନ ପରିଶ୍ରମ ସହିତ ଦୁଇମାସ କାରାବାସର ଦଣ୍ଡ ପାଇଲା ଓ କେତେ ଅର୍ଥଦଣ୍ଡ ହେଲା । ସୁନାରିମାନେ ସାବଧାନ ହୁଅ ।

---

ଅମ୍ଭେମାନେ ଶୁଣିଲୁଁ ଯେ ଡଗ୍ଲାଟ୍‌ଲେଟ ସାହେବ ଏଠା ଗ୍ରେଜଗେଷ ମହଲୁମାର ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ପଦରେ ମାସିକ ଟ ୪୦୦ ଙ୍କା ବେତନରେ ନିଯୁକ୍ତ ହୋଇ ଅଛନ୍ତି, ଏ ବେତନ ବ୍ୟତୀତ ଅଧିକ ଗସ୍ତଖର୍ଚ୍ଚା ମଧ୍ୟ ପାଇବେ ଏଥିପୂର୍ବେ ଏ କର୍ମରେ ସେଉସ ସାହେବ ଟ ୨୫୦ ଙ୍କା ବେତନରେ ନିଯୁକ୍ତ ଥିଲେ କିନ୍ତୁ ସେ ପରୀକ୍ଷୋତ୍ତୀର୍ଣ୍ଣ ନ ଥିବାରୁ ତାଙ୍କଠାରୁ ପରୀକ୍ଷା ନେବାର ଗବର୍ଣ୍ଣମେଣ୍ଟରୁ ଆଜ୍ଞା ଆସିଲା । ସେ ପରୀକ୍ଷା ଦେଇ ନ ପାରିବାରୁ ଜଣେ ପରୀକ୍ଷୋତ୍ତୀର୍ଣ୍ଣ କର୍ମଚାରୀ ନିଯୁକ୍ତ କରିବାର ଆବଶ୍ୟକ ହେଲା । କିନ୍ତୁ ଏତେ ଅଧିକ ବେତନ ଦେଇ ଜଣେ ଇଞ୍ଜିନିୟର ନିଯୁକ୍ତ କରିବାର କି ଆବଶ୍ୟକ ଥିଲା । ଗ୍ରେଜଗେଷ ଇଲାକାରେ ସଡ଼କ ଓ ପୋଲ ଇତ୍ୟାଦି ସାମାନ୍ୟ କାର୍ଯ୍ୟମାନ ସର୍ବଦା ହୁଅଇ ସେ ସବୁ ଜଣେ ଓଭରସିଅରଦ୍ୱାରା ହୋଇ ପାରେ ଓ ଏଠାର ଓଭରସିଅର ବେକ ସାହେବ ପୂର୍ବରେ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର କର୍ମ କରୁ ଅଛନ୍ତି ତେବେ ଓଭରସିଅର ପ୍ରତି ଏତାଦୃଶ ଭାର ଦେବାର ଉଚିତ ନୁହେ ସୁତରାଂ କିଞ୍ଚିତ୍ ଅଧିକ ବେତନର ଜଣେ କର୍ମଚାରୀ ନିଯୁକ୍ତ କରିବା ଯଥେଷ୍ଟ ଥିଲା ଓ ତାହାଦ୍ୱାରା ଉତ୍ତମରୂପ କାର୍ଯ୍ୟ ନିର୍ବାହ ହୁଅନ୍ତା କାରଣ ଅମ୍ଭେମାନେ ଦେଖିଅଛୁଁ ସେଉସ୍ ସାହେବ ଉତ୍ତମରୂପେ କାର୍ଯ୍ୟ କରୁଥିଲେ । ସେପରି କର୍ମଚାରୀ ଇଂରେଜ ମଧ୍ୟରେ ନ ମିଳିଲେ ଦେଶୀୟ ଲୋକଙ୍କ ମଧ୍ୟରେ ଅବଶ୍ୟ ମିଳନ୍ତେ । ଗୌରବର୍ଣ୍ଣ ଲୋକ ସକାଶେତ ଗବର୍ଣ୍ଣମେଣ୍ଟ ଆଦେଶ କରି ନ ଥିଲେ ।

ଏହିମାସ ତା ୯ ରଖରେ ଗ୍ରେଜଗେଷ ମହଲୁମାର ଜଣେ ମୋହରର ଓ ଦୁଇଜଣ କେରାଣୀ କର୍ତ୍ତନ ହୋଇ ଅଛନ୍ତି ଏଥିରେ ଅମଲାଖର୍ଚ୍ଚା ପ୍ରାୟ ମାସିକ ଟ ୮୦ ଙ୍କା ଊଣା ହୋଇ ଅଛି । ଯଦତ ଗରିବ କର୍ମଚାରୀଙ୍କର ଦାନା ଗଲା ତଥାପି ଅମ୍ଭେମାନେ ସେଥିରେ ଆନନ୍ଦିତ ହୋଇ ଥିଲୁଁ କାରଣ ଅମଲାଖର୍ଚ୍ଚା ଉଚିତମତ ଊଣା ହୋଇ ସଡ଼କ ଇତ୍ୟାଦି କାର୍ଯ୍ୟ ଯେତେ ଅଧିକ ହୁଏ ତେତେ ଭଲ କିନ୍ତୁ ଏକମାସ ଗତ ନ ହେଉଣୁ ଗ୍ରେଜଗେଷ କମିଟୀ ଟ ୨୫୦ ଙ୍କା ପରିବର୍ତ୍ତେ ଟ ୪୦୦ ଙ୍କାରେ ଇଞ୍ଜିନିୟର ନିଯୁକ୍ତ କଲେ ଧନ୍ୟ କମିଟୀଙ୍କ ବିଚାର ? ତେଣେ ଦୁଃଖି ପ୍ରଜାଙ୍କ ଉପରେ ଦୁଇପଇସା ଲେଖାଏ କର ବସାଉଛନ୍ତି ଏଣେ ଅଧିକ ବେତନର କର୍ମଚାରୀ ରଖନ୍ତି ଓ ଆପଣାପାଇଁ ସୁନ୍ଦର ଅଟ୍ଟାଳିକା କରନ୍ତି ।

---

ସର୍କଲ ଅଫିସର ।

ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ ସକାଶେ ଗବର୍ଣ୍ଣମେଣ୍ଟ ଅତି ଅଳ୍ପ ବେତନରେ କର୍ମଚାରୀ ନିଯୁକ୍ତ କରିବାରୁ ସର୍ବସାଧାରଣଙ୍କର ଶଙ୍କା ହୋଇଥିଲା ଯେ ଏଥିରେ ବନ୍ଦୋବସ୍ତ କର୍ମ ଭଲ ହେବ ନାହିଁ ଓ ସର୍କଲ ଅଫିସରମାନେ ଲୋଭରେ ପଡ଼ି ଯାହା ତାହା କରିବେ । ଫଳତଃ ସ୍ଥଳବିଶେଷରେ ଏ ଶଙ୍କା ଅମୂଳକ ନ ଥିବାର ହେତୁ ପାଇ ଯାଇ ଥିଲେହେଁ ଅଦ୍ୟାପି କୌଣସିଠାରେ କେହି ସର୍କଲ ଅଫିସର ବିରୁଦ୍ଧରେ ଘୁଷ ଅଭିଯୋଗ ଶୁଣା ନ ଥିଲା । ସମ୍ପ୍ରତି ଏଡୁକେଶନ ଗେଜେଟରେ ପାଠ କଲୁଁ ଯେ ଦିନାଜପୁର ଜିଲ୍ଲାରେ ଦୁଇଜଣ ଲାଇସେନ୍ସ ଟାକ୍ସ ଅସେସର ପ୍ରଜାମାନଙ୍କଠାରୁ ଟାକ୍ସ କମା ଦେବା କାରଣ ଲାଞ୍ଚ ନେଇ ଥିବା ଅଭିଯୋଗରେ ଫଉଜଦାରୀ ଅଦାଲତର କଗ୍ରାଧୀନରେ ଆସି ଅଛନ୍ତି । ଲାଞ୍ଚନେବା ମୋକଦ୍ଦମା ଧରିବା ଯେମନ୍ତ କଠିନ ଓ ଏ ଅପରାଧରେ ଦଣ୍ଡ ପାଇବା ଯେମନ୍ତ ବିରଳ ଇଦୃଷ୍ଟରେ ପାଠକମାନେ ପରଖି ପାରନ୍ତି ଯେ ଏ ଦୁଇ ଅସେସର କି ପ୍ରକାରରେ ଧରାପଡ଼ିଲେ । ତହିଁକି ଅମ୍ଭେମାନେ କହୁଁ ଯେ ଧରାପଡ଼ିବା ବଡ଼ କଠିନ ନୁହଇ କେବଳ ହାକିମମାନେ ଆଳସ୍ୟ କରି ଅନୁସନ୍ଧାନ କରନ୍ତି ନାହିଁ ବୋଲି ମନ୍ଦକାରୀମାନେ ଅନାୟାସରେ ତରି ଯାନ୍ତି । ଦିନାଜପୁରର କଲେକ୍ଟର ବୋଧହୁଏ ଅନ୍ୟାନ୍ୟ କଲେକ୍ଟର ଅପେକ୍ଷା ଅଧିକ ତେଜସ୍ୱୀ ସେ ଯେମନ୍ତ ଅସେସରଙ୍କର ମନ୍ଦଆଚରଣର କଥା ଶୁଣିଲେ ତେମନ୍ତ ଜଣେ ସୁଯୋଗ୍ୟ ଡେପୁଟୀ କଲେକ୍ଟରଙ୍କୁ ଅନୁସନ୍ଧାନ ନିମିତ୍ତ ମୋଫସଲକୁ ପଠାଇ ଦେଲେ ଓ ସେ ତଦନ୍ତ କରି ପ୍ରମାଣ ସେଉଥିବି ରିପୋର୍ଟ କରିବାରେ ଫଉଜଦାରୀ ମୋକଦ୍ଦମା ହେଲା । ବର୍ତ୍ତମାନ ମୋକଦ୍ଦମା ଶେଷ ହୋଇ ନାହିଁ ଓ ଆସାମୀମାନେ ଦଗ୍ୟାଇ ବାବୁ ଅନନ୍ଦ ମୋହନ ବୋଷ ବାରିଷ୍ଟରଙ୍କୁ ଆଣାଇ ଆତ୍ମରକ୍ଷାର ସମସ୍ତ ଉଦ୍ୟମ କରୁ ଅଛନ୍ତି ମାତ୍ର ଯେବେ ସରକାରଙ୍କ ପକ୍ଷର ପ୍ରମାଣ ପ୍ରବଳ ଥିବ ତେବେ ବାରିଷ୍ଟର ଆସିଲେ କି ହେବ । ଏଡୁକେଶନଗେଜେଟରୁ ଜଣାଯାଏ ଯେ ପ୍ରମାଣ ଯଥେଷ୍ଟ ଅଛି ଓ ମୁକ୍ତିର ଆଶା ଅତ୍ୟନ୍ତ କ୍ଷୀଣ ଅଟେ ।

ଏକା ଦିନାଜପୁରରେ ଦୁଇଜଣ ସର୍କଲ ଅଫିସର ଫୌଜଦାରୀକି ଆସିଲେ ବୋଲି ଯଦ୍ୟପି କି ସମସ୍ତ ଜିଲ୍ଲାର ଅଫିସରଙ୍କୁ ନିନ୍ଦାକରିବାର କାରଣ ହୋଇ ନ ପାରେ ଓ ବାସ୍ତବରେ ଅଳ୍ପ ବେତନଭୋଗୀ ସର୍କଲ ଅଫିସରଙ୍କ ମଧ୍ୟରୁ କେତେଜଣ ଅତ୍ୟନ୍ତ ଧର୍ମନିଷ୍ଠ ଓ ସରଳ ଭାବରେ କର୍ମ କରିବାର ଅମ୍ଭେମାନେ ଶୁଣି ଅଛୁଁ ଓ ଅନ୍ତରବେଳେ କର୍ମ ଚୁଡ଼ ଏହିପରି ଥିବେ ବୋଲି ବିଶ୍ୱାସ କରୁଁ ତଥାପି ଏ ମାନଙ୍କ ମଧ୍ୟରେ ଅନେକ ଲାଞ୍ଚଖିଆ ବାହାରିବା ଅସମ୍ଭବ ନୁହଇ । ଏ ମାନଙ୍କ ଉପରେ ପ୍ରତି କଠିନ ଦୃଷ୍ଟି ରଖିବା ଏହାଙ୍କ ଉପରର ହାକିମଙ୍କର ଅତ୍ୟନ୍ତ କର୍ତ୍ତବ୍ୟ ଅଟଇ । କାହାରି ବିରୁଦ୍ଧରେ କୌଣସି କଥା ଶୁଣିଲେ ତହିଁରେ ସନ୍ଦେହ ନ କରିବା ଯେମନ୍ତ ମନ୍ଦ ସନ୍ଦେହ କରି ଛାଡ଼ି ଦେବା

Digitized by srujanika@gmail.com

Split by PDF Splitter



ତେମନ୍ତ ମନ୍ଦ ଅଟଇ ବରଂ ପ୍ରଥମଠାରୁ ଶେଷଟି ଅଧିକ ମନ୍ଦ କାରଣ ପ୍ରଥମରେ କେବଳ ପ୍ରଜାଙ୍କର ଦୁଃଖର ପ୍ରତୀକାର ହୁଅଇ ନାହିଁ ଶେଷ ସ୍ଥଳରେ ପ୍ରଜାଙ୍କୁ ଅଧିକ କଷ୍ଟଦେବା କାରଣ ସରକାର ଅଫିସରଙ୍କୁ ଉତ୍ସାହ ଦିଆଯାଏ । ଏବା ଲାଇସେନ୍ସ ଟାକ୍ସ କାହିଁକି ଯାବନ୍ତ ସାକ୍ଷାତ ଟାକ୍ସ ଏ ଦେଶର ରୁଚିର ବିପରୀତ ଓ ଅତ୍ୟନ୍ତ କ୍ଲେଶ କର ବୋଲି ଅନୁଭୂତ ହୁଅଇ । କି ଦୁଃଖୀ କି ସୁଖୀ ସମସ୍ତେ ଏଥିରୁ ମୁକ୍ତି ପାଇବାର ଲୋଭରେ ଓ ମୂର୍ଖତା ବଶତଃ ଅସେସରଙ୍କୁ ଏକ ମାତ୍ର ତ୍ରାଣ କର୍ତ୍ତା ମନେ କରି ପୂଜାଦ୍ୱାରା ତାହାଙ୍କୁ ବଶ କରନ୍ତି । ଯଦ୍ୟପି କି ପରିଶେଷରେ ତଦ୍ୱାରା କିଛି ହୁଅଇ ନାହିଁ ଓ ସରକାରର ଗଣ୍ଡାକ ସରକାର କୌଣସି ରୂପେ ବୁଝିନିୟନ୍ତି କିନ୍ତୁ ପ୍ରଜାମାନେ ଦୋହରା ଦେଇ ମରିପଡନ୍ତି ମୂର୍ଖ ପ୍ରଜାମାନେ ସରକାରଙ୍କୁ ଟଙ୍କାଏ ନ ଦେଇ ମୁକ୍ତି ପାଇବା ସକାଶେ ବରଂ ଦୁଇ ଟଙ୍କା ଅସେସରଙ୍କୁ ଦିଅନ୍ତି ଓ ତହିଁରେ ଶୁଦ୍ଧା ମୁକ୍ତି ନ ପାଇଲେ ସେକଥା ଆଉ କାହାରିକୁ ନ କହି ପୁନଶ୍ଚ ସରକାରଙ୍କ ଟଙ୍କାଟି ବାଧ୍ୟହୋଇ ଦିଅନ୍ତି । ସେ ମାନଙ୍କର ବିବେଚନାଶକ୍ତି ଥିଲେ ଏ ପରି କରନ୍ତେ ନାହିଁ । କିନ୍ତୁ ଏ ରୂପ କଲେ ବୋଲି କି ସେମାନେ କୃପାର ପାତ୍ର ନୁହନ୍ତି ? ସରକାର ପ୍ରୟୋଜନ ଅନୁରୋଧରେ ଦୁଃଖିଙ୍କ ଠାରୁ ଟାକ୍ସ ନେଲେ କିନ୍ତୁ ସେହି ସ୍ଥଳରେ ଅନ୍ୟଲୋକ ଦୁଃଖିଙ୍କର ତଣ୍ଟି କାଟିଲା ଏହା ଅତି ଦୁଃଖର କଥା ଓ ହାକିମମାନଙ୍କୁ ଏ ବିଷୟରେ ଅତ୍ୟନ୍ତ ସାବଧାନ ହେବାର ଉଚିତ ।

———

ଆମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦ ଦାତା ଲେଖିଅଛନ୍ତି ଏ ସବଡିଭିଜନର ଅନ୍ତର୍ଗତ ଅଲତି ଓଗେର କେତେକ ପ୍ରଗନ୍ନାରେ ବୃଷ୍ଟି ଅଭାବରୁ ଠେଙ୍ଗ ଜମିମାନଙ୍କର ସାରଥ ଧାନ ନଷ୍ଟ ହୋଇ ଯାଉଥିବାର ଶୁଣାଯାଏ ତଲହଟି ପ୍ରଗନ୍ନାମାନଙ୍କରେ ବିଆଳି ଧାନର ଅବସ୍ଥା ଏହିପରି ଥିବାର ଶୁଣା ଯାଉଅଛି ଯେପରିମାଣରେ ଫସଲ ଉତ୍ପନ୍ନର ଭରସା ହୋଇଥିଲା ଅବଶ୍ୟକ ମତେ ବୃଷ୍ଟି ଅଭାବରୁ ସେପରି ଆଶା ବ୍ୟର୍ଥ ହେଉଅଛି କିନ୍ତୁ ଗତ ଶନିବାର ଠାରୁ ଏକ୨ ଅଳ୍ପ ବୃଷ୍ଟି ହେଉଅଛି ତଦ୍ୱାରା ଅନେକ ଉପକାରର ସମ୍ଭାବନା ହେଉଅଛି ବୃଷ୍ଟି ଅଭାବରୁ ମଧ୍ୟ ଚାଉଳ ଦର କ୍ରମଶଃ ବୃଦ୍ଧି ହେଉଥିଲା ବର୍ତ୍ତମାନ ମୋଟ ଚାଉଳ ୫ ୧ କୁ ସେ ୧୫ ର ଓ ସରୁ ଚାଉଳ ସେ ୧୦ ର ହିସାବ ହାଟମାନଙ୍କରେ ବିକ୍ରୀ ହେଉଅଛି । ବର୍ତ୍ତମାନ ଜ୍ୱର ରୋଗର ବିଶେଷ ପ୍ରାଦୁର୍ଭାବ ଦେଖାଯାଏ । ଚଉଆରୋଗ ନିବର୍ତ୍ତ ହୋଇଅଛି । ଯେଉଁ ସ୍ତ୍ରୀ ପାପପ୍ରଣୟ କରିଥିବାର ଗ୍ରାମଲୋକେ ଜାଣିବାରୁ ଆତ୍ମହତ୍ୟା କରିବାର ଉଦ୍‌ଯୋଗ କରିଥିବା ଅପରାଧରେ ଚାଲାଣ ହୋଇଥିବାର ପୂର୍ବେ ଲେଖା ହୋଇଥିଲା ସେ କଟକରେ ପନ୍ଦର ଦିନ କାରାବାସର ଦଣ୍ଡାଜ୍ଞା ପାଇ ଅଛି । ବଡ ଆନନ୍ଦର ବିଷୟ ଯେ । କି । ମଧୁପୁର ରାଜା ଶ୍ରୀ ବୀରବର କୃଷ୍ଣଚନ୍ଦ୍ର ଧୀରନରେନ୍ଦ୍ର ବାହାଦୁର ଅପଣା କିଲା ଗଡ ମୁକାମରେ ଏକ ଇଂରେଜୀ ବିଦ୍ୟାଳୟ ସ୍ଥାପନ କରିବାସକାଶେ ସ୍ୱୟଂ ମାସିକ ୫୨୦ ଟଙ୍କା ଚାନ୍ଦା ଦେବାକୁ ସ୍ୱୀକୃତ ହୋଇ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରି ଅଛନ୍ତି ଆମ୍ଭମାନଙ୍କ ଇନ୍‌ସ୍ପେକ୍ଟର ସାହେବ ମହୋଦୟ ଉକ୍ତ ସ୍କୁଲ ସ୍ଥାପନ ପକ୍ଷେ ଅନୁରୋଧ କରି ଥିବାରୁ ଶୀଘ୍ର ଉକ୍ତ ସ୍କୁଲ ସ୍ଥାପନ ହେବାର ସମ୍ଭାବନା ହେଉଅଛି ଓ ମଧ୍ୟ ତସାଣିଆ ପ୍ରଗନ୍ନାର ଜମିଦାର ବାବୁ ଶ୍ୟାମସୁନ୍ଦର ଦାସ ଆପଣା ଇଲାକା ମଧ୍ୟରେ ଗୋଟିଏ ଭର୍ଣ୍ଣାକ୍ୟୁଲର ବିଦ୍ୟାଳୟ କରିବାର ପ୍ରାର୍ଥନା କରି ଅଛନ୍ତି ଏହିପରି ଏ ଦେଶୀୟ ପ୍ରଧାନ ଧନିଲୋକମାନେ ସତ୍କର୍ମରେ ଅର୍ଥବ୍ୟୟ କଲେ ଦେଶର ମଙ୍ଗଳ ସାଧନ ହେବ । ଏ ନଗରରେ ଏକ ବ୍ୟକ୍ତିଙ୍କୁ ଶ୍ରୀ ବୈଦ୍ୟନାଥ ଦେବ ପ୍ରସନ୍ନ ହୋଇ ଥିବାରୁ ତାଙ୍କ ନିକଟରେ ପ୍ରତ୍ୟହ ଦୂରସ୍ଥ ବେମାର ଲୋକ ହୁକୁମ ପ୍ରାପ୍ତ ଆଶାରେ ଉପସ୍ଥିତ ହେଉ ଅଛନ୍ତି ଓ ପେଟବ୍ୟଥା ରୋଗୀ କେତେକ ଆରାମ ହୋଇ ଥିବାର ଶୁଣା ଯାଏ ।

———

## ଶ୍ରୀମଦ୍ଭାଗବତ ପ୍ରଥମସ୍କନ୍ଧ ।

ଆମ୍ଭେମାନେ ଉପରଲିଖିତ ପୁସ୍ତକ ଏକଖଣ୍ଡ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏ ଖଣ୍ଡିଏ ନୂତନ ଭାଗବତ ପଣ୍ଡିତ ଶ୍ରୀ ବିକ୍ରମ ଭଟ୍ଟାଚାର୍ଯ୍ୟଙ୍କ କର୍ତ୍ତୃକ ଭାଷାନ୍ତରିତ ଏବଂ ଶ୍ରୀ ଭଗବାନ୍ ଦାସଙ୍କଦ୍ୱାରା ପ୍ରକାଶିତ ହୋଇଅଛି । ବାଲେଶ୍ୱର ଉତ୍କଳ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟ ଏହାର ଜନ୍ମସ୍ଥାନ ଅଟଇ ।

ଭୂମିକାରେ ପ୍ରକାଶକ କହିଅଛନ୍ତି ଯେ କବି ଜଗନ୍ନାଥ ଦାସ ଏବଂ ଜାନକୀବଲ୍ଲଭ କର ଯଥାକ୍ରମେ ଭାଗବତକୁ ଭାଷାରେ ପ୍ରକାଶ କରିଅଛନ୍ତି ମାତ୍ର ତାହାଙ୍କ ଗ୍ରନ୍ଥ ମୂଳ ସଂସ୍କୃତଗ୍ରନ୍ଥ ସଙ୍ଗେ ମିଶାଇ ସଂଶୋଧନ କରିବାରେ ଅନେକ ବିଭେଦ ଲକ୍ଷିତ ହେଲା ସୁତରାଂ ସେ ଉକ୍ତ ଉଭୟ ଅନୁବାଦକୁ ପରିତ୍ୟାଗ କରି ମୂଳ ଗ୍ରନ୍ଥ ପ୍ରତି ଅଧିକତର ନିର୍ଭର କରି ଏହି ଗ୍ରନ୍ଥ ଅନୁବାଦ କରାଇ ଅଛନ୍ତି । ଏଥିର ଭାଷା କିରୂପ ଏବଂ କବି ଜଗନ୍ନାଥ ଦାସଙ୍କ ରଚନାଠାରୁ କି ପରିମାଣରେ ଉତ୍କୃଷ୍ଟ ହୋଇଅଛି ପାଠକମାନଙ୍କର ଏସମସ୍ତ ବିଷୟ ବିଚାର କରିବା କାରଣ ନବପ୍ରଣୀତ ଗ୍ରନ୍ଥରୁ ତଳଲିଖିତ ଅଂଶ ଉଦ୍ଧୃତ କଲୁଁ । ଯଥା;—

"ଯେଶୁକ ସବୁ କର୍ମ ଶୂନ୍ୟ ।
ହୋଇଣ ସହାୟ ବିହୀନ ।
ସକଳ ପରିତ୍ୟାଗ କରି ।
ଗୃହରୁ ଯାଅନ୍ତେ ବାହାରି ।
ତାହାଙ୍କ ପିତା ଦ୍ୱୈପାୟନ ।
ବିରହେ କାତର ହୋଇଣ ।
ହେପୁତ୍ର ହେପୁତ୍ର ଏସନ ।
ଦୂରୁଁ କରିଥିଲେ ଆହ୍ୱାନ ।
ତାହାଙ୍କ ସ୍ନେହାନୁ ବନ୍ଧନ ।
ଛେଦନ କରିବା କାରଣ ।
ବୃକ୍ଷ ରୂପରେ ସେହି କାଳେ ।
ତାଙ୍କୁ ଉତ୍ତର ଦେଇଥିଲେ ।
ଯୋଗ ବଳରେ ସର୍ବଭୂତ- ।
ମନକୁ ହୋଇଥାନ୍ତି ଗତ ।
ମୋ ଗୁରୁ ସେ ଶୁକ ମୁନିଙ୍କୁ ।
କରୁଛି ମୁହିଁ ପ୍ରଣାମକୁ ॥ ୨ ॥
ସଂସାର ନାମ ଗାଢ ତମ ।
ଅତି ଦୁସ୍ତର୍ଷ ଯେଉଁକନ ।
ତାଙ୍କ ପକ୍ଷରେ ଅମ୍ଭ ତତ୍ତ୍ୱ ।
ପରକାଶକ ଯେ ସାକ୍ଷାତ ।
ଯେ ସବୁ ବେଦଙ୍କର ସାର ।
ଅସାଧାରଣ ଶକ୍ତି ଯାର
ପୁରାଣ ଗୁହ୍ୟକୁ ଏମନ୍ତ ।
ସଂସାରିମାନଙ୍କ ନିମନ୍ତ ।
ଯେ, କୃପା କରି କହିଛନ୍ତି ।
ମୁନିମାନଙ୍କ ଗୁରୁ ହୋନ୍ତି ।
ସେ ବ୍ୟାସପୁତ୍ରଙ୍କୁ ଶରଣ ।
କରୁଅଛଇଁ ମୁଁ ଗମନ ॥ ୩ ॥
ଶ୍ରୀନାରାୟଣ ନରବର ।
ଦେବୀ ଭାରତୀ ବ୍ୟାସ ନର ।
କରି ଏ ମାନଙ୍କୁ ପ୍ରଣାମ ।
ଗ୍ରନ୍ଥ କରନ୍ତି ଉଦୀରଣ ॥ ୪ ॥
ମୋତେ ହେ ସର୍ବ ମୁନିମାନ ।
କରିଛ ଉତ୍ତମ ପ୍ରଶନ ।
ଯେଣୁ ଏ ଲୋକଙ୍କ କଲ୍ୟାଣ ।

Digitized by srujanika@gmail.com

167

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୩ଶ
ସଂ ୩୯ ସଂଖ୍ୟା

ତା ୨୮ ରିଖ ମାହେ ସେପ୍ଟେମ୍ବର ସନ ୧୮୭୮ ମସିହା । ମୂ । ଆଶ୍ୱିନ ଦି ୧୪ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩॥୦
ମଫସଲଙ୍କପାଇଁ ଡାକମାସୁଲ ଟ୧୫୦/

ଦୁର୍ଗାପୂଜା ପ୍ରବେଶ ହେଲା । ଦେବାନି-ଅଦାଲତ ବନ୍ଦ ହୋଇଅଛି । ଅଦ୍ୟଠାରୁ ଅନ୍ୟାନ୍ୟ ସମସ୍ତ କଚେରୀ ବନ୍ଦ ହେବ । ଉକ୍ତ ଅମଲା ମାମଲତକାର ପ୍ରଭୃତି ଅନେକଲୋକ ନଗର ଛାଡି ଆପଣା ଘରକୁ ଗଲେଣି ଓ ଆଉ ଦ ୨।୧ ଦିନରେ ପ୍ରାୟ କେହି ବାହାରର ଲୋକ ନ ଥିବେ । ଉତ୍ସବର୍ତ୍ତୁଙ୍କ ସମସ୍ତଙ୍କୁ ଘାରିଦେଲା ପ୍ରାୟ ଅନୁଭବ ହେଉ ଅଛି । ମୁଦ୍ରା ଯନ୍ତ୍ରର କର୍ମଚାରୀମାନେ ଭିନ୍ନ ପଦାର୍ଥରେ ନିର୍ମିତ ହୋଇ ନାହାନ୍ତି ସୁତରାଂ ସେମାନଙ୍କ ମଧ୍ୟ ସେହି ଝୁଙ୍କ ଲାଗି ଅଛି । ଅତଏବ ଆମ୍ଭେମାନେ ଅଦ୍ୟଠାରୁ ଛାପାଖାନା ବନ୍ଦ କରିବାକୁ ବାଧ୍ୟ ହେଲୁଁ । ଆଗାମୀ ସପ୍ତାହରେ ଆଉ ପାଠକଙ୍କ ସଙ୍ଗେ ଭେଟ ହେବ ନାହିଁ । ତହିଁ ଉତ୍ତାରୁ ନିୟମିତ ରୂପେ ସେମାନଙ୍କ ସଙ୍ଗେ ସାକ୍ଷାତ୍ କରି ଯାବନ୍ତ ଦୁଃଖସୁଖର କଥାବାର୍ତ୍ତା ହେବା । ସମ୍ପ୍ରତି ପ୍ରାର୍ଥନା ଯେ ସମସ୍ତେ ଆପଣା ବାଞ୍ଛିତ ସୁଖ ଯଥାବିଧାନରେ ସମ୍ଭୋଗ କରି କୁଶଳ ଶରୀର ଓ ଆନନ୍ଦ ଚିତ୍ତରେ ପୁନର୍ବାର ଆପଣା ନିୟମିତ କର୍ମକୁ ପ୍ରତ୍ୟାଗମନ କରନ୍ତୁ ।

---

ବମ୍ବେର ଗବର୍ଣ୍ଣମେଣ୍ଟ ଆପଣା ଅଧୀନସ୍ଥ ଆଇନ କର୍ମ ଚାରୀଙ୍କ ପରାମର୍ଶରେ ସିଦ୍ଧାନ୍ତ କରି ଅଛନ୍ତି ଯେ କୌଣସି ବାଣିଜ୍ୟ କୋଠିର ପ୍ରତ୍ୟେକ ଅଂଶୀ ଲାଇସେନ୍ସ ଟାକ୍ସ ନିମିତ୍ତ ଦାୟୀ ନୁହନ୍ତି । କେବଳ ଉକ୍ତ କୋଠି ଉପରେ ମୋଟରେ ଟାକ୍ସ ବନ୍ଦୋବସ୍ତ ହୋଇ ପାରେ । ଏ ବିଗ୍ଭରଟି ଯଥାର୍ଥ ଅଟଇ ଏବଂ ସକଳ ପ୍ରଦେଶରେ ଏହା ପ୍ରଚଳିତ ହେବାର ଉଚିତ ।

---

ହାଇକୋର୍ଟରେ ଜଣେ ଜଜ୍ଜ ମାନ୍ୟବର ମାର୍କବୀ ସାହେବ କର୍ମ ପରିତ୍ୟାଗ କରି ଗତସପ୍ତାହରେ ବିଲାତକୁ ପ୍ରସ୍ଥାନ କଲେ । ମାର୍କବୀସାହେବ ଏକଯୁଗ ହାଇକୋର୍ଟରେ କଟାଇ ଅତିସୁନ୍ଦର ରୂପେ ବିଗ୍ଭରକାର୍ଯ୍ୟ ନିର୍ବାହ କରିବାଦ୍ୱାରା ସମସ୍ତଙ୍କର ପ୍ରୀତିଭାଜନ ହୋଇଥିଲେ । ଏପରି ଦେଶର ଉନ୍ନତି ଓ ଉଚ୍ଚ ଶିକ୍ଷାର ପ୍ରଗ୍ଭର ବିଷୟରେ ସେ ଅତ୍ୟନ୍ତ ମନୋଯୋଗୀ ଥିଲେ । ଦେଶୀୟ ଲୋକଙ୍କପ୍ରତି ତାହାଙ୍କର ବିଶେଷ ମମତା ଥିଲା ଓ ବିଗ୍ଭର କାର୍ଯ୍ୟରେ ନିଯୁକ୍ତ ଥାଇ ଅବକାଶ ଅଧିକ ପାଉ ନ ଥିଲେହେଁ ଆପଣାର ଅଳ୍ପ ଅବକାଶ କାଳକୁ ମଧ୍ୟ ଦେଶୀୟ ଲୋକଙ୍କ ହିତାନୁଷ୍ଠାନରେ ବ୍ୟୟ କରୁ ଥିଲେ । କଲିକତା ବିଶ୍ୱବିଦ୍ୟାଳୟର ସହକାରୀ ଚେନ୍ସଲର ଥାଇ ମଧ୍ୟ ସେ ଶିକ୍ଷାକାର୍ଯ୍ୟର ଉନ୍ନତି ଲୋଡ଼ୁ ଥିଲେ । ତାହାଙ୍କ ବିରହରେ ଦେଶୀୟ ଲୋକମାନେ ଅତ୍ୟନ୍ତ ଦୁଃଖିତ ଅଛନ୍ତି । ମାତ୍ର ବିଦେଶୀଲୋକର ପ୍ରୀତି ଏହିପରି ଅଟଇ । ତେବେ ଆମ୍ଭମାନଙ୍କର ପ୍ରାର୍ଥନା ଏହି ଯେ ପରମେଶ୍ୱର ତାହାଙ୍କୁ ଆନନ୍ଦରେ ସ୍ୱଦେଶରେ ପହଞ୍ଚାଇ ଦୀର୍ଘଜୀବୀ କରନ୍ତୁ ତାହା ହେଲେ ବିଲାତରେ ଥାଇ ମଧ୍ୟ ସେ ଆମ୍ଭମାନଙ୍କର ଅନେକ ଉପକାର କରି ପାରିବେ ।

---

ନୀଳଗିରି ରାଜା ଆପଣା ଉତ୍ତରାଧିକାରୀ ନିଯୁକ୍ତ କରିବା ବିଷୟରେ ବଡ଼ ହରବରରେ ପଡ଼ି ଅଛନ୍ତି । ଅଳ୍ପଦିନ ତଳେ ସେ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ଅନୁମତି ସହିତ ମୟୂରଭଞ୍ଜର ମହାରାଜାଙ୍କର କନିଷ୍ଠ ପୁତ୍ରକୁ ଆପଣା ଗଡ଼କୁ ଆଣି ବିଧିମତ ପୋଷ୍ୟପୁତ୍ର କଲେ । ପୁଣି ଶୁଣାଯାଏ ଯେ ନୀଳଗିରି ରାଜାଙ୍କ ପାଟରାଣୀ ରାଜାଙ୍କ ଭାଇର ପୁତ୍ରକୁ ପୋଷ୍ୟ ପୁତ୍ର କରି ଥିଲେ ଏବଂ ରାଜା ଆପଣାର ଏକ ଫୁଲବାଈ ସ୍ତ୍ରୀର ପୁତ୍ରକୁ ମଧ୍ୟ ଟୀକାଦେଇ ଯୁବରାଜ କରିବାକୁ ମନସ୍ଥ କରି ଅଛନ୍ତି । କଥିତ ହୁଅଇ ଯେ ଏ ସମସ୍ତ କଥା ଶ୍ରୀଯୁକ୍ତ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ କର୍ଣ୍ଣଗୋଚର ହେବାରୁ ସେ ରାଜାଙ୍କଠାରୁ କୈଫିୟତ୍ ତଲବ କରି ଅଛନ୍ତି । ସତ୍ୟ କଥା ଏପରେ ପ୍ରକାଶ ହେବ କିନ୍ତୁ ଆମ୍ଭେମାନେ ବିବେଚନା କରୁଁ କି ଯେବେ ରାଜାଙ୍କର ଭାଇରପୁତ୍ର ଅଛି ତେବେ ତାହାକୁ ଉତ୍ତରାଧିକାରୀ କରିବାରେ କି ବାଧା ଥିଲା ଓ ଯେବେ ସେ ମନୋନୀତ ନ ହେବାରୁ ବିଧିମତ ପୋଷ୍ୟପୁତ୍ର ଗ୍ରହଣ କଲେ ତେବେ ଅଉ ଭାବିବାର କଥା କି ଅଛି ? ରାଜା ଅପେ ଜୀବିତ ଥାଉଁ ଆପଣା ଯଶକୀର୍ତ୍ତି ବିସ୍ତାର କରି ଯାଉନ୍ତୁ ତାହାଙ୍କ ପଛେ କେହି

Split by PDF Splitter

Digitized by srujanika@gmail.com

Split by PDF Splitter



ହେଲେତ ଗୁଳ୍ୟଦେଶ କରିବ ତହିଁ ପାଇଁ ଆପଣା ଘରେ କଳ ଉଠାଇବାର ପ୍ରୟୋଜନ କି ?

---

ଚଳିତ ବର୍ଷର ୯ ଆଇନ ଅର୍ଥାତ୍ ଦେଶୀୟ ଛାପାଖାନା ସମ୍ପର୍କୀୟ ଆଇନ ସଂଶୋଧନ ଉଦ୍ଦେଶ୍ୟରେ ଗୋଟିଏ ନୂତନ ଆଇନର ପାଣ୍ଡୁଲିପି ଇଣ୍ଡିଆ ଗେଜେଟରେ ବାହାରି ଅଛି । ଏ ଆଇନ ଯେତେ ଭାରତବର୍ଷରୁ ପାର୍ଲିମେଣ୍ଟ ସଭା ପର୍ଯ୍ୟନ୍ତ ଯେତେ ବାଦାନୁବାଦ ହେଲା ଏବଂ ପରିଶେଷରେ ଗବର୍ଣ୍ଣମେଣ୍ଟ ଜୟୀ ହେଲେହେଁ ସାଧାରଣମତ ଏଥିର ବିରୁଦ୍ଧରେ ଯେମନ୍ତ ପ୍ରକାଶ ପାଇଲା ତଦୃଷ୍ଟିରେ ଆମ୍ଭେମାନେ ଆଶା କରି ଥିଲୁଁ ଯେ ଉକ୍ତ ଆଇନଟି ବହୁତ ଅଧିକ ପରିମାଣରେ ସଂଶୋଧିତ ହେବ ଏବଂ ନିତାନ୍ତ ପକ୍ଷରେ ଆଇନର ବିଷଦାନ୍ତ ଶନ୍ତିକ ଭଙ୍ଗାଯିବ । କିନ୍ତୁ ପାଣ୍ଡୁଲିପି ଦେଖି ଆମ୍ଭମାନଙ୍କର ସେସମସ୍ତ ଆଶା ଏକାବେଳକେ ଲୋପ ହୋଇ ଗଲା । ପାଣ୍ଡୁଲିପିରେ କେବଳ ଏତିକି ଲେଖା ଅଛି କି ସଂବାଦପତ୍ର ଛାପା ହେବା ପୂର୍ବ ସ୍ଥଳବିଶେଷରେ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ନିଯୁକ୍ତ ହୋଇଥିବା କର୍ମଚାରୀଙ୍କୁ ତାହା ଦେଖାଇବାର ଯେଉଁ ନିୟମ ଉକ୍ତ ଆଇନରେ ଅଛି ତହିଁ ବିରୁଦ୍ଧରେ ବିଲାତର ସେକ୍ରେଟରି ମତ ବ୍ୟକ୍ତ କରି ଥିବାରୁ କେବଳ ତେତିକି ରହିତ କରିବା କାରଣ ଆଉଗୋଟିଏ ଆଇନ ହେବାର ପ୍ରୟୋଜନ ହୋଇ ଅଛି ଏବଂ ଏହି ଉଦ୍ଦେଶ୍ୟରେ ଗୋଟିଏ ଆଇନର ପାଣ୍ଡୁଲିପି ବାହାରି ଅଛି । ଆଇନର ଅନ୍ୟ କୌଣସି ବିଧିର କିଛି ପରିବର୍ତ୍ତନ ହେବ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଏ ଆଇନ ପକ୍ଷରେ ବଡ ଆସ୍ଥା ଜଣା ଯାଏ ଏଥିଲାଗି ଆଉ କିଛି ସଂଶୋଧନ କରିବାକୁ ସମ୍ମତ ହେଉ ନାହାନ୍ତି । ଏଥିର ଆପୂର୍ବ ବାହାର ଅଛି ନଶାମାଇବା ସକାଶେ ଗବର୍ଣ୍ଣମେଣ୍ଟ ଯାହା ଛୋପଟିଏ ରଖାଉ ଅଛନ୍ତି ଏତିକି ଦୁଃଖର କଥା ଅଟଇ ।

---

ଗୋଟିଏ ଅଭିନବ କୁତ୍ସିତ ମୋକଦ୍ଦମା ।

କେନ୍ଦ୍ରାପଡାର ହେଡ କନେଷ୍ଟବଲ ସୁଦାମ ମଲିକ ସୁବାସୀ ବୈଷ୍ଣବୀଠାରେ ବଳାତ୍କାର ଅପରାଧ କରିଅଛି । ସୁବାସୀ ପୂର୍ବେ ବେଶ୍ୟା ବ୍ୟବସାୟ କରୁଥିଲା । ବର୍ତ୍ତମାନ ପାଞ୍ଚଛଅ ବର୍ଷ ହେଲା ସେ ପାପ ବ୍ୟବସାୟ ପରିତ୍ୟାଗ କରି ଦାଇ ପଣରେ ପ୍ରତିପୋଷଣ ହେଉଅଛି । ତାହାର ସମୁଦାୟ ଚାଲ ପାଚିଅଛି ବୟସ ଷାଠିରୁ ଊଣା ନୁହେ ସେ ଷାଠିଏ ବର୍ଷ ବୟସ କହେ କିନ୍ତୁ ଅଳଙ୍କାରାଦି ଦେହରେ ଧାରଣ କରି ଯୁବତୀର ଚେଷ୍ଟା କରେ । ସୁଦାମ ମଲିକ ଖ୍ରୀଷ୍ଟିୟାନ ଅଟେ ଓ ତାହାର ବୟସ ୪୦ ବର୍ଷ । ସୁବାସୀର ବର୍ଣ୍ଣନାନୁସାରେ ମକଦ୍ଦମାର ବୃତ୍ତାନ୍ତ ନିମ୍ନ ଲିଖିତ ପ୍ରକାର ଅଟଇ ।

ସୁଦାମ ମଲିକ ମଦ୍ୟ ପାନରେ ଉନ୍ମତ୍ତ ହୋଇ ଗତ ୧୧ ଘଡିକା ସମୟରେ ସୁବାସୀର ବାସରେ ପ୍ରବେଶ ହେଲା । ସୁବାସୀ ତାକୁ ବାହାର ଯିବାକୁ କହିଲା କିନ୍ତୁ ସୁଦାମ ନମାନି ତାକୁ ଧରି ତାହାର ବସ୍ତ୍ରରେ ତାହାର ମୁଣ୍ଡ ବନ୍ଧନ କରି ତଳେ ପକାଇଲା ଓ ଆପେ ଉଲଗ୍ନ ହୋଇ ତାହା ସହିତ ବଳାତ୍କାର କଲା । ତହୁଁ ବୁଢୀର ମର୍ମସ୍ଥାନରୁ ଅନେକ ରକ୍ତ ବାହାରିଲା । ସୁଦାମ ଆପଣା ଅଙ୍ଗର ରକ୍ତ ବୁଢୀର ଶାଢୀରେ ପୋଛି ଯୋଡ ପିନ୍ଧି ପ୍ରସ୍ଥାନ କଲା ଓ କହି ଗଲା ସେ ଏକଥା ପ୍ରକାଶ ନ କଲେ ତାକୁ ଟଙ୍କା ଦେବ । ତହୁଁ ଆରଦିନ ପ୍ରାତଃକାଳେ ସେଠା ଜମିଦାର ବୁଢୀକୁ ରକ୍ତରେ ବୁଡି ପଡିଥିବାର ଦେଖି ଥାନାରେ ଜଣାଇଲା । ସବ୍ ଇନ୍ସପେକ୍ଟର ତଦାରଖ ଆସି ବୁଢୀର ଇଜାହାର ନେଇ ତାକୁ ଡାକ୍ତରଖାନାକୁ ପଠାଇଲେ । ଡାକ୍ତରଙ୍କ ପରୀକ୍ଷାରେ ବଳାତ୍କାର ରଢରେ ବୁଢୀର ଏତାଦୃଶ ଦୁର୍ଗତି ହୋଇ ଥିବାର ଜଣାଗଲା । ବୁଢୀର ପୀଡା ବୃଦ୍ଧି ହୋଇ ତାହାର ମରଣାପନ୍ନ ଅବସ୍ଥା ଘଟିବାରୁ ତାହାଠାରୁ ମୃତ୍ୟୁକାଳୀନ ଇଜାହାର ନିଆ ଗଲା କିନ୍ତୁ ଯେଉଁ ବୁଢୀ ଯୁବତୀର ଚେଷ୍ଟା କରେ ସେକି ସହଜରେ ମରେ ବୁଢୀ ଡାକ୍ତରଙ୍କ ଚିକିତ୍ସାରେ ଆରୋଗ୍ୟ ଲାଭ କଲା ।

ସେଦିନ ଗୃହରେ ସୁଦାମ ମଦ କିଣିବା ବ୍ୟତୀତ ଏ ମକଦ୍ଦମାରେ ପୁଲିସ ଆଉ କିଛି ପ୍ରମାଣ ନ ପାଇଲେ ଓ ବିବେଚନା କଲେ ସୁବାସୀ ସ୍ୱମତିରେ ସୁଦାମ ସହିତ ପ୍ରଣୟ କରି ତହିଁରେ ପୀଡାଗ୍ରସ୍ତ ହେବାରୁ ବଳାତ୍କାରର ଅଭିଯୋଗ କରିଅଛି ଏହି ହେତୁ ସେ ସୁଦାମଙ୍କୁ ଚାଲାଣ ନ କଲେ । କିନ୍ତୁ ଆମ୍ଭେମାନେ ଶୁଣିଲୁଁ ଯେ ମେଜିଷ୍ଟ୍ରେଟ ସାହେବ ବହୁତ ବିବେଚନା ପୂର୍ବକ ଏ ମକଦ୍ଦମାର ବିଚାର ଫଉଜଦାରୀରେ ହେବା ପକ୍ଷରେ ଆଜ୍ଞା ଦେଇ ଅଛନ୍ତି । ବର୍ତ୍ତମାନ ମକଦ୍ଦମା ବିଚାରାଧୀନ ଥିବାରୁ ଆମ୍ଭେମାନେ ମନ୍ତବ୍ୟ ପ୍ରକାଶରୁ କ୍ଷାନ୍ତ ହେଲୁଁ । ସୁଦାମ କର୍ମରୁ ସସପେଣ୍ଡ ହୋଇଅଛି ।

---

ଜମିଦାରଙ୍କ ଅଦୂରଦର୍ଶିତା ।

ଏବିଷୟରେ ସହଚରରେ ଗୋଟିଏ ପ୍ରସ୍ତାବ ବାହାରିଅଛି । ଜମିଦାରମାନେ ଅବଶ୍ୟ ଜାଣନ୍ତି ଯେ ପ୍ରଜାଙ୍କଠାରୁ ଯେତେ ଟଙ୍କା ଆଦାୟ ହୁଅଇ ସବୁ ତାହାଙ୍କ ଘରକୁ ଆସଇ ନାହିଁ । ଗୁମାସ୍ତାମାନେ ସର୍ବଦା ତହବିଲ ତୋସରପ କରନ୍ତି । ଅନେକ ସମୟରେ ଶୁଣାଯାଏ ଯେ ଅମୁକ ଗୁମାସ୍ତା ଚେକ ପାଉଣ୍ଡି ଓ ଖାତା ଘେନି ପଳାୟନ କଲା । ପଳାଇ ଯାଇ ଅଧେ ଖଜଣାନେଇ ପ୍ରଜାମାନଙ୍କୁ ଦୁଃସ୍ଥପାଉଣ୍ଡି ଦିଅଇ ଓ ତହିଁରେ ଜମିଦାରର କ୍ଷତି ହୁଅଇ । ଗୁମାସ୍ତାପ୍ରଭୃତି କର୍ମଚାରୀଙ୍କ ଯୋଗେ ପ୍ରାୟ ସମସ୍ତ ଜମିଦାର ବହୁ କ୍ଷତି ସହ୍ୟ କରନ୍ତି ତହିଁର କାରଣ ଏହି ଯେ ଜମିଦାରମାନେ ଉପଯୁକ୍ତ ବେତନରେ ଭଲ କର୍ମଚାରୀ ରଖନ୍ତି ନାହିଁ । କୃତବିଦ୍ୟମାନଙ୍କୁ ଯଥେଷ୍ଟ ବେତନ ଦେଇ ନିଯୁକ୍ତ କଲେ ତାହାଙ୍କର କ୍ଷତି ଓ ଅପବ୍ୟୟ ହେବ ନାହିଁ । ଯେ ଯେମନ୍ତ ଅବସ୍ଥାର ଲୋକ ତାହାର ବ୍ୟୟ ମଧ୍ୟ ତଦ୍ରୂପ । ପାଞ୍ଚଟଙ୍କା ବେତନ ଦେଲେ ଜଣେ ଗୁମାସ୍ତା ଅଳ୍ପକାଳର ବଜାରରେ ଅନାୟାସରେ ମିଳିବ କିନ୍ତୁ ଜମିଦାରମାନେ ଜାଣନ୍ତି ଯେ ପାଞ୍ଚଟଙ୍କା ମାସିକ ବେତନରେ ଏପ୍ରକାରଲୋକର ନିତ୍ୟନୈମିତ୍ତିକ ବ୍ୟୟ ନିର୍ବାହ ହେବାର ନୁହଇ ସୁତରାଂ ସେ ଅପଣା କୁଟୁମ୍ବ ପାଳିବା ସକାଶେ ଜମିଦାରଙ୍କ ଟଙ୍କା ଚୋରି କରିବ ଏବଂ ପ୍ରଜାଙ୍କୁ ଠକାଇ ମଧ୍ୟ ଉପାର୍ଜ୍ଜନ କରିବ । ଏପ୍ରକାର ଠକ ହେବା ଅପେକ୍ଷା ଜାଣି ଶୁଣି ବେତନରୂପରେ ପାଞ୍ଚଟଙ୍କା ଅଧିକ ବ୍ୟୟ କରିବାର ଉଚିତ । ଉପଯୁକ୍ତ ବେତନ ଦେଇ ସତ୍ ଏବଂ କୃତବିଦ୍ୟ ଲୋକ ନିଯୁକ୍ତ କଲେ ପରିଶେଷରେ ମିତବ୍ୟୟିତା ହେବ ଏହା ଜମିଦାରମାନେ ଆଉ କେବେ ବୁଝିବେ ? ଆମ୍ଭେମାନେ ଏ ମତର ସମ୍ପୂର୍ଣ୍ଣ ଅନୁମୋଦନ କରୁଁ । କେବଳ ଅଯୋଗ୍ୟ କର୍ମଚାରୀ ରଖି ଜମିଦାରମାନେ ଏକା ଖଜଣାରୁ ବଞ୍ଚିତ ହୁଅନ୍ତି ଏମନ୍ତ ନୁହେ ଏହା ଉପରେ ସେମାନଙ୍କର କୁମନ୍ତ୍ରଣାରେ ପଡି ଘରର ଧନ ସୁଦ୍ଧା ହରାଇ ବସନ୍ତି ଏବଂ ପରିଶେଷରେ ମହା ବିପଦରେ ପଡିବାକୁ ହୁଅଇ । ପୁରୀର ମହାରାଜାଙ୍କର ଦୁରବସ୍ଥାର ମୂଳକାରଣ ଏହାହିଁ ଅଟଇ । ଯେବେ ତାହାଙ୍କ ଦରବାରରେ କେହି କୃତ-ବିଦ୍ୟ ଓ ସତ୍ଲୋକ ଥାନ୍ତା ତେବେ ଏତାଦୃଶ ଘଟଣା କଦାଚ ହୋଇପାରନ୍ତା ନାହିଁ । ଆଉ କେତେ ଜମିଦାର ଏହିପରି ସର୍ବନାଶକୁ ଉନ୍ମୁ

Digitized by srujanika@gmail.com

Split by PDF Splitter



ଅଛନ୍ତି ତହିଁର ସୀମା ନାହିଁ କିନ୍ତୁ ଦୁଃଖର ବିଷୟ ଯେ ଏତେ ଦେଖି ଶୁଣି ସେମାନଙ୍କର ଚେତନା ହେଉ ନାହିଁ ।

---

### ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ

ଭାରତବର୍ଷରେ ସାକ୍ଷାତ ଟାକ୍ସ ମାତ୍ରକେ ଅଧମ ଏକଥା କି ସ୍ୱଦେଶୀୟ କି ବିଦେଶୀୟ ସମସ୍ତ ବୁଝିବା ଲୋକଙ୍କର ହୃଦୟଙ୍ଗମ ହୋଇଅଛି ଓ ଏହି ହେତୁରୁ ଗବର୍ଣ୍ଣମେଣ୍ଟ ଅତ୍ୟନ୍ତ ଟାକ୍ସଲୋଭୀ ହେଲେହେଁ ଇନ୍‌କମ୍ ଟାକ୍ସ ବସାଇବାକୁ ସାହସୀ ହେଲେ ନାହିଁ । କିନ୍ତୁ ଲାଇସେନ୍ସ ଟାକ୍ସଟି ଅଧମାଧମ । ଇନ୍‌କମ୍ ଟାକ୍ସର ଯେତେ ଦୁର୍ଗୁଣ ଥିଲେହେଁ ତହିଁର ଗୁଣ ଏତିକି ଥିଲା ଯେ ଦୁଃଖିମାନେ ପାର ପଉଥିଲେ କିନ୍ତୁ ଲାଇସେନ୍ସ ଟାକ୍ସ ଏକା ଦୁଃଖୀଙ୍କ ରକ୍ତ ଶୋଷଣ କରୁଅଛି । ଯେ ଯେତେ ପରମାଣରେ ଧନବନ୍ତ ତାହାପ୍ରତି ଏ ଟାକ୍ସ ତେତେ କୋମଳ । କିନ୍ତୁ ଦୁଃଖିର ନିସ୍ତାର କୌଣସିରୂପେ ନାହିଁ । ଯାହାର ବାର୍ଷିକ ଆୟ ଏକଶତ ଟଙ୍କା ଆଇନାନୁସାରେ ସେ ଟାକ୍ସ ଦେବାକୁ ବାଧ୍ୟ କିନ୍ତୁ ଏ ବର୍ଷ ଯେମନ୍ତ କାଳ ପଡଅଛି ତହିଁରେ ବାର୍ଷିକ ଏକଶତ ଟଙ୍କା ଆୟ କୌଣସି ଗୃହସ୍ଥର ନିତ୍ୟ ନିର୍ବାହକୁ ନଅଣ୍ଟ । ନ୍ୟୂନକଳ୍ପରେ କୌଣସି ହିନ୍ଦୁ ପରିବାରରେ ପାଞ୍ଚଜଣରୁ ଊଣା ଲୋକ ନାହିଁ । ପାଞ୍ଚଜଣର ନିର୍ବାହରେ ନିତାନ୍ତ ପକ୍ଷରେ ଦିନକୁ ଚାରିଅଣା ଖର୍ଚ୍ଚ ଲାଗଇ ଏପରି ଲୁଗାପଟା ଓ ଘରକରଣା ଅଛି । ସୁତରାଂ କେହି ସାମାନ୍ୟ ବ୍ୟବସାୟୀ ଯେ ବର୍ଷକେ ଏକଶତ ଟଙ୍କା ଅର୍ଜଇ ଏଥିରେ ସଂଶୟ କି ଅଛି ମାତ୍ର ଏପରି ଲୋକ ହାତରେ କୌଣସି ସମୟରେ ଟଙ୍କା ଗୋଟିଏ ଜମା ରହିବା ନିତାନ୍ତ ଅସମ୍ଭବ ସେ କୌଣସିରୂପେ ଦିନ କାଟଇ ଏତିକି ବୋଲା ଯାଇପାରେ । ଏପରି ଲୋକ ଉପରେ ଏକଟଙ୍କା ଟାକ୍ସ ବସିବା କେତେ କଷ୍ଟର କଥା ପାଠକମାନେ ବିବେଚନା କରନ୍ତୁ । ଅଥଚ ଆମ୍ଭେମାନେ ଶୁଣି ଚମକୃତ ହେଲୁଁ ଯେ ଏହି ପରି ହେସାବ କରି କେହି୨ ଅସେସର ଟାକ୍ସ ଧାର୍ଯ୍ୟ କରୁଅଛନ୍ତି । ଏପରି ଲୋକ କେତେ ତଳ ଉପବାସ ରହିଅଛନ୍ତି ଓ କେତେ କେତେ ପେଜ ପାଣିରେ ତୃପ୍ତ ହେଉଅଛନ୍ତି ତାହା ଏକା ଭଗବାନଙ୍କ ଗୋଚର ଅସେସର ଦୟାଳୁ ହେଲେ ଅବା କିଛି ବୁଝି ପାରନ୍ତେ କିନ୍ତୁ କେତେ ନ୍ୟାୟବାନ୍ ଓ ଦୟାଶୀଲ ଅସେସର କେତେଜଣ ଅଛନ୍ତି । ଏପରି ଏକଟଙ୍କା ଦେବାପାଇଁ ଯେଉଁ ବ୍ୟକ୍ତି ଅକ୍ଷମ ସେ ଅପିଲ କରି ମୁକ୍ତି ଲାଭ କରି ପାରେ ମାତ୍ର ଅପିଲ କରିବା ସହଜ କଥା ନୁହେ । ଅପିଲ କରିବାକୁ ହେଲେ ଅନ୍ୟୂନତଃ ଦୂରଥିବା ସଦର ମୁକାମକୁ ଆସିବାରେ ଟଙ୍କା ଗୋଟାଏ ଖର୍ଚ୍ଚା ହେବା କିଛି ବିଚିତ୍ର ନୁହେ ତହିଁରେ ପୁଣି ଫଳ ହେବ କି ନାହିଁ ନିଶ୍ଚୟ ନାହିଁ । ଏପରି ସ୍ଥଳେ ଯାହାର ବୁଦ୍ଧି ଅଛି ସେ କୌଣସିରୂପେ କର୍ଜଦାମ କରି ଟଙ୍କାଟିଏ ଦେବା ଅପେକ୍ଷା ହାତରୁ ପଇସା ଖର୍ଚ୍ଚାକରି ନିକମା ହୋଇ ଅପିଲ କରିବାକୁ ଆସିବା ଅଧିକ କଷ୍ଟକର କଥା ବୋଲି ଅନାୟାସରେ ବୁଝି ପାରି ତୁନ ହୋଇ ରହିବ ଏଥିରେ ଆଶ୍ଚର୍ଯ୍ୟ କିଛି ନାହିଁ । ଫଳକଥା ଏହି ଯେ ପରଶେଷରେ ଟାକ୍ସ ଦେବାକୁ ପଡୁ ବା ନ ପଡୁ ଯାହାର ନାମ ଥରେ ଟାକ୍ସ କାଗଜରେ ବସିଅଛି ତାହାର କିଛି ଖର୍ଚ୍ଚ ନ ହୋଇ ନାହିଁ । ଏହା ଛଡା କେତେ ଅଳ୍ପଲୋକ ଟାକ୍ସରୁ ମୁକ୍ତ ପାଇବା ଆଶାରେ ଏକଗୁଣଠାରେ ତିନିଗୁଣ ବ୍ୟୟ କରୁଅଛନ୍ତି । ଏଥିରୁ ଆମ୍ଭେମାନେ ପଚାରୁଁ କି ଯେଉଁ କର ନେବାରେ ରାଜାଙ୍କର ଲାଭ ଅପେକ୍ଷା ପ୍ରଜାଙ୍କର ଅଧିକ ବ୍ୟୟ ସେପରି କର ବସାଇବା କି ଗବର୍ଣ୍ଣମେଣ୍ଟଙ୍କର ଉଚିତ ଅଟଇ ? ସୁକାଳ ହୋଇଥିଲେ ପ୍ରଜାଙ୍କଠାରୁ କିଛି୨ ମାଗଣ କରି ରାଜା ନେଲେ ମଧ୍ୟ ବାଧନ୍ତା ନାହିଁ କିନ୍ତୁ ଏମନ୍ତ ଦୁଃସମୟରେ ଟାକ୍ସ ବସାଇ ଲୋକଙ୍କ ହରବର କରିବା ବଡ଼ କଠିନ ହୋଇଅଛି ।

ଆମ୍ଭେମାନେ ଅହୁରି ଶୁଣିଲୁଁ ଯେ କୃଷିମାନଙ୍କୁ ଗବର୍ଣ୍ଣମେଣ୍ଟ କ୍ଷମା ଦେଇଥିଲେହେଁ ଅସେସରଙ୍କ କୃପାରୁ ସେମାନେ ସୁଦ୍ଧା ଟାକ୍ସ ଦାୟରୁ ମୁକ୍ତି ପାଉ ନାହାନ୍ତି । ଯେଉଁ କୃଷୀ କେବଳ ଖଜଣା ଆଦାୟ ଭଳ ଧାନ ଚାଉଳ ବିକ୍ରୀ କରିବ ତାହା ଉପରେ ଟାକ୍ସ ବସିବ ନାହିଁ କିନ୍ତୁ ଯେ ବଗ୍ରବର ଧାନ ଚାଉଳ ବିକ୍ରୟ କରିବ ତାହାଠାରୁ ଟାକ୍ସ ନିଆ ଯିବ ଏହି ନିୟମରେ ଅସେସରମାନେ କର୍ମ କରୁଅଛନ୍ତି । ଏପରି ହେଲେ କାର୍ଯ୍ୟତଃ କୌଣସି କୃଷୀ କ୍ଷମା ପାଇବ ନାହିଁ ଓ ଏହା ଯେ ଅତ୍ୟନ୍ତ ଅନ୍ୟାୟ ତାହା ବୁଝିବାକୁ ବିଶେଷ ସୂକ୍ଷ୍ମଦର୍ଶିତାର ପ୍ରୟୋଜନ ନାହିଁ । କୃଷି ଏକମାତ୍ର କୃଷୀର ଉପାୟ ତହିଁରୁ ସେ ସକଳକାର୍ଯ୍ୟ କରିବ । କୃଷିଧାନରେ କେବଳ ତାହାର ଭାତ ହେବ କିନ୍ତୁ ଲୁଣ ତେଲ ଲୁଗାପଟା ଘରକରଣାର ସାମଗ୍ରୀ କ୍ରିୟାକଲାପ ନିର୍ବାହକ କୃଷିର ଉପକରଣ ଇତ୍ୟାଦି କ୍ଷେତରେ ଫଳଇ ନାହିଁ ଯେମନ୍ତ ଖଜଣା ସକାଶେ ତେମନ୍ତ ଏ ସମସ୍ତ ବ୍ୟୟ ସକାଶେ ଟଙ୍କାର ଦରକାର ଓ ଧାନ ଚାଉଳ ନ ବିକିଲେ ସେ କେଉଁଠାରୁ ଟଙ୍କା ଆଣିବ ? ସୁତରାଂ ସେ ଆପଣା ପ୍ରୟୋଜନ ମତେ ଅବଶ୍ୟ ଧାନର ବିନିମୟରେ ଟଙ୍କା ହାତରେ କରି ଉକ୍ତ ନିୟମିତ ବ୍ୟୟମାନ ନିର୍ବାହ କରିବ । ଏଥିରେ ଯେବେ ତାହାକୁ ବ୍ୟବସାୟୀ ବୋଲି ଯାଇ ତାହାଠାରୁ ଟାକ୍ସ ନିଆଗଲା ତେବେ କେଉଁ କୃଷୀ ରକ୍ଷା ପାଇଲା ଓ ଆଇନ କାହାକୁ ଛାଡ଼ ଦେଲା ? ଆମ୍ଭେମାନେ ବିବେଚନା କରୁଁ ଯେ ଏପ୍ରକାର କୃଷୀ କଦାଚ ଟାକ୍ସର ଯୋଗ୍ୟ ନୁହଇ । ବାସ୍ତବରେ ଅସେସରମାନଙ୍କର ବିବେଚନା କରିବାର ଉଚିତ ଯେ ଯେଉଁ କୃଷୀ କେବଳ ଆପଣା କ୍ଷେତର ଧାନ ବିକ୍ରୟ କରେ ସେ ଟାକ୍ସର ଯୋଗ୍ୟ ନୁହଇ ଯେ ଧାନ ଚାଉଳର ବେପାର କରେ ଅର୍ଥାତ୍ ଏକ ସମୟରେ କିଣି ଅନ୍ୟ ସମୟରେ ବିକ୍ରୟ କରଇ ତାହାର କଥା ସ୍ୱତନ୍ତ୍ର । କୃଷୀ ସେରୂପ ବେପାରି ନୁହେ ତାହା ଉପରେ ଟାକ୍ସ ବସାଇବା କେବଳ ତାହାକୁ ତାହାର ଉଚିତ ଲାଭରୁ ବଞ୍ଚିତ କରିବା ଭିନ୍ନ ଆଉ କିଛି ନାହିଁ ।

---

## ସାପ୍ତାହିକସଂବାଦ ।

ଏ ସପ୍ତାହରେ ଏ ନଗରରେ ବୃଷ୍ଟି ହୋଇନାହିଁ କେବଳ ଦୁଇଦିନ ମେଘାଚ୍ଛନ୍ନ ହୋଇଥିଲା ଏବଂ ମଫସଲର କୌଣସି୨ ସ୍ଥଳରେ ବୃଷ୍ଟି ହେବାର ଜଣାଯାଏ । ଯାହା ହେଉ ଫସଲର ଅବସ୍ଥା ଭଲ ଅଛି ଏବଂ ଧାନ ଚାଉଳ ଶସ୍ତା ହୋଇ ଆସୁଅଛି ।

ସମ୍ବଲପୁର ଅଞ୍ଚଳରୁ ଏ ସପ୍ତାହରେ ଅନେକ ଚାଉଳ ରବି ଓ ଅନ୍ୟାନ୍ୟ ଦ୍ରବ୍ୟ ଆମଦାନି ହୋଇଅଛି । ଗହମ ମହଣ ପୂର୍ବେ ଟ ୮୦ ଙ୍କା ପର୍ଯ୍ୟନ୍ତ ହୋଇଥିଲା ବର୍ତ୍ତମାନ ଟ ୬୦ ଙ୍କା ହୋଇଅଛି ।

ଏ ନଗରରୁ ଅଦ୍ୟ ଓଲାଉଠା ସମ୍ପୂର୍ଣ୍ଣରୂପେ ବାହାର ଯାଇନାହିଁ ଏବଂ ମଫସଲର ଏକ୨ ସ୍ଥାନରେ ଏହି ରୋଗରେ ଲୋକ ମରିବାର ସମ୍ବାଦ ଆସୁଅଛି ।

ଦେଶୀୟ ମୁଦ୍ରାଯନ୍ତ୍ର ଆଇନ ସଂଶୋଧନ ବିଷୟରେ କଲିକତାର ଭାରତବର୍ଷୀୟ ସଭା ଏବଂ ଇଣ୍ଡିୟାନ ଅସୋସିଏସନ ଏହି ଦୁଇ ସଭାରୁ ଦୁଇଖଣ୍ଡ ଆବେଦନପତ୍ର ସିମଲାକୁ ପ୍ରେରିତ ହୋଇଅଛି ।

ଗତ ଶନିବାର ରାତ୍ରଠାରୁ ରବିବାରଯାଏ କଲିକତାରେ ଗୋଟିଏ ସାମାନ୍ୟ ଝଡ ବତାସ ହୋଇଥିଲା । ବତାସର ବଳ ତେତେ ଅଧିକ ନ ଥିଲା କିନ୍ତୁ ଜଳବୃଷ୍ଟି ଏମନ୍ତ ହେଲା ଯେ ନଗରର ସଡକ ଉପରେ ଦିନଯାକ ଜଳର ସ୍ରୋତ ବହିଥିଲା ଏଥିରେ ନୌକା ଓ ଘରଇତ୍ୟାଦି କି ପରିମାଣରେ କ୍ଷତ ହୋଇଅଛି ନିଶ୍ଚୟ ଜଣାଯାଇ ନାହିଁ ।

Digitized by srujanika@gmail.com

Split by PDF Splitter



ସେପ୍ଟମ୍ବରମାସ ତା ୭ ରିଖ ପର୍ଯ୍ୟନ୍ତ ମା ୭୬୪୬୬ ଣ ସର୍କାରଶେ ଜଳକରର କବୁଲସୂତ୍ର ହୋଇଅଛି । ଗତବର୍ଷ ଏ ସମୟ ପର୍ଯ୍ୟନ୍ତ ମା ୩୬୯୮୧ ଣର କବୁଲସୂତ୍ର ହୋଇଥିଲା । ଏ ବର୍ଷ ଅତ୍ତିର ମା ୧୭୪୭୪ ଣର କବୁଲସୂତ ହେବାର ସମ୍ଭାବନା ଅଛି ଏହା ହେଲେ ମୋଟ ମା ୯୨୯୯୯ ଣରୁ ପ୍ରତିମା ଟ୧୨ ଙ୍କା ଲେଖାଏଁ ଟ ୧୩୯୩୭୮ ୯ ଙ୍କା ବାର୍ଷିକ ଜଳକର ହେଉଅଛି ।

ଅଧ୍ୟାପକ ଗୋଲ୍ଡ ଷ୍ଟକର ଖଣ୍ଡିଏ ସଂସ୍କୃତ ବ୍ୟାକରଣ ପ୍ରଣୟନ କରିଅଛନ୍ତି ତାହା ଶୀଘ୍ର ମୁଦ୍ରିତ ହେବ ।

ଯେତେବେଳେ ଗ୍ୟାସର ଆଲୋକ ହେଲା ସେତେବେଳେ ବତୀର ଆଲୁଅ ଲଜ୍ଜାରେ ମୁଖ ମ୍ଳାନ କଲା, ପୁଣି ଗ୍ୟାସ ଆଲୋକର ଗୌରବ ଯିବପରି, ତହିଁର ଉପକ୍ରମ ଦେଖାଯାଉ ଅଛି । ଲଣ୍ଡନରେ ଯେଉଁ ୨ଠାରେ ବିଦ୍ୟୁତ ଆଲୋକ ପ୍ରଚଳିତ ହୋଇଅଛି ସେଠାରେ ଗ୍ୟାସଆଲୋକ ଯେରୂପ ସୂର୍ଯ୍ୟ ନିକଟରେ ପ୍ରଦୀପ ସେହିପରି । ଦେଖିଲାମାତ୍ରେ ବୋଧହୁଏ ଗ୍ୟାସର ଅନ୍ତିମକାଳ ଉପସ୍ଥିତ ହେଲାଣି ।

ଦୁଇଜଣ ଆମେରିକାବାସୀ ମନୁଷ୍ୟ ଗଣ୍ଡେ ଛୋଟ ବୋଟରେ ପାଲ ଟାଣି ୪୩ ଦିନରେ ଆଟଲାଣ୍ଟିକ ମହାସାଗର ପାର ହୋଇ ଇଂଲଣ୍ଡରେ ପହୁଞ୍ଚ ଅଛନ୍ତି । ଆଉ ଜଣେ ବ୍ୟକ୍ତି ଏପରି ଏକ ଜାହାଜ ତିଆରି କରି ଅଛନ୍ତି ଯେ ବତାସଉପରେ ଶୂନ୍ୟରେ ଚାଲିବ । ଏହାଦ୍ୱାରା ତିନିଦିନରେ ଇଂଲଣ୍ଡରୁ ଆମେରିକାପର୍ଯ୍ୟନ୍ତ ଯିବା ଆସିବା ଚଳିବ କିନ୍ତୁ ଏଥିରେ ଅଧିକ ଯାତ୍ରୀ ଧରିବ ନାହିଁ । ଆମେରିକାର ଲୋକମାନେ ଯଥାର୍ଥହିଁ ଭୂତସିଦ୍ଧ ଭୂତମାନେ ଏମାନଙ୍କର ବଶୀଭୂତ ।

ସୁରଟର ଦୁଇଜଣ ସମ୍ପାଦକ ଏବଂ ଏକ ଜଣ ଉକିଲ ନାମରେ ଯେଉଁ ଦୌର ମକଦ୍ଦମା ହୋଇଥିଲା ଜଜସାହେବଙ୍କ ବିଚାରରେ ତାହା ଠିକ ପାଇଲା ନାହିଁ । ଅଦାଲତ ଗୁହାଙ୍କୁ ଅବିଶ୍ୱାସ କଲେ ଏବଂ ସମସ୍ତ ଆସାମିଙ୍କୁ ନିର୍ଦ୍ଦୋଷୀ ସ୍ଥିର କରି ମୁକ୍ତି ଦେଲେ । ଏ ବିଚାରରେ ସର୍ବସାଧାରଣ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଅଛନ୍ତି । ସମ୍ପାଦକମାନେ ଅନର୍ଥକ ବିସ୍ତର କଷ୍ଟ ପାଇଲେ ।

ଜଣେ ଭ୍ରମଣକାରୀ ହିନ୍ଦୁପେଟ୍ରିଅଟକୁ ଲେଖି ଅଛନ୍ତି କି ଭରଥପୁର ଯୋଧପୁର ଓ ଫତେପୁର ଅଞ୍ଚଳରେ ଲୋକଙ୍କର ଅନ୍ନକଷ୍ଟ ଏତେ ପ୍ରବଳ ହୋଇଅଛି ଯେ ପଥିକମାନେ ସଙ୍ଗରେ ସତସଙ୍ଗ ଖାଇବା ଅତ୍ୟନ୍ତ କଠିନ କର୍ମ ଜ୍ଞାନ କରୁଅଛନ୍ତି । କେହି ସତସଙ୍ଗ ଲଗିଲା ବେଳକୁ ନ ୬୦ ଣ ଦୁର୍ଭିକ୍ଷ ପୀଡିତ ପୁରୁଷ ବା ସ୍ତ୍ରୀ ଟଣାଟଣି କରି କାଡିନେଉ ଅଛନ୍ତି ।

ନଗସ୍ତ୍ର ଷ୍ଟେଭେନ୍ସନର ହେଡକ୍ଲର୍କ ବେନଗୋପାଳ ମୁଗୁର୍ଦ୍ଧ୍ୟା ହାଇକୋର୍ଟରେ ଅପିଲ କରି କଷ୍ଟର ପରିମାଣରେ କୃତକାର୍ଯ୍ୟ ହୋଇଅଛି । ତାହାର ବାରିଷ୍ଟର ଜଜସାହେବଙ୍କ ବିଚାର ବଦଳିବାରେ ଅଧିକ କଛ ନ କହି ଦଣ୍ଡ ଅତ୍ୟନ୍ତ କଠିନ ଥିବାର ଅପତ୍ତି କରି ବିଚାର କର୍ତ୍ତାଙ୍କର କ୍ଷମା ପ୍ରାର୍ଥନା କଲେ । ହାଇକୋର୍ଟ ତଦୃଷ୍ଟିରେ ଯାବଜ୍ଜୀବନ କାରାବାସ ଦଣ୍ଡରୁ ରହିତ କରି ୧୪ ବର୍ଷ କାରାବାସ ଦଣ୍ଡ ବିଧାନ କରିଅଛନ୍ତି ।

ଅଲୁଅରର ମହାରାଜା ଯଥାର୍ଥରେ ଆପଣା ପ୍ରଜାଙ୍କର ପିତାତୁଲ୍ୟ ହୋଇ ଅଛନ୍ତି । ବର୍ତ୍ତମାନର ଅନ୍ନକଷ୍ଟ ସମୟରେ ସେ ଆପଣା ପ୍ରଜାଙ୍କ ମଧ୍ୟରୁ ୪୦୦୦ ଦୁଃଖୀ ଲୋକକୁ ପ୍ରତିଦିନ ଆହାର ଦେଉ ଅଛନ୍ତି ।

ସ୍ତ୍ରୀମାନଙ୍କର ସ୍ୱାଧୀନତା ପରୀକ୍ଷା କରିବା ଏବଂ ପୁରୁଷଙ୍କ ସାହାଯ୍ୟ ବିନା ଭ୍ରମଣ କରିବାର କଥା କହିବା ସକାଶେ ଆମେରିକା ଦେଶର ପଚାଶ ଜଣ ସ୍ତ୍ରୀ ଦଳବଦ୍ଧ ହୋଇ ଦେଶ ଭ୍ରମଣ କରିବାକୁ ବାହାରି ଅଛନ୍ତି ।

ଆମ୍ଭେମାନେ ଅକଲସୁହତ ଗଜେଟରେ ପାଠକଲୁଁ ଯେ ମାନ୍ଦ୍ରାଜ ପ୍ରଦେଶରେ ଖାଦ୍ୟଦ୍ରବ୍ୟ ପୂର୍ବାପେକ୍ଷା କଷ୍ଟରୁ ସୁଲଭ ହୋଇ ଅଛି ଏବଂ ଭରସା ହୁଅଇ ଯେ ଏଣିକି କ୍ରମଶଃ ଶସ୍ତା ହେବ ।

ମାନ୍ଦ୍ରାଜ ନଗରରେ ୮୫୦୦ ଜଣ ଲାଇସେନ୍ସ ଟାକ୍ସ ଦେବାର ଦାୟଗ୍ରସ୍ତ ବୋଲି ଧାର୍ଯ୍ୟ ହୋଇ ଅଛନ୍ତି ଏମାନଙ୍କ ମଧ୍ୟରୁ ପ୍ରାୟ ୭୦୦୦ ଲୋକ ଅପିଲ କରିବେ । ଏତେ ଅପିଲ ବିଚାରର କାରଣ ବିଶେଷ ବନ୍ଦୋବସ୍ତ ହେବ । ଯେତେ ବନ୍ଦୋବସ୍ତ ତେତେ ଅପିଲ ଏ ବଡ ସହଜ କଥା ନୁହଇ ।

ଫରକାବାଦର ଗୋରାପଲଟନ ମଧ୍ୟରେ ଓଲାଉଠା ରୋଗର ଘୋର ପ୍ରାଦୁର୍ଭାବ ହୋଇ ଥିଲା । ଏକ ଦିନରେ ଏଗାର ଜଣର ମୃତ୍ୟୁ ହେଲା ଓ ସର୍ବସୁଦ୍ଧା ପ୍ରାୟ ୭୦ ଲୋକ ମରି ପଡିଲେ ।

ବ୍ରହ୍ମଦେଶର ରାଜାଙ୍କର ସ୍ୱର୍ଗାରୋହଣ ହୋଇ ଅଛି ବୋଲି ଉଡ଼ା ଖବର ଆସି ଅଛି । ସେଠାର ନିୟମ ଏହି ଯେ ରାଜା ପୀଡିତ ହେଲେ ଦାଣ୍ଡକୁ ବାହାରନ୍ତି ନାହିଁ ଏ ଥିରେ ତାହାଙ୍କର ମୃତ୍ୟୁ ହେଲେ ତାହାଙ୍କର ଉତ୍ତରାଧିକାରୀ ଗାଦିରେ ବସିଲା ଠାରୁ ସେ କଥା ପ୍ରଚାର ହୁଅଇ ନାହିଁ ।

ବ୍ରାହ୍ମଣୀ ବୈତରଣୀ ଉଦକକର ଏକଜିକ୍ୟୁଟିବ ଇଞ୍ଜିନିୟର ମୃତ କାମ୍ବଲସାହେବଙ୍କ କର୍ମରେ ଶ୍ରୀଯୁକ୍ତ ଆର ଏର୍ ସାଉଣ୍ଡସାହେବ ନିଯୁକ୍ତ ହୋଇ ଅସୁଅଛନ୍ତି । ସାଉଣ୍ଡସାହେବ ଏଥିପୂର୍ବେ ସରବେ କର୍ମରେ ଓଡିଶାରେ ନିଯୁକ୍ତ ଥିଲେ ।

ଉତ୍ତମକ ବର୍ଷାରେ ଘଗ୍ଗା ( ଝିଷ୍ଟାତା ) ନଦୀ ପୂରିତ ହେବାରୁ ପାର୍ବତୀୟ ଗୋଟିଏ ବୃହଦାକାର କୃଷ୍ଣବର୍ଣ୍ଣ ସର୍ପ ଭସି ଆସିଥିଲା ସର୍ପରେ ୧୨।୧୩ ହାତ ଏବଂ ବେଢ ପ୍ରାୟ ୧୦ ହାତ ହେବ ।

ଭାରତବର୍ଷରୁ ପୂର୍ବେ ଯେ ପରିମାଣରେ କାର୍ପାସ ରପ୍ତାନି ହେଉଥିଲା ବର୍ତ୍ତମାନ ତାହା ହେଉ ନାହିଁ । ଦୁଇବର୍ଷ ପୂର୍ବେ ବାର୍ଷିକ ଚୌଦକୋଟି ଟଙ୍କାର ରପ୍ତାନି ହୋଇଥିଲା । କ୍ରମଶଃ ଊଣା ହୋଇ ଅଠକୋଟି ଟଙ୍କାରେ ରହିଅଛି ।

ନିଜାମଙ୍କ ରେଲବାଟରେ ଦୁଇଜଣ ଇଉରୋପୀୟସ୍ତ୍ରୀ ଟିକଟ ସଂଗ୍ରହ କରିବା କର୍ମରେ ନିଯୁକ୍ତ ହୋଇଅଛନ୍ତି ।

ପାରସର ସାହା ଆପଣା ସେନାଙ୍କୁ ଅଷ୍ଟ୍ରିଆର ନିୟମରେ ଶିକ୍ଷିତ କରାଇବାର ସ୍ଥିର କରି ଅଷ୍ଟ୍ରିଆର ଜଣେ ସେନାପତିକୁ ସେଠା ଗବର୍ଣ୍ଣମେଣ୍ଟଙ୍କ ଅନୁମତି ସହିତ ଆପଣା ରାଜ୍ୟକୁ ଅଣାଉ ଅଛନ୍ତି ।

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ଆପଣଙ୍କ ଚିରପ୍ରଶଂସିତ ପତ୍ରିକାରେ ଏ ଅଧୀନର କେତେକ ପଂକ୍ତିକୁ ସ୍ଥାନ ଦାନ କଲେ ଚିରବାଧିତ ହେବି ।

ଆପଣଙ୍କୁ ଜଣାଥିବ ଯେ ଅବ ଜିଲ୍ଲାମାନଙ୍କର କଲଟରୀ ମାହାଫିଜଖାନାର ପୁରାତନ କାଗଜ ଉଭଁରଅମାନଙ୍କୁ କାଗଜରେ ନକଲ କରିବା ନିମନ୍ତେ କେତେକଜଣ ୫ । ୧୦।୨୦ ଙ୍କାର ଠିକା ମୋହରର ନିଯୁକ୍ତ କରା ହୋଇଥିଲେ । ତେତେବେଳେ ସେମାନଙ୍କପ୍ରତି ଦିନାକି ନ ୧୦୦ ମ୍ବର ଲେଖିବା ଆଜ୍ଞା ନ ୧୦୦ ମ୍ବର ମୁତାବକ କରିବାକୁ ଆଦେଶ ଥିଲା । ବର୍ତ୍ତମାନ ଆମ୍ଭମାନଙ୍କର ନୂତନ କଲେକ୍ଟର ଏ ଏସ୍ ରତନ ମହୋଦୟ ନ ୧୨୫ ମ୍ବର ଲେଖିବା ଆଜ୍ଞା ନ ୨୫୦ ମ୍ବର ମୁତାବକ କରିବା ନିମନ୍ତେ ଆଦେଶ ଦେଇଅଛନ୍ତି । ଏଥିରେ ଗତମାସରେ କେତେକ ନମ୍ବର ଉଦାଦ ଊଣା ହେବାରୁ ସେମାନଙ୍କ ମଧ୍ୟରୁ କେତେକ ଲୋକଙ୍କର ଅର୍ଥଦଣ୍ଡ ଓ ଦୁର୍ଗୋତ୍ସବ ଛୁଟି କଟ କରିବାର ଆଦେଶ ଦେଇଅଛନ୍ତି ଏହି ହୃଦୟବେଧୀ ହୁକୁମ ଶୁଣି ସେମାନଙ୍କ ମଧ୍ୟରୁ କେତେକ ଲୋକ ତଭାଗ ହୋଇ ଅତ୍ୟନ୍ତ ଶୋକାକୁଳରେ ସେମାନଙ୍କର ଆମୋଦ ପ୍ରମୋଦକୁ ବିସ୍ମରଣ କରି ଆପଣା ଭାଗ୍ୟ ଓ ପେଟକୁ ଭର୍ତ୍ସନା କରୁଅଛନ୍ତି ।

ଅତଏବ ମୁଁ ସେମାନଙ୍କ ଦୁଃଖରେ ଦୁଃଖିତ ହୋଇ ଆମ୍ଭମାନଙ୍କ କମିସ୍ନର କଲେକ୍ଟର ଓ ଅନ୍ୟାନ୍ୟ ହାକିମମାନଙ୍କୁ ଏତିକି ପ୍ରାର୍ଥନା କରୁଅଛି ଯେ ସେମାନଙ୍କପ୍ରତି ଅନୁଗ୍ରହ ପ୍ରକାଶ କରନ୍ତୁ । କାରଣ ଆପଣମାନେ ସର୍ବକର୍ତ୍ତା ଯେବେ ଏକଖଣ୍ଡ ପଥର ଗିଳିପାରିବ ନାହିଁ ତାହାକୁ ପର୍ବତ ଗିଳିବାକୁ ଦେଲେ ସେ କିପରି ଗିଳି ପାରିବ ଇତି ।

୨୫।୯।୬୮ } ଆପଣଙ୍କର ଏକାନ୍ତ ବଶମ୍ବଦ
ଶ୍ରୀ

☞ ବର୍ଷର ମହାପର୍ବ ସମୟରେ ଆମଲାଙ୍କୁ ଛୁଟି ନ ଦେବା ଏକ ନବ୍ୟରୀତି ଅଟଇ । ପୁଣି ଯେଉଁଠାରେ ପୂର୍ବକର୍ମ ନ ହେବାରୁ ପେଟ କଟାଗଲା ସେଠାରେ ଛୁଟି ନ ଦେବା ଅତ୍ୟନ୍ତ କଷ୍ଟକର ଅଟଇ । ହାକିମଙ୍କର ଏପରି ସ୍ଥଳରେ ଦୟା ପ୍ରକାଶ କରିବା ଉଚିତ । ସମ୍ପାଦକ


## ବିଜ୍ଞାପନ ।

ସିନକୋନା ଦ୍ରବ୍ୟ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

ଜ୍ୱରକାଳର ପର ଏହା ସାମାନ୍ୟ ଏବଂ କଷ୍ଟଜ୍ୱରର ଉପଶାରେ ସମାନ ଉପକାର ଔଷଧ । ଏହାର ବଡ ଏକ ପୌଣ୍ଡର ମୂଲ୍ୟ ଟ ୨୦ ଙ୍କା, ଡାକର ଖରଚ ଟ ॥୦ ଅଣା ଅତିରିକ୍ତ ଲାଗଇ । (ନଗଦ ମୂଲ୍ୟରେ ବିକ୍ରୀତ )

କଲିକତା ସନ୍ନିକଟ ହାବଡାର ବଟାନିକେଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।


## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ହରବଲ୍ଲଭ ବୋଷ | କଟକ | ବଲସ୍କୁ | ଟ ୬୯ |
| ॥ ହରେକୃଷ୍ଣ ଦାସ | ଉଦ୍ଧଣ | ॥ | ଟ ୨୮/ |
| ॥ ଦ୍ୱାରକାନାଥ ମିତ୍ର | କଟକ | ଅଗ୍ରିମ | ଟ ୪୯ |

☞ ଏହି ଉତ୍କଳ ଦୀପିକା ସହର କଟକ ଉତ୍କଳସାହାଯ୍ୟକାରକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୩ ଶ
ସଂ ୪୦ ସଂଖ୍ୟା

ତା ୧୨ ରିଖ ମାହେ ଅକ୍ଟୁବର ସନ ୧୮୭୮ ମସିହା । ମୂ । ଆଶ୍ୱିନ ବ ୨୮ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬॥୦
ମଫସଲପାଇଁ ଡାକମାସୁଲ ଟ୧୵୬

ପୁରୀର କଇଦୀ ରାଜା ଦ୍ୱୀପାନ୍ତରକୁ ପ୍ରେରିତ ହୋଇଅଛନ୍ତି । ଗତ ମାସ ତା ୪ ରିଖରେ ସାଛାଗ ନାମକ ଜାହାଜରେ ସେ ପୋର୍ଟବ୍ଲେଅର୍‌ରେ ପହୁଞ୍ଚିଲେ । ପୋର୍ଟବ୍ଲେଅର ଆଣ୍ଡାମାନ ଟାପୁର ଏକ ନଗର ଅଟଇ । ଏହିଠାରେ ଇଂରାଜଙ୍କର ଉପନିବେଶ ଓ ଜେଲଖାନା ଓ ଅନ୍ୟାନ୍ୟ କଚେରିମାନ ଅଛି । ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ସମ୍ବାଦପତ୍ରରେ ପାଠ କଲୁଁ ଯେ ଜାହାଜରେ ଘେନିଯିବା କାଳରେ ରାଜାଙ୍କୁ ଭାରି ଲୁହାରବେଡ଼ୀ ପିନ୍ଧାଇ ଦିଆଯାଇଥିଲା ଓ ରାଜା ବାତୁଳ ବୋଲି ଛଳ କରିଥିଲେ । ଯେତେବେଳ ଟାପୁରେ ପହୁଞ୍ଚି ଜେଲଖାନାର ହାକିମଙ୍କୁ ଅର୍ପିତ ହେଲେ ତେତେବେଳେ ବସ୍ତ୍ର ଜନାକଷ୍ଟା କଲେ । ଅନ୍ୟ ଆଜ୍ଞା ପର୍ଯ୍ୟନ୍ତ ତାହାଙ୍କୁ ଅନ୍ୟ କଇଦିଙ୍କଠାରୁ ପୃଥକ୍ ନିର୍ଜନ କୋଠରିରେ କଏଦ ରଖା ଯାଇଅଛି । କପାଳର ଲେଖା ମେଣ୍ଟିବାର ନୁହଇ !

---

କାବୁଲ କଥା ବଡ଼ କଠିନ ହେଲା । ସମ୍ବାଦପତ୍ରରୁ ଜଣାଯାଏ ଯେ ସର୍ ନେବିଲ୍ ଚେମ୍ବରଲେନ୍ ନିୟମିତରୂପେ ଶରୀର ରକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀ ଓ ସେନା ସହିତ ଦୂତ କାର୍ଯ୍ୟରେ କାବୁଲକୁ ଯାଉ ଯାଉ ଖାଇବାରଘାଟି ନିକଟ ଅଲିମସଜିଦ କିଲ୍ଲାଠାରେ ପ୍ରବେଶ ହୋଇ ଦେଖିଲେ ଯେ ଉକ୍ତ କିଲ୍ଲାର ସରଦାର ସୈନ୍ୟ ସୁସଜ୍ଜିତ କରି ବାଟ ଓଗାଳିବାକୁ ପ୍ରସ୍ତୁତ ହୋଇଅଛି । ଏହା ଦେଖି ରାଜଦୂତ ପ୍ରତ୍ୟାଗମନ କଲେ । କୌଣସି ଯୁଦ୍ଧ ବା ଅନ୍ୟ ପ୍ରକାର ଅତ୍ୟାଚାର ହୋଇ ନାହିଁ । କିନ୍ତୁ ଅମିରଙ୍କର ଜଣେ ସରଦାର ଯେବେ ଏକ ପ୍ରଧାନ ମିତ୍ରରାଜ୍ୟର ଦୂତକୁ ଆପଣା ପ୍ରଭୁ ନିକଟକୁ ଯିବାକୁ ନ ଦେଲା ତେବେ ବଡ଼ ଅପମାନର କଥା ହେଲା । ଏଥିରେ ଶଙ୍କା ହେଉଅଛି ଯେ କାବୁଲ ସହିତ ଯୁଦ୍ଧ ହେବ ।

---

## ଶିକ୍ଷା ଓ ଧର୍ମ ।

ଆଜକାଲି ଯେମନ୍ତ ଶିକ୍ଷାର ଉନ୍ନତି ହେଉ ଅଛି ତେମନ୍ତ ଧର୍ମର ଉନ୍ନତି ହେଉ ନାହିଁ ଏହା ବଡ଼ ଦୁଃଖର ବିଷୟ ଅଟଇ । ଶିକ୍ଷାର ଯେ ପ୍ରକୃତ ଉଦ୍ଦେଶ୍ୟ ଧର୍ମ ତାହା ସମସ୍ତେ ଜାଣନ୍ତି କିନ୍ତୁ ଶିକ୍ଷିତଲୋକଙ୍କ ଅବସ୍ଥା ସାବଧାନପୂର୍ବକ ଆଲୋଚନା କଲେ ଦେଖାଯାଏ ଯେ ଯେପରିମାଣରେ ଲୋକ ଶିକ୍ଷିତ ହେଉ ଅଛନ୍ତି ସେ ପରିମାଣରେ ନାସ୍ତିକତାର ବୃଦ୍ଧି ହେଉଅଛି । ହିନ୍ଦୁମାନଙ୍କମଧ୍ୟରେ ସାଧାରଣ ମତ ଏହି ଯେ ଇଂରାଜୀ ଶିକ୍ଷାଦ୍ୱାରା ଧର୍ମନଷ୍ଟ ହେଉଅଛି । କିନ୍ତୁ ଇଂରାଜୀସ୍କୁଲର କୌଣସି ପାଠ୍ୟପୁସ୍ତକରେ ଏମନ୍ତ କିଛି ଲେଖା ନାହିଁ କି ଯହିଁରେ ପାଠକମାନେ ଈଶ୍ୱରଙ୍କ ଅସ୍ତିତ୍ୱ ଓ ଶାସନ ଅସ୍ୱୀକାର କରିବାକୁ ଶିକ୍ଷା କରିବେ କିମ୍ବା ନୀତି ଛାଡ଼ି ଅନୀତିରେ ଚାଲିବେ । ତେବେ ଶିକ୍ଷିତ ଲୋକଙ୍କର ଧର୍ମପ୍ରବୃତ୍ତି କାହିଁକି ଊଣା ହେଉଅଛି ? ଏଥିର ଏକ ଉତ୍ତର ଏହି ହୋଇ ପାରେ ଯେ ବିଦ୍ୟାଳୟରେ କୌଣସି ବିଶେଷ ଧର୍ମର ଶିକ୍ଷା ଦିଆଯାଉ ନ ଥିବାରୁ ବାଳକଙ୍କ ମନରେ ପ୍ରଥମରୁ ଧର୍ମର ପ୍ରବୃତ୍ତି ଜାତ ହେଉ ନାହିଁ ଏବଂ କୌଣସି ଏକ ନିୟମରେ ଶିକ୍ଷିତ ହୋଇ ପାରୁ ନାହାନ୍ତି । ପଠନାବସ୍ଥାରେ ଅନ୍ୟାନ୍ୟ ବିଷୟର ଜ୍ଞାନ ବୃଦ୍ଧି ସଙ୍ଗେ ଧର୍ମର ଜ୍ଞାନ ମାତ୍ର ବୃଦ୍ଧି ହେଉଅଛି ମାତ୍ର କେବଳ ଜ୍ଞାନରେ କି ହେବ ? ଅଭ୍ୟାସ ମୂଳ ହେଉ ଅଛି । ଅନେକ ଜ୍ଞାନଲୋକ ଜାଣିଶୁଣି ନାନା ପାପ କରୁ ଅଛନ୍ତି କିନ୍ତୁ ଅନେକ ମୂର୍ଖଲୋକ କେବଳ ଅଭ୍ୟାସ ବଶରୁ ପାପକୁ ତ୍ୟାଗ କରି ଭକ୍ତିପୂର୍ବକ ଧର୍ମ ବାଟରେ ଚାଲୁ ଅଛନ୍ତି । ଆମ୍ଭମାନଙ୍କର ବର୍ତ୍ତମାନ୍ ସାମାଜିକ ଅବସ୍ଥାନୁସାରେ ପୁରୁଷମାନେ ସ୍ତ୍ରୀଙ୍କଠାରୁ ଅଧିକ ଜ୍ଞାନୀ ଏଥିରେ ସନ୍ଦେହ ନାହିଁ କିନ୍ତୁ କୌଣସି ଗୃହସ୍ଥ ଘରେ ଯାଇଁ ଦେଖ ଘରର ପୁରୁଷମାନେ ପଢିଶୁଣି ଜ୍ଞାନୀ ହୋଇ ଯେଡ଼େ ଧାର୍ମିକ ନୁହନ୍ତି ସ୍ତ୍ରୀମାନେ ମୂର୍ଖ ହେଲେହେଁ ଅପେକ୍ଷାକୃତ ଧାର୍ମିକା ଅଟନ୍ତି । ଏଥିର ତାତ୍ପର୍ଯ୍ୟ ଆମ୍ଭମାନଙ୍କୁ ଏହି ବୋଧ ହୁଅଇ ଯେ ସ୍ତ୍ରୀମାନେ ବାଲ୍ୟକାଳରୁ ଅନ୍ତଃପୁରରେ ସୁଶାସନରେ ରହି ସୁନୀତି ଓ ଧର୍ମରେ ଶିକ୍ଷିତା ହୁଅନ୍ତି କିନ୍ତୁ ପୁରୁଷମାନେ ବିଦ୍ୟାଶିକ୍ଷା ନିମିତ୍ତ ସର୍ବଦା ବାହାରେ ବୁଲି ନାନାବିଧ କୁସଂସର୍ଗରେ ପଡ଼ି ବାଲ୍ୟକାଳରୁ ଯଥେଚ୍ଛାଚାରୀ ହୋଇ ଯାନ୍ତି ଓ ଅଧିକ ବୟସ ହେଲେ ସେହି ସ୍ୱଭାବ ପ୍ରବଳ ହୋଇ

Digitized by srujanika@gmail.com

Split by PDF Splitter



ଉଠଇ ସୁତରାଂ ଆଉ ଧର୍ମର ଶାସନ ତାହାକୁ ଆୟତ୍ତ କରି ପାରଇ ନାହିଁ । ମୁସଲମାନମାନେ ପ୍ରାୟ ଛଅଶତ ବର୍ଷ ଏଠାରେ ରାଜତ୍ୱ କଲେ ଏବଂ ତାହାଙ୍କ ଦରବାରରେ ଚାକରି କରିବା ନିମିତ୍ତ ପାରସୀ ବିଦ୍ୟାରେ ବିସ୍ତର ଲୋକ ସୁଶିକ୍ଷିତ ହେଲେ କିନ୍ତୁ ତାହାର ଧର୍ମର କିଛି ବ୍ୟାଘାତ ହେଲା ନାହିଁ ମାତ୍ର ଇଂରାଜୀ ଶିକ୍ଷା ଆରମ୍ଭ ହେବାର ଅବଧି ଦୁଇଶତବର୍ଷ ହୋଇ ନାହିଁ । ଏଥି ମଧ୍ୟରେ ଧର୍ମର ଶାସନ ଶିଥିଳ ହୋଇ ଗଲା । ବିବେଚନା କଲେ ଏଥିର ହେତୁ ସହଜରେ ପ୍ରାପ୍ତ ହେଉ ଅଛି । ପାରସି ଭାଷା ପଣ୍ଡିତମାନେ ଆପଣା ୨ ଘରେ ବସି ଶିକ୍ଷା କରୁଥିଲେ ସୁତରାଂ ପିଲାଙ୍କ ସ୍ୱଭାବ ନୀତି ଉପରେ ପିତା ମାତା ଓ ଗୁରୁଜନଙ୍କର ସର୍ବଦା ଆକଟ ଥିଲା ଏବଂ ପ୍ରତିଦିନ ଏକ ସମୟ ( ସଚରାଚର ରାତ୍ରକାଳ ) ରେ କିଛି କାଳ ଧର୍ମ ଓ ନୀତିର ଶିକ୍ଷା ଦେଉଥିଲେ । ସୁତରାଂ ଧର୍ମ ଓ ନୀତିରେ ପିଲାମାନଙ୍କର ବାଲ୍ୟକାଳରୁ ଅଭ୍ୟାସ ହେଉଥିଲା । ସ୍କୁଲ ଶିକ୍ଷାରେ ସେପରି ହେଉ ନାହିଁ ଅଭିଭାବକମାନେ ପିଲାକୁ ସ୍କୁଲରେ ଦେଇ ନିଶ୍ଚିନ୍ତ ହୁଅନ୍ତି ଓ ବଡ଼ ଜୋର ହେଲେ ତାହାର ଲେଖା ପଢ଼ା ପ୍ରତି ଦୃଷ୍ଟି ରଖନ୍ତି ଓ ସ୍କୁଲରେ ଶିକ୍ଷକମାନେ ମଧ୍ୟ ପିଲାକୁ କ ଖର ନିୟମିତପାଠ ଶିଖାଇବେ ଏଥିରେ ବ୍ୟସ୍ତ ରହନ୍ତି ନୀତି ଓ ଧର୍ମଶିକ୍ଷାପ୍ରତି ତାହାର ଦୃଷ୍ଟି ରହଇ ନାହିଁ ସୁତରାଂ ଏ ବିଷୟରେ କିଛିମାତ୍ର ଅଭ୍ୟାସ ନ ହେବାରୁ ଧର୍ମର ଶାସନ ରହି ପାରଇ ନାହିଁ ଅଭ୍ୟାସ ମୂଳ ହେଉଅଛି ଏବଂ ସେ ଅଭ୍ୟାସ ବାଲ୍ୟକାଳରୁ ନ ହେଲେ ଅନ୍ୟ ସମୟରେ ହେବା କଦାପି ସହଜ ନୁହଇ । ତେବେ ମନ୍ଦ ଅଭ୍ୟାସ ଯେକୌଣସିକାଳରେ ସହଜରେ ହୋଇ ପାରେ, କାରଣ ତାହା ଆଶୁ ସୁଖଦାୟକ କିନ୍ତୁ ଭଲ ଅଭ୍ୟାସ ପ୍ରଥମରେ କଷ୍ଟକର ଓ ତାହା ବାଲ୍ୟକାଳରୁ ତାଡ଼ନା ସହିତ ନ ହେଲେ ଅନ୍ୟ ସମୟରେ ହେବା ଦୁଷ୍କର ପରନ୍ତୁ ସ୍କୁଲରେ ଶିକ୍ଷକମାନେ ସାଧାରଣ ଧର୍ମ ଓ ନୀତିର ଶିକ୍ଷା ଦେଇ ପାରନ୍ତି କିନ୍ତୁ ଅଭ୍ୟାସ କରାଇବାର ଭାର ଆମ୍ଭମାନଙ୍କ ବିବେଚନାରେ ସମ୍ପୂର୍ଣ୍ଣରୂପେ ଅଭିଭାବକଙ୍କ ଉପରେ ରହିଅଛି । ଯେବେ ଅଭିଭାବକମାନେ ବାଲ୍ୟକାଳରୁ ପିଲାଙ୍କୁ ନୀତି ଓ ଧର୍ମର ଶିକ୍ଷା ଦେବେ ତେବେ ସେମାନଙ୍କର ଅବଶ୍ୟ ଧର୍ମରେ ପ୍ରବୃତ୍ତି ହେବ ଏବଂ ଯେପରିମାଣରେ ବର୍ତ୍ତମାନ ଶିକ୍ଷିତ ଲୋକଙ୍କ ମଧ୍ୟରେ ନାସ୍ତିକତା ଓ ଅନୀତିର ପ୍ରଶ୍ରୟ ହେଉଅଛି ତାହା ହୋଇ ପାରିବ ନାହିଁ ।

---

## ବିହାର ପ୍ରଦେଶରେ ଖଜଣା ଆଦାୟ ସମ୍ପର୍କୀୟ ନୂତନ ଆଇନର ପ୍ରସ୍ତାବ ।

ଆମ୍ଭମାନଙ୍କ ଲେପ୍ଟେନାଣ୍ଟ ମାନ୍ୟବର ଇଡେନ ସାହେବ ସର୍ବଦା ପ୍ରଜାଙ୍କର ବନ୍ଧୁ । ବିହାରର ପ୍ରଜାଙ୍କର ଦୁରବସ୍ଥା ଦେଖି ସେ ଅତ୍ୟନ୍ତ ବ୍ୟସ୍ତ ହୋଇ ସେମାନଙ୍କ ସୁବିଧା ସକାଶେ ଉପାୟ କରିବାକୁ ଅତ୍ୟନ୍ତ ବ୍ୟଗ୍ର ହୋଇଅଛନ୍ତି ଓ କି ଉପାୟ କରିବା ଆବଶ୍ୟକ ତାହା ସ୍ଥିର କରିବା କାରଣ ଗୋଟିଏ କମିଟୀ ନିଯୁକ୍ତ କରିଅଛନ୍ତି । କମିଟିର ସଭ୍ୟ ତେର ଜଣ ଓ ବିହାରର କମିଶନର ତହିଁର ସଭାପତି ହୋଇଅଛନ୍ତି । ସଭ୍ୟଙ୍କ ମଧ୍ୟରେ ଦେଶୀୟ ଲୋକଙ୍କ ସଂଖ୍ୟା କିଛି ଅଧିକ ହୋଇଥିଲେ ଭଲ ହୋଇଥାନ୍ତା । ଲେପ୍ଟେନାଣ୍ଟ ଗବର୍ଣ୍ଣର ବୋଲନ୍ତି ଯେ ବିହାର ପ୍ରଦେଶରେ ଜମିଦାରୀ ହିସାବ ରୀତିମତ ରଖାଯାଏ ନାହିଁ, ପଟ୍ଟା କବୁଲିୟତର ଆଦୌ ବ୍ୟବହାର ନାହିଁ, ଅନ୍ୟାୟ ଫସଲ କୋରକର ରୀତ ସର୍ବତ୍ର ପ୍ରଚଳିତ, ଫସଲଦାଗ୍ ଖଜଣା ଆଦାୟ କରିବାର ଆନୁଷଙ୍ଗିକ ଅତ୍ୟାଚାର ଅତ୍ୟନ୍ତ ପ୍ରବଳ ଏବଂ ଯୋତଦାରୀ ସ୍ୱତ୍ୱ ନଷ୍ଟ କରିବା କାରଣ ଭିନ୍ନ ୨ ଯୋତମାନ ଏକତ୍ର କରିବାର ପ୍ରଥା-ଏହି ସମସ୍ତ କାରଣରୁ କୃଷି କାର୍ଯ୍ୟର ଉନ୍ନତି ହେଉ ନାହିଁ ଏବଂ ପ୍ରଜାମାନେ ସମ୍ପୂର୍ଣ୍ଣରୂପେ ଜମିଦାରଙ୍କର ଏବଂ ଠିକାଦାରଙ୍କର ଅଧୀନରେ ରହିଅଛନ୍ତି । ଏଥି ସଙ୍ଗେ ଦେୱାନୀ ଅଦାଲତରେ ଖଜଣା ସମ୍ପର୍କୀୟ ମକଦ୍ଦମା କରିବାର ବ୍ୟୟ ଓ କ୍ଲେଶ ଏବଂ କର୍ମଚାରୀଙ୍କର ଲାଞ୍ଚ ଖାଇବାର ପ୍ରବୃତ୍ତି ଓ ଡିକ୍ରୀଜାରୀ କରିବାର ଅନିଶ୍ଚୟତା ଯୋଗ କଲେ ପ୍ରଜାଙ୍କର ଦୁଃଖର ସୀମା ନାହିଁ । ଏହି ସମସ୍ତ କାରଣରୁ ଉଭୟ ଜମିଦାର ଏବଂ ପ୍ରଜାଙ୍କ ଉପକାରାର୍ଥେ ଗୋଟିଏ ସ୍ୱତନ୍ତ୍ର ଆଇନ କରିବାର ଆବଶ୍ୟକ ବୋଧ ହୋଇଅଛି । ଲେପ୍ଟେନାଣ୍ଟ ଗବର୍ଣ୍ଣର ସ୍ଥାନୀୟ ହାକିମମାନଙ୍କଠାରୁ ରିପୋର୍ଟ ତଲବ କରି ସେ ସମସ୍ତ ବିବେଚନାପୂର୍ବକ ନିର୍ଦ୍ଦେଶ କରିଅଛନ୍ତି କି ଯହିଁରେ ପ୍ରଜାମାନେ

୧ । ଆପଣାର ଦଖଲୀ ସ୍ୱତ୍ୱ ବଜାଏ ରଖି-ପାରନ୍ତି ।

୨ । ଏକପ୍ରକାର ନିର୍ଦ୍ଦିଷ୍ଟ ଖଜଣା ଦେଇ ଭୂମି ଭୋଗ କରିପାରନ୍ତି ।

୩ । ବର୍ଷକୁ ବର୍ଷ ଯାହା ଖଜଣା ଦେବାକୁ ହେବ ତନ୍ନିର୍ଦ୍ଦେଶକ ରୀତିମତ ପଟ୍ଟା ପାଇ ଥାଆନ୍ତି ।

୪ । ବେଆଇନୀ ଅଟକ, ଅନୁଚିତବାକି, ଅସଙ୍ଗତ ଖଜଣା ବୃଦ୍ଧିରୁ ପରିତ୍ରାଣ ପାଆନ୍ତି । ଏବଂ

୫ । ଖଜଣା ଦାବୀ ଏବଂ ଆଦାୟର ବିଶ୍ୱାସଯୋଗ୍ୟ ରସିଦ ପ୍ରାପ୍ତ ହୁଅନ୍ତି ।

ଏଥିପାଇଁ ଗୋଟିଏ ନବୀନ ଓ ହିତପ୍ରଦ ଆଇନ ହେବାର ଉଚିତ ଓ ଲେପ୍ଟେନାଣ୍ଟ ଗବର୍ଣ୍ଣରଙ୍କ ମତରେ ନିମ୍ନଲିଖିତ ବିଷୟରେ ସୁବ୍ୟବସ୍ଥା କରିବାର ଉଚିତ ଯଥା;—

୧ । ଜମିଦାରୀ ହିସାବ ପ୍ରଣାଳୀ ଓ ପଟୁଆରୀ ପ୍ରବର୍ତ୍ତନ ସାଧନ ।

୨ । ପଟ୍ଟା କବୁଲିୟତର ରୀତିମତ ଆଦାନ ପ୍ରଦାନ ।

୩ । ଖଜଣା ଆଦାୟର ରୀତିମତ ଦାଖିଲ ବା ରସିଦ ହେବାର ।

୪ । ରେଜେଷ୍ଟ୍ରୀ କାର୍ଯ୍ୟ ସୁଲଭ କରିବା ।

୫ । ପ୍ରଜାର ପୁରାତନ ଯୋତ ସଙ୍ଗରେ ନୂତନ ଯୋତ ମିଶାଇ ଦେବା ନିବାରଣ କରିବା ।

୬ । ପ୍ରଜାର ଦଖଲୀ ସ୍ୱତ୍ୱ ହସ୍ତାନ୍ତର କରିବାକୁ ଦେବା ।

୭ । କ୍ରୋକ ସମ୍ବନ୍ଧୀୟ ଆଇନ ସରଳ ଏବଂ ସଂଶୋଧିତ କରିବା, ଫସଲ ଅଟକ କରିବା ପଦ୍ଧତି କି ବିଶେଷ ଦଣ୍ଡଯୋଗ୍ୟ କରିବା ।

୮ । କରବୃଦ୍ଧି କ୍ଷମତା ଊଣା କରିବା; ଅସଙ୍ଗତ କରବୃଦ୍ଧି କଲେ ତହିଁର ଦଣ୍ଡର ବ୍ୟବସ୍ଥା କରିବା ।

୯ । ଅନୁଚିତ ବାକି ନେବାର ଦଣ୍ଡ ଦେବା ।

୧୦ । ପ୍ରଦେଶ ମଧ୍ୟରେ ସଚରାଚର ଯେଉଁ ପ୍ରଣାଳୀରେ ଜମିଦାରଙ୍କୁ ଖଜଣା ଦିଆଯାଏ ତାହା ଆଇନାନୁଗତ କରିବା ।

୧୧ । ବାକି ଖଜଣାର ମକଦ୍ଦମା ସରସରମତରେ ନିଷ୍ପନ୍ନ କରିବା ।

୧୨ । କୌଣସି ୨ ବିଶେଷ ସ୍ଥଳରେ କଲେକ୍ଟରମାନଙ୍କୁ ମୀମାଂସା କରିବାର କ୍ଷମତା ଦେବା ।

ଉପରେ ଯାହା ୨ ଲେଖା ଗଲା ସମସ୍ତ ଆଇନର ମର୍ମ୍ମ ପ୍ରାୟ ତାହା ହେବ ।

କମିଟୀ ଏହି ସମସ୍ତ ବିଷୟକୁ ଅବଲମ୍ବନ କରି ଗୋଟିଏ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରିବାକୁ ନିଯୁକ୍ତ ହୋଇଅଛନ୍ତି ।

---

Digitized by srujanika@gmail.com

Split by PDF Splitter



ପୂର୍ବକାଳରେ ଢାକାରେ ଏ ପ୍ରକାର ଲୁଗା ପ୍ରସ୍ତୁତ ହେଉଥିଲା ତହିଁର ଉଲ୍ଲିଖିତ ବିବରଣଟି ଏକ ପତ୍ରିକାରୁ ଉଦ୍ଧୃତ କଲୁଁ ।

"ଢାକାଇ ଲୁଗା ମଧ୍ୟରେ ମଲମଲଖାସ, ସରକାରଅଲୀ, ଝୁନା, ରଙ୍ଗ, ଆବରୱାଁ, ଖାସା, ସବନମ, ଅଲବଲୀ, ତାଞ୍ଜେବ, ତରନ୍ଦମ, ସରବନ୍ଦ, ସରବତୀ, କମୀଶ, ଡୋରିଆ, ଚାରଖାନା ଏବଂ ଜାମଦାନୀ, ଏହି ସବୁ ସର୍ବାପେକ୍ଷା ବିଖ୍ୟାତ । ତଳେ ତହିଁର କେତେକ ପ୍ରକାରର ସଂକ୍ଷିପ୍ତ ବିବରଣ ଲେଖାଯାଉଅଛି ।—

ମଲମଲ ଖାସ–ଏହା ମୁସଲମାନ ରାଜାମାନଙ୍କ ରାଜତ୍ୱ କାଳରେ ରାଜପରିବାର ବ୍ୟବହାର କରୁଥିଲେ ସେ ହେତୁରୁ ତାହାର 'ଖାସ' ଉପାଧି ହୋଇଅଛି । ମା ୬ ସରୁ ଊଣାରେ ଗୋଟିଏ ଥାନ ପ୍ରସ୍ତୁତ ହେଉ ନ ଥିଲା । ଓଜନରେ ୧୬ ତୋଲା ମାତ୍ର ଗୋଟିଏ ଅଙ୍ଗୁଳିର ମଧ୍ୟ ଦେଇ ତାହା ଅନାୟାସେ ଗଳିତ କରିଯାଇ ପାରୁଥିଲା । ୧୫୦ । ୨୦୦ ଟଙ୍କା ଗୋଟିଏ ଥାନର ମୂଲ୍ୟ ଥିଲା ।

ସରକାରଅଲୀ– ଏହା ମଲମଲ ଖାସଠାରୁ କିଛି ନିକୃଷ୍ଟ । ମୁସଲମାନ ରାଜପ୍ରତିନିଧିମାନେ ବ୍ୟବହାର କରୁଥିଲେ ।

ଝୁନା– ଏହା ଏତେସୂକ୍ଷ୍ମ ଯେ ପରିଧାନ କଲେ ଶରୀର ଉପରେ ବସ୍ତ୍ର ଅଛି ବୋଲି ବୋଧ ହେଉ ନ ଥିଲା । ମୁସଲମାନ ରାଜମହିଷୀମାନେ ଓ ନର୍ତ୍ତକୀମାନେ ଏହି ଲୁଗା ବ୍ୟବହାର କରୁଥିଲେ । ଅନ୍ୟତ୍ର ଏଥିର ବ୍ୟବହାର ନ ଥିଲା ।

ଆବରୱାଁ– ଏହା ଅତି ବିଖ୍ୟାତ ବସ୍ତ୍ର । ଏପରି ପାତଳ ଲୁଗା ଆଉ କୌଣସିଠାରେ ହୋଇ ନାହିଁ । କଥିତ ଅଛି ଯେ ଏକ ଦିନ ଆରଙ୍ଗଜେବ ସ୍ୱୀୟ ତନୟାର ବର୍ଣ୍ଣ ଏ ହାର ବସ୍ତ୍ର ଭେଦ କରି ପ୍ରକାଶ ହେଉଅଛି ଦେଖି ତିରସ୍କାର କରିବାରୁ ସେ କହିଥିଲା ପିତଃ ! ମୋ ଶରୀର ଉପରେ ସାତପରସ୍ତ ଲୁଗା ଅଛି ତଥାପି ମୋତେ ତିରସ୍କାର କରୁଅଛନ୍ତି ?

ସବନମ– ଏହା ଅତି ଆଶ୍ଚର୍ଯ୍ୟ ବସ୍ତ୍ର । ରାତ୍ରୀକାଳରେ ଏହି ଲୁଗା ଘାସ ଉପରେ ବିସ୍ତୃତ କରି ରଖିଲେ ଆରଦିନ ସକାଳେ ସେଠାରେ ଲୁଗା ଅଛି ବୋଲି ବୋଧ ହେଉ ନ ଥିଲା । ତଦବାଦ ଦିନ ବେଶୀ ହେବା ସଙ୍ଗେ ସଙ୍ଗେ ଶିଶିର ଶୁଖିଯାଇ କ୍ରମଶଃ ପ୍ରକାଶ ପାଉଥିଲା ।

ଏହି ସମସ୍ତ ବସ୍ତ୍ର ୟୋରୋପ ଇଉରୋପର ନାନା ସ୍ଥାନରେ ବହୁମୂଲ୍ୟରେ ବିକ୍ରୀ ହେଉଥିଲା । ବର୍ତ୍ତମାନ ବିଲାତି ଲୁଗା ଏ ଦେଶର ଲଜ୍ଜାରକ୍ଷା କରୁଅଛି ।"

---

( ସୁଲଭପତ୍ରିକାରୁ ଉଦ୍ଧୃତ )

ଅର୍ଥବ୍ୟବହାର ।

କୌଣସି ମୁସଲମାନ ପଣ୍ଡିତ କହିଅଛନ୍ତି ଯେ ଅର୍ଥ ସର୍ପ ତୁଲ୍ୟ । ତହିଁରେ ବିଷ ଅଛି ଯେଉଁ ଲୋକ ମନ୍ତ୍ର ନ ଜାଣି ତହିଁରେ ହସ୍ତକ୍ଷେପ କରେ ସେ ମାରିପଡେ । ଯେମନ୍ତ କୌଣସି ବାଳକ ଦେଖିଲା ଯେ କେଉଁ ସାପ ଧରି ପେଡିରେ ରଖୁଅଛି, ତାହା ଦେଖି ସେ ମନେକଲା ସାପ ବଡ଼ କୋମଳ, ତାହା ଦେହରେ ହାତ ବୁଲାଇଲେ ଅତି ସୁଖ ବୋଧ ହୁଏ ଏଥିପାଇଁ ଲୋକେ ସାପ ଧରନ୍ତି । ସେ ଏହା ଭାବି ସାପ ଧରିବାକୁ ଯାଇ ଆପେ ମାରି ପଡିଲା, ଅର୍ଥ ସମ୍ବନ୍ଧରେ ମଧ୍ୟ ଠିକ ଏହିପରି । ଯେଉଁ ବ୍ୟକ୍ତି ଅର୍ଥ ବ୍ୟବହାରର ମନ୍ତ୍ର ନ ଜାଣି ତାହା ବ୍ୟବହାର କରେ ତାହାର ସେହି ବାଳକ ପରି ଦଶା ହୁଏ । ମନ୍ତ୍ର ଜାଣିଲେ ଧନରେ ଅପକାର ହୁଏ ନାହିଁ ବରଂ ଉପକାର ହୁଏ । ଏ ବିଷୟରେ ପାଞ୍ଚୋଟି ମନ୍ତ୍ର ପ୍ରଥମେ ଜାଣିବାର ଉଚିତ ।

ଈଶ୍ୱର ଅର୍ଥର ସୃଷ୍ଟି କାହିଁକି କରି ଅଛନ୍ତି ? ଭୋଜନ ପରିଚ୍ଛଦ ଓ ଗୃହପାଇଁ ଅର୍ଥ, ଶରୀର ରକ୍ଷା ପାଇଁ ଏ ତିନିହେଁ ପ୍ରୟୋଜନ ଶରୀର ଇନ୍ଦ୍ରିୟମାନଙ୍କ ନିମନ୍ତେ, ଇନ୍ଦ୍ରିୟ ଜ୍ଞାନ ନିମନ୍ତେ । ଜ୍ଞାନ ମନ ନିମନ୍ତେ, ଯହିଁରେ ମନ ଧର୍ମଜ୍ଞାନରେ ଭୂଷିତ ହୋଇପାରେ । ଲୋକେ ଯେତେବେଳେ ବୁଝି ପାରିବେ ଯେ ସ୍ୱୀୟ ପ୍ରୟୋଜନୋପଯୋଗୀ ଧନୋପାର୍ଜନରେ ଯତ୍ନ ଓ ଉପଯୁକ୍ତ ବିଷୟରେ ତାହା ବ୍ୟୟ କରିବାକୁ ହେବ ସେତେବେଳେ ତାହାର ପ୍ରଥମ ମନ୍ତ୍ର ଶିକ୍ଷା ହେବ । ଦ୍ୱିତୀୟ ମନ୍ତ୍ର ଧନାଗମର ଉପାୟ ପ୍ରତି ଦୃଷ୍ଟି ରଖିବା । ଉଚିତ ବୃତ୍ତି ଉଦ୍ଯୋଗ ପ୍ରତାରଣା ଯୋଗରେ ଧନ ସଞ୍ଚୟ କରିବାର ଅନୁଚିତ । ୩ ୟ ମନ୍ତ୍ର ଅର୍ଥର ପରିମାଣ ପ୍ରତି ଏହି ଭାବରେ ଦୃଷ୍ଟି ରଖିବ ଯେ ଯେମନ୍ତ ପ୍ରୟୋଜନାତିରିକ୍ତ ତାହା ସଞ୍ଚିତ ନ ହୁଏ । ପ୍ରୟୋଜନାତିରିକ୍ତ ସଞ୍ଚିତ ଧନ ଧର୍ମପଥର ସମ୍ପୂର୍ଣ୍ଣ ପକ୍ଷରେ ଅନୁକୂଳ ନୁହେ । ଏରୂପ ଧନରେ ଦୁଃଖୀ କଙ୍ଗାଳମାନଙ୍କର ସ୍ୱତ୍ୱ, ପ୍ରାର୍ଥନାମତେ ତାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଦାନ କରିବା କର୍ତ୍ତବ୍ୟ । ୪ ର୍ଥ ବ୍ୟୟ ପ୍ରତି ଦୃଷ୍ଟିରଖିବା, ଅଧିକ ବ୍ୟୟ ନ କରି ଅଳ୍ପରେ ସନ୍ତୁଷ୍ଟ ରହି ସଦ୍‌ବିଷୟରେ ବ୍ୟୟ କରିବା । ଅନ୍ୟାୟ ବ୍ୟୟ କରିବା ଆଉ ଅସତ୍ ଉପାୟରେ ଧନ ସଞ୍ଚୟ କରିବା ଦୁହେଁ ସମାନ । ୫ ମ ମନ୍ତ୍ର । ଉପାର୍ଜନ ଓ ବ୍ୟୟ ଏବଂ ସଞ୍ଚୟ ବିଷୟରେ ନିଜର ସଂକଳ୍ପ ନିର୍ଦ୍ଦୋଷ ରଖିବା ।

ଏହିସବୁ ମନ୍ତ୍ରର ବ୍ୟବହାର ନ କଲେ ଅର୍ଥ ସର୍ପପରି ଦଂଶନ କରି ମନମଧ୍ୟରେ ବିଷ ଛାଡି ଦିଏ । ଅର୍ଥ ବ୍ୟବହାର ଦୋଷରେ ଲୋକେ ଆପଣାପାଇଁ ରାଶି ରାଶି ଶୋକସନ୍ତାପ ନରକଯନ୍ତ୍ରଣା କ୍ରୟ କରନ୍ତି । ମନୁଷ୍ୟର ମନୁଷ୍ୟତ୍ୱ ରହେ ନାହିଁ ପଶୁତ୍ୱ ହୁଏ । ଅତଏବ ଯେଉଁମାନେ ଏହି ଭୟାନକ କାଳସର୍ପ ପେଡି ଖୋଲିବାକୁ ଚାହାନ୍ତି, ଉପରୋକ୍ତ ମନ୍ତ୍ରଗୁଡିକ ଶିକ୍ଷାକରି ସେମାନଙ୍କର ବ୍ୟବହାର କରିବା କର୍ତ୍ତବ୍ୟ ।

---

# ସାପ୍ତାହିକସଂବାଦ ।

ଏ ବର୍ଷ ଦଶହରାପର୍ଯ୍ୟନ୍ତ ଏକପ୍ରକାର ସୁଖଦୁଃଖରେ ନିର୍ବାହ ହୋଇଗଲା । ଅଷ୍ଟମୀଠାରୁ ତିନିଦିନ ବର୍ଷା ହେବାରେ ଦର୍ଶକମଣ୍ଡଳୀର ବିଶେଷ ଅସୁବିଧା ଘଟିଥିଲା ।

ଭାରତବର୍ଷରୁ ଯେଉଁ କୁଲିମାନେ ସେଣ୍ଟଭିନସେଣ୍ଟଦ୍ୱୀପକୁ ପ୍ରେରିତ ହୁଅନ୍ତି ସେମାନେ ସେଠାରେ ବେତ ଗଛର କର୍ମ କରନ୍ତି । ପ୍ରତିଦିନ ଘ ୯ ଘଣ୍ଟା କର୍ମ କରିବାର ନିୟମ କିନ୍ତୁ ରବିବାର ଓ ପର୍ବଦିନମାନଙ୍କରେ ଅବକାଶ ମିଳଇ । ସେ ଦିନମାନଙ୍କରେ କୁଲିମାନେ କାଠ ଓ ଖାଦ୍ୟ ସାମଗ୍ରୀ ସଂଗ୍ରହ କରନ୍ତି ଓ ଆପଣା ଆପଣା ବଗିଚା କର୍ମ କରନ୍ତି । ଜଣେ ସବଳ ମଜୁରି ପ୍ରତିଦିନ ଏକମାଣ ଭୂମିରେ ବେତ ଲଗାଇ ପାରେ ସ୍ତ୍ରୀ ଓ ପିଲାମାନେ ତାହାକୁ ସାହାଯ୍ୟ କରନ୍ତି । ଏକମାଣରେ ଟ ୭।୮ ଙ୍କା ମୂଲ ମିଳଇ । ବେତ ପ୍ରସ୍ତୁତହେବା ସମୟରେ ପ୍ରତ୍ୟେକ କୁଲି ଟ ୧୮ ଙ୍କାଠାରୁ ଟ ୧। ପର୍ଯ୍ୟନ୍ତ ଦୈନିକ ଅର୍ଜନ କରଇ । ସର୍ବସାଧାରଣଙ୍କ ଜାଣିବା କାରଣ ଗବର୍ଣ୍ଣମେଣ୍ଟ ଉପର ଲିଖିତ ସମାଚାର ପ୍ରଚାର କରିଅଛନ୍ତି ।

ସିଲିଗୋରିଠାରୁ ଦାର୍ଜିଲିଂ ପର୍ଯ୍ୟନ୍ତ ଏକ କମ୍ପାନି ପାଲକି ଡାକ ବସାଇଥିଲେ । ସେଥିରେ ଲାଭ ନ ହୋଇ ବରଂ ତ୍ରୁଟି ପଡୁଥିଲା ଏଥିରେ ଗବର୍ଣ୍ଣମେଣ୍ଟ ଉକ୍ତ କମ୍ପାନି ଉପରେ ଟ ୫୦୦୮ ଙ୍କା ଲାଇସେନ୍‌ସ ଟାକ୍‌ସ ବସାଇବାରେ କମ୍ପାନି ଉକ୍ତ ବ୍ୟବସାୟ ବନ୍ଦ କରି ପାଲକୀସବୁ ବିକ୍ରୟ କରିବାର ଘୋଷଣା ଦେଇ ଅଛନ୍ତି । ଲାଇସେନ୍‌ସ ଟାକ୍‌ସ ଏହିପରି କେତେ ଲୋକର ବ୍ୟବସାୟ ବନ୍ଦ କରିଥିବ ।

କଥିତ ହୁଅଇ ଯେ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଗବର୍ଣ୍ଣର ଜେନେରଲ ସାହେବ କଲିକତାକୁ ଫେରି ଆସିବେ ନାହିଁ ଏବଂ ଆସିବା ବେଳେ ଗୁଆଲିୟର ଓ ହାଇଦରାବାଦ ଦେଖି ଆସିବେ ।

ସଣିଗଞ୍ଜ ଇଲାକା ଶିରସୋଲର ରାଣୀ ହରସୁନ୍ଦରୀ ମହାରାଣୀ ଉପାଧି ପାଇଅଛନ୍ତି ଏବଂ ତାହାଙ୍କ ଜ୍ୟେଷ୍ଠପୁତ୍ର ରାଜା ଦକ୍ଷେଶ୍ୱର ମାଲିଆ ରାଜାବାହାଦୁର ପଦ ପାଇଅଛନ୍ତି । ଏ ସବୁ ଉପାଧିଦାନ ସକାଶେ ଗତମାସରେ ବର୍ଦ୍ଧମାନରେ ଏକ ଭାରି ଦରବାର ହୋଇଥିଲା ।

Digitized by srujanika@gmail.com

Split by PDF Splitter

174



ମାନ୍ଦ୍ରାଜ ରେଲବାଟର ଜଣେ କର୍ମଚାରୀ ଟେଲିଫୋନ ଯନ୍ତ୍ରଦ୍ୱାରା ଦୁଇଶତ ମାଇଲ ଅନ୍ତରରେ ଥିବା ଦୁଇସ୍ଥାନ-ମଧ୍ୟରେ କଥାବାର୍ତ୍ତା କରିଥିଲେ । ଟେଲିଫୋନଯନ୍ତ୍ର କ୍ରମଶଃ ସବୁଦେଶରେ ପ୍ରଚଳିତ ହେବାର ଅନୁମାନ ହୁଅଇ ।

ଆମେରିକାରେ କୃଷିଶିକ୍ଷା ଦେବା ନିମିତ୍ତ ଅନେକଗୁଡିଏ କଲେଜ ଅଛି ଓ ତହିଁର ବାର୍ଷିକ ବ୍ୟୟ ମଧ୍ୟ ସାମାନ୍ୟ ନୁହଇ । ଆମେରିକା କୃଷିପ୍ରଧାନ ଦେଶ ସେଠା ନିବାସି-ମାନେ କୃଷି କର୍ମର ଶିକ୍ଷାରେ ଅଧିକ ବ୍ୟୟ କରିବା ଶୋଭ-ନୀୟ ଅଟଇ । ଭାରତବର୍ଷ ଗବର୍ଣ୍ଣମେଣ୍ଟ ଯାହା ଏ ପକ୍ଷରେ ଦୃଷ୍ଟି କରୁ ନାହାନ୍ତି ଦୁଃଖର ବିଷୟ ଅଟଇ ।

ଯୋଧପୁରର ମହାରାଜାଙ୍କ ଭାଇ ମହାରାଜା ପ୍ରତାପସିଂହ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଅନୁରୋଧ ମତେ ସର ନେବିଲଚେ-ମ୍ବର୍ଲେନଙ୍କ ସହିତ କାବୁଲକୁ ଦୂତ କାର୍ଯ୍ୟରେ ଯାଉଥିଲେ । ମହାରାଜ ଜଣେ ଦକ୍ଷ୍ୟାତ ଘୋଡସୁଆର ଏବଂ ବଳବାନ୍ ବ୍ୟକ୍ତି ଅଟନ୍ତି ।

ଫିରୋଜପୁର ଜିଲ୍ଲାରେ ସତଲଜନଦୀ ବୃଦ୍ଧିଦ୍ୱାରା ଯେଠା କେନାଲର ମୁହାଣ ଭାଙ୍ଗି ଯାଇ ପ୍ରାୟ ଏକଶତ ବର୍ଗମାଇଲ ଭୂମି ଜଳରେ ବୁଡ ରହିଥିଲା । ଏଥିରେ ଅନେକ ଦ୍ରବ୍ୟ ନଷ୍ଟ ହୋଇଅଛି କିନ୍ତୁ ପଶ୍ଚାତ୍ତରେ ଫିରୋଜପୁର ସହର ନିକଟ ମମଦୋତର ଭଗ୍ନ ବନ୍ଧାରେ ପାଣିର ବଳରେ ଏକ-ଗଦା ଗୁପ୍ତଧନ ବାହାରି ଅଛି । କ୍ଷତଗ୍ରସ୍ତ ଲୋକଙ୍କୁ ଅଗ୍ରେ ଏ ଧନଦ୍ୱାରା ସାହାଯ୍ୟ କରିବା ଉଚିତ ।

ଯେଉଁ ବ୍ୟକ୍ତି ଆପଣାକୁ ମହାରଜା ରଣଜିତ ସିଂହଙ୍କ ନାତି ବୋଲି ପରିଚୟ ଦେଇ ସାହାଯାଦା ନାମରେ ଏଠାରେ ପ୍ରବେଶ ହୋଇ ଜୁଆ ଖେଳିବାର ଚେଷ୍ଟାରେ ଥିଲେ ଓ ମୋକଦ୍ଦମାରୁ ଛୁଟି ପାଇ ଫେରିଲୁ ଗଲେ ସେ ପୁନର୍ବାର ପଞ୍ଜାବରେ ପ୍ରବେଶ ହୋଇ ଆପଣା ବ୍ୟବସାୟ କରି ବୁଲୁ-ଅଛନ୍ତି । ଏଣେ ମନଟେ ସାହେବ ତାହାଙ୍କ ଫଟୋଗ୍ରାଫ ଛବି ନେଇ ଜିଲ୍ଲା ହାକିମମାନଙ୍କୁ ଦେଖାଉଅଛନ୍ତି ।

ସୂଲଭରେ ଲେଖାଅଛି ଯେ ଗତ ଶନିବାର ପାଇକପଡା ରାଜବାଟିର ରାଜା ଇଶ୍ୱରଚନ୍ଦ୍ରଙ୍କ ପୁତ୍ର କୁମାର ଇନ୍ଦ୍ରଚନ୍ଦ୍ର ସିଂହ ବାହାଦୁର ବୟଃପ୍ରାପ୍ତ ହୋଇ ଗାଦିରେ ବସିଅଛନ୍ତି । ଏହି ଉପଲକ୍ଷରେ ଅନେକ ଦାନ ଧ୍ୟାନ ହୋଇଅଛି । ଗୁରୁ-ମାନଙ୍କୁ ଏବଂ ଅଧ୍ୟାପକ ପଣ୍ଡିତମାନଙ୍କୁ ଅର୍ଥ ଖାଦ୍ୟ ଏବଂ ଉପହାର ବିତରଣ କରା ହୋଇଅଛି । ଇଂରାଜ ବଙ୍ଗାଳୀ ଛୋଟ ବଡ ବ୍ରାହ୍ମଣ ଶୂଦ୍ର ସକଳଶ୍ରେଣୀର ଲୋକେ ଯଥାଯୋଗ୍ୟ ଆହାର ପାଇଅଛନ୍ତି । ରାଜା ଇନ୍ଦ୍ରଚନ୍ଦ୍ର ସିଂହ ଦୀର୍ଘଜୀବୀ ହୋଇ ବିଷୟକର୍ମ କରନ୍ତୁ, ଧର୍ମରେ ଜ୍ଞାନରେ ଭଦ୍ରତାରେ ଭୂଷିତ ହୋଇ ସୁଖଶରୀର ଏବଂ ନିର୍ମଳମନରେ ଜୀବନଯାତ୍ରା ନିର୍ବାହ କରି ସମସ୍ତଙ୍କର ପ୍ରିୟ ହେଉନ୍ତୁ ଏହି ଆମ୍ଭମାନଙ୍କର ଇଚ୍ଛା ।

ସଂପ୍ରତି ଜମାଲପୁର ଅଡିଟ୍ ଅଫିସ ଉପରେ ହଠାତ୍ ଏକଖଣ୍ଡ ଇଟା ଖସିପଡିବାରୁ ପ୍ରାଣଭୟରେ କିରାଣୀ ବାବୁ-ମାନେ ପଳାୟନ କଲେ । ପଳାଇବା ବେଳେ ଦ୍ୱାରପାଖରେ ଭୟାନକ ଭିଡ ଓ ଠେଲାଠେଲି ହେଲା, କିଏ କାହା ଉପରେ ପଡିଲା ତାହାର ଠିକଣା ନାହିଁ । ତରବରରେ କେହି କେହି ଲଙ୍ଗଳା ହୋଇ ପଳାଇଥିଲେ । ଶେଷରେ ସାହେବ ଶୁଣି ହୃଷ୍ଟ ହସିଲେ ! କିନ୍ତୁ ଏ ବିଷୟରେ ସାହେବମାନଙ୍କ ଅପେକ୍ଷା ଆମ୍ଭେମାନେ ଯେ ସାହସୀ ତାହା ଜାଣିବା ଉଚିତ । ଇଙ୍ଗାରରେ ରହିବାକୁ ଏପରି ଆଉ କେହି ମଜବୁଦ ନୁହନ୍ତି ।

ତାରକେଶ୍ୱର ମହନ୍ତର ନବୀନ ତକଦର୍ଶାକ ବିବାହ କରିବାକୁ ଯାଇ ବଡ ଗୋଳମାଳରେ ପଡିଥିଲା । ବିବାହ-ସଭାରେ ପାଣ ଉପସ୍ଥିତ ହେଲାରୁ ପାତ୍ରୀର ଭ୍ରାତା କହିଲା, ଯେଉଁ ବ୍ୟକ୍ତି ସ୍ୱହସ୍ତରେ ସ୍ତ୍ରୀହତ୍ୟା କରିଅଛି, ତାହାକୁ ତଡି ଦ୍ୱୀପାନ୍ତରକୁ ଯାଇଅଛି ତାହାକୁ ମୁଁ ଭଗ୍ନୀ ସଂପ୍ରଦାନ କରିବ ନାହିଁ । ବିବାହ ଆଉ ହେଲା ନାହିଁ, ଆଉ ଦିନ ଆଉ ଏକ ଗ୍ରାମକୁ ଯାଇ ନବୀନ ବିବାହ କରିଅଛି ।

ଶ୍ରୀହଟ୍ଟର ଅଘୋରନାଥ ଦାସ ଯେ ସେଠାର ଓସ୍ୱାଲ୍ଡ୍ ସାହେ-ବଙ୍କ ଚରିତ୍ର ବିଷୟରେ ହାଇକୋର୍ଟରେ ଦରଖାସ୍ତ ଦେଇଥିଲା ତାହା ନାମଞ୍ଜୁର ହୋଇଅଛି । ପ୍ରଧାନ କମିସନର କହିଅଛନ୍ତି ଅଘୋରନାଥ କୌଣସି ଗୋଟିଏ ବିଶେଷ ଘଟନାର କଥା ଉଲ୍ଲେଖ କରି ନାହିଁ କେବଳ ସାଧାରଣ ଭାବରେ ଦୋଷ ଦେଇଅଛି, ଏଥିର ବିଚାର ହୋଇ ନ ପାରେ । ଆଉ ଏକବ୍ୟକ୍ତି ଥରେ ଫୌଜଦାରୀ ମକଦ୍ଦମାରେ ମିଥ୍ୟାବାଦ ଖଟିଅଛି । ଅଘୋରନାଥ ସାହେବଙ୍କୁ ଯେମନ୍ତ ହଇରାଣ କରିଅଛନ୍ତି ନିଶ୍ଚୟ ତାଙ୍କୁ ମୁସ୍କିଲରେ ପଡିବାକୁ ହେବ ।

ଡ, ଫ୍ରେକ୍ ନାମକ ଜଣେ ସାହେବ ଗୋଟିଏ ବେଲୁନ କୋମ୍ପାନୀ ଖୋଲିବାକୁ ଇଚ୍ଛା କରିଅଛନ୍ତି । ଯେ ବେଲୁନରେ ଚଢି ଇଚ୍ଛାମତ ନାନା ସ୍ଥାନକୁ ଗମନାଗମନ କରାଯାଇ ପାରେ ଏପରି ଏକପ୍ରକାର ବେଲୁନଯନ୍ତ୍ରର ସେ ଆବିଷ୍କାର କରିଅଛନ୍ତି ସାହେବ କହନ୍ତି ଯେ ଏହା ଏକଘଣ୍ଟାରେ ପଚାଶକୋଶ ଯିବ । ଲଣ୍ଡନ ଏଠାରୁ ଅତି ଇଉକାର କୋଶ ପଥ, ବେଲୁ-ନରେ ଚଢି ପଚାଶଘଣ୍ଟା ମଧ୍ୟରେ ସେଠାରେ ପହୁଞ୍ଚି ପାରିବ । ଡାକ ନେବା ନିମିତ୍ତ ମଧ୍ୟେ ରହିବାରେ ବାଉଶଘଣ୍ଟା ମାତ୍ର ବିଳମ୍ବ ହେବ । ପ୍ରତିକୂଳ ବତାସକୁ ଠେଲି କରି ଏହା ଯିବ । ଏଥିପାଇଁ ଦେଢହଜାର ଟଙ୍କା ମୂଳଧନ ଆବଶ୍ୟକ, ପ୍ରତିଅଂଶ ଦଶଟଙ୍କା ।

ସଂପ୍ରତି ହାଇକୋର୍ଟର ଜଜ ହୋଯାଇଟ୍ ସାହେବଙ୍କ ନିକଟରେ ଜଣେ ହିନ୍ଦୁସ୍ଥାନୀ ଛୁରୀ ହାତରେ ଧରି ଯାଇ କହିଲା ମାଇସେନ୍ସ ଟାକ୍ସ ଜବରଦସ୍ତି । ଏହି କଥା ପରେ ଛୁରୀ ମାରିବାକୁ ଉଦ୍ୟତ ହେବାରୁ ଜଣେ ସାହେବ ତାହା ଛଡାଇ ନେଲେ । ସେ କହିଅଛି ଯେ ମୁଁ ଆତ୍ମହତ୍ୟା କରିବା ପାଇଁ ଛୁରୀ ଉଠାଇଥିଲି, ତାହାକୁ ପୁଲିସରେ ଦିଆ ଯାଇଅଛି ଟାକ୍ସ ଗରିବଙ୍କ ରକ୍ତ ଶୋଷଣ କରଇ ଏହିପରି ସିନା ଏବେ ବନ୍ଧ୍ୟାତ୍ ।

---

## ଇଂରାଜୀଟୀକା ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ

ମହାଶୟ !

ବସନ୍ତ ଯେ ଅତିଶୟ ଭୟାନକ ରୋଗ, ତାହା ସମସ୍ତେ ଜାଣନ୍ତି । ଏହି ନିଷ୍ଠୁର ରୋଗ-ଦ୍ୱାରା କେତେ ପ୍ରାଣୀ ଅକାଳରେ ବିନଷ୍ଟ ହେଉ ଅଛନ୍ତି, ତାହା କିଏ କଳନା କରି ପାରିବ ? ଏହା ନିବାରଣ ନିମନ୍ତେ ଦୁଇପ୍ରକାର ଉପାୟ ପ୍ରୟୋଗ ହୋଇ ଥାଏ Inoculation ( ଦେଶୀୟ ଟୀକା ) ଏବଂ Vaccination ( ଇଂରାଜୀ ଟୀକା ) ଦେଶୀୟ ଟୀକା ଯେ ଅତି-ଶୟ ଅନିଷ୍ଟକର ତାହାର ଭୂରି ଭୂରି ପ୍ରମାଣ ମିଳୁ ଅଛି । ଅନେକ ବ୍ୟକ୍ତି ଦେଶୀୟ ଟୀକା ଯୋଗୁ ପ୍ରାଣ ହରାଉ ଅଛନ୍ତି । ଏହି ଟୀକାକୁ ବସନ୍ତ ନିବାରକ ନ ବୋଲି ବସନ୍ତ ବର୍ଦ୍ଧକ ଏବଂ ପ୍ରାଣ ହାରକ କହିଲେ ଅତ୍ୟୁକ୍ତି ହେବ ନାହିଁ । ପକ୍ଷା-ନ୍ତରେ Vaccination ଇଂରାଜୀଟୀକା ଦେ-ବାରେ ତିଳମାତ୍ର ଅନିଷ୍ଟ ଦେଖା ଯାଏ ନାହିଁ । ଯେ ବ୍ୟକ୍ତି ଟୀକା ଗ୍ରହଣ କରେ ସେ ସ୍ୱଚ୍ଛନ୍ଦ ଭାବରେ ରହେ, ତାହାକୁ କୌଣସିରୂପେ କଷ୍ଟ ପାଇବାକୁ ହୁଏ ନାହିଁ । ଇଂରାଜୀ ଟୀକାରେ ପ୍ରାଣ ହରାଇଥିବା ଅଥବା ବିଶେଷ କ୍ଲେଶ ପାଇଥିବା କେହେ ଶୁଣାଯାଇ ନାହିଁ । ଏମନ୍ତ ଅବସ୍ଥାରେ ଇଂରାଜୀ ଟୀକା ଯେ ଉତ୍କୃଷ୍ଟତର ତହିଁରେ ଅଣୁମାତ୍ର ସନ୍ଦେହ ହୋଇ ନ ପାରେ ।

ଗବର୍ଣ୍ଣମେଣ୍ଟ ଓଡିଶା ପ୍ରଦେଶରେ ଇଂରାଜୀ ଟୀକା ପ୍ରଚଳନ କରିବା ନିମନ୍ତେ ଯତ୍ନ କରୁ ଅଛନ୍ତି । ଏହା ଅତ୍ୟନ୍ତ ସୁଖର ବିଷୟ । ତିନ-ବର୍ଷ ହେଲା କାର୍ଯ୍ୟାରମ୍ଭ ହୋଇଅଛି । ପ୍ରଥମ-ବର୍ଷ ପ୍ରାୟ ୧୨୦୦, ଦ୍ୱିତୀୟବର୍ଷ ପ୍ରାୟ ୨୨୦୦୦, ଏବଂ ତୃତୀୟବର୍ଷ ପ୍ରାୟ ୩୭୦୦୦ ଲୋକେ ଇଂରାଜୀ ଟୀକା ଗ୍ରହଣ କରି ଅଛନ୍ତି ଏପରି କାର୍ଯ୍ୟ ଆଶାପ୍ରଦ । ଏଥିରୁ ଅନୁମାନ ହୋଇ ପାରେ ଯେ ଭବିଷ୍ୟତରେ ଓଡିଶାରେ ଲକ୍ଷ ଲୋକ ଇଂରାଜୀ ଟୀକା ଗ୍ରହଣ କରିବେ ।

ପରିଶେଷରେ ଆମ୍ଭମାନଙ୍କ ଦେଶସ୍ଥ ଭଦ୍ର ଲୋକମାନଙ୍କୁ ପ୍ରାର୍ଥନା ଏହିଯେ ସେମାନେ ଏହି ଉତ୍କୃଷ୍ଟ ଇଂରାଜୀ ଟୀକାକୁ ନୂତନ ବୋଲି ଏବଂ ପୁରାତନ ପ୍ରଥାର ବିରୋଧୀ ବୋଲି ଅନାଦର ନ କରନ୍ତୁ । ହିତ ଓ ସତ୍ୟକୁ ଆଦର କରିବା ସାଧୁଲୋକଙ୍କର ପ୍ରଧାନ ଲକ୍ଷଣ । ହେ ଉତ୍କଳ-ବାସିମାନେ ! କବିକୁଳ ତିଳକ କାଳୀଦାସଙ୍କର ନିମ୍ନଲିଖିତ ଶ୍ଳୋକର ମହାତ୍ମ୍ୟ ଅନୁଭବ କର । କେବଳ ନୂତନ ବୋଲି କୌଣସି ପଦାର୍ଥକୁ ଅବଜ୍ଞା ନ କର ।

> ପୁରାଣମିତ୍ୟେବ ନ ସାଧୁ ସର୍ବଂ
> ନ ଚାପି କାର୍ଯ୍ୟଂ ନବମିତ୍ୟବଦ୍ୟଂ ।
> ସନ୍ତଃ ପରୀକ୍ଷ୍ୟା ନ୍ୟତରଦ୍ଭଜନ୍ତେ
> ମୂଢଃ ପରପ୍ରତ୍ୟୟ ନେୟ ବୁଦ୍ଧିଃ ।

ଅର୍ଥ ।

ଯାହାକିଛି ପୁରାତନ, କେବଳ ତାହାଇ ଭଲ, ଏମନ୍ତ ନୁହେ । ଯାହାକିଛି ନୂଆ ତାହାଇ ଯେ ମନ୍ଦ ଏମନ୍ତ ନୁହେ । ସାଧୁବ୍ୟକ୍ତିମାନେ ପରୀକ୍ଷା କରି ହିତକୁ ଗ୍ରହଣ କରନ୍ତି ; ମୂଢମାନେ ପର-ବୁଦ୍ଧି ପ୍ରତି ବିଶ୍ୱାସ କରି କଷ୍ଟ ଲଭନ୍ତି । ଇତି ।

କଟକ } ବଶମ୍ବଦ
୨୫।୯।୭୮ } ଶ୍ରୀ ଜଗନ୍ନାଥ ରାଓ

---

☞ ଏହି ଉତ୍କଳ ଦୀପିକା ସହର କଟକ ତେଲୀବଜାରକଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୩ଶ
ସଂ ୪୧ ସଂଖ୍ୟା

ତା ୧୯ ରଖ ମାହେ ଅକ୍ଟୁବର ସନ ୧୮୭୮ ମସିହା । ମୂ । କାର୍ତ୍ତିକ ବ ୫ ଲ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬॥୦
ମଫସଲପାଁଇ ଡାକମାସୁଲ ଟ୧୷୵

ଗବର୍ଣ୍ଣମେଣ୍ଟଙ୍କର ଜଳ ପ୍ରଣାଳୀ କାର୍ଯ୍ୟ ବୁଝିବା କାରଣ ବସିଥିବା କମିସନ ର ଯହିଁର ସଭ୍ୟ କର୍ଣ୍ଣେଲ ମୁଲିନସ୍, ମେଜର ଷ୍ଟ୍ରମନକ୍ରଫ୍ ଏବଂ ମିଷ୍ଟର ଫଷ୍ଟର ଓବେଷ୍ଟର ସାହେବମାନେ ଅଟନ୍ତି ଏହି ମାସରେ ମାନ୍ଦ୍ରାଜରେ ଏକସପ୍ତାହ ଅଧିବେଶନ କରି ଉତ୍ତର ଜଲ୍ଲା ମାନଙ୍କରେ ଅଛନ୍ତି । ସେଠାରୁ ଓଡ଼ିଶାକୁ ଆସି ଏହିଁଉତାରୁ କଲିକତାକୁ ଯିବେ । ଏ କମିସନର କାର୍ଯ୍ୟ ସମ୍ପର୍କରେ କିଛି ସମ୍ବାଦ ପାଏ଼ା ଯାଇ ନାହିଁ କିନ୍ତୁ ବିଷୟର ଅନୁସନ୍ଧାନ କରୁଅଛନ୍ତି ଏଠାକୁ ଆସିଲରୁ ଜଣାପଡ଼ିବ ।

---

ଚଳିତ ମାସ ଆରମ୍ଭରୁ ଓଡ଼ିଶାର କାଳ-ମାନଙ୍କରେ ନୌକା ଯିବା ଆସିବାର ଟୋଲ ମାସୁଲର ନୂତନ ଦର ପ୍ରଚଳିତ ହୋଇଅଛି । ଏଥିପୂର୍ବେ ବର୍ଷଯାକ ଏକସମାନ ଦରରେ ମା-ସୁଲ ନିଆଯା ଯାଉଥିଲା । ନୂତନ ନିୟମାନୁସାରେ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବର ମାସ ସକାଶେ ମାସୁଲ ଊଣା ଅର୍ଥାତ୍ ମ ୧୦୦ ରୁ ୬୦୫ ଓ ବର୍ଷର ଅନ୍ୟ ସମସ୍ତ ମାସ ସକାଶେ ଏହିଁର ଦ୍ବିଗୁଣ ହୋଇଅଛି । ମନୁଷ୍ୟର ମା-ସୁଲ ମଧ୍ୟ କିଞ୍ଚିତ ଅଧିକ ହୋଇଅଛି । ଆମ୍ଭମା-ନଙ୍କ ବିବେଚନାରେ ଏ ଦରମାନ ମନ୍ଦ ହୋଇ ନାହିଁ । ଶଷ୍ୟ ଦିନେ କାଳ ବିନା ଜଳପଥରେ ଗମନାଗମନ କରିବାର ଅନ୍ୟ ସୁଯୋଗ ନାହିଁ ସୁତରାଂ ଅଧିକ ମାସୁଲ ଦେବା ଅନ୍ୟାୟ ନୁହଇ ।

---

ବ୍ରହ୍ମଦେଶର ରାଜାଙ୍କ ମୃତ୍ୟୁ ସମ୍ବାଦ ଏତେ ଦିନେ ନିଶ୍ଚୟ ହେବାର ଜଣାଗଲା । ରାଜାଙ୍କର କନିଷ୍ଠପୁତ୍ର ସିଂହାସନରେ ବସିଅଛନ୍ତି ଓ ସେ ବିଷୟର ଘୋଷଣା ସର୍ବତ୍ର ପ୍ରଚରିତ ହୋଇଅଛି । ମୃତ ରାଜା ଆପଣାର ଚରମ କାଳ ଉପସ୍ଥିତ ହେବାର ଜାଣି ପୁତ୍ରକୁ ଉତ୍ତରାଧିକାରିତ୍ୱରେ ନିଯୁକ୍ତ କରିଥିଲେ ଏବଂ ମୃତ୍ୟୁ ପୂର୍ବ ସମସ୍ତ ରାଜ କର୍ମଚାରୀମାନଙ୍କର ବାକୀଥିବା ବେତନ ଦେଇଥି-ବାର କଥିତ ହୁଅଇ । ରାଜାଙ୍କର ମୃତ୍ୟୁ ହେଲେ ଉତ୍ତରାଧିକାରିତ୍ୱ ସକାଶେ ନାନାପ୍ରକାର ବିବାଦ ଯୁଦ୍ଧ ଇତ୍ୟାଦି ପୂର୍ବେ ହେଉଥିଲା ଓ ଏଥର ସେପରି ହେବ ବୋଲି ସମସ୍ତେ ଆଶଙ୍କା କରୁ-ଥିଲେ ମାତ୍ର ତାହା କିଛି ହୋଇ ନାହିଁ । ରାଜ୍ୟରେ ଶାନ୍ତି ବିରାଜୁଅଛି ଏବଂ ନୂତନ ରାଜାକୁ ସମସ୍ତେ ଯଥାବିହିତ ମାନ୍ୟକରି ସ୍ୱ ସ୍ୱ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ରାଜାମଧ୍ୟ ଅଭି-ଷିକ୍ତ ହେଲା ଉତ୍ତାରୁ ବାଣିଜ୍ୟର ସୁବିଧା ନିମିତ୍ତ କେତେପ୍ରକାର କର ଉଠାଇ ଦେଇଅଛନ୍ତି । ନୂତନ ରାଜାଙ୍କର ନାମ ଦୁଦଶୀ ମହାଦମା ରାଜା ରାଜକୁମାର ଦିବାଗ୍ରନ୍ତେୟଶ୍ୱର ।

---

ଗତ ମାସର ବାଲେଶ୍ୱର ସମ୍ବାଦବାହିକାରେ ଲେଖାଅଛି କି ଏକ ବ୍ୟକ୍ତିର ଦେହରେ ଯୋଡ଼ିଏ ବାଭୁନ୍ଥ କି ଆବୁ ହୋଇଥିଲା ତାହା କଟାଇବା ସକାଶେ ସେ ଡାକ୍ତରଖାନାକୁ ଯିବା-ରେ ଡାକ୍ତର କାଟି ଦେଇ ବିଶେଷ ଚିକିତ୍ସା ନ କରି ତାହାକୁ ବସାକୁ ବିଦାୟ କରିଦେଲେ । ଅସ୍ତ୍ର ତାହାର ଲୁଗାପଟା ରକ୍ତରେ ବୁଡ଼ିଗଲା ଓ ବସାରେ ପହୁଞ୍ଚି ଅଚେତନ ହୋଇ ପଡ଼ିଲା ଓ ଏତେ ରକ୍ତ ଦେହରୁ ଗଲା ଯେ କିଛଣା ପରେ ତଳେ ରକ୍ତ ଲହଡ଼ା ମାରିଲା । ଏରୂପ ଅବସ୍ଥା ଦେଖି ତାହାର ପରିବାରସ୍ଥ ବ୍ୟକ୍ତିମାନେ ଅନ୍ୟ ଜଣେ ଡାକ୍ତର ଆଣାଇ ରକ୍ତଧାର୍ ବନ୍ଦ କରାଇଲେ ଓ ରୋଗୀ କୌଣସିରୂପେ ଆରୋଗ୍ୟ ଲାଭ କଲା । ବୋଧ ହୁଅଇ ଚିକିତ୍ସା ସମୟରେ ଡାକ୍ତର ତାହାର କୌଣସି ଧମନୀ ବା ଶିରା କାଟି ଦେଇଥିଲେ ଯାହା ହେଉ ତାହାଙ୍କ କାର୍ଯ୍ୟ-ରେ ଅତ୍ୟନ୍ତ ଅସାବଧାନତା ପ୍ରକାଶ ପାଇଅଛି ଏଥିପାଇଁ ତାହାଙ୍କୁ ଫଉଜଦାରୀ ଅଦାଲତର ବିଚାରାଧୀନରେ ଆଣିବାର ଥିଲା । ଏହିପରି ଗୋଟିଏ ଅସାବଧାନତା ଯୋଗୁଁ ଚିକିତ୍ସାଳୟ ପ୍ରତି ଲୋକଙ୍କର ଯଥେଷ୍ଟ ଆଗ୍ରହ ଜନ୍ମଇ ନାହିଁ ।

---

ଆଶ୍ୱିନ ମାସ ଗତ ହୋଇ କାର୍ତ୍ତିକ ମାସ ପ୍ରବେଶ ହେଲା । ଏତେବେଳେ ଫସଲର ଅବସ୍ଥା ଉତ୍ତମରୂପେ ଜାଣିବାର ସୁଯୋଗ ହେଲା । ଦଶହରା ଉତ୍ତାରୁ କେତେକ ଦିନ ବୃଷ୍ଟି ଛାଡ଼ି ଯାଇଥିବାରୁ ସମସ୍ତେ ସଶଙ୍କିତ ହୋଇଥିଲେ ମାତ୍ର ଏ ସପ୍ତାହରେ ବୃଷ୍ଟି ହେବାରୁ ଅନେକ ରକ୍ଷା ହୋଇଅଛି ଓ ଅବଧି ବୃଷ୍ଟି ହେବାର ଆଶା ଅଛି । ଫଳତଃ ଏ ବର୍ଷ ଅଧିକ ବୃଷ୍ଟି ନ ହେଲେହେଁ ଯଥା ସମୟରେ

Split by PDF Splitter
Digitized by srujanika@gmail.com

ଅଳ୍ପ ୨ ହେବାରୁ ଫସଲର ହାନି ହୋଇ ନାହିଁ ନଷ୍ଟ ହେବାର ସମ୍ଭାବନା ନାହିଁ । ବଡ ଭଳର ଗୁଡ଼ଳର ଦର ଶସ୍ତା ହେଲାଣି ଓ ଲୋକଙ୍କ ମନ ହୃଷ୍ଟ ହୋଇ ଆସୁଅଛି । ବଙ୍ଗଳାରେ କେତେ ସ୍ଥାନରେ ଧୋଇ ହୋଇ ଶସ୍ୟହାନି ହୋଇଅଛି ମାତ୍ର ଅନ୍ୟ ସ୍ଥାନମାନଙ୍କରେ ପ୍ରଚୁର ଶସ୍ୟ ହେବାରୁ ତାହା ଜଣା ପଡୁନାହିଁ । ମହୀସୁରରେ ଏ ବର୍ଷ ଏମନ୍ତ ଖେଳ ହୋଇଅଛି ଯେ କେତେ ବର୍ଷ ହେଲା ସେରୂପ ଦେଖା ଯାଇ ନ ଥିଲା । ଅନ୍ୟାନ୍ୟ ସମସ୍ତ ପ୍ରଦେଶରେ ଫସଲର ଅବସ୍ଥା ଉତ୍ତମ କେବଳ କାଶ୍ମୀର ଛଡା ଆଉ କୌଣସି ସ୍ଥାନରେ ବର୍ତ୍ତମାନ ଦୁର୍ଭିକ୍ଷର କଥା ଶୁଣା ନାହିଁ । ବର୍ତ୍ତମାନ ନିଶ୍ଚୟରୂପେ କୋହି ଯାଇ ପାରେ ଯେ ଏ ବର୍ଷ ଭାରତବର୍ଷ ଦୁର୍ଭିକ୍ଷର କରାଳକବଳରୁ ଉଦ୍ଧାର ପାଇଲା ।

---

## କାବୁଲ ଯୁଦ୍ଧ ।

କାବୁଲର ବିଷୟ ଘେନି ଆଜିକାଲି ସମସ୍ତେ ବ୍ୟସ୍ତ । ଅମିରଙ୍କର ମନଭାବ କିଛି ଜଣା ପଡୁ ନାହିଁ । କେହି ବୋଲନ୍ତି ଅମିର ଯୁଦ୍ଧ ସଜ୍ଜା କରୁଅଛନ୍ତି କେହି ବୋଲନ୍ତି ଯେ ଇଂରେଜଙ୍କ ସହିତ ଯୁଦ୍ଧ କରିବାକୁ ହେବ ବୋଲି ଅମିରଙ୍କ ସେନା ପଞ୍ଝା ୨ ହୋଇ ଘରକୁ ଘର ପଳାଉ ଅଛନ୍ତି ଓ ଅମିର ଯୁଦ୍ଧ କରି ନଷ୍ଟ ହେବାକୁ ଲୋଡୁ ନାହାନ୍ତି ଏଥିପାଇଁ ନବାବ ଗୋଲାମ ହୋସେନଖାଁଙ୍କୁ ଅଟକାଇ ରଖି ଅଛନ୍ତି ଯେ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ପତ୍ରମାନଙ୍କର ଉପଯୁକ୍ତ ଉତ୍ତର ଦେଇ ପଠାଇବେ । ଫଳତଃ ନବାବ ଗୋଲାମ ହୋସେନଖାନ ଅଦ୍ୟାପି କାବୁଲରୁ ଫେରି ଆସି ନାହାନ୍ତି । ସର ନେଭିଲଚେମ୍ବରଲେନ ସାହେବଙ୍କୁ ଦୂତ କାର୍ଯ୍ୟରେ ପଠାଇବା ପୂର୍ବେ ମହାମାନ୍ୟ ଲର୍ଡ ଲିଟନ ସାହେବ ଉକ୍ତ ନବାବଙ୍କୁ ଅମିରଙ୍କ ନିକଟକୁ ପଠାଇ ଥିଲେ ଓ ତାହାଙ୍କ ହାତରେ ଅମିରଙ୍କୁ ଏହି ମର୍ମରେ ପତ୍ର ଲେଖି ଥିଲେ ଯେ ସର ନେଭିଲଚେମ୍ବରଲେନ ଦୂତ କର୍ମରେ ଯାଉଅଛନ୍ତି ତାହାଙ୍କୁ ଅମିର ଯଥା ଉଚିତ ମର୍ଯ୍ୟାଦା ସହିତ ଗ୍ରହଣ କରିବେ ଓ ବାଟରେ କୌଣସି କଥାର ଅସଂଯୋଗ ନ ହେବା ପକ୍ଷରେ ତାହାଙ୍କ ଅଧୀନସ୍ଥ ସରଦାରମାନଙ୍କୁ ଆଜ୍ଞା ଦେବେ । ଏ ପତ୍ର ଘେନି ନବାବ କାବୁଲକୁ ଯାତ୍ରା କଲେ ଓ ଏହାର ଉତ୍ତର ନ ଆସୁଣୁ ସର ନେଭିଲଚେମ୍ବରଲେନ ଏକ ପତ୍ର ପାଞ୍ଚଲକ୍ଷ ଟଙ୍କାର ରେଶମିଦ୍ରବ୍ୟ ଏବଂ ଉପଯୁକ୍ତ ସଙ୍ଗୀୟ ଲୋକ ସହିତ ଯାତ୍ରା କଲେ । ବାଟରେ ଅଲିମସ୍‌ଜିଦଠାରେ ଯାହା ଘଟିଲା ତାହା ପାଠକମାନଙ୍କୁ ଜଣାଇ ଅଛୁଁ । ତହିଁ ଉତ୍ତାରୁ ଦୂତ କାର୍ଯ୍ୟ ରହିତ ହେଲା ସର ନେଭିଲଚେମ୍ବରଲେନ ଆପଣା କର୍ମ ସ୍ଥାନକୁ ଫେରିତ ହେଲେ ଏବଂ ମହାମାନ୍ୟ ଗବର୍ଣ୍ଣର ଜେନରଲ ସୀମା ପ୍ରଦେଶରେ ସୈନ୍ୟ ଏକତ୍ରିତ କରିବାର ଆଜ୍ଞା ପ୍ରଚାର କଲେ । ଇଂଲଣ୍ଡକୁ ଏ ସମସ୍ତ ସଂବାଦ ଗଲା । ସେଠାରେ ମନ୍ତ୍ରିମାନେ ସମସ୍ତ ଭାର ଲର୍ଡ ଲିଟନଙ୍କ ଉପରେ ଦେଇ ଅଛନ୍ତି ଓ ସେଠାର ସଂବାଦପତ୍ରମାନେ ଅମିରଙ୍କୁ ଶୀଘ୍ର ଜବଦ କରିବା ବିଷୟରେ ଏକମତ ପ୍ରକାଶ କରୁଅଛନ୍ତି । ବାସ୍ତବରେ ଅମିର ଯେବେ ଏପର୍ଯ୍ୟନ୍ତ ଚିଠି ପତ୍ରର ଉତ୍ତର ଦେଇ ନାହାନ୍ତି ତେବେ ତାହାଙ୍କ ମତଲବ ବୁଝିବା ବଡ କଠିନ ନୁହଇ ଏବଂ ଏହି ହେତୁରୁ ଯୁଦ୍ଧର ସମ୍ଭାବନା ଅଧିକ ବୋଧ ହେଉଅଛି । ମାତ୍ର ଯୁଦ୍ଧ ହେଲେ ଅମିର ଇଂରେଜଙ୍କୁ ଅଣ୍ଟି ପାରିବେ ଏହା କଦାଚ ସମ୍ଭବ ହେବାର ନୁହଇ କିନ୍ତୁ ଦୀର୍ଘକାଳ ଯୁଦ୍ଧ ହେବ ଓ ସେଥିରେ ବିଶେଷ ବ୍ୟୟ ପଡିବ । ସେ ସବୁ ବ୍ୟୟର ଅଂଶ ଆମ୍ଭମାନଙ୍କୁ ଦେବାକୁ ହେବ ତହିଁପାଇଁ ନିଶ୍ଚୟ ଟାକ୍ସ ବୃଦ୍ଧି ହେବ । ଏହି କଥାଟି ବଡ ହରବର ପଡିଲା । ଏକଷ୍ଟେ କାଳ ଅନ୍ନକଷ୍ଟ କ୍ଳେଶ କରି ଯେତେ ଦୁଃଖ ଭାରତବାସିମାନେ ସହି ଅଛନ୍ତି ତାହା ଅକଥନୀୟ ତହିଁ ଉପରେ ଆଉ ଟାକ୍ସ ହେଲେ ଆଉ ରକ୍ଷା ନାହିଁ । ଆମ୍ଭମାନଙ୍କର ଏକାନ୍ତ ଇଚ୍ଛା ଏହି ଯେ ଲର୍ଡଲିଟନ ଅବଶ୍ୟ ଏମନ୍ତ କିଛି ସଦୁପାୟ କରିବେ କି ଯହିଁରେ ବିନା ଯୁଦ୍ଧରେ ଅମିର ଆପଣା ଭ୍ରମ ଜାଣିପାରି ପୂର୍ବ ବନ୍ଧୁତା ବଲବତ ରଖିବା ପାଇଁ ପୁନର୍ବାର ଚେଷ୍ଟା କରିବେ ।

ଏ ପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଅବଗତ ହେଲୁଁ ଯେ ସୀମା ପ୍ରଦେଶକୁ ଗୋରାଅଡୁ ସୈନ୍ୟ ଏବଂ ଯୁଦ୍ଧର ଉପକରଣମାନ ପ୍ରେରିତ ହେଉଅଛି । ଏହି ମାସ ଶେଷ ପର୍ଯ୍ୟନ୍ତ ୩୫୦୦୦ ସିପାହି ସେଠାରେ ପହଞ୍ଚିବେ ଓ ତହିଁ ଉତ୍ତାରୁ ଯେଉଁମାନଙ୍କୁ ଯିବାକୁ ହେବ ସେମାନଙ୍କୁ ପ୍ରସ୍ତୁତ ରହିବା ସକାଶେ ଆଜ୍ଞା ଦିଆ ଯାଇଅଛି । କେବଳ ଯୁଦ୍ଧ ଆରମ୍ଭ ହେବାର ଆଜ୍ଞା ହୋଇ ନାହିଁ ତେଣେ ଖାଇବାର ଘାଟିକୁ ଆକ୍ରମଣ କରିବାରେ ବିଳମ୍ବ ହେବାରୁ ଇଂଲଣ୍ଡର ଲୋକମାନେ ବିରକ୍ତ ହେଉଅଛନ୍ତି ।

---

## ନଦୀ ଘାଟର ଅତ୍ୟାଚାର ।

ଏ ବିଷୟରେ କିଛି ଲେଖିବା ଆମ୍ଭମାନଙ୍କର ଗୋଟିଏ ବାର୍ଷିକ କର୍ମ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଏ ବର୍ଷ ଯେ ଏତେଦିନ ଏ ବିଷୟରେ କିଛି କହିନାହୁଁ ଏଥିରେ ପାଠକମାନେ ଆଶ୍ଚର୍ଯ୍ୟ ହୋଇ ପାରନ୍ତି ମାତ୍ର ତହିଁର କାରଣ ଅଛି । ତାହା ଏହି ଯେ ଏ ବର୍ଷ ନଦୀବୃଦ୍ଧି କିଛି ବିଳମ୍ବରେ ଏବଂ ଅଳ୍ପ ପରିମାଣରେ ହେଲା ଓ ଅନ୍ୟାନ୍ୟ ବର୍ଷାପେକ୍ଷା ଅତି ଅଳ୍ପସଂଖ୍ୟକ ଯାତ୍ରୀ ରଥଯାତ୍ରା ସମୟରେ ଆସିଲେ ସୁତରାଂ ଘାଟ ପାର ହେବାରେ ବିଶେଷ କଷ୍ଟ ହୋଇଥିଲା କି ନାହିଁ ତାହା ବଡ ଜଣାପଡିଲା ନାହିଁ ଯାତ୍ରୀଙ୍କର ଭିଡ ହେଲେ ଘାଟର କାର୍ଯ୍ୟକାରିତା ଭଲରୂପେ ଜଣା ପଡୁଥାନ୍ତା । ଯାହା ହେଉ ଆମ୍ଭେମାନେ ଘାଟ ପାର ବିଷୟରେ କିଛି କଥା ଶୁଣି ନ ଥିବାରୁ ମନେ କରିଥିଲୁଁ ଯେ ଅନେକ ଦିନରେ ଏ ଅତ୍ୟାଚାରଟି ନିବାରଣ ହୋଇଅଛି ଏବଂ ମହାନଦୀ ଓ କାଠଯୋଡ଼ି ଘାଟମାନଙ୍କୁ ସାହେବମାନେ ଏଥର ଇଜାରା ନେଇ ଅଛନ୍ତି ଶୁଣି ଅନୁମାନ କରିଥିଲୁଁ ଯେ ସାହେବଙ୍କ ଯୋଗେ ପଥିକମାନଙ୍କୁ ଏବର୍ଷ ଘାଟରେ ହରକତ ପଡିଲା ନାହିଁ କିନ୍ତୁ ସମ୍ପ୍ରତି ଯେପ୍ରକାର ଅବସ୍ଥା ଦେଖିଲୁଁ ଓ ଶୁଣିଲୁଁ ତାହା ସମସ୍ତ ଆମ୍ଭମାନଙ୍କ ବିଶ୍ୱାସର ପ୍ରତିକୂଳ ହୋଇଅଛି । ଆଜିକାଲି ବିଶେଷ ଯାତ୍ରୀ ପୁରୀକୁ ଆସୁଅଛନ୍ତି ଓ ପ୍ରତିବର୍ଷ କାର୍ତ୍ତିକମାସରେ ଏହିପରି ହୋଇଥାଏ ମାତ୍ର ଘାଟ ପାର ହେବାରେ ଯେପରି କ୍ଳେଶ ଓ ଗର୍ଚ୍ଛାନ୍ତ ସଞ୍ଚିତ ଲୋକଙ୍କର ହେଉଅଛି ସେପର କଡଗୁଳର ଘଟଇ ନାହିଁ । ଶାଳମନୁଷ୍ୟ କୌଣସିରୂପେ ଡଙ୍ଗା ଉପରେ ଚଢି ବସିଲେ ପାର ପାଇଲା ତାହାର ବିଶେଷ କଷ୍ଟ ହେଉ ନାହିଁ କିନ୍ତୁ ଗଗଡ ଓ ପାଲିଙ୍କି ଇତ୍ୟାଦି ପାର କରିଅଣିବା ବଡ ମୁସ୍କିଲ । ବେଳେଅବେଳେ ନଦୀକୂଳରେ ପଡିଥାଅ କେହି ପଚାରିବାକୁ ନାହିଁ । ନାଉରିଆର ଚିଲ୍ଲାଉପରେ ସବୁ ନିର୍ଭର ଯେ ଯେମନ୍ତ ଘଇବା ଦେଇ ତାହା ମନକୁ ତୋଷିବ ସେ ସେମନ୍ତ ତାହା ମରଜି ପାଇବ ନୋହିଲେ ପଡିଥାଅ । ସରକାର ଗାଡିଖଣ୍ଡିକୁ ୫୦/ଅଣା-ରେଟ ବାନ୍ଧି ଦେଇ ଅଛନ୍ତି ତାହାଇ ଅବେ ଦେବାକୁ ହେବ ମାତ୍ର ତହିଁ ଉପରେ ଏକଷ୍ଟଣ

Split by PDF Splitter



ବ ଦ୍ୱିଗୁଣ ନ ଦେଲେ ନାଉରିଆମାନେ ଗାଡ଼ ଛୁଇଁବେ ନାହିଁ ବ ବାଟୋଇ ବାଟ ନଗରର ନ ପାରେ ସୁତରାଂ ନାଉରିଆଙ୍କୁ ବୋଧକରି ଯାହା ଦିଅନ୍ତି ତହିଁରେ କେହି ସରକାରୀ କର୍ମଚାରୀ ନାହିଁ ଯେ ତାହା ତହିଁରେ ସୁଧାର କରିବ ଓ ସୁଧାର କରିବା କେବଳ ଗର୍ଭାନ୍ତ ହେବା କଥା ସିନା ତହିଁରେତ ତାହାର ଝଡ଼ଭିନ୍ନ କିଛି ଲଭ ନାହିଁ ଓ ପରସାଇ କ୍ଷତିଗ୍ରସ୍ତ ହେବାର ସାଧୁ-ସ୍ୱଭାବ ଏଠା ଲୋକଙ୍କଠାରେ ଆଶା କରିବା କହିବା ବାହୁଲ୍ୟ ଅଛି । ଏକମାତ୍ର ଜିଲାର ପ୍ରଧାନ ହାକିମଙ୍କ ଦୃଷ୍ଟି ଉପରେ ଏପ୍ରକାର ଅତ୍ୟାଚାର ନିବାରଣର ଭରସା ନିର୍ଭର କରଇ କିନ୍ତୁ ହାକି-ମଙ୍କୁ କେହି ନ କହିଲେ ବା ସେ କେଉଁଠାରୁ ଜାଣିବେ ଏପରି ତର୍କ ହୋଇପାରେ ମାତ୍ର ଆମ୍ଭେମାନେ ତହିଁରେ ତୃପ୍ତ ହୋଇ ନ ପାରୁଁ । ଯେସ୍ଥାନର ଲୋକମାନେ ନିତାନ୍ତ ଅସହାୟ ଦୁଃଖୀ ଦୁର୍ବଳ ଅଥଚ ଅତ୍ୟାଚାର ସହିବାକୁ ସମର୍ଥ ସେସ୍ଥାନରେ ହାକିମଙ୍କଠାରୁ କିଛି ଅଧିକ ଆଶା କରାଯାଏ । ସେଠାରେ ହାକିମ ଘରେ ରୁଦ୍ଧ ହୋଇ ବସିଲେ ଚଳିବ ନାହିଁ ତାଙ୍କୁ ସମସ୍ତ ବିଷୟର ଅନୁସନ୍ଧାନ ନେବାର ଉଚିତ । ଯାହା ହେଉ ଆମ୍ଭେମାନେ ସମ୍ପ୍ରତି ଶୁଣି ଆନନ୍ଦିତ ହେଲୁଁ ଯେ ଗତ ସୋମବାର କଲେକ୍ଟରୀ କଚେରୀ ଫିଟିବା ଦିନ ଅନେକ ଅମଲା ବିଲମ୍ବରେ କଚେରୀକୁ ଆସିଲେ ଓ କଲେକ୍ଟର ସାହେବ ତହିଁର କାରଣ ବୁଝିବାରେ ସେମାନେ ବ୍ୟକ୍ତ କଲେ ଯେ ଘାଟରେ ବିଲମ୍ବ ହୋଇଥିଲା ଏଥିର ଆମ୍ଭେମାନେ କଲେକ୍ଟର ସାହେବଙ୍କୁ ଏତିକି ପ୍ରାର୍ଥନା କରୁଁ ଯେ କେଉଁ ଅମଲା କେତେକ୍ଷଣଯାଏ ଘାଟରେ ପଡ଼ି ରହିଥିଲା ଓ ପରିଶେଷରେ କେତେ ଅଧିକା ପଇସା ଦେଇ ଗାଡ଼ୀ ପାଲିଙ୍କି ଇତ୍ୟାଦି ପାର କରାଇ ଅଣିଲା ଏବଂ ଯାତ୍ରିମାନଙ୍କର କି ଅବସ୍ଥା ସେମାନେ ଦେଖି ଆସିଲେ ଏ ସମସ୍ତ ବିଷୟ ସେମାନଙ୍କଠାରୁ ବୁଝିନ୍ତୁ ତାହା ହେଲେ ଘାଟର ଅତ୍ୟାଚାର କେମନ୍ତ ତାହା ସେ ଅନାୟାସରେ ବୁଝିପାରିବେ ଏବଂ ଦୋଷିମାନଙ୍କୁ ଦଣ୍ଡ ଦେଇ ଭବିଷ୍ୟତ ସକାଶେ ଭଲ ବନ୍ଦୋବସ୍ତ କରିବେ । ବର୍ଷାକାଳରେ ବାଟ ଚାଲିବା ପକ୍ଷରେ ଅନେକଗୁଡ଼ିଏ ଦୈବୀ ବିଡ଼ମ୍ବନା ଅଛି ତାହା କିୟଦଂଶରେ ଲାଘବ କରିବାକୁ ଯାଇ ଗବର୍ଣ୍ଣମେଣ୍ଟ ଯେବେ ପଥିକଙ୍କର କ୍ଳେଶବୃଦ୍ଧିର କାରଣ ହୁଅନ୍ତି ଏହା ବଡ଼ି ଦୁଃଖର ବିଷୟ ଅଟଇ । ଅତଏବ ଯହିଁରେ ଗବର୍ଣ୍ଣମେଣ୍ଟଙ୍କର ପ୍ରକୃତ ଉଦ୍ଦେଶ୍ୟ ରକ୍ଷା ପାଏ ହାକିମମାନଙ୍କର ଏପରି ଚେଷ୍ଟା ସର୍ବଦା କରିବା ଉଚିତ ।

---

# ସାପ୍ତାହିକସଂବାଦ ।

ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ପୁରୀର ରାଜପରିବାରଙ୍କୁ ଗବର୍ଣ୍ଣମେଣ୍ଟରୁ ଯେଉଁ ମାସିକ ପେନସନ ମିଳୁଥିଲା ଏବଂ ଯାହା ବର୍ତ୍ତମାନ ରାଜାଙ୍କର କାରାବାସ ଦଣ୍ଡ ହେବରୁ ବନ୍ଦଥିଲା ତାହା ଉକ୍ତ ରାଜାଙ୍କ ମାତାଙ୍କ ମାରଫତ ଦେବା କାରଣ ଗବର୍ଣ୍ଣମେଣ୍ଟରୁ ଆଜ୍ଞା ଆସିଅଛି ଏବଂ ତଦନୁସାରେ ଟଙ୍କା ଦିଆ ଯିବାର ଆରମ୍ଭ ହୋଇଅଛି ।

ମୋଫସଲର ନାନାସ୍ଥାନରେ ଅବଧି ଓଲାଉଠା ରୋଗ ଲାଗି ରହିଅଛି ଏବଂ ଜ୍ୱରରୋଗରେ ଅନେକ ଲୋକ ପୀଡ଼ିତ ଅଛନ୍ତି । ଜ୍ୱରରୋଗ କାର୍ତ୍ତିକ ମାସର ନିତ୍ୟମିତ ବ୍ୟାପାର ମାତ୍ର ଓଲାଉଠା ଏତେଦିନ ପର୍ଯ୍ୟନ୍ତ ରହିବା ବଡ଼ ଆଶ୍ଚର୍ଯ୍ୟ ଅଟଇ ।

ସମ୍ବାଦପତ୍ରରେ ପାଠକଲୁଁ ଯେ ଶ୍ରୀଯୁକ୍ତ ତାମ୍ପିୟରସାହେବ ଆଗାମୀ ନବମ୍ବର ଓ ଶ୍ରୀଯୁକ୍ତ ରେଭେନସା ସାହେବ ଆଗାମୀ ଡିସେମ୍ବର ମାସରେ ଭାରତବର୍ଷରୁ ପ୍ରତ୍ୟାଗମନ କରିବେ । ମାତ୍ର ଶ୍ରୀଯୁକ୍ତ ରେଭେନସା ସାହେବ ବର୍ଦ୍ଧମାନର କମିଶନର ପଦରେ ନିଯୁକ୍ତ ଥିବାରୁ ଆଉ ଓଡ଼ିଶାକୁ ଆସିବେ ନାହିଁ ।

ଗତ ସେପ୍ଟେମ୍ବର ମାସ ତା ୧୪ ରିଖ ସୁଦ୍ଧା ମା ୭୭୧୬୧୯୪ ଜମି ସର୍ବଶେଷ ପାଞ୍ଚବର୍ଷିଆ ଜଳକର କବୁଲିୟତ ହୋଇଥିଲା-

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଶୁଣିଲୁଁ ଯେ ଆସନ୍ତା ମାସଠାରୁ ଆମ୍ଭମାନଙ୍କ କଲେକ୍ଟର ବେଟନ ସାହେବ ଛୁଟୀ ନେଇ ବିଲାତକୁ ଯିବେ । ଶାରୀରିକ ଅସୁସ୍ଥତା ଏଥିର କାରଣ ଅଟଇ ।

ବାଲେଶ୍ୱରର ଜଏଣ୍ଟମାଜିଷ୍ଟ୍ରେଟ ଦଗଟନ ସାହେବ ମେଦିନୀପୁରକୁ ବଦଳି ହୋଇଅଛନ୍ତି ।

ଚଳିତମାସ ପ୍ରଥମ ତାରିଖଠାରୁ ଯେଉଁ ରୋଡ଼ସେସ ବର୍ଷ ଆରମ୍ଭ ହେଲା ତହିଁ ସକାଶେ ଏ ଜିଲାରେ ପୂର୍ଣ୍ଣ ଦର ଅର୍ଥାତ ଟଙ୍କାରେ ଦୁଇପଇସା ଲେଖାଏ ରୋଡ଼ସେସ ନିଆ ଯିବାର ବିଜ୍ଞାପନ ପ୍ରଚାର ହୋଇଅଛି । ପୂର୍ଣ୍ଣ କର ନିଆ ଯାଉଅଛି କିନ୍ତୁ କାର୍ଯ୍ୟ ସେପରି ହେଉ ନାହିଁ ।

ଯାଜପୁରର ଅତିରିକ୍ତ-ମୁନସଫ ବାବୁ ଜଗଦୀଶ୍ୱର ଗୁପ୍ତ ପୁରୀକୁ ଆସିବାର ଆଜ୍ଞା ହୋଇଥିଲା ସମ୍ପ୍ରତି ସେ ମେଦିନୀପୁର ଜିଲାକୁ ବଦଳି ହୋଇଅଛନ୍ତି ।

ବାବୁ ମୋତିଲାଲ ସିଂହ ବି, ଏ, ପୁରୀର ଏକଷ୍ଟ୍ରା ମୁନସଫ ନିଯୁକ୍ତ ହୋଇଅଛନ୍ତି ।

ତୁରକରୁ ଏକବ୍ୟକ୍ତି ହିନ୍ଦୁସ୍ଥାନକୁ ଆସି କେତେକ ସ୍ଥାନ ଭ୍ରମଣ କଲା ଉତ୍ତାରୁ ଆଜମିରରେ ପହୁଞ୍ଚିଲା । ସେଠାରେ ଜଣେ ଧନୀ ମୁସଲମାନର କନ୍ୟାକୁ ବିବାହ କଲା । କିଛି ଅର୍ଥ ସହିତ ସ୍ତ୍ରୀକି ଘେନି ବମ୍ବେଇରେ ପହୁଞ୍ଚିଲା । ଏଥି ମଧ୍ୟରେ ସ୍ତ୍ରୀ ଆପଣା ସ୍ୱାମିର ଚାକର ଜଣେ ଆରବ ସଙ୍ଗରେ ଭାବ କରି ଟଙ୍କା ଓ ଅଳଙ୍କାରାଦି ସବୁ ତାହାକୁ ଦେଇ ଆଜମିରରେ ତାହାକୁ ଗୃହ କରିବାକୁ କହି ଦେଲା ଓ ଟଙ୍କା ଇତ୍ୟାଦି ଚୋରି ଯାଇଅଛି ବୋଲି ସ୍ୱାମିକୁ କହିଲା । ତୁରକୀମିଆଁ ଏଥିରେ ସ୍ତ୍ରୀ ପ୍ରତି ବିରକ୍ତ ହୋଇ ଏକାକୀ ସ୍ୱଦେଶକୁ ପ୍ରସ୍ଥାନ କଲେ ଏବଂ ସ୍ତ୍ରୀ ତୁଷ୍ଟ ହୋଇ ଆଜମିରକୁ ଆସି ଦେଖିଲା ଯେ ନା ଆରବ ନା ଟଙ୍କା ଅଳଙ୍କାରାଦି କିଛି ନାହିଁ । ଏବେବେଳେ ସ୍ତ୍ରୀଟି ମାଗିଖାଇ ଏ କଚେରୀ ସେ କଚେରୀ ବୁଲି ପ୍ରତୀକାର ଲୋଡ଼ୁଅଛି । ବିଶ୍ୱାସଘାତକତାର ସୁନ୍ଦର ଫଳ ମିଳୁଅଛି ।

ଟେଲିଗ୍ରାଫରେ ପାଠ କଲୁଁ ଯେ କାବୁଲ ଯୁଦ୍ଧକୁ ଯାଉଥିବା ସୈନ୍ୟଙ୍କ ସଙ୍ଗରେ ନାନାପ୍ରକାର ଚାକରର କର୍ମ କରିବା ସକାଶେ ଓଡ଼ିଆ ବେହେରାଙ୍କୁ ବେଠି ଧରି ପଠାଇବାର ଆଜ୍ଞା ଗବର୍ଣ୍ଣମେଣ୍ଟରୁ ଆସିଅଛି ବୋଲି ଏକ ମିଥ୍ୟା ଜନରବ ଉଠିବାରେ ବେହେରାମାନେ ଭୀତ ହୋଇ ପାଲିଙ୍କିମାନ ବିକ୍ରୟ କରି ଅଡ୍ଡା ଛାଡ଼ି ଘରକୁ ପଳାଇ ଆସୁଅଛନ୍ତି । ଯେବେ କଲିକତାରେ ରହି ଗୌଡ଼ମାନଙ୍କର ବୃତ୍ତି ନ ହେଲା ତେବେ ଆଉ କପରି ହେବ ?

ଶ୍ୟାମଦେଶର ଅତି ବୃଦ୍ଧ ଶ୍ୱେତହସ୍ତୀର ମୃତ୍ୟୁ ହୋଇଅଛି ଏହାର ବୟସ ବ ୧୦୮ ର୍ଷ ହୋଇଥିଲା । ରାଜ ସମାରୋହ ସହିତ ମିନମ ନଦୀକୂଳରେ ଏହାର ସମାଧି ହେଲା ଓ ଏକଶତ ବୌଦ୍ଧ ପୁରୋହିତ ସେଠାରେ ସମବେତ ହୋଇଥିଲେ ।

ଅଙ୍କ କସିବାର ଗୋଟିଏ ଯନ୍ତ୍ର ସମ୍ପ୍ରତି ପ୍ରସ୍ତୁତ ହୋଇଅଛି ଏହାଦ୍ୱାରା କଠିନ ଅଙ୍କମାନ କସା ଯାଇପାରେ ଏବଂ ଦଶଜଣ ଅଙ୍କ ଜାଣିବା ବ୍ୟକ୍ତିର କାର୍ଯ୍ୟ ଜଣେ ଅଶିକ୍ଷିତ ମୂଲିଆଦ୍ୱାରା ହୋଇପାରେ । କଥିତ ହୁଅଇ ଯେ ଚନ୍ଦ୍ର ଓ ଗ୍ରହମାନଙ୍କର ଗତି ସୁଦ୍ଧା ଏହି କଳଦ୍ୱାରା ଗଣନା ହୋଇ ପାରେ । ଏଣିକି ହେସାବକୁ ଆଉ କେହି ଡରିବେ ନାହିଁ ।

ବମ୍ବେଇରୁ ଦୁଇଜଣ ପାରସୀ ବ୍ୟବସାୟ କରିବା ମାନସରେ ସାଇପ୍ରସ ଦ୍ୱୀପକୁ ଯାଇଅଛନ୍ତି । ପାରସିମାନେ ବାଣିଜ୍ୟ କର୍ମରେ ହିନ୍ଦୁସ୍ଥାନର ଅନ୍ୟ ସମସ୍ତ ଜାତିର ଅଗ୍ରସର ହୋଇଅଛନ୍ତି ।

ଏକ ପତ୍ରିକାରେ ପାଠକଲୁଁ ଯେ ଚୀନଦେଶରେ ଗୋ ୪୦୦ ଟା ନାଳ ଅଛି ଓ ତହିଁ ମଧ୍ୟରୁ କେତେଟା ଦୁଇହଜାର ବର୍ଷ ହେଲା ରହି ଅଛି । ବାସ୍ତବରେ ଚୀନର ଲୋକମାନଙ୍କ ସବୁ ହିକମତ ଅତି ପୁରାକାଳରୁ ଜଣାଅଛି ।

ନେପଲସ୍ ନଗର ନିକଟରେ ଥିବା ଏକ ଆଗ୍ନେୟଗିରିରୁ ବାହାରୁଥିବା ଗନ୍ଧ ଆଉ ଧୂଆଁରେ କ୍ଷୟକାଶ ଏବଂ ବାତରୋଗମାନ ଆରୋଗ୍ୟ ହେବାର କଥିତ ହୁଅଇ ।

ହିନ୍ଦୁପେଟ୍ରିଅଟରେ ପାଠକଲୁଁ ଯେ ହାଇକୋର୍ଟର ଜଜ ମାର୍କବୀ ସାହେବ ବିଲାତକୁ ଯାତ୍ରା କରିବା ସମୟରେ ଉପେନ୍ଦ୍ରନାଥ ଘୋଷର ମାତାଙ୍କ ନିକଟରୁ ଏକଖଣ୍ଡ ଆବେଦନପତ୍ର ପାଇଥିଲେ । ଦୟାବାନ୍ ଜଜ ତାହା ପାଠ କରି ଉପେନ୍ଦ୍ରନାଥକୁ କଏଦରୁ ଖଲାସ ଦେବା କାରଣ ଅନୁରୋଧ କରିଅଛନ୍ତି ଏବଂ ପରସ୍ତ୍ରୀ ଗମନ ଅପରାଧଟି ପିନଲକୋଡ଼ରୁ ଉଠାଇ ଦେବା କାରଣ ପରାମର୍ଶ ଦେଇଅଛନ୍ତି ଏହା ହେଲେ ପରଘର ବୁଡ଼ାମାନେ ଏକାବେଳକେ ନିସ୍ତାର ପାଇ ଯିବେ ।

ବୋଷନୟାର ବିଦ୍ରୋହିଙ୍କ ସହିତ ଅଷ୍ଟ୍ରିୟାର ଯୁଦ୍ଧ ଅବଧି ବନ୍ଦ ହୋଇ ନାହିଁ ଏବଂ ଅଷ୍ଟ୍ରିୟା ଅନେକ କ୍ଷତଗ୍ରସ୍ତ ହେଲେହେଁ କ୍ରମଶଃ ଜୟଲାଭ କରୁଅଛି ।

ମହିସୁର ରାଜ୍ୟ ତହିଁର ସତ୍ୱାଧିକାରୀ ମହାରାଜାଙ୍କୁ ଫେରାଇ ଦେବାପାଇଁ ଗବର୍ଣ୍ଣମେଣ୍ଟ ସମ୍ମତ ହୋଇଅଛନ୍ତି ଏହା ଅତି ସୁଖର ବିଷୟ ଅଟଇ ମାତ୍ର ଦୁର୍ଭିକ୍ଷରେ ସମ୍ପ୍ରତି ଉକ୍ତ ରାଜ୍ୟ ଛାରଖାର ହୋଇଅଛି ।

ସୁଲଭରୁ ଅବଗତହେଲୁଁ ଶୋଭାରାମ ଶୀଲ ମହାଶୟ ପୂର୍ବରୁ ମତିଲାଲ ଶୀଲଙ୍କ ପ୍ରତିଷ୍ଠିତ ବେଲଘରିଆର ଅତିଥିଶାଳା ନିମନ୍ତେ ଏକଲକ୍ଷ ଟଙ୍କାର ଉଇଲ କରି ଯାଇଅଛନ୍ତି ଏହା ଅତ୍ୟନ୍ତ ପ୍ରଶଂସନୀୟ ଦାନ ଅଟଇ ।

Digitized by srujanika@gmail.com

୨ । ବାବୁ ଗୁରୁପ୍ରସାଦ ଘୋଷଙ୍କ ସମ୍ବନ୍ଧୀ ହାସ୍ୟଚନ୍ଦ୍ର ଘୋଷ ନାମ୍ନୀ ଅଠରବର୍ଷ ଜେନେରେଲ ଏସେମ୍ବ୍ଲିରେ ପଢୁଥିଲେ । ନସିବନ୍ ନାମକ ଏକ ସୁନ୍ଦରୀ କନ୍ୟା ସଙ୍ଗରେ ତାହାର ଅନ୍ୟାସ୍ବରୂପ ଅଳାପ ପରିଚୟ ହେଲା । ପ୍ରାୟ ୫ ବର୍ଷଠାରୁ ତାହା ନିକଟକୁ ସେ ଗୋପନଭାବରେ ଯତାୟାତ କରୁଥିଲା । ସମ୍ପ୍ରତି ଏକଦିନ ସେ ଉର୍ଣ୍ଣ ପଥର ବାକ୍ସ ଭାଙ୍ଗି ଟଙ୍କା ଓ ଦ୍ରବ୍ୟାଦି ନେଇ ପଳାଇଲା ଟ ୨୫୦୯ ଙ୍କା ନସିବନ ବନ୍ଧକ ଦେଇ ବର୍ତ୍ତମାନ ପ୍ରସ୍ଥାନ କଲା । ସେଠାରେ ଯାଇ ଧରାପଡି ଅଛି । ତାହାର ଏବଂ ନସିବନର ୧୫ ବର୍ଷ ଲେଖାଏଁ ମିଆଦ ହୋଇଅଛି ।

୩ । ଜଣେ ମନୁଷ୍ୟ କୌଣସି କୃପଣ ସଙ୍ଗରେ ବନ୍ଧୁତା କରିଥିଲା । ଦିନେ ସେ କୃପଣବନ୍ଧୁକୁ କହିଲା ଯେ ଅମ୍ଭେ ବିଦେଶ ଯାଉଅଛୁଁ ତୁମ୍ଭର ଅଙ୍ଗୁଳିସ୍ଥ ମୁଦି ମୋତେ ଦିଅ ମୁଁ ତାହା ରଖିବି ଏବଂ ଯେତେବେଳେ ତାହା ଦେଖିବି ତୁମ୍ଭକୁ ସ୍ମରଣ କରିବି ବନ୍ଧୁ ଉତ୍ତର କଲା, ଯଦି ମୋତେ ସ୍ମରଣ କରିବାକୁ ଇଚ୍ଛା ତେବେ ଯେତେବେଳେ ଅଙ୍ଗୁଳିଟି ଦେଖିବ ସେତେବେଳେ ମନେ କରିବ ଯେ ବନ୍ଧୁକୁ ମୁଦିଟି ମାଗିବାରେ ସେ ଦେଇ ନାହାନ୍ତି । ଏକଥାଟି ମୋତେ ସ୍ମରଣ କରିବାର ବେଶ ଉପାୟ ହେବ ।

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ! ଆପଣ ଅନୁଗ୍ରହ ପୂର୍ବକ ଏହି ବିଷୟକୁ ଆପଣଙ୍କ ପତ୍ରିକାରେ ପ୍ରକାଶ କରି ସର୍ବସାଧାରଣ ପାଠକମାନଙ୍କୁ ଜଣାଇଦେଲେ ମୋହର ଅଭିଳାଷ ପୂର୍ଣ୍ଣ ହେବ ।

ଶ୍ରୀମଦ୍ଭାଗବତ ଏହି ଉତ୍କଳଦେଶରେ ଶ୍ରୀ ଜଗନ୍ନାଥ ଦାସଙ୍କ କବିତା ଓ ଦୀନବନ୍ଧୁ ଖୁଣ୍ଟିଆଙ୍କ କବିତା ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବାର ଦେଖାଯାଏ, ଆଉ ଜାନକୀବଲ୍ଲଭ କରଙ୍କ ରଚିତ ଭାଗବତ ବାଲେଶ୍ବର ଜିଲ୍ଲାରେ ଚଳୁଥିବାର ଏବେ ଶୁଣିଲୁଁ । ଏଥିମଧ୍ୟରେ ଶ୍ରୀ ଜଗନ୍ନାଥଦାସ ମହାଶୟ କେବଳ ଭାଗବତର ମର୍ମସବୁ ଉଦ୍ଧୃତ କରି ଭାଷାରେ ରଚନା କରିଥିବାରୁ ସଂସ୍କୃତ ଶ୍ଳୋକ ସଙ୍ଗେ ଇହାଁର ମେଳ ହୁଅଇ ନାହିଁ । ମଧ୍ୟ ଶୁଣାଅଛି ଯେ ଗଡ଼ଜାତରେ ଚଳୁଥିବା ଉକ୍ତ ଖୁଣ୍ଟିଆଙ୍କ ଭାଗବତର ସଂସ୍କୃତ ସଙ୍ଗେ ଅନେକ ମେଳଅଛି । ଯଥାର୍ଥ ବିଚାର କଲେ ସଂସ୍କୃତ ସଙ୍ଗେ ମିଳାଇବାର ପ୍ରାକୃତ କବିତାକୁ ଭଲ ନୁହଇ, ଯେହେତୁ ସଂସ୍କୃତ ରଚନାର ମର୍ମର ଉତ୍ତୋଳନ କରି ପ୍ରାକୃତ ରଚନା କରିବାର ସର୍ବସାଧାରଣରେ ନିୟମ ପ୍ରଚଳିତ ଅଛି । ଆଉଯେବେ ପଦ୍ୟବନ୍ଧରେ ରଚନା ନ କରି କେବଳ ଗଦ୍ୟରେ ଅନୁବାଦ କରାଯିବ ତେବେ ସୁନ୍ଦର ସଂସ୍କୃତ ସଙ୍ଗରେ ମିଳିପାରିବ ଏଥିରେ ସନ୍ଦେହ ନାହିଁ । ସେ ଯାହା ହେଉ ବର୍ତ୍ତମାନରେ ବାଲେଶ୍ବର ମୋକାମର ଶ୍ରୀବାବୁ ଭଗବାନ୍ ଦାସ ମହାଶୟ ଭାଗବତ ସମସ୍ତ ଛପାଇବାପାଇଁ ବ୍ରତୀ ହୋଇ ଯେଉଁ ନୂତନ ଭାଗବତକୁ ମୁଦ୍ରାଙ୍କନ କରାଇ ପ୍ରକାଶ କରୁ ଅଛନ୍ତି ସେ ବିଷୟରେ ବାବୁ ମହାଶୟଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରୁଅଛୁଁ, ଯେହେତୁ ଅମ୍ଭ ଏ ଦେଶମଧ୍ୟରେ ଅନେକ ଧନିବ୍ୟକ୍ତି ଅଛନ୍ତି ସତ୍ୟ ତଥାପି ଏପରି ସର୍ବସାଧାରଣଙ୍କ ହିତକର କାର୍ଯ୍ୟରେ କେହି ପ୍ରବୃତ୍ତ ହୋଇ ନାହାନ୍ତି । ବାବୁ ମହାଶୟଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ଯେବେ ନୂତନ କରି ସଂସ୍କୃତ ଭାଗବତରୁ ଅନୁବାଦ କରାଇବାକୁ ଆପଣଙ୍କର ନିତାନ୍ତ ବାସନାଥାଏ ତେବେ ଯେ ଉତ୍ତମ ରୂପେ ଉତ୍କଳ ପଦ୍ୟ ରଚନା କରି ପାରୁଥିବେ ଏବଂ ସଂସ୍କୃତ ଭାଷାରେ ବ୍ୟୁତ୍ପନ୍ନଥିବେ ଏ ପରି ଏକ ବ୍ୟକ୍ତିଙ୍କ ନିକଟରେ ରଖାଇ ଉତ୍ତମ ରୂପେ ଉତ୍କଳ ପଦ୍ୟରେ ରଚନା କରାଇ ଛପାକରାଇଲେ ସର୍ବସାଧାରଣରେ ତାହା ଗ୍ରାହ୍ୟ ହେବ ଏବଂ ଆପଣଙ୍କ ମନୋବାଞ୍ଛା ସଫଳ ହେବ । ଆପଣ ବର୍ତ୍ତମାନରେ ଯେଉଁ ନୂତନ ପଦ୍ୟ ଭାଗବତକୁ ଛପାଇ ଅଛନ୍ତି ଏହାକୁ ଯେଉଁ ମହାତ୍ମା ରଚନାକରି ଅଛନ୍ତି ବୋଧହୁଏ ସେ ଉତ୍କଳୀୟ ପ୍ରାକୃତ ପଦ୍ୟ କବିତା ତେତେ ଉତ୍ତମ ଜାଣନ୍ତି ନାହିଁ । କେବଳ ଅକ୍ଷରଗଣି କରି ଯେ ପଦ୍ୟ ରଚନାକରି ଏହା ନିତାନ୍ତ ଉପହାସର ସ୍ଥାନ ହୋଇ ଉଠିବା କଥା । ଏହି ଯେଉଁ ନୂତନ ଭାଗବତ ଛପାହୋଇ ଅଛି ଇହାଁର ରଚନା ଦୋଷ ଯୋଗ ଲେଖିଲେତ ପତ୍ରରେ ସ୍ଥାନ ହେବ ନାହିଁ ତଥାଚ ଆପଣଙ୍କ ଜାଣିବାକାରଣ ଗୋଟିଏ ଦୁଇଏକପଦ ଲେଖୁଅଛୁଁ ଆପଣ ଏଥିର ଯଥାର୍ଥ ବିବେଚନା କରି ଅମ୍ଭମାନଙ୍କ ଦୋଷ ନ ବାଛିବେ । ଯଥା;

୨ ମ ଅଧ୍ୟାୟ;

ନିର୍ଗୁଣ ସ୍ବାଦ ମାନ କୃତ । ଅନର୍ଥ କୁ ସେ ଉପଶତ । ୭ ।
ସାଧୁସ ମୋହ ଶୋକ କର । ଭକ୍ତି କହୁଇ ପୁରୁଷର । ୮ ।
ଯେ ଅସ୍ଥା ସମ ମୁନ ମାନ । ହେଲେହେଁ ଛଦଗଛି ଶୂନ୍ୟ
ଏ ପ୍ରିୟ ହେବ ଦୁର୍ଯ୍ୟୋଧର । ଦଶ୍ବର ଏମନ୍ତ ମନର । ୧୫ ।
କରସେ ମୁଣ୍ଡରେ ଅସନ । କରବୁ ପୁତ୍ର ଦହସ୍ଥାନ । ୧୭ ।
ଦ୍ରୋଣିଙ୍କ ଯେତେ ଅସ୍ବମାନ । ସ୍ନେହେତୁଅନ୍ତି ତେଷ୍ଟାଶୂନ୍ୟ । ୨୦
ଦରବା ଇଚ୍ଛାରେ ଭୁଜର । ଏ ଅବତାର ଆପଣର । ୨୭ ।
ମୁଁ ଏହା କୋଟିଁ ଅଛ ଜାତ । ବୁଝାଅ ମୋତେ ସେ ଅତ୍ଭୁତ ।
ପ୍ରଜୋପଦ୍ରବ ଶୋକ ହତ । ଅନାଇ ବାମକର ସୁତ । ୩୨ ।
ଧର୍ମ ନନ୍ଦନକ ମହତ । ଏମନ୍ତ ସଙ୍ଗୀ ବାକ୍ୟ ଜାତ ୪୬ ।
ଇତ୍ୟାଦ ।

କେବଳ ଗୋଟିଏ ଅଧ୍ୟାୟ ପଢ଼ି ଉକ୍ତ କେତେକ ପଦ ଦେଖି ପଢ଼ିବାରୁ ନିବର୍ତ୍ତିବାକୁ ହେଲା । ଯେ ହେତୁ "ନିର୍ଗୁଣଙ୍କୁ ଭୂମାନ" "ପ୍ରଜୋପଦ୍ରବ" ଏପରି ପଦ ଭାଷାରେ ପ୍ରୟୋଗ କଲେ କେତେଦୂର ସୁବୋଧ ହୋଇପାରେ ବିଚାରିବାକୁ ହେବ । "ସାଧୁସମୋହ" ଏହା କେତେ ସହଜରେ ବୁଝା ଯାଉଅଛି । "ଯେ ଅଭ୍ୟାଗ୍ରମ ମୁନିମାନ" ଯେ ଏକବଚନ, ମୁନିମାନ ବହୁବଚନ, ଏପରି ଭାଷାରେ ମୁନିମାନେ ସ୍ଥିଏ ମୁନିମାନ ପ୍ରୟୋଗ ହେବାର ଦେଖା ନାହିଁ । "ଏ ପ୍ରିୟହେବ ଦୁର୍ଯ୍ୟୋଧର" ଦୁର୍ଯ୍ୟୋଧ ଶବ୍ଦର ଅର୍ଥ ବୁଝା କଠିନ । "ଏ ଅବତାର ଆପଣର" ଆପଣଙ୍କର କନା ଆପଣାର ହେବାର ଦେଖା ନାହିଁ । "ମୁ ଏହା କୋଟିଁ ଅଛ ଜାତ" ଏପରି କବିତାର କିମ୍ବା ବ୍ୟବହାର ମଧ୍ୟ ଦେଖା ନାହିଁ । "କର ସେ ମୁଣ୍ଡରେ ଅସନ । କରବୁ ପୁତ୍ର ଦହସ୍ଥାନ ।" ଏଥିର ଅର୍ଥ ବୁଝି କେତେ ସହଜ ବିଚାରିବାକୁ ହେବ, ଆଉ ମଧ୍ୟ କରି ଦୁଇ ପାଦର ଆଦ୍ୟରେ ଥିବାରୁ କିପରି ସୁରମ୍ୟ ହୋଇଅଛି ।

ଏହିପରି ଦେଖିଲେ ଅନେକ ଦୋଷ ଦେଖାଯିବ କିନ୍ତୁ ବାବୁ ମହାଶୟଙ୍କ ପ୍ରାର୍ଥନା ଯେ ଯେବେ ଏପରି ମହତ୍କାର୍ଯ୍ୟରେ ବ୍ରତୀ ହୋଇ ଅଛନ୍ତି ତେବେ ଯେପରି ସର୍ବସାଧାରଣରେ ଭଲ ହେବ ସେହିପରି ବିବେଚନା ପୂର୍ବକ କାର୍ଯ୍ୟରେ ପ୍ରବୃତ୍ତ ହେଉନ୍ତୁ । ଏହା ଆପଣଙ୍କ ନିକଟରେ ଅମ୍ଭେମାନେ ପ୍ରାର୍ଥନା କରୁଅଛୁଁ ଯେ ଆପଣଙ୍କୁ ଯେବେ ଅମ୍ଭ ଲିଖିତ କଥାସବୁ ଅସୁଗକର ବୋଧ ହୋଇ ଆପଣଙ୍କ ପ୍ରକାଶିତ କବିତା ଭଲ ଜଣାଯିବ ତେବେ ଅମ୍ଭମାନଙ୍କର କୌଣସି ଆପତ୍ତି ନାହିଁ । ଇତି ।

। ଇ । କେହି ଓଡ଼ିଆ ପଦ୍ୟପ୍ରିୟ ପ.ଠକ ।

FOR SALE.

A large Musical Box ( 22 inches × 9 ) playing eight Polkas, &c., with an accompaniment of six Bells, in good playing order.—Rupees 80 ( cost Rs. 250. )

Apply to the Supt. Mission Press, who has been requested to dispose of the above.

ମୂଲ୍ୟପ୍ରାପ୍ତି ।

ଶ୍ରୀ ରଜା କଷ୍ଟେ ଗଶିଦ୍ୟା ବକାୟା ଟ ୨୫୯

ଏହି ଉତ୍କଳ ଦୀପିକା ସହର କଟକ ପରସାବଜାରକଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

GISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୩ ଶ
ସଂ ୪୨ ଖ୍ୟା

ତା ୨୬ ରିଖ ମାହେ ଅକ୍ଟୋବର ସନ ୧୮୭୮ ମସିହା । ମୁ । କାର୍ତ୍ତିକ ବ ୧୨ ଦି ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୩୦
ମଫସଲପାଇଁ ଡାକମାସୁଲ ଟ ୧।୬/

ଅମ୍ଭମାନଙ୍କର ଷ୍ଟେଟଲଟ ସାହେବ ଅତିରିକ୍ତ ମୁନସଫ ନିଯୁକ୍ତ କରିବାର ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିଅଛନ୍ତି । ଏହାଦ୍ୱାରା ମୁନସଫଙ୍କର ଗୋଟିଏ ଶ୍ରେଣୀ ବଢ଼ିଲା । ପ୍ରଥମ ଶ୍ରେଣୀର ମୁନସଫଙ୍କ ବେତନ ଟ ୪୦୦ ଦ୍ୱିତୀୟ ଶ୍ରେଣୀ ଟ ୩୦୦ ତୃତୀୟ ଶ୍ରେଣୀ ଟ ୨୫୦ ଏବଂ ନୂତନ ଚତୁର୍ଥ ଶ୍ରେଣୀ ଟ ୨୦୦ ଟଙ୍କା । ଏ ବନ୍ଦୋବସ୍ତଦ୍ୱାରା ନିମ୍ନଶ୍ରେଣୀର ମୁନସଫ ଏବଂ ଡେପୁଟୀ କଲେକ୍ଟରଙ୍କ ବେତନ ସମାନ ହେଲା ସନ୍ତୋଷର ବିଷୟ ଅଟଇ ।

---

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ବାବୁ ରାଜକୃଷ୍ଣ ମୁଖୁର୍ଯ୍ୟା ଏମ ଏ ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କର ବଙ୍ଗଳା ଅନୁବାଦକ ପଦରେ ନିଯୁକ୍ତ ହୋଇଅଛନ୍ତି । ଏ କାର୍ଯ୍ୟଟି ଦୀର୍ଘକାଳ ପାଦ୍ରି ରବିନସନ ସାହେବଙ୍କ ହସ୍ତରେ ଥିଲା । ତାହାଙ୍କ ମୃତ୍ୟୁ ହେବାରୁ ରାଜକୃଷ୍ଣ ବାବୁ ସେ କର୍ମ ପାଇଲେ । ମାନ୍ୟବର ଇଡେନ ସାହେବ ଏ ପଦଟି ଜଣେ ବଙ୍ଗାଳିକୁ ଦେଇ ସମସ୍ତଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

---

ମୁଦ୍ରାଯନ୍ତ୍ର ବିଷୟକ ଆଇନ ସଂଶୋଧନ ନିମିତ୍ତ ଯେଉଁ ଆଇନର ପାଣ୍ଡୁଲିପି ଭାରତବର୍ଷୀୟ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହୋଇଥିଲା ତାହା ବିଧିବଦ୍ଧ ହୋଇ ଅଛି । ଏ ଆଇନ ସମ୍ପର୍କରେ ଯେତେ ଆବେଦନ ପତ୍ରମାନ ଗବର୍ଣ୍ଣମେଣ୍ଟଙ୍କୁ ଯାଇଥିଲା ସେ ସମସ୍ତ ବିଫଳ ହେଲା ଗବର୍ଣ୍ଣମେଣ୍ଟ କାହାରି ଅନୁରୋଧ ଶୁଣିଲେ ନାହିଁ ଓ ଯାହା ପୂର୍ବରୁ ସ୍ଥିରକରି ଥିଲେ ତାହାହିଁ କଲେ । ସଭାରେ ସର୍ ଆରବଥ ନଟ ଏକ ଦୀର୍ଘ ବକ୍ତୃତା କରି ବ୍ୟବସ୍ଥାପକ ସଭାର କାର୍ଯ୍ୟର ପୋଷକତା କଲେ ଏବଂ ଭାରତବର୍ଷରୁ କଲିକତା ପର୍ଯ୍ୟନ୍ତ ମୁଦ୍ରାଯନ୍ତ୍ର ଆଇନ ବିରୁଦ୍ଧରେ ଯେତେ ଆପତ୍ତି ହୋଇ ଅଛି ସେସବୁ ଖଣ୍ଡନ ପକ୍ଷରେ ଅନେକ ଯୁକ୍ତି ଦେଖାଇଲେ । ପରିଶେଷରେ ମହାମାନ୍ୟ ଲାଟସାହେବ ଏକ ବକ୍ତୃତାଦ୍ୱାରା ପ୍ରକାଶ କଲେ ଯେ ମୁଦ୍ରାଯନ୍ତ୍ର ଆଇନଦ୍ୱାରା ଅନେକ ଉପକାର ହୋଇ ଅଛି ଏହା ଜାରି ହେବାର ସାତମାସ ହେଲା ଓ ଏଥି ମଧ୍ୟରେ ଦେଶୀୟ ସଂବାଦପତ୍ରର ଲେଖା ଅନେକ ଭଲ ହୋଇ ଅଛି ଅତଏବ ଏପରି ଆଇନ କରିବାର ଯେ ବିଶେଷ ଆବଶ୍ୟକ ଥିଲା ତହିଁରେ କିଛି ସନ୍ଦେହ ନାହିଁ । ଏଣିକି ଦେଶୀୟ ସଂବାଦପତ୍ରମାନେ ଯେପରି ଯଥାର୍ଥ ସଂବାଦମାନ ପାଇବେ ତହିଁର ବନ୍ଦୋବସ୍ତ ହେବ ।

---

ଯଦ୍ୟପି କି ଅନର୍ଥକ ମୁଦ୍ରାଯନ୍ତ୍ର ବିଷୟକ ଆଇନ ବିଧିବଦ୍ଧ କରିବାଦ୍ୱାରା ମହାମାନ୍ୟ ଲର୍ଡଲିଟନ ସାହେବ ସର୍ବସାଧାରଣଙ୍କ ସମୀପରେ ଦେଶୀୟ ସଂବାଦ ପତ୍ରର ଶତ୍ରୁ ବୋଲି ପରିଚିତ ହୋଇ ପାରୁ ନାହାନ୍ତି ତଥାପି ସ୍ୱୀକାର କରିବାକୁ ହେବ ଯେ ସାହେବ ପ୍ରଶଂସିତ ସଂବାଦ ପତ୍ରର ମଙ୍ଗଳ କାମନା କରିବାକୁ ତ୍ରୁଟି କରୁ ନାହାନ୍ତି ଏବଂ ସଂବାଦପତ୍ରର ହିତ ନିମିତ୍ତ କେତେ ପ୍ରକାର ଅନୁଷ୍ଠାନ କରୁ ଅଛନ୍ତି । ଯେମନ୍ତ ଇଂରାଜୀ ସଂବାଦପତ୍ରମାନଙ୍କୁ ରାଜକୀୟ ସଂବାଦମାନ ଯୋଗାଇବାର ନିୟମ ହୋଇଅଛି ସେହିପରି ଦେଶୀୟ ସଂବାଦପତ୍ରମାନଙ୍କୁ ଯୋଗାଇବାର ବନ୍ଦୋବସ୍ତ ହେଉ ଅଛି । ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଇଣ୍ଡିଆଁରୁ ଆଜ୍ଞା ପ୍ରଚାର ହୋଇ ଅଛି କି ଗବର୍ଣ୍ଣମେଣ୍ଟଙ୍କର ଯେଉଁ ସମସ୍ତ ବିଜ୍ଞାପନ ସର୍ବସାଧାରଣର ଜାଣିବାର ଆବଶ୍ୟକ ସେ ସମସ୍ତ କେବଳ ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶ ନ ହୋଇ ଇଂରାଜୀ ଓ ଦେଶୀୟ ସଂବାଦପତ୍ରମାନଙ୍କରେ ପ୍ରକାଶ ହେବ । ସବୁ ସଂବାଦପତ୍ରରେ ଉକ୍ତ ପ୍ରକାର ବିଜ୍ଞାପନମାନ ଛପା କରିବାକୁ ହେବ ଏମନ୍ତ ନୁହେ, ସ୍ଥାନୀୟ ହାକିମମାନେ ବିବେଚନା ପୂର୍ବକ କେତେ ଗୁଡ଼ିଏ ସଂବାଦପତ୍ର ବାଛିନେଇ ତହିଁରେ ବିଜ୍ଞାପନମାନ ପ୍ରକାଶ କରିବେ । ଏ ଆଜ୍ଞାଟି ଉତ୍ତମ ହୋଇ ଅଛି । ଗେଜେଟର ପାଠକ ଅତ୍ୟନ୍ତ ଅଳ୍ପ ସୁତରାଂ ତହିଁରେ ପ୍ରକାଶିତ ବିଜ୍ଞାପନମାନ ପ୍ରାୟ ସର୍ବସାଧାରଣର ଦୃଷ୍ଟିଗୋଚରରେ ଆସଇ ନାହିଁ ।

---

ହାକିମଙ୍କ ଗସ୍ତ ବିଷୟରେ ଅମ୍ଭମାନଙ୍କର ଷ୍ଟେଟଲଟ ସାହେବ ଏହି ପରି ମତ ପ୍ରକାଶ କରି ଅଛନ୍ତି କି କଲେକ୍ଟରମାନେ ଅନ୍ତତଃ ବର୍ଷରେ

Digitized by srujanika@gmail.com

ଛଅମାସ ଓ ସବଡିଭିଜନ ହାକିମମାନେ ଚାରିମାସ ମୋଫସଲ ଗସ୍ତ କରିବେ । କେବଳ ଶୀତକାଳରେ ଗସ୍ତ କରିବା ନିତାନ୍ତ ଆବଶ୍ୟକ ନୁହଇ ଅନେକ ଜିଲ୍ଲାରେ ବର୍ଷାକାଳ ଗସ୍ତ କରିବାର ଉପଯୁକ୍ତ ସମୟ ଅଟଇ । କଲେକ୍ଟରମାନେ ସଦର ଛଡା ଅନ୍ୟକୌଣସି ସ୍ଥାନରେ ଅପଣା ଜିଲ୍ଲାର ଲୋକଙ୍କୁ ନ ଭେଟିବାର ଅଭ୍ୟାସ କରିବାରୁ ଲୋକଙ୍କ ଉପରୁ ତାହାଙ୍କର ଅଧିକାର ଛଡି ଯାଉ ଅଛି । ଯେଉଁ ହାକିମ ଅପଣା ଜିଲ୍ଲାକୁ ଭଲରୂପେ ନ ଜାଣେ ଓ ଭ୍ରମଣଦ୍ୱାରା ଗ୍ରାମ୍ୟ ଲୋକଙ୍କର ଅବସ୍ଥା ଶିକ୍ଷା ନ କରେ ସେ ସୁଯୋଗ୍ୟ ହାକିମ ହେବାର ସମ୍ଭବ ନୁହଇ । କେତେବର୍ଷ ହେଲା ଏ ବିଷୟରେ ଅନେକ ପରିବର୍ତ୍ତନ ଦେଖା ଯାଉ ଅଛି ଏବଂ ତହିଁର ଫଳ ମନ୍ଦ ହୋଇ ଅଛି ।

ଷ୍ଟୋର୍ଲଣ୍ଟ ସାହେବଙ୍କ ଉପର ଲିଖିତ ଅଭିପ୍ରାୟଟି ଯଥାର୍ଥ ଅଟଇ । ଆଗେ ହାକିମମାନେ ଯେମନ୍ତ ଲୋକଙ୍କ ସଙ୍ଗେ ମିଶୁଥିଲେ ବର୍ତ୍ତମାନ ସେପରି ଦେଖା ନ ଯାଏ ଓ ସେହି ହେତୁରୁ ପୂର୍ବ ହାକିମଙ୍କ ସୁଖ୍ୟାତି ବର୍ତ୍ତମାନ ହାକିମମାନେ ଲଭିପାରୁ ନାହାନ୍ତି । ପୂର୍ବେ ହାକିମମାନେ ମୋଫସଲ ଗସ୍ତ ସମୟରେ ଗାଁ୨ ବୁଲି କେତେ ଲୋକର ଗୃହ ବିବାଦମାନ ଭଙ୍ଗି ଦେଉ ଥିଲେ ଓ ଲୋକଙ୍କ ସଙ୍ଗେ ଏମନ୍ତ ମିଶୁଥିଲେ ଯେ ଲୋକେ ହାକିମଙ୍କ ହାତଧରି ଘରକୁ ଟାଣିନେଇ ଯାଉ ଥିଲେ । ଏବେତ ହାକିମଙ୍କୁ ଦାଣ୍ଡରେ ଦେଖିଲେ ଘରକୁ ଡରି ପଳାନ୍ତି । ଆମ୍ଭେମାନେ ଆଶାକରୁଁ ଯେ ଷ୍ଟୋର୍ଲଣ୍ଟସାହେବଙ୍କ ମତାନୁଯାୟୀ ହାକିମମାନେ ଏଣିକି କର୍ମକାରକ ହୋଇ ଅପଣାର ସୁଖ୍ୟାତି ଏବଂ ପ୍ରଜାଙ୍କ ସୁଖ ବର୍ଦ୍ଧନ କରିବେ ।

କାବୁଲଯୁଦ୍ଧ ।

କଥିତ ହୁଅଇ ଯେ ନବାବ ଗୋଲାମ ହୋସେନ କାବୁଲରୁ ଫେରିଅସିଲେଣି । ଅମିର ତାହାଙ୍କ ହସ୍ତରେ ଗବର୍ଣ୍ଣର ଜେନରଲଙ୍କର ସମସ୍ତପତ୍ରର ଉତ୍ତର ଦେଇଅଛନ୍ତି ଏବଂ ଋଷ ଗବର୍ଣ୍ଣମେଣ୍ଟଙ୍କ ସହିତ ବନ୍ଧୁତା ସ୍ଥିରଥିବାର ସଙ୍କେତସ୍ୱରୂପ ନାନାପ୍ରକାର ଉପଢୌକନମାନ ପଠାଇଅଛନ୍ତି । ଏପର ଏମନ୍ତ ସୁଦ୍ଧା କଥିତ ହୁଅଇ ଯେ ଅମିର ସ୍ୱୟଂ ଅସି ପେଶୱାରରେ ଗବର୍ଣ୍ଣର ଜେନେରଲଙ୍କ ସହିତ ସାକ୍ଷାତ କରିବାର ଇଚ୍ଛାପ୍ରକାଶ କରିଅଛନ୍ତି । ଯେବେ ଏପରି ହେଲା ତେବେ ଯୁଦ୍ଧ ହେବାର ଆଶଙ୍କା ନାହିଁ ମାତ୍ର ଯୁଦ୍ଧର ଆୟୋଜନ ଉଭୟପକ୍ଷରୁ ଲାଗିଅଛି । ଇଂରାଜଙ୍କ ସୈନ୍ୟ ତୋପ ଇତ୍ୟାଦି ଯୁଦ୍ଧର ସମସ୍ତ ଉପକରଣ ସୀମାପ୍ରଦେଶକୁ ପ୍ରେରିତ ହେଉଅଛି ଏବଂ ଅମିର ମଧ୍ୟ ନିଶ୍ଚିନ୍ତ ନାହାନ୍ତି । କଥିତ ହୁଅଇ ଯେ ଅଲିମସଜିଦ ଠାରେ ୩୫ ହଜାର ସୈନ୍ୟ ପ୍ରସ୍ତୁତ ଅଛନ୍ତି ଓ ୪୨ ଗୋଟା ତୋପ ସଜିତ ହୋଇ ରହିଅଛି । ଏଣେ ଯୁଦ୍ଧ ଆରମ୍ଭ ହେବାର ବିଲମ୍ବ ଦେଖି ବହୁତଲୋକ ବ୍ୟସ୍ତ ହେଉଅଛନ୍ତି । କଲିକତା ସମ୍ବାଦରୁ ଜଣାଯାଏ ଯେ ସେଠାଲୋକେ ଅମିରଙ୍କୁ ଯବ୍ଦ କରିବା ସକାଶେ ନିତାନ୍ତ ଉତ୍ସୁକ ହୋଇଅଛନ୍ତି ଏବଂ ଅନେକ ଭାରତବର୍ଷୀୟ ଇଂରାଜୀ ସମ୍ବାଦପତ୍ରର ମତ ଏହି ଯେ ଯୁଦ୍ଧଶୀଘ୍ର ଆରମ୍ଭ ହେଲେ ଭଲ କାରଣ ବିଲମ୍ବ ହେଲେ ଯେବେ ଅମିର ରୁଶିୟାର ସାହାଯ୍ୟ ପାଇବ ତେବେ ଯୁଦ୍ଧ ଅତ୍ୟନ୍ତ ପ୍ରବଳ ହେବ ଓ ବର୍ତ୍ତମାନ ଯାହା ସହଜରେ ହୋଇପାରେ ତାହା କେତେବେଳେ ବହୁ ଆୟାସରେ ସିଦ୍ଧ ହେବ ।

ଟାକ୍ସ ଓ ମାଗଣ ।

ପୂର୍ବକାଳରେ ମୋଗଲବନ୍ଦିର ଜମିଦାରମାନେ କେତେବେଳେ କୌଣସି ବିଶେଷ ଖର୍ଚ୍ଚର ପ୍ରୟୋଜନ ହେଉଥିଲେ ପ୍ରଜାଙ୍କଠାରୁ ମାଗଣ କରି ଟଙ୍କା ନେଉଥିଲେ । ବର୍ତ୍ତମାନକୁ ସେକଥା ରହିତ ପ୍ରାୟ ହୋଇଅଛି ତେବେ ଗଡ଼ଜାତରେ ମାଗଣର ରୀତି ଅଦ୍ୟାପି ବିଶେଷ ପ୍ରବଳ ଅଛି । ରାଜାଙ୍କର କୌଣସି ବିଶେଷ କାର୍ଯ୍ୟ ପଡିଲେ ପ୍ରଜାଙ୍କଠାରୁ ମାଗଣ କରି ଟଙ୍କା ନିଅନ୍ତି । ଏକ୨ ସମୟରେ ଏକ୨ ସ୍ଥଳରେ ଏତେ ମାଗଣ ହୁଅଇ ଯେ ପ୍ରଜାମାନେ ତାହା ଦେବାକୁ ନିତାନ୍ତ କଷ୍ଟକର ମଣନ୍ତି ଏବଂ ତାହା ନ ଦେବା ଓ ରାଜାଙ୍କୁ ତହିଁରୁ କ୍ଷାନ୍ତ କରିବାକୁ ମେଳ କରନ୍ତି । ସୁଚତୁର ରାଜା ଏମନ୍ତ ଅବସ୍ଥା ଦେଖିଲେ ଏକ୨ ମାଗଣରୁ କ୍ଷାନ୍ତ ମଧ୍ୟ ହୁଅନ୍ତି । ଇଂରାଜଗବର୍ଣ୍ଣମେଣ୍ଟ ମାଗଣକୁ ଦୂଷଣୀୟ ଜ୍ଞାନ କରି ତହିଁ ନିକଟକୁ ଯାନ୍ତି ନାହିଁ କିନ୍ତୁ ତାହାକୁ ଏକ ସ୍ୱତନ୍ତ୍ର ନାମ ଦେଇ ଟାକ୍ସରୂପରେ ଆଦାୟ କରନ୍ତି । ବାସ୍ତବରେ ବିବେଚନା କରି ଦେଖିଲେ ଟାକ୍ସ ଏକପ୍ରକାର ମାଗଣ ଅଟଇ । ପ୍ରଭେଦ ଏତିକି ଯେ ମାଗଣଟା ଏକପ୍ରକାର ବଳଦସ୍ତୁ ହିସାବରେ ମୋଟ କଟ୍ଟୋଣି ହୋଇ ପ୍ରଜାଙ୍କଠାରୁ ଆଦାୟ ହୁଅଇ ମାତ୍ର ଟାକ୍ସ ଅତ୍ୟନ୍ତ ସୂକ୍ଷ୍ମ ନ୍ୟାୟପୂର୍ବକ ପ୍ରତ୍ୟେକ ଲୋକର ଆୟ ଦୃଷ୍ଟିରେ ଆଦାୟ ହୁଅଇ ମାତ୍ର କାଗଜରେ ପଢିବା ଯେତେ ଅଚ୍ଛା ଭଲ ଲାଗୁ ଅମ୍ଭମାନଙ୍କ ବିବେଚନାରେ କାର୍ଯ୍ୟତଃ ଟାକ୍ସ ମାଗଣଠାରୁ ନିକୃଷ୍ଟ ଅଟଇ ମାଗଣସ୍ୱରୂପ ପ୍ରଜାମାନେ ଯାହା ଦିଅନ୍ତି ତାହା ସମସ୍ତ ରାଜାଙ୍କ ଭଣ୍ଡାରକୁ ଆସଇ ଏଥିରେ କୌଣସି ପ୍ରଜାପ୍ରତି ମାଗଣର କର ଅତ୍ୟନ୍ତ କଠିନରୂପେ ପଡିଲେହେଁ ସେ ତାହା ଅନିବାର୍ଯ୍ୟ ଜ୍ଞାନ କରି ଭୁଲି ହୋଇ ରହଇ । କିନ୍ତୁ ଟାକ୍ସରେ ତାହା ନୁହେ । ଟାକ୍ସରୂପେ ଯେତେ ଟଙ୍କା ରାଜଭଣ୍ଡାରକୁ ଆସଇ ତହିଁର ତିନିଗୁଣ ଟଙ୍କା ଏଣେ ତେଣେ ବ୍ୟୟ ହୋଇଯାଏ ଓ ଟାକ୍ସ ଧାର୍ଯ୍ୟ କରିବା ଅତ୍ୟନ୍ତ କଠିନକର୍ମ ଥିବାରୁ ପ୍ରାୟ ଅଳ୍ପସ୍ଥଳରେ ତହିଁର ବନ୍ଦୋବସ୍ତ ଯଥାର୍ଥ ହୁଅଇ ଅଧିକାଂଶ ସ୍ଥଳରେ ଅନ୍ୟାୟ ହୋଇଥିବାର ଜ୍ଞାନ ପ୍ରଜାଙ୍କମନରେ ଦୃଢରୂପେ ସ୍ଥାନ ପାଏ । ଏଥିପାଇଁ ଆମ୍ଭେମାନେ ଦେଖୁଅଛୁଁ ଯେ ଟାକ୍ସକୁ ପ୍ରାୟ କେହି ସୁଖ ପାଉ ନାହାନ୍ତି । ଅଉ ଗୋଟିଏ କଥା ଏହି ଯେ ମାଗଣର ପ୍ରୟୋଜନ ପ୍ରଜାମାନେ ଯେମନ୍ତ ସହଜରେ ବୁଝିପାରନ୍ତି ଟାକ୍ସର ପ୍ରୟୋଜନ ସେପରି ବୁଝିପାରନ୍ତି ନାହିଁ । ସୁତରାଂ ଟାକ୍ସକୁ ଅନ୍ୟାୟ ବିବେଚନା କରନ୍ତି । ରାଜାଙ୍କର ମଙ୍ଗଳଜନିତ ହେବ କିମ୍ବା ପୁତ୍ର କନ୍ୟାର ବିବାହ ହେବ କିମ୍ବା ରାଜା ତୀର୍ଥଭ୍ରମଣକୁ ବିଜେ କରିବେ ବା ହାତୀ ଘୋଡା ବା ବହୁମୂଲ୍ୟ ଦ୍ରବ୍ୟ କିଣିବେ ଅଥବା ଋଣ ପରିଶୋଧ କରିବେ ଏଥିପାଇଁ ରାଜ୍ୟରେ ମାଗଣ ହେଲା ଏହା ପ୍ରଜାମାନେ ସହଜରେ ବୁଝିପାରନ୍ତି ଓ ଯେପରି ହେଉ ଅପଣା ରାଜାଙ୍କୁ ଦେଇ ନିଶ୍ଚିନ୍ତ ରହିଲେ ତେଣେ କିମ୍ବର ଗଲା ଅଉ କୌଣସିପ୍ରକାର ଗଞ୍ଜଣା ଦେବାକୁ ପଡଇ ନାହିଁ ଏଥିରେ ତାହାଙ୍କୁ ବଡ ବାଧିଲା ନାହିଁ । କିନ୍ତୁ ଲାଇସେନ୍ସ ଟାକ୍ସ ଗବର୍ଣ୍ଣମେଣ୍ଟ କାହିଁକି ବସାଇଅଛନ୍ତି ଏକଥା କେତେଲୋକ ଜାଣନ୍ତି । ବୋଧ ହୁଅଇ କେତେଜଣ ଦରବାରୀ ଓ ଶିକ୍ଷିତବ୍ୟକ୍ତି ଛଡା ଦେଶର ଅଧିକାଂଶ ଲୋକ ତହିଁର ତତ୍ତ୍ୱ କିଛି ଜାଣନ୍ତି ନାହିଁ । ସର୍ବସାଧାରଣଙ୍କର ଧ୍ରୁବବିଶ୍ୱାସ ଏହି ଯେ ଗବର୍ଣ୍ଣମେଣ୍ଟ ନାନାଉପାୟରେ କେବଳ ପ୍ରଜାଙ୍କଠାରୁ ଧନ ନେଇ ବିଲାତକୁ ପଠାଇ ଦେଉଅଛନ୍ତି । ସୁତରାଂ ଉଦ୍ଦେଶ୍ୟ ନ ବୁଝିବାରୁ ଟାକ୍ସ ଦେବାକୁ ଅତ୍ୟନ୍ତ କାତର ହେଉଅଛନ୍ତି । ଏଣେ ପୂର୍ବ୍ ଗଞ୍ଜଣା ଓ ନାନା-

Split by PDF Splitter

Digitized by srujanika@gmail.com

Split by PDF Splitter



ପ୍ରକାର କର ଦେଇ ବଂସ୍ତ ଥିବାରୁ ଟାକ୍ସର ଭାର ଆହୁର କଠିନ ବୋଧ ହୁଅଇ । ଅବଶ୍ୟ ଆମ୍ଭେମାନେ ସ୍ୱୀକାର କରୁଁ ଯେ ଗଡ଼ଜାତର ନିୟମ ବହିର୍ଭୂତ କର ଆଦାୟର ପ୍ରଣାଳୀସଙ୍ଗେ ଇଂରାଜଗବର୍ଣ୍ଣମେଣ୍ଟଙ୍କର ଉନ୍ନତ ଓ ସଭ୍ୟ ପଦ୍ଧତିପ୍ରଣାଳୀ ପିତଳ ଓ ସୁନାର ତୁଳନା ଅଟଇ ମାତ୍ର ତେବେ ହେଁ ଯେପର୍ଯ୍ୟନ୍ତ ପ୍ରଜାମାନେ ଏହାର ତତ୍ତ୍ୱ ବୁଝିପାରି ନାହାନ୍ତି ସେପର୍ଯ୍ୟନ୍ତ ସେମାନଙ୍କୁ ସକଳପ୍ରକାର ଟାକ୍ସ ଅଭ୍ୟାଗ୍ରହ ପରି ବୋଧ ହେବ । ଇଂଲଣ୍ଡରେ ଲୋକେ ନାନାପ୍ରକାର ସାକ୍ଷାତ୍ ଟାକ୍ସ ଦେଇ ସୁଖରେ ଅଛନ୍ତି ଏହାର କାରଣ ଏହି ଯେ ସେମାନେ ପ୍ରୟୋଜନ ଜାଣି ଆପଣା ଉପରେ ଟାକ୍ସ ବସାନ୍ତି । ଏଠାରେ ସେପରି ନୁହଇ । ଯଦ୍ୟପି ବି ଗବର୍ଣ୍ଣମେଣ୍ଟ ଆମ୍ଭମାନଙ୍କ ହିତ ସକାଶେ ଆମ୍ଭମାନଙ୍କଠାରୁ ଟାକ୍ସ ନେଉଅଛନ୍ତି ମାତ୍ର ଆମ୍ଭେମାନେ ତାହା ବୁଝିପାରୁ ନାହୁଁ ଓ ନ ବୁଝିବାପର୍ଯ୍ୟନ୍ତ ଆମ୍ଭମାନଙ୍କ ମନରୁ ଅସନ୍ତୋଷ ଅନ୍ତର ହେବ ନାହିଁ । ଯେମନ୍ତ ପିଲାମାନଙ୍କୁ ଔଷଧ ଖୁଆଇବାକୁ ହେଲେ ଏହିଁ ସଙ୍ଗେ ଚିନିକଲେକ ଗୁଡ ମିଶାଇ ଦିଅନ୍ତି ଯେ, ପିଲା ଖାଇବାକୁ ସୁଖ ପାଏ ସେହିପରି ଗବର୍ଣ୍ଣମେଣ୍ଟଙ୍କର ଉଚିତ ଯେ ଟାକ୍ସକୁ ଗୋପନଭାବରେ ଆଦାୟ କରନ୍ତୁ ଓ ତାହା କରିବାର ଏକମାତ୍ର ଉପାୟ ପ୍ରକାଶ୍ୟର ଟାକ୍ସତ୍ୟାଗ ଅଟଇ ଯେମନ୍ତ କି ଲବଣକର କଷ୍ଟମ ମାସୁଲ ଇତ୍ୟାଦି ।

---

## ଓଡ଼ିଶାର ଶାସନ ସମ୍ପର୍କୀୟ ବାର୍ଷିକ ବିଜ୍ଞାପନୀ ।

ଗତ କେତେକ ସପ୍ତାହରୁ କଲିକତା ଗେଜେଟରେ ସନ ୧୮୭୭।୭୮ ସାଲର ବଙ୍ଗଳାର କମିଶନରମାନଙ୍କର ବାର୍ଷିକ ରିପୋର୍ଟ ଉପରେ ଆମ୍ଭମାନଙ୍କ ଲେଫ୍ଟନେଣ୍ଟ ସାହେବଙ୍କ ମତାମତ ବାହାରୁଅଛି । ଏହିଁ ମଧ୍ୟରେ ଚଳିତ ମାସ ତା ୯ ରିଖର ଗେଜେଟରେ ଓଡ଼ିଶାର ଗଡ଼ଜାତ ଏବଂ ମୁଫସଲଦିଗୀ ଶାସନର ବାର୍ଷିକ ରିପୋର୍ଟ ସମ୍ପର୍କରେ ଗବର୍ଣ୍ଣମେଣ୍ଟଙ୍କର ମତାମତ ପ୍ରକାଶ ହୋଇଥିଲା । ଆମ୍ଭେମାନେ ଏହିଁର ସାରାଂଶ ଏଠାରେ ଉଦ୍ଧୃତ କଲୁଁ ଯଥା;—

### ଗଡ଼ଜାତ ମହାଲ ।

ବିଜ୍ଞାପନୀ ବର୍ଷ ଆରମ୍ଭଠାରୁ ସନ ୧୮୭୭ ଡିସେମ୍ବର ମାସ ତା ୧୦ ରିଖ ପର୍ଯ୍ୟନ୍ତ ଶ୍ରୀଯୁକ୍ତ ଟମ୍ସ୍ ସାହେବ ଏକଟିଂ ସୁପରିଣ୍ଟେଣ୍ଡେଣ୍ଟ ଥିଲେ ଏହିଁ ଉତ୍ତାରୁ ରେବନ୍‌ସା ସାହେବ ଆସି ବର୍ଷ ଶେଷପର୍ଯ୍ୟନ୍ତ ରହିଲେ । ଶ୍ରୀଯୁକ୍ତ ସ୍ମିଥ୍ ସାହେବ ବର୍ଷ ଶେଷ ଉତ୍ତାରୁ ନିଯୁକ୍ତ ହେଲେ ସୁତରାଂ ତାହାଙ୍କ ରିପୋର୍ଟ ତାହାଙ୍କ ପୂର୍ବ କର୍ମଚାରୀଙ୍କ ରକ୍ଷାଯାଇଥିବା ମାରକଲିପିରୁ ପ୍ରସ୍ତୁତ ହୋଇଅଛି ତଥାଚ ରିପୋର୍ଟଟି ସର୍ବାଂଶରେ ପୂର୍ଣ୍ଣ ଏବଂ ସୁଖକର ହୋଇଅଛି ।

ସରକାରୀ ଖାସମହାଲ ଅନୁଗୁଳ ଓ ବାଙ୍କିର ଖଜଣା ସମସ୍ତ ଆଦାୟ ହୋଇଅଛି ଏବଂ କେତେ ଟଙ୍କା ଆଗତ୍ରିମ ମଧ୍ୟ ଦାଖଲ ହୋଇଅଛି । ବାମନଘାଟି ଅସୁଲବାକି ଟଙ୍କାରୁ ଚଂ ଲକ୍ଷ ହଜାର ଟଙ୍କା ମୟୂରଭଞ୍ଜର ମହାରାଜାଙ୍କୁ ଦିଆଯାଇ ଆହୁରି ଟ ୨୦୦୦୦ ଙ୍କା ଅମାନତ ଅଛି । ବାମନଘାଟି ସନ ୧୮୬୬ ମସିହାର ବିଦ୍ରୋହ ଉତ୍ତାରୁ ଖାସ ହୋଇ ସିଂଭୂମର ଡେପୁଟୀ କମିଶନରଙ୍କ ଶାସନରେ ଥିଲା । ମାତ୍ର ମୟୂରଭଞ୍ଜର ମହାରାଜାଙ୍କର ଅବଶିଷ୍ଟ ରାଜ୍ୟର ଶାସନକାର୍ଯ୍ୟ ବର୍ତ୍ତମାନ ଉତ୍ତମ ଦେଖାଯିବାରୁ ତାହାଙ୍କୁ ଏହି ନିୟମରେ ଏ ମହାଲ ଏ ବର୍ଷ ଫେରନ୍ତି ଦିଆଗଲା କି ମହାରାଜାଙ୍କ ପ୍ରତିନିଧି ସ୍ୱରୂପ ତାହାଙ୍କର ବଡ଼ଭାଇ ବାମନଘାଟିରେ ରହିବେ, ପୁଲସକ୍ଷମତା ତାହାମାନଙ୍କର ବେକେଗ୍ ଏବଂ ସରଦାର ବେହେରଙ୍କୁ ଅର୍ପିତ ହେବ, ପ୍ରଚଳିତ ବନ୍ଦୋବସ୍ତ ମିଆଦ ଶେଷ ଅର୍ଥାତ୍ ଆଗାମୀ ବର୍ଷ ପର୍ଯ୍ୟନ୍ତ ସ୍ଥିର ରହିବ ଏବଂ ଯେତେ ସ୍କୁଲ ସ୍ଥାପିତ ହୋଇଅଛି ସେ ସମସ୍ତ ରକ୍ଷିତ ହେବ ଏବଂ ପ୍ରସ୍ତୁତ ହୋଇଥିବା ସଡ଼କମାନ ମରାମତି ହେଉଥିବ ।

ଢେଙ୍କାନାଳର ରାଜା ନାବାଲଗ ଥିବାରୁ ଏ ମହାଲ ଖାସ ହୋଇଅଛି । ଏଥିର ଜମା ଟ ୫୫୮୪୬ ଙ୍କା ଏଥିମଧ୍ୟରୁ ଖର୍ଚ୍ଚ ଯାଇ ଟ ୮୦୭୯ ବାକି ଥିଲା । ସମସ୍ତ ମହାଲର ପେସକସ ଯଥାସମୟରେ ଆଦାୟ ହୋଇଅଛି ।

ବିଜ୍ଞାପନୀ ବର୍ଷ ମଧ୍ୟରେ ୩୫୪୮ ନମ୍ବର ଦେୱାନୀ, ମାଲ ଏବଂ ମୁତଫର୍କା ମକଦ୍ଦମା ଫଇସଲ ହୋଇଥିଲା ଏବଂ ୩୧୭ ମକଦ୍ଦମା ବାକି ଥିଲା । ଢେଙ୍କାନାଳ ଖାସ ହେବାରୁ ଏବଂ ରଣପୁରର ଗୋଳମାଳ ହେତୁରୁ ମକଦ୍ଦମାର ସଂଖ୍ୟା ବଢ଼ିଥିଲା । ମୋଟ ମକଦ୍ଦମାର ଅର୍ଦ୍ଧେ କେବଳ କାର୍ଯ୍ୟ ବାବତ ଥିଲା ।

ଫଉଜଦାରୀ ମକଦ୍ଦମାମାନ ସାମାନ୍ୟ ପ୍ରକାରର ଥିଲା । ୧୨୫୨ ନମ୍ବର ମକଦ୍ଦମା ମଧ୍ୟରେ ୪୫୩ ମାରପିଟ ଏବଂ ୨୫୮ ସାମାନ୍ୟ ଚୋରୀ ବାବତର ଥିଲା । ସଙ୍ଗୀନ ମକଦ୍ଦମା ମଧ୍ୟରେ ଚାରିଟା ଖୁନକୁତ ବଧ କଅଟା ଅପରାଧଯୁକ୍ତ ନରହତ୍ୟା ଏବଂ ଗୋଟାଏ ଡକାଇତି ଥିଲା । ଗୋଟାଏ ନରହତ୍ୟା ମକଦ୍ଦମାକୁ ପୁଲିସ ନରବଳି ବୋଲି ରିପୋର୍ଟ କରିଥିଲେ ମାତ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ତଦାରଖରେ ତାହା ଅଯଥାର୍ଥ ଥିବାର ଜଣାଗଲା । ଅପରାଧଯୁକ୍ତ ନରହତ୍ୟା ମଧ୍ୟରୁ ୩ ମକଦ୍ଦମା କେବଳ କନ୍ଧମାନେ ମଦପାନ କରି କଜିଆ କରିବାରୁ ଜାତ ହୋଇଥିଲା । ଡକାଇତୀ ମକଦ୍ଦମାରେ ଆସାମିମାନେ ଦଣ୍ଡ ପାଇଅଛନ୍ତି ଏବଂ ଅପହୃତ ଦ୍ରବ୍ୟର ଏକ ଅଂଶପୁନଃ ପ୍ରାପ୍ତ ହୋଇଅଛି ଏଥିରେ ଲେଫ୍ଟନେଣ୍ଟ ଗବର୍ଣ୍ଣର ସନ୍ତୁଷ୍ଟ ଅଛନ୍ତି ।

ସମସ୍ତ ଗଡ଼ଜାତ ମହାଲରେ ୧୧୫ ସ୍କୁଲ ଅଛି ଏହିଁରେ ୩୦୪୮ ପିଲା ପାଠ କରନ୍ତି । ଅନୁଗୁଳ ଓ ବାଙ୍କିର ସ୍କୁଲମାନ ସମ୍ପୂର୍ଣ୍ଣ ସରକାରୀ ଅଟଇ । ବାମନ ଘାଟିର ୧୭ ସ୍କୁଲର ଅର୍ଦ୍ଧେ ଖର୍ଚ୍ଚ ସରକାର ଦେଉ ଥିଲେ ଏଣିକି ମହାରାଜା ସମସ୍ତ ଖର୍ଚ୍ଚ ଦେବାକୁ ଅଙ୍ଗୀକାର କରଅଛନ୍ତି । କଦମାଲରେ ୧୬ ସ୍କୁଲ ଅଛି ଓ ଏହିଁରେ ୫୮୬ ଜଣ ପିଲା ପଢନ୍ତି । ଏଥିର ଖର୍ଚ୍ଚ ମଦଦୋକାନର ଟାକ୍ସରୁ ଉଠଇ ପ୍ରତ୍ୟେକ ଦୋକାନର ଟାକ୍ସ ଟ ୫୧ ଙ୍କା ଲେଖାଏଁ । ବର୍ଷ ଶେଷରେ ଏ ଫଣ୍ଡରେ ଟ ୪୩୬୨୧ ଙ୍କା ଜମା ଥିଲା । ଏଥିର କୌଣସି ଅଂଶ ନୂତନ ସ୍କୁଲ ସ୍ଥାପନରେ ବ୍ୟୟ ହୋଇ ନାହିଁ ଏହା ଦେଖି ଲେଫ୍ଟନେଣ୍ଟ ଗବର୍ଣ୍ଣର ଦୁଃଖ ପ୍ରକାଶ କରୁଅଛନ୍ତି । ଶିକ୍ଷା ବିଷୟରେ କେଉଁଝର ଓ ମୟୂରଭଞ୍ଜ ଏ ଉଭୟ ଗଡ଼ଜାତର ମହାରାଜାମାନେ ଅତ୍ୟନ୍ତ ମନୋଯୋଗୀ ଅଟନ୍ତି ଓ ଶେଷ ଲିଖିତ ବ୍ୟକ୍ତି ଆହୁରି ଅଧିକ ଅଟନ୍ତି ।

ରଣପୁରରେ ବିଶେଷ ଗୋଳମାଳ ଥିଲା ଶ୍ରୀଯୁକ୍ତ ରେବନସା ସାହେବ ସ୍ୱୟଂ ସେ ସବୁ ଭଙ୍ଗି ଦେଇ ଆସି ଅଛନ୍ତି । ରାଜାଙ୍କୁ ବୁଝାଇ ଦିଆ ଯାଇଅଛି କି ସେ ଏକରାରନାମାର ସର୍ତ୍ତମାନ ଦୃଢ଼ରୂପେ ପ୍ରତିପାଳନ ଏବଂ ନୂତନ ଦିବାନଙ୍କୁ ସାହାଯ୍ୟ ଦେବାରେ ତ୍ରୁଟି କଲେ ରାଜ୍ୟର ଶାସନଭାର ତାହାଙ୍କଠାରୁ କାଢି ନେବାର ଆବଶ୍ୟକ ହେବ । ଦଶପଲ୍ଲାର କାର୍ଯ୍ୟରେ ମଧ୍ୟ ଅନେକ ବିଶୃଙ୍ଖଳା ଘଟି ଥିଲା ଏବଂ ପ୍ରଜାମାନେ ଅସନ୍ତୁଷ୍ଟ ଥିଲେ । ସୁପରିଣ୍ଟେଣ୍ଡେଣ୍ଟ ସାହେବ କେତେକ ସୁବନ୍ଦୋବସ୍ତ କରି ଆସିଥିଲେ ଏବଂ ଲେଫ୍ଟନେଣ୍ଟ ଗବର୍ଣ୍ଣର ବିଶ୍ୱାସ କରନ୍ତି ଯେ ରାଜା ଏଣିକି

Digitized by srujanika@gmail.com

Split by PDF Splitter



ଶାସନଭାର ଉତ୍ତମରୂପେ ଚଲାଇବା ଭଲ ହୋଇଅଛନ୍ତି ।

ସମସ୍ତ ଶାସନହାଲର କାର୍ଯ୍ୟ ଉତ୍ତମରୂପେ ନର୍ବାହ ହୋଇଅଛି । ଅନୁଗୁଳ ଓ ବାଙ୍କିର ତହସିଲମାନ ସ୍ୱୟଂ ସ୍ୱତନ୍ତ୍ର ଏବଂ ଅଶିକ୍ଷିତ ସ୍ୱତନ୍ତ୍ର ଦେଖି ଥିଲେ ଏମାନେ ଉତ୍ତ ସିଲଦାରଙ୍କ ଅନୁକୂଳରେ ରପୋର୍ଟ କରିଅଛନ୍ତି । ଢେଙ୍କାନାଳର ଭାର ଦେଠା ସାବକ ମହାରାଜାଙ୍କର ଦେଓ୍ୟାନ ବାବୁ ବନମାଳୀ ସିଂହଙ୍କ ହସ୍ତରେ ଅଛି । ବାବୁ ଉପଯୁକ୍ତ ଓ ଦୂରଦର୍ଶୀ କର୍ମଶୃଗ ଅଟନ୍ତି ଓ ତାହାଙ୍କର କାର୍ଯ୍ୟ ସନ୍ତୋଷଜନକ ହୋଇଅଛି । କଦମାଲକୁ ବାବୁ ବାନକନ୍ଦ ପଟ୍ଟନାୟକ ବନା ଅଡମ୍ବରରେ ଉତ୍ତମରୂପେ ଶାସନ କରିଅଛନ୍ତି ଓ ଜନମାନେ ତାହାଙ୍କୁ ସନତ୍ରେ ସୁଖ ପାନ୍ତି ।

କେଉଁଝର ଓ ମୟୂରଭଞ୍ଜର ମହାରାଜାଙ୍କର ଶାସନ ସର୍ବାଂଶରେ ସୁଶୃଙ୍ଖଳ ହୋଇଅଛି । କେଉଁଝର ବର୍ତ୍ତମାନ ସର୍ବାପେକ୍ଷା ଅଧିକ ସୁଶାସିତ, ଶାନ୍ତ ସୌଭାଗ୍ୟଶାଳୀ ଏବଂ ସନ୍ତୁଷ୍ଟ ମହାରାଜାଙ୍କର ଗଦିରେ ବସିବା ସମୟର ଗୋଲମାଲ ବାବଦ ସମସ୍ତ ଦେଣା ଅଦାୟ ହୋଇଅଛି ଏବଂ ପୂର୍ବେ ମହାରାଜାଙ୍କ ବୟସ ଉତ୍ତ୍ୱାବଧାରଣର ଯେଉଁ ବିଶେଷ ବନ୍ଦୋବସ୍ତ ଥିଲା ତାହା ଉଠି ଯାଇଅଛି । ବାଲେଶ୍ୱରର କଲେକ୍ଟର ମୟୂରଭଞ୍ଜକୁ ଯାଇ ଥିଲେ ମାତ୍ର ତାହାଙ୍କଠାରୁ ଗୋଟିଏ ସୁଦ୍ଧା ଶୁହାର ଶୁଣି ନାହାନ୍ତି । ଏ ମହାରାଜାଙ୍କର ଶାସନ କାର୍ଯ୍ୟରେ ଯେମନ୍ତ ସୁଶୃଙ୍ଖଳ କେବଳ ସାଧାରଣ ହିତକର କାର୍ଯ୍ୟର ଅନୁଷ୍ଠାନ କରିବାରେ ତେମନ୍ତ ସୁଶୃଙ୍ଖଳ ହୋଇଅଛି । ତାଲଚେରର ରାଜାଙ୍କ ଚରିତ୍ର ସମ୍ପର୍କୀୟ ରପୋର୍ଟ ଅବଧି ଭୁଷ୍ଟିକର ହୋଇ ନାହିଁ । ବଡାମ୍ବା ରାଜାଙ୍କ ଚରିତ୍ର ମଧ୍ୟ ସମ୍ପୂର୍ଣ୍ଣ ସନ୍ତୋଷଜନକ ନୁହଇ ମାତ୍ର ସେ କଥା ଶୁଣନ୍ତି ଏବଂ ପଣ୍ଡା ୀତ ବୟସ୍କ ହେବାରୁ ଭଲ କାର୍ଯ୍ୟ ହେଉଅଛି । ଅନ୍ୟ ରାଜାମାନଙ୍କ ଚରିତ୍ର ସାଧାରଣରୂପେ ଉତ୍ତମ ଅଟଇ । ଅଠଗଡ଼ ନରସିଂହପୁର, ନୟାଗଡ଼ ଏବଂ ପାଲଲହଡାର ରାଜାମାନେ ଅପଣା ବଳାକୁ ଯୋଗ୍ୟତା ସହିତ ଶାସନ କରିଅଛନ୍ତି ।

ହିନ୍ଦୋଳର ରାଜା ସନ ୧୮୭୭ ଜୁଲାଇ ତା ୧୮ ରଖରେ ମରି ଗଲେ ତାହାଙ୍କର ପୁତ୍ର ନ ଥିବାରୁ ସାନଭାଇ ରାଜା ହେଲେ । ଏହାଙ୍କର ବୟସ ୨୮ ବର୍ଷ ଭଲ ଶିକ୍ଷା ପାଇ ନାହାନ୍ତି ଓ ଏହାଙ୍କ ଭାଇ ସମସ୍ତ କାର୍ଯ୍ୟ କରନ୍ତି । ଲୋକମାନେ ସୁଖି ଥିବାର ରପୋର୍ଟ ହୋଇଅଛି ।

---

# ସାପ୍ତାହିକସଂବାଦ ।

ବୃଷ୍ଟିର ଅଭାବ ଅବଧି ମେଣ୍ଟି ନାହିଁ । କଣ୍ଟାର ଏକ ୨ ଅଞ୍ଚଳରେ ବୃଷ୍ଟିର ଲେଶ ନାହିଁ ଓ ଏକ ୨ ଅଞ୍ଚଳରେ ବୃଷ୍ଟି ନ ହେଲେ ଲୋକେ ବିଶେଷ କ୍ଷତିର ଅଶଙ୍କା କରନ୍ତି । ଯାହା ହେଉ ଏ ସପ୍ତାହରେ କେତେ ସ୍ଥାନରେ ବୃଷ୍ଟି ହୋଇଅଛି ।

ଯାଜପୁରରେ ମୋଟ ଚାଉଳ ସେ ୧୪ ର ଲେଖାଏଁ ବିକ୍ରୟ ହେଉଅଛି । ଓଲାଉଠା ରୋଗରେ ପ୍ରାୟ ଦଶଜଣ ମରି ପଡିଅଛନ୍ତି ଓ ରୋଗ ଶାନ୍ତ ହୋଇ ନାହିଁ ଓ ତହିଁ ସଙ୍ଗେ ଜ୍ୱର ରୋଗ ମଧ୍ୟ ପ୍ରବଳ ହୋଇଅଛି ।

ଉତ୍କଳଦର୍ପଣରୁ ଜଣାଯାଏ ଯେ ବାଲେଶ୍ୱରରେ ଚାଉଳ ମହଣ ଟ ୨ ।୵ ଠାରୁ ଟ ୨୷ ପର୍ଯ୍ୟନ୍ତ ହୋଇଅଛି ଓ ପ୍ରାୟ ୧୦୦ ଖଣ୍ଡ ଡେଙ୍ଗୀ ଜାହାଜ ଚାଉଳ ନେବାପାଇଁ କଙ୍କରେ ରହିଅଛି ।

ଭଦ୍ରକର ସବଡେପୁଟୀ ବାବୁ ହରେକୃଷ୍ଣ ଦାସଙ୍କ କାର୍ଯ୍ୟରେ ସେଠା ଅମଲା ମୁକ୍ତାର ଓ ଅନ୍ୟବ୍ୟକ୍ତିମାନେ ସନ୍ତୁଷ୍ଟ ଥିବାର ଉତ୍କଳ ଦର୍ପଣରେ ପାଠକରି ଅମ୍ଭେମାନେ ବଡ ଆନନ୍ଦିତ ହେଲୁଁ ।

ଗୃଦବାଲ ଓ କଟକ ମଧ୍ୟରେ ସରକାରୀ ଜାହାଜ ଯାତାୟାତ କରିବା ବ୍ୟାପାରଟି ଲଭକର ହୋଇ ଅଛି ପ୍ରତକ୍ଷେପରେ ଦୁଇଚନ ଶତ ଟଙ୍କା ଅମଦାନୀ ହେଉଅଛି ମାତ୍ର ଅବଧି ବାଟ ସଜାଡ ହେଇ ନାହିଁ । ପଣ୍ଡାମୁଣ୍ଡେଇ ପାଖରେ ନଦୀ ବାଲିରେ ପୋତି ହୋଇ ଯାଉଅଛି ଯେତେ ଖୋଳାଖୋଳି ହେଲେହେଁ ବା ସବୁଥର ଯଥା କାଳରେ ଜାହାଜ ଅସି ପାରୁ ନାହିଁ ।

ଅଶିକ୍ଷିତ ସର୍ଜନ ଅମୃତଲାଲ ଦେବ ଅମରଙ୍କୁ ଖାଇବାର ଗୋଟିଏ ଔଷଧ ବାହାର କରି ଅଛନ୍ତି । ଔଷଧଟି ଗୋଟିଏ ଗଛର ଚେର ଅଟଇ ବ ସେ ଗଛକୁ ବଙ୍ଗଳାରେ ଭଙ୍ଗନ କହନ୍ତି । ଡାକ୍ତର ବର୍ଡ ଓ ଡାକ୍ତର ପିଲଚର ସାହେବମାନେ ଏ ଔଷଧକୁ ପରୀକ୍ଷାକରି ଏହାର କାର୍ଯ୍ୟକାରିତା ଦେଖି ଗବର୍ଣ୍ଣମେଣ୍ଟକୁ ରପୋର୍ଟ କରିବାରେ ସମ୍ପ୍ରତି ଏ ଔଷଧକୁ ସମସ୍ତ ଚିକିତ୍ସାଳୟରେ ପରୀକ୍ଷା କରିବାକାରଣ ସର୍ଜନ ଜେନରଲ ଆଜ୍ଞା ଦେଇ ଅଛନ୍ତି ।

ଦେଶଦାର ରଇତଙ୍କ ସାହାଯ୍ୟ ନିମିତ୍ତ ବମ୍ବେର ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନର ପାଣ୍ଡୁଲିପି ଉପସ୍ଥିତ ହୋଇ ଅଛି । ଏ ଆଇନରେ କଳନ୍ତରର ଦର ସ୍ଥିର ହେବ; ସୁଧଉପରେ ସୁଧ କେହି ମହାଜନ ନେଇ ପାରିବ ନାହିଁ ଏବଂ କୌଣସି ଅବସ୍ଥାରେ ସୁଧର ମୋଟ ଅସଲଠାରୁ ଅଧିକ ହୋଇ ପାରିବ ନାହିଁ ।

ବ୍ରହ୍ମଦେଶରେ ପଥରକୋଇଲାର ଉତ୍ପତ୍ତି ବୃଦ୍ଧି ହେଉଅଛି ଏବଂ କୋଇଲାର ତେଲ ମଧ୍ୟ ଅଧିକ ପରିମାଣରେ ପାଯାଏ ।

ହିନ୍ଦୁପେଟ୍ରିଅଟ କୋଲନ୍ତି ଯେ ମହରମ ହେତୁ ଏ ବର୍ଷ କଲିକତାରେ ଦୁର୍ଗାପୂଜା ପ୍ରତିମାର ସଂଖ୍ୟା ଉଣା ହୋଇ ଥିବ । ମାତ୍ର ବାବୁ ତାରକନାଥ ପରମାଣିକଙ୍କ ବାଟବ୍ୟତା କୌଣସି ଅଂଶରେ ଉଣା ହୋଇ ନ ଥିବ ସେ ପୂଜା ଚନ୍ଦନ ପ୍ରାୟ ଚରିଶହଜାର କଙ୍ଗାଳଙ୍କୁ ଜଣକେ ଗୃହଅଣା ଲେଖାଏ ଦାନ କରି ଥିଲେ ।

ସମ୍ପ୍ରତି ଡଉକ ଅବ୍ ଏଡନବରଙ୍କର ଗୋଟିଏ କନ୍ୟା ଜାତ ହୋଇ ଅଛି ଏହାଙ୍କ ମିଶାଇ ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କ ନାତି ନାତୁଣୀଙ୍କ ସଂଖ୍ୟା ୨୭ ହେଲ । ଈଶ୍ୱର ଏମାନଙ୍କୁ ସର୍ବାୟୁ କରନ୍ତୁ ।

ଆଗାମୀ ମାସ ତା ୧୦ ରଖରେ ଗବର୍ଣ୍ଣମେଣ୍ଟଇଣ୍ଡିଆର ଅଫିସମାନ ସିମଲାରୁ ବାହାରି ଉକ୍ତମାସ ତା ୨୫ ରଖରେ କଲିକତାରେ ପିଟିବ ମହାମାନ୍ୟ ଗବର୍ଣ୍ଣର ଜେନରଲ ସେହି ମାସ ତା ୨୦ ରଖରେ ସହାରନ୍ପୁର ଯାତ୍ରା କରିବେ ଏବଂ ଦସମ୍ବର ମାସ ତା ୨୦ ରଖ ସୁଦ୍ଧା କଲିକତାରେ ପହଞ୍ଚିବେ ।

ପୁରୀର ଡେପୁଟୀ କଲେକ୍ଟର ବାବୁ ନବୀନଚନ୍ଦ୍ର ସେନ ବଦଳି ହୋଇ ଯିବା କାଳରେ ଉତ୍କଳ ଦର୍ପଣରୁ ଏକ ଦୀର୍ଘ ପ୍ରଶଂସା ପତ୍ର ପାଇ ଥିଲେ । ହିନ୍ଦୁପେଟ୍ରିଅଟ ଅନୁଗ୍ରହ କରି ତହିଁର ଅବିକଳ ଇଂରାଜୀ ଅନୁବାଦ ପ୍ରକାଶ କରି ଅଛନ୍ତି । ଯଶପ୍ରସ୍ତରର ଅଧିକ ଉପାୟ ବାକି ରହିଲ ।

ଗତମାସ ତା ୧୭ ରିଖ ସୁଦ୍ଧା ମାନ୍ଦ୍ରାଜ ପ୍ରଦେଶର ଚାଉଳର ଦର ବଙ୍ଗାଳ ଗବର୍ଣ୍ଣମେଣ୍ଟଦ୍ୱାରା ପ୍ରକାଶିତ ହୋଇ ଅଛି । ତହିଁରୁ ଜଣାଯାଏ ଯେ ଅବଧି ଦର ଶସ୍ତା ହୋଇ ନାହିଁ । ସର୍ବାପେକ୍ଷା ଅଧିକ ଦର କୋଡାପାରେ ଟଙ୍କାରୁ ବାଲେଶ୍ୱର ସେ ୬ ର ଓ ସର୍ବାପେକ୍ଷା ଉଣାଦର ଦକ୍ଷିଣ କନଡାରେ ଟଙ୍କାରୁ ସେ ୧୧୳ ଅଟଇ ।

୧ । ଏଜୁକେସନଗେଜେଟରୁ ଅବଗତ ହେଲୁଁ ଔଲନ୍ଦାଜ ଗବର୍ଣ୍ଣମେଣ୍ଟ ଏକ ଆଇନ କରି ତାହାଙ୍କ ରାଜ୍ୟର ପ୍ରଥମପାଠ୍ୟ ବିଦ୍ୟାଳୟ ସମୂହରୁ ବାଇବଲ ଅଧ୍ୟୟନ ଉଠାଇ ଦେଇଅଛନ୍ତି ।

୨ । ନମାରର ଡେପୁଟୀ କମିଶନର କାପ୍ତେନ ପେନ୍ଦ୍ରିଟନ ସାହେବଙ୍କୁ ଶାହୋଯାରେ ଜଣେ ପଦଚ୍ୟୁତ କର୍ମଚାରୀ ଗୁପ୍ତଭାବେ ହତ୍ୟା କଲା । ରେଲଓ୍ୱେର ଜଣେ କର୍ମଚାରୀ ହତ୍ୟାକାରୀକୁ ଧରିବାକୁ ଯିବାରୁ ସେ ତାହାକୁ ମଧ୍ୟ ଗୁପ୍ତଭାବେ ମାରି ପକାଇଲା । ଯାହା ହେଉ ଶେଷରେ ହତ୍ୟାକାରୀ ଧରା ପଡିଅଛି ।

୩ । କାଶ୍ମୀରରେ ଦୁର୍ଭିକ୍ଷର ଭୟାନକ ପ୍ରାଦୁର୍ଭାବ ହୋଇଅଛି ତୃତୀୟାଂଶ ଲୋକ ମରିପଡି ଅଛନ୍ତି; ତୃତୀୟାଂଶ ଦେଶତ୍ୟାଗୀ ହୋଇଅଛନ୍ତି; ଏବଂ ଅବଶିଷ୍ଟ ଲୋକ ଯଥୋନାସ୍ତି କଷ୍ଟ ଭୋଗ କରୁଅଛନ୍ତି ।

୪ । ବର୍ତ୍ତମାନ ପୃଥିବୀର ନିମ୍ନ ଲିଖିତ ଅନୁମାନିକ ଜନସଂଖ୍ୟା ଅବଧାରିତ ହୋଇଅଛି ।

| | | | | |
|---|---|---|---|---|
| ୟୁରୋପ | ... | ... | ... | ୩୧,୨୦,୦୦,୦୦୦; |
| ଆସିଆ | ... | ... | ... | ୮୩,୧୦,୦୦,୦୦୦; |
| ଅଫ୍ରିକା | ... | ... | ... | ୨୦,୪୦,୦୦,୦୦୦, |
| ଅମେରିକା | ... | ... | ... | ୮,୬୦,୦୦,୦୦୦; |
| ଅଷ୍ଟ୍ରେଲିଆ | ... | ... | ... | ୪,୪୦,୦୦,୦୦୦; |
| | | | ମୋଟ ଟ | ୧,୪୭,୧୦,୦୦,୦୦୦ |

ଶତବର୍ଷ ମହାଶ୍ରେଣୀ ରାଜ୍ଞୋରିଆ ମୁକ୍ତପାଳ ନିବାରଣୀ ସଭାରେ ପଞ୍ଚାଶ ହଜାର ଟଙ୍କା ଦେଇଅଛନ୍ତି ଏହାଙ୍କ ପରିବାର ମଧ୍ୟରେ କୌଣସି ଏକାବେଳକେ ମଦ ଛୁଇଁ କରନ୍ତି ନାହିଁ ।

ଘୋଡ଼ଦୌଡ଼ ସ୍ଥଳରେ ଅନେକ ଲୋକ ଅଳଙ୍କାର କଷ୍ଟ ପାଇ ଅଛନ୍ତି କୌଣସି କହି ନାହିଁ ହଠାତ୍ ଘୋଡ଼ଦୌଡ଼ ରୋଦନ ହେଉଅଛି । ଦୁଇଟି ଗୋଟିଏ ଲୋକ ମଲେଣି ଏଦେଶର କଥା ଅନ୍ୟଥା ଶାସ୍ତ୍ରରେ ଖୋଜ ମିଳ ନାହିଁ ।

---

☞ ଏହି ଉତ୍କଳ ଦୀପିକା କଟକ ବଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ ଶ | ସ ୪୩ ଖ୍ୟା

ତା ୨ ରଶ ମାହେ ନବେମ୍ବର ସନ ୧୮୭୮ ମସିହା । ମୁ । କାର୍ତ୍ତିକ ବ ୧୯ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୦
ମଫସଲପାଇଁ ଡାକମାସୁଲ ଟ୧୫୵

ଭାରତବର୍ଷର କେତେକ ସ୍ଥାନରେ ପ୍ରଚଳିତ ମୁଦ୍ରାରେ ଚିହ୍ନ ଦେବା ଓ ଘସିକାଟିବା ଓ ଉହାମୁଦ୍ରାରେ ଘଷିବାର ରୀତି ନ୍ୟୂନାଧିକ ପ୍ରଚଳିତ ଅଛି ତାହା ନିବାରଣ କରିବା ଆବଶ୍ୟକ ବିବେଚନା କରି ମହାମାନ୍ୟ ଗବର୍ଣ୍ଣର ଜେନରଲ ଅଜ୍ଞା ଦେଇ ଅଛନ୍ତି କି ଏଣିକି ସେପ୍ରକାର ମୁଦ୍ରା ଖଜଣାଖାନାରେ ଗୃହୀତ ହେବ ନାହିଁ ଓ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ବିଜ୍ଞାପନ ମତେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେପ୍ରକାର ମୁଦ୍ରା ଯାହା ପାଖରେ ଥିବ ସେ ଖଜଣା ଖାନାରୁ ବଦଳାଇ ନେଇ ପାରିବ। ଯାହାଙ୍କ ପାଖରେ ନଗଦ ଟଙ୍କା ଅଛି ସେମାନେ ଏହି ସମୟରୁ ବାଛିବାର ଆରମ୍ଭ କରନ୍ତୁ ।

---

ଗତମାସରେ ଏ ଜିଲ୍ଲାରେ ଏକପଲ ଟିଟିକା ଦେଖା ଯାଇ ଥିଲେ ଏମାନେ ପଶ୍ଚିମଦିଗରୁ ଉଡି ଆସିଥିଲେ। ପଶ୍ଚାତ୍ ପୂର୍ବକୁ ଉଡି ଯିବାର କଥିତ ହୁଅଇ। ପଥାମ୍ପୁ ଶ୍ରୀଇ ନାଳ ସଲଖରେ କେତେ ସ୍ଥାନରେ ଗଛ ପତ୍ର ଚରିଯାଇ କ୍ଷେତ୍ରର କ୍ଷତି କରି ଅଛନ୍ତି। ଟିଟିକାଡିମାନ ଦେଖିବାକୁ ସୁନ୍ଦର ପ୍ରାୟ ଇଞ୍ଚ ଅ- ଜ୍ଜୂଳ ଲମ୍ବ ରକ୍ତବର୍ଣ୍ଣ ଓ ପକ୍ଷି ଛିଟଛିଟିକା। ଏମାନେ ଚରାଇ ପରି ଆକାଶରେ ଉଡି ଯାନ୍ତି ଏବଂ ଏହାଙ୍କ ଦଳ ଏତେ ଅଧିକ ଯେ ଉଡିଲା-ବେଳେ ସୂର୍ଯ୍ୟର କୋଣ ଅନ୍ଧକାରରେ ଆକା-ଶରେ ମେଘ ଚାଲିଲା ପରି ଜଣାଯାଏ ଓ ସୂର୍ଯ୍ୟ କିରଣକୁ ଘୋଡାଇ ଦିଅଇ । ଗତମାସ ତା ୨୫ ରିଖ ଦୁଇପ୍ରହର ବେଳେ କେନ୍ଦ୍ରାପଡା ଠାରେ ଏମାନେ ପ୍ରବେଶ ହୋଇ ଥରଦିନ ପୂର୍ବ ଦିଗକୁ ବାହାରି ଗଲେ। ହରଡ ଉଡ଼ି ସୋରିଷ ଇତ୍ୟାଦି ରବିଫସଲ ଅନେକ ଖାଇ ଯାଇ ଅଛନ୍ତି ଓ ସଜନାଗଛ ତାଙ୍କ ଯୁବା ଶ୍ରେବାଇ ଯାଇ ଅଛନ୍ତି ଓ ଆମ୍ବ ପନସ ଇତ୍ୟାଦି ବଡ ୨ ଗଛର ପତ୍ର ସବୁ ଖାଇ ଥୁଣ୍ଟା କରି ରଖିଦେଇ ଅଛନ୍ତି। ମାତ୍ର ସୁଖର ବିଷୟ ଯେ କୌଣସି ଠାରେ ଧାନ କ୍ଷେତରେ ପଡ ନାହାନ୍ତି କି ଧାନ କ୍ଷେତ ପାଖକୁ ଯାଇ ନାହାନ୍ତି। ଧାନ ଖାଇଥିଲେ ଏ ଦୁଃସମୟରେ ଆଉ କି ବାକୀ ରହି ଥାନ୍ତେ।

---

ମହରଗ କାଲଘେନ ଲେକେ ଲଣ୍ଡରଣ୍ଡ ହେଉ ଥିଲେହେଁ ଦୀପାବଳୀ ଅମାବାସ୍ୟା ପର୍ବ ଉପଲକ୍ଷରେ ଅନ୍ୟାନ୍ୟ ବର୍ଷ ପରି ଏ ବର୍ଷ ମଧ୍ୟ ବାରଦ ଦୋକାନମାନେ ଫଟାକା ଫୁଲଜାର ଇତ୍ୟାଦି ଅନେକ ବାଣ ପ୍ରସ୍ତୁତ କରି ଦୋକାନ ସଜାଇଥିଲେ କିନ୍ତୁ ଅମାବାସ୍ୟାର ପୂର୍ବ ଦିନ ସନ୍ଧ୍ୟା ସମୟରେ ପୁଲିସ ଢେଣ୍ଡୁରା ବଜାଇ ଘୋଷଣା ଦେଲେ ଯେ ଫଟକା ଇତ୍ୟାଦି ବାଣ ଯେ ମାରିବ ସେ ଧୃତ ହୋଇ ଦଣ୍ଡନୀୟ ହେବ । ଏଥିରେ ନଗରମଧ୍ୟରେ ଭାରି ଚହଲ ପଡି ଗଲା। ଦୋକାନମାନେ ମୁଣ୍ଡରେ ହାତଦେଇ ବସିଲେ ଓ ଟଙ୍କାକ ଦ୍ରବ୍ୟ ଚାରିଅଣାରେ ମଧ୍ୟ ବିକ୍ରୟ କଲେ ଏବଂ କୌତୁକ ପ୍ରିୟଲୋକେ ହତାଶ ହୋଇ ବଡ ମନସ୍ତାପରେ ରହିଲେ। ପଶ୍ଚାତ୍ ଜଣାଗଲା ଯେ କେବଳ ସଡକଉପରେ ବାଣ ମାରିବାର ନିଷେଧ ହୋଇ ଅଛି ତହୁଁ ଲୋକଙ୍କର ଅଶଙ୍କା ଦୂର ହେଲା ଓ ଅଗଣା ମଧ୍ୟରେ ମାରୁ ୨ କ୍ରମେ ପୂର୍ବପ୍ରାୟ ସଡକରେ ସୁଦ୍ଧା ବାଣ ମାରିଲେ ଏବଂ ପୁଲିସ ମଧ୍ୟ ବଣପାଞ୍ଚଜଣଙ୍କୁ ଧରି ଆପଣା ଗୌରବ ରକ୍ଷା କଲେ । କେବଳ ଅସମୟରେ ବିଜ୍ଞାପନ ବାହାରିବା ହେତୁ ଦୁଇଚାରି ଘଣ୍ଟା ଲୋକଙ୍କର ଅନର୍ଥକ ଭାରି ମନଃପୀଡା ହୋଇ ଥିଲା। ପୁଲିସ ଯେବେ ଦୁଇଚାରି ଦିନ ପୂର୍ବରୁ ବିଜ୍ଞାପନଟି ଦେଇଥାନ୍ତେ ତେବେ ସେରୂପ ଘଟନ୍ତା ନାହିଁ। ଏସବୁ ବିଷୟରେ ପୁଲିସ ଟିକିଏ ବିବେ-ଚନା ପୂର୍ବକ କାର୍ଯ୍ୟକଲେ ବଡ ସୁଖର ବିଷୟ ହୁଅନ୍ତା ମାତ୍ର କାର୍ଯ୍ୟତଃ ଦେଖାଯାଏ ଯେ ପୁଲିସ-ରୁ ଛପରପିଟା ବୁଦ୍ଧି ଘୁଞ୍ଚିବ ନାହିଁ ।

---

### କାବୁଲ ଯୁଦ୍ଧ ।

କଲିକତାର ଭାରତସମ୍ବାଦମାନଙ୍କରୁ ଜଣାଯାଏ ଯେ କାବୁଲ ସମ୍ପର୍କରେ ରୁସିୟା ଆପଣାର ମନୋଭାବ ଆଉ ଗୋପନ ରଖି ପାରିଲେ ନାହିଁ। ରୁସିୟାର ସମ୍ବାଦପତ୍ରମାନେ କାବୁଲକୁ ସାକ୍ଷାତ୍ ଓ ଅସାକ୍ଷାତରେ ସାହାଯ୍ୟ ଦେବାପାଇଁ ରୁସିୟାର ସମ୍ରାଟଙ୍କୁ ପରାମର୍ଶ ଦେଉଅଛନ୍ତି ଓ କଥିତ ହୁଅଇ କି ଯେବେ ଇଂରାଜମାନେ କାବୁଲର ଦକ୍ଷିଣାଂଶ ଅଧିକାର କରିବେ ତେବେ ରୁସିୟା କାବୁଲର ଉତ୍ତରାଂଶ ଅଧିକାର କରିବ। ଏହା ମଧ୍ୟ କଥିତହୁଅଇ ଯେ ରୁସିୟା କାବୁଲକୁ ଦୁଇଟା ତୋପ ଏବଂ ପ୍ରତ୍ୟେକ ତୋପ ସଙ୍ଗେ ଅଠଶତ

Digitized by srujanika@gmail.com

ଗୋଲା ଓ ବାରୁଦ ଦେଇ ଅଛନ୍ତି । ଏବ ଅଠ-ଦଶ ରୁସିୟ ଗୋଲନ୍ଦାଜ ସିପାହି ଏବ ଇଞ୍ଜି-ନିୟର କାବୁଲକୁ ପ୍ରେରିତ ହୋଇ ଅଛନ୍ତି । ଏରୂପେ ଦେଖାଯାଏ ଯେ କାବୁଲ ସେନ ରୁସିୟା ଓ ଇଂଲଣ୍ଡ ମଧ୍ୟରେ ଯୁଦ୍ଧ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଏଥିର ଫଳ ଅନ୍ୟ ଯାହା ହେଉ ଅମିର ସେରଅଲିଙ୍କର ଦୁର୍ଦ୍ଦଶାର ସୀମା ରହିବ ନାହିଁ ପୁରୁଣା ବନ୍ଧୁକୁ ଛାଡ଼ି ନୂଆ ବନ୍ଧୁ ଲୋଭ ଅଧିକ ସୁଖର ଆଶା କରିଥିଲେ ଏଥିର ଝଣାଝଣିରେ ପଡ଼ି ପ୍ରାଣାନ୍ତ ହେବାର ନିକଟ ହେଲା । ନବାବ ଗୋଲାମହୋସେନଙ୍କ ହାତରେ ଅମିର ଯେ ଉତ୍ତର ପଠାଇ ଅଛନ୍ତି ତାହା ପ୍ରକାଶ ହୋଇ ନାହିଁ ମାତ୍ର ତାହା ସନ୍ତୋ-ଷଜନକ ନୁହେ ବୋଲି ଜଣା ଯାଇଅଛି । ସୁତରାଂ ଯୁଦ୍ଧ ଅବଶ୍ୟମ୍ଭାବୀ ଏବ ଶୀତକାଳ ଗତାରୁ ଯୁଦ୍ଧ ଆରମ୍ଭ ହେବ ବୋଲି ଟାଇମସ୍ ସମ୍ବାଦପତ୍ରରେ ଲେଖାଅଛି ।

## ଓଡ଼ିଶାର ଶାସନ ସମ୍ପର୍କୀୟ ବାର୍ଷିକ ବିଜ୍ଞାପନୀ
### ମୁଗଲବନ୍ଦୀ ମହାଲ ।

ବାଲେଶ୍ୱର ଓ ପୁରୀର କଲେକ୍ଟରମାନେ ଗତ କାର୍ଯ୍ୟ ଉତ୍ତମରୂପେ କରି ଅଛନ୍ତି କିନ୍ତୁ କଟକର କଲେକ୍ଟର ଏବ ଅଧିକାଂଶ ସବ୍ ଡିବିଜନ ହାକିମ ତାହା କରି ନାହାନ୍ତି । ଏବିଷୟରେ ଛୋଟ ଲାଟସାହେବ ଅପଣାମତ ଅଦ୍ୟ ଏଲକାର ରିପୋର୍ଟରେ ପ୍ରକାଶ କରି ଅଛନ୍ତି ।

ବୃଷ୍ଟି ଓ ଫସଲ—

ସନ ୧୮୭୭।୭୮ ବାର୍ଷିକହାରାହାରି

| | ବାର୍ଷିକ ବୃଷ୍ଟି | ବୃଷ୍ଟି |
|---|---|---|
| କଟକ | ୩୯.୭୮ | ୫୪.୬୫ |
| ପୁରୀ | ୩୧.୪୬ | ୫୫.୫୫ |
| ବାଲେଶ୍ୱର | ୬୪.୬୯ | ୬୭.୩୦ |

କଟକରେ ବର୍ଷା ଊଣା ଥିଲେହେଁ ଯଥା ସମୟରେ ହେବାରୁ ଫସଲ ଭଲ ହୋଇ ଥିଲା । ପୁରୀରେ ଅପେକ୍ଷା ଊଣା ଥିବାରୁ କେତେକ ସ୍ଥଳରେ ଫସଲର ହାନି ହୋଇ ଥିଲା ମାତ୍ର ହାନି ବିସ୍ତର ନୁହଇ କାରଣ ପୁରୀରୁ ଚାଉଳ ଅମଦାନୀ ନ ହୋଇ ବର୍ଷଯାକ ରପ୍ତାନୀ ହେଉଥିଲା । ବାଲେଶ୍ୱରରେ ହିସାବର ଅନୁସାରେ ବର୍ଷା ହୋଇ ଥିଲେହେଁ ଯଥା ସମୟ ଓ ପରିମାଣରେ ନ ହେବାରୁ ଫସଲ ଭଲ ହୋଇ ନ ଥିଲା । ମୋଟରେ ଏ ବର୍ଷ ଓଡ଼ିଶାର ଫସଲର ଅବସ୍ଥା ସୁଖପ୍ରଦ ନ ଥିଲା ।

ବାଲେଶ୍ୱରର କଲେକ୍ଟର ବୋଲନ୍ତି କି ନାଲ ସକାଶେ ଉଚ୍ଚବନ୍ଧ ନିର୍ମ୍ମାଣ ହେବାରୁ ବୈତରଣୀର ବଢ଼ି ଅତ୍ୟନ୍ତ ପ୍ରବଳ ହୋଇ ଥିଲା ସୁପ୍ରେଣ୍ଟେଣ୍ଡେଂ ଇଞ୍ଜିନିୟର ଏହା ମାନୁନାହାନ୍ତି ସେ ବୋଲନ୍ତି ଯେ ବନ୍ଧ ହେତୁ ସ୍ରୋତର ବଳ ଊଣା ହେଲା ଏବ ସ୍ଥାନୀୟ ଲୋକମାନେ ଉଚ୍ଚ ସ୍ଥାନ ପାଇ ରକ୍ଷା ପାଇଲେ ନୋହିଲେ ବଢ଼ି କି ଯାହା ସର୍ବଦା ବୈତରଣୀ ନଦୀରେ ପ୍ରବଳ ଅଟଇ ଆହୁରି ଅନିଷ୍ଟକର ହୋଇ ଥାନ୍ତା । ଏ ବିଷୟର ବିଚାର ଇଞ୍ଜିନିୟର ବିଭାଗରେ ହେବ ।

ସାଧାରଣ ସ୍ୱାସ୍ଥ୍ୟ—କଟକରେ ଭଲ ଥିଲା କିନ୍ତୁ ଅନ୍ୟ ଦୁଇ ଜିଲାରେ ବୃଷ୍ଟିର ନ୍ୟୁନାଧିକ ହେତୁ ଭଲ ନ ଥିଲା । ପୁରୀରେ ଓଲାଉଠା ଏବ ବାଲେଶ୍ୱରରେ ଜ୍ୱରର ପ୍ରାଦୁର୍ଭାବ ବିସ୍ତର ହୋଇ ଥିଲା । ଶୀତକାଳ ଶେଷରେ ଲୋକଙ୍କର ସ୍ୱାସ୍ଥ୍ୟ କ୍ରମଶଃ ଭଲ ହେଲା । ପୁରୀ ନଗର ପରିଷ୍କାର ରଖିବାର ବହୁତ ଉପାୟମାନ ହେଉ ଅଛି ଏବ ବାଲେଶ୍ୱରର କଲେକ୍ଟର ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଦିଗ ପରିଷ୍କାର ବିଷୟରେ କେତେକ ନିୟମ କରି ଅଛନ୍ତି । ଲେଫଟନେଣ୍ଟ ଗବର୍ଣ୍ଣର ଏ ସମସ୍ତ ଉପାୟକୁ ସମ୍ପୂର୍ଣ୍ଣରୂପେ ମନୋନୀତ କରି ଅଛନ୍ତି । ଅନେକ ଯାତ୍ରୀ ଗମନାଗମନ ସଙ୍ଗେ ଓଡ଼ିଶାରେ ରୋଗର ପ୍ରବେଶ ବଢ଼ଇ ଏହା ନିବାରଣ କରିବା କଠିନ କିନ୍ତୁ ଯେ ସବୁ ଉପାୟରେ ରୋଗର ଉପଦ୍ରବ ଊଣା ହୁଅଇ ତାହା କଠିନରୂପେ ପ୍ରତିପାଳିତ ହେଲେ ଅନେକ ମଙ୍ଗଳ ହେବ ସନ୍ଦେହ ନାହିଁ ।

ବିଦେଶ ଗମନ—ଆସାମକୁ ଯିବା ସକାଶେ ଓଡ଼ିଆମାନେ ସୁଖ ପାନ୍ତି ନାହିଁ । ଏବର୍ଷ କଟକରୁ ୫୬ ଜଣ ଏବ ବାଲେଶ୍ୱରରୁ ପାଞ୍ଚଜଣମାତ୍ର କୁଲି ଯାଇଥିଲେ । କଲିକତାକୁ ଗତାୟାତ ମଧ୍ୟ କିଛି ଊଣା ପଡ଼ିବାର ଚାନ୍ଦବାଲି ବନ୍ଦରର ତାଲିକାରୁ ପ୍ରକାଶ ପାଉଅଛି ଯଥା—

| | ଅଗମନ | ଗମନ |
|---|---|---|
| ସନ ୧୮୭୫।୭୬ | ୩୦୬୦୬ | ୩୦୦୧୭ |
| ୧୮୭୬।୭୭ | ୩୩୭୬୬ | ୫୫୧୧୮ |
| ୧୮୭୭।୭୮ | ୩୦୬୮୫ | ୨୭୬୮୧ |

ଏଥିର ଏହି ହେତୁ ପ୍ରଦର୍ଶିତ ହୁଅଇ ଯେ ଯାହାଙ୍କର ସୁବିଧା ଊଣା ଥିଲା ଏବ ଗୋବିନ୍ଦ ଦ୍ୱାଦଶୀ ସକାଶେ ଅନେକ ଧାର୍ମିକ ଓଡ଼ିଆ ଘର ଛାଡ଼ି ଯିବାକୁ ମନ କଲାଇଲେ ନାହିଁ ।

ଖାଦ୍ୟଦ୍ରବ୍ୟ ଏବ ମଜୁରିର ଦର—ଖାଦ୍ୟ-ଦ୍ରବ୍ୟର ଖର୍ଚ୍ଚ ବର୍ଷଯାକ ଉଚ୍ଚ ଥିଲା ଓ କ୍ରମଶଃ ବଢ଼ିଥିଲା । କଟକ ଓ ପୁରୀରେ ସେ ୧୧ ରଠାରୁ ସେ ୧୮।୧୯ ର ଏବ ବାଲେଶ୍ୱରରେ ସେ ୧୧ ରଠାରୁ ସେ ୩୨ ର ପର୍ଯ୍ୟନ୍ତ ଥିଲା । ଶ୍ରମିମାନଙ୍କର ବଡ଼ ଲାଭ ହୋଇ ଅଛି ଓ ସେମାନଙ୍କର ସଂଖ୍ୟା ଅସାଧାରଣରୂପେ ବଢ଼ିଅଛି । ଶିକ୍ଷିତ ମଜୁରଙ୍କ ମୂଲ କିଛିମାତ୍ର ବୃଦ୍ଧି ହୋଇ ନାହିଁ ଏବଂ ଏମାନଙ୍କର କଷ୍ଟ ଅଧିକ ଓ ଅଶିକ୍ଷିତ ମଜୁରଙ୍କର ମୂଲ ଉଚ୍ଚଦର ଏବଂ ରପ୍ତାନୀ କାରବାର ହେତୁ କିଛି ବଢ଼ିଅଛି ।

ଲବଣ ପେ.ଭ୍ରାନୀ । ଗଞ୍ଜାମ ଲୁଣ ସକାଶେ ଏଠା କାରବାର ଊଣାପଡ଼ି ଆସୁଥିଲା କିନ୍ତୁ ଗଞ୍ଜାମ ଲୁଣର ମାସୁଲ ବୃଦ୍ଧି ହେବା ଏବ ପୁରୀର କଲେକ୍ଟରଙ୍କୁ ପୁଲସ ଖର୍ଚ୍ଚା ନ ପଡ଼ିବାରୁ ବିସ୍ତର ଲୁଣ ପେ.ଭ୍ରାନ କରିବା ସକାଶେ ଲାଇସନ୍ସ ଗୃହୀତ ହୋଇଅଛି । ଏଥିରେ ଭରସା ହୁଅଇ ଯେ ଓଡ଼ିଶାର ଗୋଟିଏ ଦେଶୀୟ ବ୍ୟବସାୟ ପୁନର୍ଜୀବିତ ହେବ ।

ବାଣିଜ୍ୟ—ଗତବର୍ଷପରି ଏ ବର୍ଷ ମଧ୍ୟ ଓଡ଼ିଶା ବାଣିଜ୍ୟ ବିସ୍ତାର ହେବାର ଦେଖାଯାଇ ଅଛି ଏଥିର ବିଶେଷ ବିବରଣ କଷ୍ଟମ ରିପୋର୍ଟରେ ଲେଖାଯିବ । ମୋଟ ଅବସ୍ଥା ନିମ୍ନଲିଖିତ ବିବରଣରୁ ଜଣାଯାଇ ପାରେ ।

| | | ଅନ୍ନଦାନାଦ୍ରବ୍ୟର ମୂଲ୍ୟ | ରପ୍ତାନିଦ୍ରବ୍ୟର ମୂଲ୍ୟ | ଜମ୍ମା ମାସୁଲ | ବନ୍ଦର ମାସୁଲ |
|---|---|---|---|---|---|
| କଟକ | ସନ ୧୮୭୬।୭୭ | [illegible] | [illegible] | [illegible] | [illegible] |
| | ସନ ୧୮୭୭।୭୮ | [illegible] | [illegible] | [illegible] | [illegible] |
| ପୁରୀ | ସନ ୧୮୭୬।୭୭ | [illegible] | [illegible] | [illegible] | [illegible] |
| | ସନ ୧୮୭୭।୭୮ | [illegible] | [illegible] | ୦ | [illegible] |
| ବାଲେଶ୍ୱର | ସନ ୧୮୭୬।୭୭ | [illegible] | [illegible] | [illegible] | [illegible] |
| | ସନ ୧୮୭୭।୭୮ | [illegible] | [illegible] | [illegible] | [illegible] |

ଚାନ୍ଦବାଲିର ବାଟରେ ନୌକା ଯାତାୟାତର

Split by PDF Splitter
Digitized by srujanika@gmail.com

କଷ୍ଟ ଥିବାରୁ ବାଣିଜ୍ୟର ବିଶେଷ ବ୍ୟାଘାତ ହେଉ ଅଛି । ପାଇଲଟମାନେ ନିଯୁକ୍ତ ହୋଇ ଅଛନ୍ତି ଏବଂ ମାପ କରିବାର ଉପାୟ ହେଉ ଅଛି । ଗୋଟିଏ ଘାଟମାନ ଯେଉଁ ମଧ୍ୟ ଗନ୍ଦ- ଅଛି । ଗୋଟିଏ ଘାଟମାନ ଯେଉଁ ମଧ୍ୟ ଗନ୍ଦା ବାଲିଠାରେ ପ୍ରସ୍ତୁତ ହେବ ଯେ ଜାହାଜ ବୋଝା ଦେବାର ସୁବିଧା ହେବ ।

ସାଧାରଣ ଭାବ ।—କେବଳ ଖାଦ୍ୟଦ୍ରବ୍ୟର ଉଚ୍ଚ ମୂଲ୍ୟ ଏକମାତ୍ର ସାଧାରଣ ଦୁଃଖ ଥିଲା । ଓ ଯାହାଙ୍କର ଆୟ ସ୍ଥିର ସେମାନେ ଅଧିକ ସ୍ରହାର କରିଥିଲେ । ମଜୁରମାନଙ୍କ ମଧ୍ୟରୁ ଯେଉଁମାନେ ହଳ ପାନ୍ତି ସେମାନଙ୍କର କଷ୍ଟ ଜେତେ ନୁହଇ କିନ୍ତୁ ଯେଉଁମାନଙ୍କର ମୂଲ ପଇସାରେ ଦିଆଯାଏ ସେମାନଙ୍କର କଷ୍ଟ ଅଧିକ କାରଣ ମହରଗ ହେଲୁ ମୂଲ ଅଧିକ ବଢ଼ଇ ନାହିଁ ସୁତରାଂ ସେମାନେ ଅଳ୍ପ ଆହାର ପାନ୍ତି । ଅଥବା ନିକୃଷ୍ଟ ଖାଦ୍ୟରେ ପ୍ରାଣଧାରଣ କରନ୍ତି ।

ପୁରୀର ରାଜା ଏକ ବୈଷ୍ଣବକୁ ମାରି ପକାଇ- ବାରେ ଲୋକଙ୍କର ମନୋଭାବ ଭାରି ଉଦ୍ଦୀପ୍ତ ହୋଇଥିଲା । ପୁରୀର ବିଷୟ ଯେ ହତ୍ୟାକାରୀ ପ୍ରତି ସାଧାରଣ ଘୃଣାଜାତ ହୋଇଥିଲା ଏବଂ ତାହା ଉପରେ ଯେଉଁ ଦଣ୍ଡ ହେଲା ତାହାକୁ ଲୋକମାନେ ଦେବତାଙ୍କ ରକ୍ଷକର ଅକାର୍ଯ୍ୟର ପ୍ରତିଫଳ ସ୍ୱରୂପ ଗ୍ରହଣ କଲେ । ଏ ଭାବ ବଙ୍ଗ- ଳାର ଛାପାଖାନାର ଭିତର ସମ୍ପୂର୍ଣ୍ଣ ବିପରୀତ ଦେଖାଯାଏ । ଉକ୍ତ ଛାପାଖାନାମାନେ ରାଜାଙ୍କ ଅପରାଧକୁ ନିନ୍ଦା ନ କରି ବରଂ ତାହାଙ୍କ ପଦ- ସ୍ଥତା ଓ ମର୍ଯ୍ୟାଦାର ଯୋଗ୍ୟ ଜ୍ଞାନ କରି ଦଣ୍ଡ ଊଣା କରିବାର ଯୁକ୍ତି ଦେଖାଇବାକୁ ଚେଷ୍ଟା କଲେ ।

ଦେଶୀୟ ଛାପାଖାନା—ଓଡ଼ିଶାରେ କେବଳ ତିନିଖଣ୍ଡ ଦେଶୀୟ ସମ୍ବାଦପତ୍ର ଅଛି; ଏକ କଟ- କରେ ଏବଂ ଦୁଇ ବାଲେଶ୍ୱରରେ । କଟକର ସମ୍ବାଦପତ୍ର ଗୃହୀତ ଓ ଉତ୍ତମରୂପେ ଚଳିତ ହେବାର କଥିତ ହୁଅଇ ମାତ୍ର ବାଲେଶ୍ୱରର ଅ- ପେକ୍ଷାକୃତ ନିକୃଷ୍ଟ ଏବଂ କୌଣସି ସାଧାରଣ କର୍ତ୍ତୃତ୍ୱ କରଇ ନାହିଁ । ଏହାଙ୍କ ମଧ୍ୟରୁ ଏକ ସମ୍ପାଦକ ଉପରେ ଅପବାଦସୂଚକ ଲେଖା ସ- ଜାଗେ ଟ ୧୦୦ ଙ୍କା ଅର୍ଥଦଣ୍ଡ ହୋଇଥିଲା ।

ଶାସନ ସମ୍ପର୍କୀୟ ପରିବର୍ତ୍ତନ । ପବଲିକୱର୍କସ୍ ଟାକ୍ସ ଉସୁଲ କରିବାରେ କୌଣସି କ୍ଳେଶ ହୋଇ ନାହିଁ । କଟକ ଓ ଶୁନବାଲ ମଧ୍ୟରେ ଧୂଆଁକଳ ଜାହାଜ ଯାତାୟାତ କରିବାରେ ଲୋ- କେ ଆନନ୍ଦିତ ଅଛନ୍ତି । ବାଣିଜ୍ୟକାରକ କର୍ମ କ୍ରମଶଃ ଚଳୁଅଛି ମାତ୍ର ଲାଗିଗ୍ରିଜ଼କାହାଲ ସଂଖ୍ୟା ଅତ୍ୟନ୍ତ ଅଧିକ ଥିବାରୁ କାର୍ଯ୍ୟରେ କିଛି ବିଳମ୍ବ ଘଟି ଅଛି ।

ପୁଲିସ ଓ କଚେରୀ—ଫଉଜଦାରୀ ମକଦ୍ଦମା ପୂର୍ବାପେକ୍ଷା ବଢ଼ିଅଛି ମାତ୍ର ଗୁରୁତର ଅଥବା ନିୟମିତ ବ୍ୟବସାୟ ସ୍ୱରୂପ ଅପରାଧ ବୃଦ୍ଧି ହେ- ବାର କୌଣସି ସଙ୍କେତ ଦେଖାଯାଉ ନାହିଁ । ସଭ୍ୟତାର ବୃଦ୍ଧି ସଙ୍ଗେ ସତ୍ତ୍ୱ ରକ୍ଷାର ଭାବ ବୃଦ୍ଧି ହେବା ସାଧାରଣ ଅଟଇ ଅତଏବ ସାମା- ନ୍ୟ ଅପରାଧର ବୃଦ୍ଧି ହେବା ଆଶ୍ଚର୍ଯ୍ୟ ନୁହଇ । ଜମିଦାରଙ୍କ ବଳ ହ୍ରାସ ଚୌକିଦାରଙ୍କ ରିପୋର୍ଟ କରିବାର ଉତ୍ତମ ବନ୍ଦୋବସ୍ତ ଏବଂ ଗମନାଗ- ମନର ସୁବିଧା ହେତୁ ଅଧିକ ମକଦ୍ଦମା ଅଦା- ଲତକୁ ଆସୁଅଛି ।

ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଆନନ୍ଦସହିତ ପ୍ରକାଶ କରୁଅଛନ୍ତି କି ଗ୍ରାମ୍ୟ ଚୌକିଦାରଙ୍କୁ ଜାଗିର ଦେବାର ନିୟମ ଉତ୍ତମରୂପେ କାର୍ଯ୍ୟକର ଅଟଇ । ଏଥିରେ ଚୌକିଦାରଙ୍କର କର୍ମ ପ୍ରତି ବିଶେଷ ଆସ୍ଥା ଅଛି ଏବଂ ଲୋକେ ତାହାଙ୍କୁ ମାନନ୍ତି । ବେତନଭୋଗୀ ପୁଲିସର ଅବସ୍ଥା ଉ- ନ୍ନତ ହେବାର କଥିତ ହୁଅଇ ମାତ୍ର ନିମ୍ନଶ୍ରେ- ଣୀର ଲୋକଙ୍କ ଅଳ୍ପ ବେତନ ହେତୁ ଫାଣ୍ଡିର କର୍ମ ସକାଶେ ଉପଯୁକ୍ତ କର୍ମଚାରୀ ମିଳୁ ନାହାନ୍ତି ।

ରାଜସ୍ୱ—ରାଜସ୍ୱ ଯଥାକାଳରେ ଆଦାୟ ହୋଇଥିଲା କେବଳ ଗୋ ୬ ଟା ମହାଲ ନିଲାମ ହୋଇଥିଲା ଓ କୌଣସି ମହାଲର ମୂଲ୍ୟ ନିଲା- ମରେ ରାଜସ୍ୱର ଷୋଳ ଗୁଣରୁ ଊଣା ହୋଇ ନାହିଁ ।

ଖୋରଧା ବନ୍ଦୋବସ୍ତ କର୍ମ ଅଳ୍ପ ହୋଇ- ଅଛି ଏବଂ ବିଶେଷ ଖର୍ଚ୍ଚା ପଡ଼ୁଅଛି । ଏଥିର ସୁବନ୍ଦୋବସ୍ତ ହେବ ।

ଅବକାରୀ—ଗତ ବର୍ଷ ଅପେକ୍ଷା ଟ ୫୦୭୩୮ ଙ୍କା ଅଧିକ ଲଭ ହୋଇଥିଲା । ମଦ୍ୟକରେ ଅ- ଧିକ ଲଭ ନାହିଁ । କିନ୍ତୁ ଗଞ୍ଜା ଓ ଅଫିମରେ ବିସ୍ତର ବୃଦ୍ଧି ହୋଇଅଛି । ସନ ୧୮୭୫ । ୭୬ ରେ ମ ୩୪୬ ହଣ ଗଞ୍ଜା ଖର୍ଚ୍ଚ ହୋଇଥିଲା ସନ ୧୮୭୭ । ୭୮ ରେ ମ ୩୮୬ ହଣ ଖର୍ଚ୍ଚ ହେଲା । ଅଫିମ ଏହି ସମୟରେ ମ ୬୭୪ ମହଣଠାରୁ ମ ୬୯୦ ହଣ ପର୍ଯ୍ୟନ୍ତ ବୃଦ୍ଧି ହେଲା । ଅଫିମ ଖାଇବାର ସ୍ୱଭାବ ଓଡ଼ିଶାରେ ଏତେ ବଦ୍ଧମୂଳ ହୋଇଅଛି ଯେ ଲୋକଙ୍କର ଯେତେ ସୌଭାଗ୍ୟ ବଢ଼ୁଅଛି ତେତେ ଅଫିମର ଖର୍ଚ୍ଚ ବଢ଼ୁଅଛି ଏବଂ ମାସୁଲ ଅଧିକ କରିବାରେ ଖର୍ଚ୍ଚ କିଛି ଊଣା ପଡ଼ୁ ନାହିଁ ।

ଷ୍ଟାମ୍ପ—ଷ୍ଟାମ୍ପ ବିକ୍ରୟରେ ଟ ୯୫୫୬୧୮ ଙ୍କା ଅଧିକା ମିଳିଥିଲା । ଏଥିର କାରଣ ନୂତନ ଦା- ଖଲଖାରିଜ ଆଇନ ଅଟେ ।

ଟଙ୍କାର ସୁଯୋଗ—କଟକ ଓ ବାଲେଶ୍ୱରର ଖଜଣାଖାନାମାନଙ୍କରେ ନୋଟ ମିଳଇ ନାହିଁ ଏହି ସ୍ରହାରୀ କିସ୍ତର ଶୁଣାଯାଏ ଏକ ସମୟରେ ଅଧିକ ନୋଟ ଆମଦାନୀ ଓ ଏକ ସମୟରେ ଅଧିକ ଖର୍ଚ୍ଚ ହୁଅଇ । ବାଲେଶ୍ୱରରେ ଏବର୍ଷ ମନିଅର୍ଡର ଊଣା ଏବଂ କଟକରେ ଅଧିକ ହୋ- ଇଥିଲା ।

ଇରଗେସନ—ଜଳସେଚନ କାର୍ଯ୍ୟର ଫ- ଲାଫଲ ତଳଲିଖିତ ନକ୍ସାରୁ ପ୍ରକାଶ ପାଉଅଛି ଯଥା,—

| ସନ | ଯେତେ ଜମିର କରୁଅଛୁ ହୋଇଥିଲା । | ଜଳକର । | ବାକେ । | ମୋଟ । | ତହସିଲ ଖର୍ଚ୍ଚା । |
|---|---|---|---|---|---|
| ୧୮୭୬।୭୭ | ମା ୩୦୩୮୨ | ଟ ୪୦୩୬୮ | ଟ ୨୦୮୯ | ଟ ୪୨୪୬୭ | ଟ ୨୧୯୨୭ |
| ୧୮୭୭।୭୮ | ମା ୯୮୪୯୪ | ଟ ୧୧୭୮୧୮ | ଟ ୫୦୪୪ | ଟ ୧୨୨୮୬୨ | ଟ ୨୭୯୮୭ |

| ସନ | ନଟ ଅମଦାନୀ । | ଉସୁଲ ପ୍ରତି ଖର୍ଚ୍ଚାର ଶତକଡ଼ା । |
|---|---|---|
| ୧୮୭୬।୭୭ | ଟ ୨୪୪୬୦ | ଟ ୪୭.୨ |
| ୧୮୭୭।୭୮ | ଟ ୯୪୮୬୪ | ଟ ୨୨.୭ |

ଏଥିରୁ ଦେଖାଯାଏ ଯେ ପୂର୍ବବର୍ଷର ତିନି- ଗୁଣ ଜମି ସକାଶେ ଏବର୍ଷ କବୁଲିତ ହୋଇ ଥିଲା ଏଣେ ଖର୍ଚ୍ଚ ଅଧରୁ ଊଣା ହୋଇ ଥିଲା । ଏପରି ଫଳ ଅତ୍ୟନ୍ତ ସନ୍ତୋଷ ଜନକ ଅଟଇ । ଦୁଇ ବର୍ଷର ସ୍ୱଳ୍ପବୃଷ୍ଟି ନାଲ ଜଳ ବିରୁଦ୍ଧରେ ପ୍ରଜାମାନଙ୍କର କୁସଂସ୍କାର ଭାଙ୍ଗି ଦେଲା । ଏଥର ସେମାନେ ଜଳ ଲୋଡ଼ିବାକୁ ବ୍ୟଗ୍ର ହେଲେ ଓ ଏବର୍ଷକୁ ପାଞ୍ଚ ବର୍ଷିଆ କବୁଲିୟତି ସମସ୍ତେ କରୁ ଅଛନ୍ତି ସୁତରାଂ ବଳପୂର୍ବକ ଜଳକର ନେବାର ଆଇନର ଆବଶ୍ୟକତା ନାହିଁ ।

ସଡ଼କ ଇତ୍ୟାଦି ।— ମୟୂରଭଞ୍ଜ ଠାରୁ ବାଲେଶ୍ୱର ନିକଟ ଜଗନ୍ନାଥ ସଡ଼କରେ ମିଶିଥି- ବା ସଡ଼କ ଅନେକ କଷ୍ଟରେ ପ୍ରସ୍ତୁତ ହୋଇ ଅଛି ପୁରୀର ବିଷୟ ଅଟଇ କିନ୍ତୁ ଶୁନବାଲଠାରୁ

Digitized by srujanika@gmail.com

ଇତ୍ରଙ୍କୁ ଯୋଗ ହେବା ସଡକର ଉଲ୍ଲେଖ ହୋଇ ନାହିଁ ଏଥିର ବିଷୟ ଷ୍ଟୋନଲାଟ ସାହେବ ଜାଣିବାକୁ ଇଚ୍ଛା କରନ୍ତି । ଗ୍ରାମ୍ୟ ସଡକ ପ୍ରତି ବିଶେଷ ମନୋଯୋଗୀ ହେବାର ଉଚିତ ଭଦ୍ରାଗ୍ ଲୋକମାନେ ଗେଡସେସ ଦେବାର ଫଳ ଜାଣି ପାରିବେ ।

ଶିକ୍ଷା—ଓଡିଶାରେ ବିଦ୍ୟାଳୟ ସଂଖ୍ୟା ୨୧୭୦ ଠାରୁ ୪୫୪୭ ଏବଂ ଛାତ୍ର ସଂଖ୍ୟା ୩୬୩-୯୯ ଠାରୁ ୫୮୯୮୫ ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ପାଠଶାଳା ସମ୍ପର୍କରେ ମେଦନୀପୁରର ନିୟମ ପ୍ରଚଳିତ କରିବାରୁ ଏ ଫଳ ହୋଇଅଛି । ଏରୂପେ ନିମ୍ନଶିକ୍ଷାର ଫଳ ଓଡିଶାରେ ତୁଷ୍ଟି-କର ହୋଇଅଛି ଏଥର ଶିକ୍ଷାର ବିଷୟ କ୍ରମେ ଉଚ୍ଚ କରିବା ଏବଂ ଭଲ ଶିକ୍ଷକ ରଖିବାର ଚେଷ୍ଟା କରିବା ଉଚିତ ମାତ୍ର ଯେଉଁ ଶ୍ରେଣୀର ଲୋକେ ପଢନ୍ତି ତାହାଙ୍କ ପ୍ରୟୋଜନର ଅତି-ରିକ୍ତ ହେବା ଆବଶ୍ୟକ ନାହିଁ ।

ଉଚ୍ଚଶିକ୍ଷାର ଫଳ ବିସ୍ତର ଊଣା ପଡୁଅଛି ଏବଂ ବାଲେଶ୍ୱର ସ୍କୁଲପ୍ରତି ତାହା କୌଣସିରୂପେ ପ୍ରଶଂସନୀୟ ନୁହଇ ।

ସ୍ଥାନୀୟକମିଟୀ—ସ୍ଥାନୀୟ କମିଟିର କାର୍ଯ୍ୟ-କାରିତା ଅନୁକୂଳରେ ସମସ୍ତ କଲେକ୍ଟରମାନେ ଲେଖି ଅଛନ୍ତି । ବାଲେଶ୍ୱରର କଲେକ୍ଟର ଲେଖିଅଛନ୍ତି ଯେ କମିଟିରେ ହାକିମଙ୍କର ଅନେକ ସମୟ ଯାଏ ଓ ଅନ୍ୟ କାର୍ଯ୍ୟର ବ୍ୟା-ଘାତ ହୁଅଇ । ଏକଥା ଯଥାର୍ଥ ମାତ୍ର ଦେଶୀୟ ଭଦ୍ରଲୋକଙ୍କୁ ଶାସନ କାର୍ଯ୍ୟ ଶିକ୍ଷା ଦେବା କଲେକ୍ଟରଙ୍କର ଏକ ପ୍ରଧାନକାର୍ଯ୍ୟ ହୋଇଅଛି ।

ପୋଷ୍ଟଅଫିସ ଓ ଟେଲଗ୍ରାଫ—ପୋଷ୍ଟଅ-ଫିସ ବିଭାଗରେ ଅନେକ ବ୍ୟୟ ଊଣା ହୋଇ-ଅଛି । ବାଙ୍ଗିଡାବ ବଲମ୍ବରେ ଅସିବାର କମି-ଶ୍ନର ସାହେବ ଲେଖି ଅଛନ୍ତି ଏବଂ ଗୃହବାଲ ବାଟେ ଅସିଲେ ଭଲ ହେବ ବୋଲି କହନ୍ତି । ଏ ପ୍ରସ୍ତାବ ପୋଷ୍ଟମାଷ୍ଟର ଜେନରଲଙ୍କ ନିକଟର ନିମନ୍ତ ପଠା ଯିବ । ଟେଲଗ୍ରାଫ ମହକୁମାର କାର୍ଯ୍ୟ ଉତ୍ତମରୂପେ ଚାଲୁଅଛି କଟକରୁ ଜମ୍ ପର୍ଯ୍ୟନ୍ତ ଯେଉଁ ନୂତନ ତାରଡାକ ବସିଅଛି ତାହା ବନ୍ଦରଠାରୁ ପାଞ୍ଚମାଇଲ ଛଡା ଥିବାରୁ ତଦ୍ଦ୍ୱାରା ପ୍ରଚୁର ଉପକାର ହେଉ ନାହିଁ ।

ଜମିଦାରଙ୍କ ଚରିତ୍ର—ଓଡିଶା ଜମିଦାରଙ୍କ ଚରିତ୍ର ଅନୁକୂଳରେ କମିଶ୍ନର ସାହେବ ଲେଖି-ଅଛନ୍ତି ଏବଂ ତହିଁ ମଧ୍ୟରେ ଗଡ଼ଜା ଶ୍ୟାମାନନ୍ଦ ଦେ ଗଡ଼ଜା ଢଙ୍କେ ପାଉଲୁଦ ଏବଂ ବାବୁ କାଶି-ନାଥ ଦାସ ବିଶେଷ ପ୍ରଶଂସାର ଯୋଗ୍ୟ ଅଟନ୍ତି ।

---

# ସାପ୍ତାହିକସଂବାଦ ।

ଏଠା ପୁଲିସ ସୁପ୍ରିଣ୍ଟେ ଗ୍ରେବସ୍ ସାହେବ ମେଦନୀପୁରକୁ ବଦଳି ହେବାର ଆଜ୍ଞା ଅସିଅଛି । ଏହାଙ୍କ କର୍ମରେ ଏଠାକୁ ଟେଲୁଅର ସାହେବ ଅସୁ ଅଛନ୍ତି ବୋଲି କଥିତ ହୁଅଇ ।

ଏ ସପ୍ତାହ ସୋମବାରଠାରୁ କାଲି ଶୁକ୍ରବାର ପର୍ଯ୍ୟନ୍ତ ଅଳ୍ପ ବତାସ ସହିତ ଝଡ଼ି ହୋଇ ଥିଲା । ଯେତେ ବୃଷ୍ଟି ହୋଇ-ଅଛି ତାହା ଯେତା ଥିଲା ମାନ ପବନର ଗତି ଦେଖି ଅନୁ-ମାନ ହୁଅଇ ଯେମନ୍ତ କୌଣସିଠାରେ ତୋଫାନ ହୋଇଅଛି ଈଶ୍ୱର ଇଚ୍ଛାରେ ଯେବେ ତାହା ହୋଇ ନ ଥାଏ ତେବେ ଧାନ ପକ୍ଷରେ ଅଉ କୌଣସି ଅଶଙ୍କା ନାହିଁ ବରଂ ଉତ୍ତମ ଫସଲ ଲାଭ ହେବାର ନିଶ୍ଚୟ ବୋଲି ଯାଇପାରେ ।

ଅତ୍ୟନ୍ତ ଅନନ୍ଦ ସହିତ ଉତ୍କଳଦର୍ପଣରେ ପାଠକଲୁଁ ଯେ ସଂସ୍କୃତ ଟୋଲପାଟିର ଛାତ୍ରମାନଙ୍କଠାରୁ ପରୀକ୍ଷା ଗ୍ରହଣ ବିଷ-ୟରେ ଗବର୍ଣ୍ଣମେଣ୍ଟ ସମ୍ପ୍ରତି ଯେଉଁ ନିୟମ କରିଅଛନ୍ତି ସେ ନିୟମାନୁସାରେ ଓଡିଶାର ଟୋଲପାଟିମାନଙ୍କରୁ ଯେଉଁ ଛାତ୍ର-ମାନେ ଉତ୍ତୀର୍ଣ୍ଣ ହେବେ ତାହାଙ୍କ ମଧ୍ୟରୁ ପ୍ରଥମ ଦୁଇଜଣଙ୍କୁ ବୃତ୍ତି ଦେବାପାଇଁ ବାଲେଶ୍ୱରବାସୀ କୁମାର ବୈକୁଣ୍ଠନାଥ ଦେ ସ୍ୱୀକାର କରିଅଛନ୍ତି । ପ୍ରଥମ ବୃତ୍ତିର ମୂଲ୍ୟ ଟ ୩୦ଙ୍କା ଏହା ରଜା ଶ୍ୟାମାନନ୍ଦ ଦେଙ୍କ ନାମରେ ଦିଆ ଯିବ ଏବଂ ଦ୍ୱିତୀୟ ବୃତ୍ତିର ମୂଲ୍ୟ ଟ ୨୦ଙ୍କା ଏହା ଶ୍ରୀମତୀଦାସୀଙ୍କ ନାମରେ ଦିଆ ଯିବ । ସଂସ୍କୃତ ଶିକ୍ଷାର ଉନ୍ନତି ନିମିତ୍ତ କୁମାର ମହାଶୟ ସହାସ୍ରେ ଦାନ କରିବାକୁ ପ୍ରସ୍ତୁତ ହେବାରୁ ବିଶେଷ ପ୍ରଶଂସା ଓ କୃତଜ୍ଞତାର ପାତ୍ର ହୋଇଅଛନ୍ତି । କେବଳ ଅମ୍ଭମାନଙ୍କ ବିବେଚନାରେ ଦଶଟଙ୍କାର ଜସର ରହି ଯାଇ-ଅଛି ଟ ୩୭ଙ୍କା ଓ ଟ ୨୪ଙ୍କା ହୋଇ ଥିଲେ ବୃତ୍ତି ନାମଟି ସ୍ପଷ୍ଟରୂପେ ଜଣା ପଡନ୍ତା ।

ଶୁଣିଲୁଁ ଯେ କନ୍ଧମାଳରେ ଝିଣ୍ଟିକାମାନେ ଉପସ୍ଥିତ ହୋଇ ଅମ୍ବ ଇତ୍ୟାଦି ଗଛମାନଙ୍କର ପତ୍ରସବୁ ଖାଇ ଯାଇ ଅଛନ୍ତି । ମୁଗଲବନ୍ଦିର ଅଉ କେତେକ ସ୍ଥାନରେ ମଧ୍ୟ ଝିଣ୍ଟିକା ପଡି-ବାର ଶୁଣାଯାଏ ମାତ୍ର ଅମ୍ଭେମାନେ ଅନୁମାନ କରୁଁ ଯେ ଏ ସପ୍ତାହର ବର୍ଷାରେ ତାହାଙ୍କ କୁଳ ଉଚ୍ଛନ୍ନ ହୋଇଥିବ ।

ଖୋରଧାରୁ ଏକ ବ୍ୟକ୍ତି ଲେଖି ଅଛନ୍ତି କି ପାଇକୁଦରେ ଏବର୍ଷ ଉତ୍ତମ ଫସଲ ହୋଇଅଛି କିନ୍ତୁ ଘଇ ଅବଧି ଶସ୍ତା ହୋଇ [illegible] ।

ଗତମାସ ତା ୫ ରିଖ ପର୍ଯ୍ୟନ୍ତ ସବଂସୁଦ୍ଧା ମା ୭୧୦୫୧ ଣ ଜମି ସକାଶେ ପାଞ୍ଚବର୍ଷୀୟା ଜଳକର କବୁଲିୟତ ହୋଇ ଥିଲା । ଏ ସମସ୍ତ କବୁଲିୟତ କେବଳ ଖରିଫ ଫସଲ ସକାଶେ ।

ସେଣ୍ଟ୍ରଲପ୍ରବନ୍ଧସଂ ନିୟୁଜରୁ ଅବଗତ ହେଲୁଁ ଯେ ଗତ-ମାସରେ ଶ୍ରୀଯୁକ୍ତ ଚିଫ୍ କମିଶ୍ନର ସାହେବ ଏକ ସାଧାରଣ ଦରବାର କରି ମହାଜନମାନଙ୍କ ସହିତ ସାକ୍ଷାତ କରିଥିଲେ । କେତେକ ମହାଶୟ ଏହି ଦରବାରକୁ ପାଣ୍ଡୋଇ ପିନ୍ଧି ଅସି ଥିଲେ ସେମାନଙ୍କୁ ସେହିକ୍ଷଣି ମନା କରାଗଲା । ସାହେବଙ୍କ ସକ୍ଷାତକୁ ପ୍ରୁଦା ପିନ୍ଧି ଯିବାର ନିଷେଧ ନିୟମଟି ମଧ୍ୟପ୍ରଦେଶରେ ବିଲକ୍ଷଣରୂପେ ପ୍ରବଳ ଅଛି ।

ବମ୍ବେଇ ପ୍ରଦେଶରେ ଝିଣ୍ଟିକା ପଡୁଅଛନ୍ତି । ଏକପଲ ଝିଣ୍ଟିକା ଟାନା ନଦୀରେ ଦେଖା ଯାଇଥିଲେ କେତେକ ଝଡ କରିଅଛନ୍ତି । ଅଉ ଏକପଲ ବରୋଦାରେ ଦେଖା ଯାଇଥିଲେ । ଏମାନେ ଉତ୍ତର ଦିଗକୁ କ୍ରମାଗତ ଚଉଘଣ୍ଟା ଯାଏ ଉଡି ଯାଉଥିଲେ ।

ମାନ୍ଦ୍ରାଜରେ ଗ୍ରଚଳର ଦର ପୂର୍ବ ପ୍ରାୟ ରହୁଅଛି କିଛି ଶସ୍ତା ହୋଇ ନାହିଁ । ଦ୍ୱିତୀୟ ପ୍ରକାରର ଚାଉଳ ଟଙ୍କାକୁ କଲିକତୀ ସେ ୭ ॥ ର ଠାରୁ ସେ ୧୧ ॥ ର ପର୍ଯ୍ୟନ୍ତ ବିକ୍ରୟ ହେଉଅଛି ।

ନ୍ୟୁସାଉଥଵେଲସ୍ ଦ୍ୱୀପରେ ଚାକରଙ୍କ ବେତନ ଅତ୍ୟନ୍ତ ଉଚ୍ଚ ଅଟଇ ସଇ ବାଢିଦେବା ଚାକରର ବେତନ ବର୍ଷକୁ ଟ ୩୫୦ଙ୍କାଠାରୁ ଟ ୬୫୦ଙ୍କା ପର୍ଯ୍ୟନ୍ତ । ସାଧାରଣ ଚାକରର ବେତନ ଟ ୨୭୦ ଠାରୁ ଟ ୪୫୦ଙ୍କା ପର୍ଯ୍ୟନ୍ତ ଏବଂ ଜଣେ ଦାସୀର ବେତନ ଟ ୨୨୦ଙ୍କା ଠାରୁ ଟ ୩୫୦ଙ୍କା ପର୍ଯ୍ୟନ୍ତ ଅଟଇ । ଏଠାରେ ଯେ ଚାକିରି କରଇ ସେ ଧନ୍ୟ ।

କଲିକତାର ଲର୍ଡ ବିଷପଙ୍କୁ ଗୁଅଲିଅରରେ ଡକାଇତ-ମାନେ ଘେରି ଥିଲେ । ସେ ରାତିର ଶଗଡରେ ଅସୁ ଥିବାରୁ ଡକାଇତମାନେ କେହି ଦେଶୀୟ ଲୋକ ବୋଲି ଜାଣିଥିଲେ ଯହୁଁ ଇଂରାଜର ଶବ୍ଦ ପାଇଲେ ତହୁଁ ଶଗଡ଼ ଛାଡି ପଳା-ଇଗଲେ । ସାହେବମାନଙ୍କୁ କଳା ଲୋକେ କେମନ୍ତ ଭୟ କରନ୍ତି ଏଥିରୁ ସହଜରେ ଜଣା ଯାଉଅଛି ।

କଥିତ ହୁଅଇ ନ୍ୟୁୟର୍କରେ ଗ୍ରେସାମ ନାମକ ଜଣେ ସାହେବ ଏମନ୍ତ ଗୋଟିଏ ଯନ୍ତ୍ର ବାହାର କରିଅଛନ୍ତି କି ସମୁ-ଦ୍ରରେ ମା ୧୦୦ ଇଲଠାରୁ ମା ୫୦୦୦ ଇଲ ପର୍ଯ୍ୟନ୍ତ ଦୂରରୁ ଫଟୋଗ୍ରାଫ୍ ସହାୟରେ ଜାହାଜର ନକ୍ସା ଉତାରି ନେବେ ଓ ସେ ନକ୍ସାରୁ ଜାହାଜର ନାମ ଗମନସ୍ଥାନ ଇତ୍ୟାଦି ଜଣା ଯିବ ।

ଚୀନଦେଶରେ ଅପୂର ବୃକ୍ଷ ବିଷୟରେ ଏକ ନିଷେଧ ଆଜ୍ଞା ପେକିନର ଗଜେଟରେ ବାହାରି ଅଛି । ତହିଁର ଏହି ହେତୁ ପ୍ରଦର୍ଶିତ ହୋଇଅଛି ଯେ ଅପୁ ବୃକ୍ଷରେ ଖାଦ୍ୟଦ୍ର-ବ୍ୟର ଫସଲ ଊଣା ହେବାର ସମ୍ଭାବନା ଅଛି ଏବଂ ବାଣିଜ୍ୟ ଚଳପ୍ରଚଳ ପକ୍ଷରେ ମଧ୍ୟ ବାଧାଜନକ ଅଟଇ । ଚୀନଦେ-ଶର ସମସ୍ତ କର୍ମଚାରୀଙ୍କୁ ଅପଣା ଏଲାକା ମଧ୍ୟରେ ଏମନ୍ତ ଉପାୟ କରିବାର ଆଦେଶ ହୋଇଅଛି କି ଯହିଁରେ ଅପୁ ବୃକ୍ଷ ଏକାବେଳକେ ବନ୍ଦ ହେବ ।

କୃଷ୍ଣନଗରର ବେଣୀଗୋପାଳଙ୍କ ଗବର୍ଣ୍ଣମେଣ୍ଟର ପ୍ରାୟ ଲକ୍ଷେ ଟଙ୍କା ଉଦରସ୍ଥ କରି ଶୌଚବର୍ଷ କଳବାସର ଦଣ୍ଡ ପାଇଲେ । ଏଥର ତାହାଙ୍କ କାର୍ଯ୍ୟ ହେତୁ କୃଷ୍ଣନଗରର ଫଉଜଦାରୀ ଅଦାଲତରେ ଇଣ୍ସ୍ପେକ୍ଟର ନାମରେ ଅପ-ବାଦର ଅଭିଯୋଗରେ ରାୟ ଯଦୁନାଥରାୟ ବାହାଦୁର ନାଲିଷ କରିଅଛନ୍ତି । ଏ ମୋକଦ୍ଦମାର ଅନୁସନ୍ଧାନରେ ଅନେକ କଥା ବାହାରୁ ଅଛି କି ଯାହା ବେଣୀଗୋପାଳର ବିଗ୍ଭର ବେଳେ ବାହାର ନାହିଁ ଓ ଯହିଁରୁ ବେଣୀଗୋପାଳର କେହି ସହକାରୀ ଥିଲେ କି ନାହିଁ ପ୍ରକାଶ ପାଇବାର ସମ୍ଭାବନା ଅଛି ।

ବ୍ରହ୍ମପୁର ବାର୍ତ୍ତାଲହରୀରୁ ଜଣାଗଲା ଯେ ଶ୍ରୀ ଶ୍ରୀ ମଣ୍ଡୁଷା ରାଜାଙ୍କ ସକାଶେ ଇଣ୍ଡିଆନ ଏମ୍ପାୟାରର ଉପାଧିର ତମଘା ସୟୋଗାମ ସଦର ଅଫିସରୁ ଅସିଅଛି ଶୀଘ୍ର ତାହାଙ୍କୁ ପ୍ରଦତ୍ତ ହେବ ।

---

☞ ଏହି ଉତ୍କଳ ଦୀପିକା ସହର କଟକ ଦରଗାବଜାରରେ କଟକ ପ୍ରିଣ୍ଟିଂ କମ୍ପାନିକ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଭାଗ ୧୩ | ତା ୯ ଋଣ ମାହେ ନବେମ୍ବର ସନ ୧୮୭୮ ମସିହା । ମୁ । କାର୍ତ୍ତିକ ଦି ୨୭ ନ ସନ ୧୨୮୬ ସାଲ ଶନିବାର | ଅଗ୍ରିମ ବାର୍ଷିକମୂଲ୍ୟ ଟ୬୦
ସଂଖ୍ୟା ୪୪ | | ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୮
| | ମଫସଲପାଁଇ ଡାକମାସୁଲ ଟ୦୧୬/


ଆମ୍ଭେମାନେ ଶୁଣିଲୁଁ ଯେ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ପଲଟନର ହେଡକନେଷ୍ଟବଲକୁ କେନ୍ଦ୍ରାପଡା ବଦଲୀ କରିଅଛନ୍ତି ଏବଂ ଟାଉନ ଥାନାର ହେଡକନେଷ୍ଟବଲ ହରିସିଂହର ବେତନ ପାଞ୍ଚଟଙ୍କା ଊଣା କରି ଦେଇଅଛନ୍ତି । ଏ କାର୍ଯ୍ୟମାନ ଭଲ ହୋଇଅଛି । ହରିସିଂହକୁ ବଦଲୀ କରିଦେଇଥିଲେ ଆହୁରି ଭଲ ହୋଇଥାନ୍ତା । ଆମ୍ଭମାନଙ୍କ ଜାଣିବାରେ ଏ ନଗର ଆଉଟପୋଷ୍ଟମାନଙ୍କରେ ଯେଉଁ ହେଡକନେଷ୍ଟବଲ ଅଛନ୍ତି କଦମରସୁଲର ଭାଗୀରଥୀ ସମସ୍ତଙ୍କଠାରୁ ଉପଯୁକ୍ତ ଓ ପରିଶ୍ରମୀ ଅବଶ୍ୟ ଯେ ଏହାର ଯଥାଯୋଗ୍ୟ ଉନ୍ନତି ହୋଇ ନାହିଁ ବଡ ଆଶ୍ଚର୍ଯ୍ୟର ବିଷୟ ଅଟଇ ଏହାକୁ ପଲଟନ ଫାଣ୍ଡିକୁ ବଦଲୀ କରିବାର ପ୍ରସ୍ତାବ ହୋଇଅଛି ମାତ୍ର ତହିଁରେ ବିଶେଷ ଲଭ ନାହିଁ । ଏହାର ପରି କର୍ମକ୍ଷମ ହେଡକନେଷ୍ଟବଲ ସବୁ ମୋଫସଲରୁ ବାଛି ଆଣି ନଗରର ଫାଣ୍ଡିମାନଙ୍କରେ ରଖିଲେ ଭଲ ହେବ ।

---

ମଧ୍ୟପ୍ରଦେଶର ଶିକ୍ଷାବିଭାଗର ସନ ୧୮୭୭।୭୮ ବାବତ୍ ବାର୍ଷିକ ବିଜ୍ଞାପନୀର ସାରାଂଶ ଗେଜେଟ୍ ଅଫ୍ ଇଣ୍ଡିଆରେ ପ୍ରକାଶ ହୋଇଅଛି । ଆମ୍ଭେମାନେ ତହିଁରେ ପାଠ କଲୁଁ ଯେ ବିଜ୍ଞାପନୀବର୍ଷରେ ସେଠା ସ୍କୁଲ ଓ ଛାତ୍ରସଂଖ୍ୟା ନିମ୍ନଲିଖିତପ୍ରକାର ଥିଲା । ଯଥା;—

| | ବିଦ୍ୟାଳୟସଂଖ୍ୟା | ଛାତ୍ରସଂଖ୍ୟା |
|---|---|---|
| ସରକାରୀବିଦ୍ୟାଳୟ | ୯୦୧ | ୪୩୩୭୨ |
| ପାଠଶାଳ ଯାହାକୁ ସହାୟତା ମିଳୁଅଛି | ୩୪୧ | ୧୨୨୭୨ |
| ପାଠାଶାଳ ଯାହାକୁ ସାହାଯ୍ୟ ମିଳୁ ନାହିଁ | ୧୬୫ | ୪୧୨୮ |
| ମୋଟ | ୧୪୦୭ | ୭୪୨୬୭ |

ଏଥି ପୂର୍ବବର୍ଷ ସଙ୍ଗେ ତୁଳନା କଲେ ଦେଖାଯାଏ ଯେ ଏବର୍ଷ ୨୩୪ ବିଦ୍ୟାଳୟ ଏବଂ ୯୧୭୫ ଛାତ୍ର ଊଣା ହୋଇଅଛି । ଏଥିର କାରଣ ଏହି ଯେ ୨୭୬ ସ୍କୁଲକୁ ସରକାରୀ ସାହାଯ୍ୟ ଦେବା ଏବର୍ଷ ରହିତ ହୋଇଅଛି ।

ବିଜ୍ଞାପନୀ ବର୍ଷରେ ସର୍ବସୁଦ୍ଧା ଟ୬୩୮୧୪ଙ୍କା ଖର୍ଚ୍ଚ ହୋଇଅଛି । ଏଥି ପୂର୍ବ ବର୍ଷରେ ଟ୬୩୫୬୮ ଙ୍କା ବ୍ୟୟ ହୋଇଥିଲା । ସୁତରାଂ ଟ୪୫୪୨ଙ୍କା ଊଣା ହୋଇଅଛି ଏବଂ ଚାନ୍ଦାଦ୍ୱାରା ଗତବର୍ଷାପେକ୍ଷା ଏବର୍ଷ ଟ ୬୫୪୨ଙ୍କା ଅଧିକା ଲଭ ହୋଇଅଛି । ଅତଏବ ସର୍ବସୁଦ୍ଧା ଟ ୧୧୦୮୪ଙ୍କା ଏବର୍ଷ ସଞ୍ଚିତ ହୋଇଅଛି ।

ଏପରି କେତେଗୁଡିଏ ନର୍ମାଲସ୍କୁଲ ଅଛି । ତହିଁମଧ୍ୟରେ ଜବଲପୁର ନର୍ମାଲସ୍କୁଲର ପ୍ରଶଂସା ହୋଇଅଛି ସମ୍ବଲପୁରର ନର୍ମାଲସ୍କୁଲ ଉଠି ଯାଇଅଛି ଆଉ ସମସ୍ତ ଏକପ୍ରକାର ଚଳୁଅଛି । ବାଳିକାବିଦ୍ୟାଳୟର ଦଶାରେ କିଛି ପରିବର୍ତ୍ତନ ଦେଖାଯାଇ ନାହିଁ । ବାଳିକାବିଦ୍ୟାଳୟ ଓ ବିଦ୍ୟାର୍ଥିଙ୍କ ସଂଖ୍ୟା ଯାହା ଲେଖା ନାହିଁ ଦୁଃଖର ବିଷୟ ଅଟଇ ।

---

ଗଡ଼ଜାତମହାଲରେ ଶିକ୍ଷାଦାନ କାର୍ଯ୍ୟର ତତ୍ତ୍ୱାବଧାରଣ ନିମିତ୍ତ ଗବର୍ଣ୍ଣମେଣ୍ଟ ଦୁଇଜଣ ସବ୍‌ଇନସ୍ପେକ୍ଟର ନିଯୁକ୍ତ କରିଅଛନ୍ତି । ଏକଜଣ ଅନଗୁଲ ବାଙ୍କୀ ଓ ଢେଙ୍କାନାଲ ଏବଂ ଏକଜଣ ମୟୂରଭଞ୍ଜ ଓ କେଉଁଝର ସକାଶେ । ଯଦ୍ୟପି ଅନଗୁଲ ଓ ବାଙ୍କୀ ଛଡା ଆଉ କୌଣସି ଗଡଜାତରେ ଗବର୍ଣ୍ଣମେଣ୍ଟଙ୍କର ସ୍ଥାପିତ ବା ସାହାଯ୍ୟକୃତ ବିଦ୍ୟାଳୟ ନାହିଁ ତଥାଚ ରାଜାମାନଙ୍କ ସ୍ଥାପିତ ବିଦ୍ୟାଳୟମାନଙ୍କର ତତ୍ତ୍ୱାବଧାରଣ କରିବା ସକାଶେ ଯେ ଗବର୍ଣ୍ଣମେଣ୍ଟ ସ୍ୱହସ୍ତରୁ ବେତନ ଦେଇ କର୍ମଚାରୀ ନିଯୁକ୍ତ କଲେ ଏହା ବଡ ସୁଖର ବିଷୟ ଅଟଇ । ଏଥିରେ ରାଜାମାନେ ଆପଣା୨ ସ୍କୁଲମାନଙ୍କୁ ଉତ୍ତମ ଅବସ୍ଥାରେ ରଖିବାକୁ ପ୍ରବୃତ୍ତ ହେବେ ଓ କାହା ଇଲାକାରେ କିପ୍ରକାର ଶିକ୍ଷାଦାନର ଉପାୟ ହୋଇଅଛି ତାହା ଗବର୍ଣ୍ଣମେଣ୍ଟ ମଧ୍ୟ ଜାଣିପାରିବେ । ଆମ୍ଭମାନଙ୍କ ବିବେଚନାରେ ଏ ଦୁଇ ସବ୍‌ଇନସ୍ପେକ୍ଟର ଏବଂ କଟକ ଜିଲାର ସବ୍‌ଇନସ୍ପେକ୍ଟରଙ୍କ ଏପରି ତିନିଜଣଙ୍କ ଇଲାକାରେ ସମସ୍ତ ଗଡ଼ଜାତ ବାଣ୍ଟି ଦେଇଥିଲେ ଭଲ ହୋଇଥାନ୍ତା । ଯଦ୍ୟପି ଢେଙ୍କାନାଲ କେଉଁଝର ଓ ମୟୂରଭଞ୍ଜରେ ଅଧିକ ବିଦ୍ୟାଳୟ ଅଛି ମାତ୍ର ଆଠଗଡ ତାଳଚେର ନୀଳଗିରି ପ୍ରଭୃତି ଗଡ଼ଜାତରେ

Digitized by srujanika@gmail.com

Split by PDF Splitter

188



ଗୋଟିଏ ଲେଖାଏ ସୁଦ୍ଧା ବିଦ୍ୟାଳୟ ଅଛି ଏବଂ ସେସମସ୍ତର କାର୍ଯ୍ୟ ସୁଚାରୁରୂପେ ଚାଲୁଅଛି କି ନାହିଁ ଦେଖିବାର ଆବଶ୍ୟକ ତାହା ହେଲେ ରାଜାମାନେ ଆପଣା ବିଦ୍ୟାଳୟକୁ ଉତ୍ତମ ଅବସ୍ଥାକୁ ଆଣିବା କାରଣ ପ୍ରବୃତ୍ତ ହେବେ ଏବଂ କେଉଁ ରାଜା ଆପଣା ପ୍ରଜାଙ୍କ ଶିକ୍ଷା ନିମିତ୍ତ କିପରିମାଣରେ ଯତ୍ନ ଓ ଅର୍ଥବ୍ୟୟ କରୁଅଛି ଗବର୍ଣ୍ଣମେଣ୍ଟ ତାହା ଜାଣିପାରିବେ । ଆମ୍ଭେମାନେ ଶୁଣିଅଛୁଁ ଯେ କେତେକ ରାଜା କେବଳ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟଙ୍କ ତୁଷ୍ଟିଲାଭ ନିମିତ୍ତ ନାମମାତ୍ର ସ୍କୁଲ ରଖିଅଛନ୍ତି ଏବଂ ତାହାଙ୍କର ବାର୍ଷିକ କାଗଜ ମଧ୍ୟ ଦିଅନ୍ତି ଅଥଚ ସ୍କୁଲରେ କେହି ପଢ଼ନ୍ତି କି ନାହିଁ ସନ୍ଦେହ । ସରକାରୀ କର୍ମଚାରୀ ଜଣେ ବର୍ଷ ମଧ୍ୟରେ ଥରେ ଦୁଇ ଥର ଏପରି ଗଡ଼ଜାତକୁ ଗଲେ ସେଠା ବିଦ୍ୟାଳୟର ଅବସ୍ଥା ଭଲ ହେବ ଓ ବିଦ୍ୟାଳୟ ପ୍ରତି ରାଜାଙ୍କର ଆସ୍ଥା ଜନ୍ମିବ । ଆମ୍ଭେମାନେ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଏ ପ୍ରସ୍ତାବ ପକ୍ଷରେ ସୁବିଚାର କରିବେ ।

---

## ସଦାବର୍ତ୍ତମଠର ସୁବ୍ୟବସ୍ଥା ।

ଆମ୍ଭେମାନେ ଏଥି ମଧ୍ୟରେ ପାଠକମାନଙ୍କୁ ଜଣାଇ ଥିଲୁଁ ଯେ ଏ ନଗରର ନୂତନ ସ୍ଥାପିତ ସୁହୃଦ ସମାଜ ସଦାବର୍ତ୍ତ ମଠର ତତ୍ତ୍ୱାବଧାରଣ କିପରି ହେଲେ ମଠମାନଙ୍କର ଅପବ୍ୟୟ ନିବାରଣ ହେବ ତହିଁର ବ୍ୟବସ୍ଥା କରୁ ଅଛନ୍ତି । ସମାଜ ଗୋଟିଏ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରି ଅଛନ୍ତି ଯେ ଗତକାଲି ସଭାରେ ତାହା ସମସ୍ତ ସଭ୍ୟଙ୍କ ବିଚାରରେ ଧାର୍ଯ୍ୟ ହୋଇ ଗବର୍ଣ୍ଣମେଣ୍ଟକୁ ପଠା ଯିବାର ସ୍ଥିର ହୋଇ ଥିବ ଏଥି ମଧ୍ୟରେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ କଲିକତା ଗେଜେଟରେ ବଙ୍ଗଳାର ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କର ଏକ ନିର୍ଦ୍ଧାରଣ ବାହାର ଅଛି ଏବଂ ସଦାବର୍ତ୍ତ ମଠର ଶାସନ ସମ୍ପର୍କରେ ଯେ ସମସ୍ତ ଆଇନ ଅବଧି ହୋଇଅଛି ଓ ତହିଁରେ ଯେ ସମସ୍ତ ଦୋଷ ଲକ୍ଷିତ ହୁଅଇ ତାହା ସବୁ ବିସ୍ତାର ରୂପେ ଲେଖା ଅଛି । ଅତ୍ୟନ୍ତ ଆନନ୍ଦର ବିଷୟ ଏହି ଯେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏବଂ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଏ ବିଷୟରେ ନୂତନ ବିଧି ପ୍ରଚାର କରିବାର ନିତାନ୍ତ ଆବଶ୍ୟକ ହୋଇ ଅଛି ଏବଂ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ସନ ୧୮୬୩ ମସିହାର ୨୦ ଆଇନ ବିଷୟରେ ଯେ ସମସ୍ତ ଦୋଷ ଦେଖାଇ ଅଛନ୍ତି ତାହା ସର୍ବସାଧାରଣଙ୍କ ମତ ସହିତ ସମ୍ପୂର୍ଣ୍ଣରୂପେ ଐକ୍ୟ ଅଛି । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଉପର ଲିଖିତ ଉଭୟ ଗବର୍ଣ୍ଣମେଣ୍ଟଙ୍କ ମତ ସହିତ ଐକ୍ୟ ହୋଇ ହିନ୍ଦୁ ଓ ମୁସଲମାନ ଧର୍ମାର୍ଥ ଏବଂ ସଦାବର୍ତ୍ତ ମଠ ସମ୍ପର୍କରେ ନୂତନ ବ୍ୟବସ୍ଥା କରିବା ନିତାନ୍ତ ପ୍ରୟୋଜନୀୟ ବୋଲି ସ୍ୱୀକାର କରିଅଛନ୍ତି । ଏଥିରୁ ବୋଧ ହୁଅଇ ଯେ ଆମ୍ଭମାନଙ୍କ ଆଶା ଅବିଳମ୍ବେ ସଫଳ ହେବ ଏବଂ ସାଧାରଣ ଉପକାରାର୍ଥେ ଦିଆ ଯାଇଥିବା ସମ୍ପତ୍ତିଦ୍ୱାରା ଆଉ ଲୋକ ବିଶେଷର ସ୍ୱେଚ୍ଛାଚାରିତା ବୃଦ୍ଧି ହେବାର ସୁଯୋଗ ରହିବ ନାହିଁ । ଯାହାହେଉ ସମ୍ପ୍ରତି ଆମ୍ଭମାନଙ୍କ ଲେଫ୍ଟନେଣ୍ଟ ଗବର୍ଣ୍ଣର ବଙ୍ଗଳାର ନାନାସ୍ଥଳ ଏବଂ ଅପର ଜାଣିବା ବ୍ୟକ୍ତିଙ୍କ ମତ କି ତାହା ଜାଣିବା କାରଣ ଏ ବିଷୟର ସମସ୍ତ କାଗଜପତ୍ର ଆପଣା ମନ୍ତବ୍ୟ ସହିତ ଗେଜେଟରେ ପ୍ରଚାର କରିଅଛନ୍ତି । ଏଥକୁ ଆମ୍ଭେମାନେ ବିନୀତଭାବରେ ସାହେବ ମହୋଦୟଙ୍କୁ ଜଣାଉଅଛୁଁ ଯେ ଏ ବିଷୟରେ ମତ ଜାଣିବାର ଆବଶ୍ୟକ ନାହିଁ । ସର୍ବସାଧାରଣ ସଦାବର୍ତ୍ତ ସମ୍ପତ୍ତିର ଅପବ୍ୟୟ ଦେଖି ନିତାନ୍ତ ବ୍ୟାକୁଳ ହୋଇଅଛନ୍ତି ବିଶେଷତଃ ଓଡ଼ିଶାବାସୀମାନେ ଉକ୍ତ ଅପବ୍ୟୟ ନିବାରଣ ବିଷୟରେ ଅନେକ ବାରବର୍ଷ ହେଲା ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରି ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ଆମ୍ଭେମାନେ ଏତିକି ଆଶା କରୁଁ ଯେ ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ଏ ବିଷୟରେ ଆଉ ବିଳମ୍ବ ନ କରି ଯେପରି ଗବର୍ଣ୍ଣମେଣ୍ଟ ଇଣ୍ଡିଆରୁ ଶୀଘ୍ର ଆଇନ ପ୍ରଚଳିତ ହୁଅଇ ତହିଁ ପକ୍ଷରେ ବିଶେଷ ଯତ୍ନ କରିବେ ।

---

## କାବୁଲ ଯୁଦ୍ଧ ସମାଚାର ।

ପ୍ରେସକମିଶନର ସିମଲାଠାରୁ ତାର ଯୋଗେ କଲିକତାର ସମ୍ବାଦପତ୍ରମାନଙ୍କୁ ଜଣାଇ ଅଛନ୍ତି କି କାବୁଲର ଅମିରଙ୍କ ଉତ୍ତର ଅଶିଷ୍ଟ ଏବଂ ନିତାନ୍ତ ଅସନ୍ତୋଷ ଜନକ ଅଟଇ । ଇଂରାଜ ରାଜଦୂତଙ୍କୁ ଫେରାଇ ଦେବାଦ୍ୱାରା ଯେପ୍ରକାର ଅପମାନ କରି ଅଛନ୍ତି ତହିଁର କ୍ଷମା ସ୍ୱରୂପ କିଛିମାତ୍ର କହି ନାହାନ୍ତି ଏବଂ ସାଧାରଣ ରୂପେ ଯେ ପରଭାବରେ ପତ୍ର ଲେଖି ଅଛନ୍ତି ତହିଁରୁ ବର୍ତ୍ତମାନ ବିବାଦ କୁଶଳରେ ମୀମାଂସା ହେବାର ଆଶା ନାହିଁ । ଏଥାତ ବିଚାର ହୋଇ ଅଛି ଯେ ଯୁଦ୍ଧ ନିବାରଣ ଉଦ୍ଦେଶରେ ଅମିରଙ୍କ ନିକଟକୁ ଆଉ ଏକ ପତ୍ର ପଠା ଯିବ । ସେ ପତ୍ରରେ ସନ୍ଧିର ସର୍ତ୍ତମାନ ଲେଖା ହେବ ଏବଂ ଅଳ୍ପଦିନ ଅଥଚ ଆବଶ୍ୟକମତେ ପ୍ରଚୁର ସମୟ ମଧ୍ୟରେ ତହିଁର ଉତ୍ତର ତାହାଙ୍କଠାରୁ ତଲବ ହେବ । ଇଂଲଣ୍ଡର ମନ୍ତ୍ରିଙ୍କ ସହିତ ପରାମର୍ଶ ହୋଇ ଅମିରଙ୍କୁ ଆଉ ଥରେ ଯୁଦ୍ଧରୁ ବଞ୍ଚିବାର ସୁଯୋଗ ଦିଆ ଯାଇଅଛି ମାତ୍ର ଇଂଲଣ୍ଡର ସମ୍ବାଦପତ୍ରମାନେ ବୋଲନ୍ତି ଯେ ଏଥିରେ କିଛି ଫଳ ହେବ ନାହିଁ । ଅମିର ବର୍ତ୍ତମାନ ଯେବେ ଦାୟରେ ପଡ଼ି ସମ୍ମତ ହେବେ । ମାତ୍ର ତାହା କେତେକାଳ ରହିବ ? ଭାରତବର୍ଷରେ ଅଧିକାଂଶ ସମ୍ବାଦପତ୍ର ମଧ୍ୟ ପୁନର୍ବାର ପତ୍ର ଲେଖିବା କଥାକୁ ଭଲ ମଣୁ ନାହାନ୍ତି ଓ ଆମ୍ଭେମାନେ ଶୁଦ୍ଧା ସେହିମତର ଅନୁଗାମୀ ହୁଅନ୍ତୁ କିନ୍ତୁ ଯୁଦ୍ଧରେ ଜୟଲାଭକଲେ ଆମ୍ଭମାନଙ୍କ ଶାସନ କର୍ତ୍ତାମାନେ ଯେ ସବୁ ନିୟମରେ ଅମିରଙ୍କୁ ଆବଦ୍ଧ କରନ୍ତେ ଯୁଦ୍ଧ ପୂର୍ବରେ କେବଳ ସେହି ନିୟମମାନ ସ୍ୱୀକାର କରିବା କାରଣ ଅମିରଙ୍କୁ ଲେଖିବାରେ କିଛି ଗୌରବର ହାନି ହେଉ ନାହିଁ ବରଂ ଏହାଦ୍ୱାରା ଶ୍ରୀମଦ୍ଭାରତେଶ୍ୱରୀଙ୍କ ଗବର୍ଣ୍ଣମେଣ୍ଟର ଶାନ୍ତ ପ୍ରକୃତି ଦୟା ଓ ଉଦାରତାର ସ୍ପଷ୍ଟ ପ୍ରମାଣ ମିଳୁ ଅଛି । ଯେବେ ଅମିର ବର୍ତ୍ତମାନ ସୁଦ୍ଧା ଉକ୍ତ ନିୟମମାନ ପ୍ରତିପାଳନ କରିବାକୁ ସ୍ୱୀକାର କରିବେ ତେବେ ବିନା ଯୁଦ୍ଧରେ କାର୍ଯ୍ୟ ଲାଭ ହେବ ଏଥିରୁ ସୁଖର ବିଷୟ ଆଉ କି ଅଛି ଏବଂ ଯେବେ ଅମିର ପୂର୍ବସ୍ୱଭାବ ଦେଖାଇବେ ତେବେ ଆଜି ଯେଉଁ ଯୁଦ୍ଧ ହୁଅନ୍ତା ତାହା ମାସେ ପଛେ ଉତ୍ତାରୁ ହେବ । ଫଳେ ଯୁଦ୍ଧ ଆରମ୍ଭହେବାର କିଛିଦିନ ଘୁଞ୍ଚିଗଲା ଆଉ କିଛି କ୍ଷତି ନାହିଁ ।

ଏଥିମଧ୍ୟରେ ଯୁଦ୍ଧର ଉଦ୍ଯୋଗମାନ ହେଉଅଛି ଓ ହେଉଥିବ । ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ସମ୍ବାଦରେ ପାଠ କଲୁଁ ଯେ ପଞ୍ଜାବର ଅନେକ ରାଜା ଯଥା ପଟିୟାଲା, ଝିନ୍ଦ, ନଭା, କପୁର୍ଥଲା ଆପଣା ସେନା ଇଂରାଜଙ୍କ ହସ୍ତରେ ସମର୍ପଣ କରିଅଛନ୍ତି କି ଯେଉଁଠାକୁ ଇଚ୍ଛା ସେଠାକୁ ଯୁଦ୍ଧକାର୍ଯ୍ୟରେ ପ୍ରେରିତ ହୋଇପାରିବେ । ଭାଓଲପୁରର ନବାବ ଆପଣା ସେନା ସହିତ ଆପେ ଯୁଦ୍ଧକୁ ଯିବା କାରଣ ସ୍ୱୀକାର କରିଅଛନ୍ତି ଏବଂ ଭୂପାଲର ବେଗମ ମଧ୍ୟ ଆପଣା ସମସ୍ତ ସେନା ଦେବାପାଇଁ ପ୍ରସ୍ତୁତ ଅଛନ୍ତି । ଦେଶୀୟ ରାଜାଙ୍କ ସୈନ୍ୟମାନେ ବିଦ୍ରୋହ ସମୟରେ ଇଂରାଜଙ୍କ ଅଧିକାର ସ୍ଥାପନ ବିଷୟରେ

Digitized by srujanika@gmail.com

ଅନେକ ସାହାଯ୍ୟ କରିଥିଲେ । ଏସମୟରେ ମଧ୍ୟ ଏମାନେ ଉତ୍ସାହ ଭାବ ଦେଖାଇ ଯେଉଁମାନେ ଦେଶୀୟ ରାଜାଙ୍କର ସେନା ବର୍ଜନ କରିବାର ପରାମର୍ଶ ଦେଉଛନ୍ତି ତାହାଙ୍କୁ ଲଜ୍ଜିତ କରିବେ ଏବଂ ଇଂରେଜଙ୍କ ଶାସନପ୍ରଣାଳୀକୁ ଏଠା ଲୋକେ କିପ୍ରକାର ସୁନଜର ମଣନ୍ତି ଆପଣା ପ୍ରାଣ ଦେବାକୁ ପ୍ରସ୍ତୁତ ହେବାଦ୍ୱାରା ତାହା ଦେଖାଇବେ ।

କଥିତ ହୁଅଇ ଯେ ଖାଇବାରଘାଟିରେ ଥିବା ଅମିରଙ୍କ ସୈନ୍ୟ ମଧ୍ୟରେ ଜ୍ୱରରୋଗର ଭାରି ପ୍ରାଦୁର୍ଭାବ ହୋଇଅଛି । ପ୍ରତିଦିନ ଲୋକ ମରୁଅଛନ୍ତି ଏବଂ ଆହାର ଓ ଔଷଧର ବନ୍ଦୋବସ୍ତ ନ ଥିବାରୁ ଯେଉଁମାନେ ବଞ୍ଚିଅଛନ୍ତି ସେମାନେ ବଡ଼ କଷ୍ଟରେ ଅଛନ୍ତି । ପେସୁଆର ଏବଂ ନିକଟବର୍ତ୍ତୀ ସ୍ଥାନମାନଙ୍କରେ ଇଂରେଜ ସେନା ମଧ୍ୟରେ ସୁଦ୍ଧା ଜ୍ୱରରୋଗର ପ୍ରଭା ବଢ଼ିଅଛି ତେବେ ଅମିରଙ୍କ ସେନାପରି ଏମାନେ ବିପଦଗ୍ରସ୍ତ ହୋଇ ନାହାନ୍ତି ଓ ରୋଗ ଦମନ କରିବାର ନାନା ଉପାୟ ହେଉଅଛି ।

# ସାପ୍ତାହିକସଂବାଦ ।

ଏ ସପ୍ତାହରେ ମଧ୍ୟ ଭାରି ବୃଷ୍ଟି ହୋଇଅଛି । ଏତେ ବର୍ଷାର ଲୋଡ଼ା ନ ଥିଲା ଓ ଅବଧି ସମ୍ପୂର୍ଣ୍ଣରୂପେ ମେଘ ଛାଡ଼ିଯାଇ ନାହିଁ । ସମସ୍ତଙ୍କର ପ୍ରାର୍ଥନା ଯେ ଆଉ ବୃଷ୍ଟି ନ ହେଉ ।

ଆମ୍ଭମାନଙ୍କ କଲେକ୍ଟର ସାହେବଙ୍କ ବାର୍ଷିକ ଗସ୍ତ ଆରମ୍ଭ ହୋଇଅଛି । ଆଗାମୀ ଫିବ୍ରୁଏରି ମଧ୍ୟଭାଗ ପର୍ଯ୍ୟନ୍ତ ଗସ୍ତ କରିବେ । ତହିଁ ଉତ୍ତାରୁ ଛୁଟୀ ନେଇ ବିଲାତକୁ ଯିବାର କଥିତ ହୁଅଇ ।

ଏଠା ମୁନସଫି କଚେରିରେ ଜଣେ ଉକିଲର ପକେଟରୁ ଏକଜଣ ମୁସଲମାନ ଟଙ୍କା ଚୋରି କରିଥିବା ଅପରାଧରେ ଧରାଯାଇ ଦଉରା ସୁପୋର୍ଦ୍ଦ ହୋଇଥିଲା । ଏ ଲୋକ ଦାଗୀ ଥିବାରୁ ୭ ବର୍ଷ କାରାବାସ ଦଣ୍ଡ ପାଇଅଛି ।

ଏଠା କମିଶ୍ନରଙ୍କ ଅଶିଷ୍ଟାଣ୍ଟ ବାବୁ କୈଳାସଚନ୍ଦ୍ର ଘୋଷ ତିନିମାସ ଛୁଟୀ ପାଇ ଅଛନ୍ତି ଏବଂ ବାବୁ ଅନ୍ନଦାପ୍ରସାଦ ଘୋଷ ତାହାଙ୍କ ସ୍ଥାନରେ ନିଯୁକ୍ତ ହୋଇ କେନ୍ଦ୍ରାପଡାରୁ ଆସି ଅଛନ୍ତି ।

କଟକ ଓ ପୁରୀର ଦୌରମିସନ ଏ ସପ୍ତାହରେ ଶେଷ ହୋଇ ନ ପାରିବାରୁ ବାଲେଶ୍ୱରର ଦଉରା ଚଳିତମାସ ତା ୧୮ ରିଖକୁ ଘୁଞ୍ଚିଗଲା ।

କେନ୍ଦ୍ରାପଡାରେ ଜଣେ ବଣିଆ ପୁରୁଣାଟଙ୍କା ପ୍ରସ୍ତୁତ କରୁଥିଲା । ପୁଲିସ ତାହାକୁ ଛାଞ୍ଚ ସହିତ ଧରି ଚାଲାଣ କରିବା କଥା ଏଥିପୂର୍ବେ ଲେଖିଥିଲୁଁ । ଦୌରା ବିଚାରରେ ତାହାର ଏବଂ ତାହା ସଙ୍ଗିଲୋକଙ୍କର କଠିନ ଦଣ୍ଡ ହୋଇ ଅଛି । ବାଲେଶ୍ୱରରେ ମଧ୍ୟ ଜଣେ ବଣିଆ ଏହିପରି ଅପରାଧରେ ଧରାହୋଇ ଦଣ୍ଡ ପାଇଅଛି । ବଣିଆଙ୍କ ବ୍ୟବସାୟ କି ଚୋରି ଓ ଖଣ୍ଡପଣିଆ ଭିନ୍ନ ଚଳଇ ନାହିଁ ? ।

ପାଣି ଉପରେ ଚାଲିବାର ଯେଉଁ ଯୋତା ହୋଇଅଛି ତାହାଦ୍ୱାରା ୭ ମିନିଟରେ ଚତୁର୍ଥାଂଶ ମାଇଲ ଚାଲିହୁଏ । ଜଣେ କାନାଡ଼ାବାସୀ ଫରାସୀ ୩ ଫୁଟ ଲମ୍ବ ୧ ଫୁଟ ଚଉଡା ଯୋଡ଼ାଏ ଏହିପରି ଯୋତା ଗୋଡରେ ଦେଇ ଚାଲିଅଛନ୍ତି । ଏ ଦେଶକୁ ଏ ଯୋତା ଆସିଲେ ଘାଟର ଅତ୍ୟାଚାରରୁ ଲୋକେ ତ୍ରାହି ପାଇବେ ।

ମଫସଲରେ ଓଲାଉଠା ଅବଧି ଲାଗି ରହିଅଛି ଏବଂ ଆଜିକାଲି ଯେମନ୍ତ ଯାତ୍ରୀଙ୍କର ଯିବା ଆସିବା ଲାଗିଅଛି ଏ ରୋଗ ବୃଦ୍ଧି ହେବାର ଆଶଙ୍କା ହେଉଅଛି ।

ସମ୍ବାଦ ପାଇଅଛୁଁ ଯେ କେନ୍ଦ୍ରାପଡାଦେଇ ଯେଉଁ ଝିଣ୍ଟିକାପଲ ଯାଇଥିଲେ ସେମାନେ ଚାନ୍ଦବାଲିରେ ବୃଷ୍ଟିରେ ମରି ପଡିଲେ । ଏତେ ଝିଣ୍ଟିକା ମରି ପଡିଥିଲେ ଯେ ମୃତଝିଣ୍ଟିକାରେ ଭୂମି ଦିଶୁ ନ ଥିଲା ।

ବାର୍ତ୍ତାଲହରୀରୁ ଅବଗତହେଲୁଁ ଯେ ଗଞ୍ଜାମ ଜିଲାରେ ଏବର୍ଷ ଉତ୍ତମ ଫସଲ ଲାଭର ସମ୍ପୂର୍ଣ୍ଣ ଆଶା ହୋଇଅଛି ଏବଂ ଅଳ୍ପବୃଷ୍ଟି ହେତୁ ପୁଷ୍କରିଣୀମାନଙ୍କରେ ପ୍ରଚୁର ଜଳ ହୋଇ ନ ଥିଲେହେଁ ଯଥାକାଳରେ ବୃଷ୍ଟି ହେବାରୁ କ୍ଷେତ ଭଲ ହୋଇଅଛି ।

ଉକ୍ତ ପତ୍ରରୁ ଜଣାଯାଏ ଯେ ମଣ୍ଡୁସାର ରାଜାଙ୍କୁ ପଦ ଦେବା କାରଣ ଦରବାର ହେବ ନାହିଁ ତାହାଙ୍କ ଗଡ଼ଠାକୁ ସାହେବ ଯାଇ ପଦ ଦେଇ ଆସିବେ । ଏପରି ଲୁଚ୍ ଚୋରରେ ପଦ ଦେବା ଭଲ ନୁହଇ । ଏଥିରେ ପଦର ପ୍ରକୃତ ଗୌରବ ରହି ନ ପାରେ ।

ଦୀପାବଳୀଅମାବାସ୍ୟା ରାତ୍ରରେ ରାତମତ ରୋଷନାଇ ଓ ବାଣ ପୋଡ଼ା ବ୍ୟାପାର ହୋଇଥିଲା । ପୁଲିସ ଏତେବେଳେ ଯାହା କିଛି ଫାଙ୍କି ବାହାର ନ କଲେ ସୁଖର ବିଷୟ ଅଟଇ ।

ଲକ୍ଷ୍ନୌର ଏକ ସମ୍ବାଦପତ୍ରରେ ଲେଖାଅଛି କି ଗତମାସରେ ଏକପଲ ଝିଟିକା ସେଠାରେ ପ୍ରବେଶ ହୋଇଥିଲେ । କ୍ଷେତ ଉପରେ ଏହାଙ୍କର ଦୃଷ୍ଟିପଡ ନାହିଁ କେବଳ ଅନ୍ୟାନ୍ୟ ଗଛପତ୍ର ଖାଇ ଚାଲିଗଲେ । ଅନେକ ଝିଟିକା ଇଉରୋପୀୟଙ୍କର ମେଜ ଉପରେ ଚିଙ୍ଗୁଡି ମାଛର ମାୟାରୂପ ଧରି ଉପସ୍ଥିତ ହୋଇଥିଲେ । ଏଥିରୁ ସମ୍ପାଦକ କହୁଅଛନ୍ତି କି ମାୟା କରିବାର ପ୍ରୟୋଜନ କି ଝିଟିକା ଓ ଚିଙ୍ଗୁଡିର ଆକାରରେ ବିସ୍ତର ପ୍ରଭେଦ ନାହିଁ । ଯେ ଏକକୁ ଖାଇବାକୁ ଡରେ ନାହିଁ ସେ ଅନ୍ୟକୁ ଡରିବ କାହିଁକି ? ଆମ୍ଭେମାନେ କହୁଁ କି ଝିଟିକାକୁ ଯେତେ ଡରିବ ତେତେ ଆପଣା ପ୍ରାଣ ଉପରେ ପଡିବ ।

ପଣ୍ଡିତ ମାନପୁଲ ସରକାର ବିଶେଷ ଉତ୍କୃଷ୍ଟ କାର୍ଯ୍ୟ କରିଥିବାରୁ ତାହାଙ୍କ ବିଧବା ସ୍ତ୍ରୀକୁ ମାସକୁ ଟ ୧୦୦୲ ଙ୍କା ଲେଖାଏଁ ଦାନ କରିବା ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ପ୍ରସ୍ତାବମତେ ସେକ୍ରେଟେରି ଅବଷ୍ଟେଟ ମଞ୍ଜୁର କରିଅଛନ୍ତି ମାତ୍ର କହିଅଛନ୍ତି କି ଭବିଷ୍ୟତକୁ ଏକଥାଟି ନିଦର୍ଶନ ସ୍ୱରୂପ ଗ୍ରହଣ ହେବ ନାହିଁ ।

ଭାରତବର୍ଷରୁ ଗୋଟାଏ ରେଲବାଟ ପିଟାଇବାର ପ୍ରସ୍ତାବ ରୁସିଆରେ ହେଉଅଛି । ଏ ରେଲବାଟ ପାରିସନଗରରୁ ଆରମ୍ଭ ହୋଇ ୱାରସା ଓ ତଫଲିସ୍ ବାଟେ ପେସବାର ଓ ସେଠାରୁ କଲିକତାକୁ ଆସିବ । ପ୍ରସ୍ତାବକାରିମାନେ ବୋଲନ୍ତି ଯେ ଏ ବାଟରେ ଏକ ବ୍ୟକ୍ତି ଟ ୪୦୦୲ ଙ୍କାରେ ପାରିସରୁ କଲିକତାକୁ ଆସି ପାରିବ ।

କଥିତ ହୁଅଇ ଯେ ତୁର୍କ ସ୍ଥାନରୁ ହରାଟକୁ ଗୋଟାଏ ରେଲବାଟ ପିଟାଇବା ସକାଶେ ରୁସିଆ ଦୃଢ଼ରୂପେ ମାନସ କରିଅଛି ଓ କାବୁଲକୁ ଯେଉଁ ରୁସୀୟ ଦୂତ ଆସିଥିଲା ଏହି ବିଷୟ ସ୍ଥିର କରିବା ତାହାଙ୍କର ଏକ ପ୍ରଧାନ କାର୍ଯ୍ୟ ଥିଲା ।

ହିନ୍ଦୁ ପେଟ୍ରିୟଟରେ ପାଠକଲୁଁ କି ଯେଉଁ ପ୍ରଦେଶ ଦେଇ ଝବଲପୁର ରେଲବାଟ ଯାଇଅଛି ସେଠାରେ ଏକପଲ ଝିଟିକା ପଡି ପାଚିଲା ଶସ୍ୟ ସୁଦ୍ଧା ଖାଇ ଯାଉଥିଲେ ଏ ଝିଟିକା ପଲଟି ସାମାନ୍ୟ ନୁହଇ ଲମ୍ବ ୨୦ ମାଇଲ ଉଚ୍ଚ ଓ ବିସ୍ତାର କେତେ ଜଣା ନାହିଁ । ଏପରି ହେଲେ ଏବର୍ଷ ପ୍ରଚୁର ଶସ୍ୟ ପାଇବାର ଆଶା ମନେ୨ ରହି ଯିବ ।

କପ୍ତାନ ପେମ୍ବର୍ଟନ ସାହେବଙ୍କୁ ଯେଉଁ ମୁସଲମାନ ହତ୍ୟା କରିଥିଲା ସେ ଆପଣା ଜବାବରେ ଏହି କଥା କହିଅଛି କି ସାହେବ ଗୋଟିଏ ଇଟା ମସଜିଦର ପଥରସବୁ ଉଠାଇ ନେବାରେ ତାହାର ଧର୍ମ ଭାବଜନିତ ମନଃପୀଡା ହେଲା । ମୁସଲମାନଙ୍କର ଧର୍ମଭାବ ନିତାନ୍ତ ଅତିରିକ୍ତ ହେଲେହେଁ ରାଜକର୍ମଚାରିଙ୍କ ପକ୍ଷରେ ଟିକିଏ ବୁଝି ସୁଝି ଚାଲିବାର ଭଲ ।

ପାୟୋନିଅର ବୋଲନ୍ତି କି ଅମିର ଯେଉଁ ପତ୍ର ଲେଖିଅଛନ୍ତି ତହିଁରେ ଶିଷ୍ଟାଚାର ଦେଖାଇ ଅଛନ୍ତି ମାତ୍ର ରାଜଦୂତ ଗ୍ରହଣ କରିବାକୁ ସ୍ପଷ୍ଟାକ୍ଷରରେ ମନା କରିଅଛନ୍ତି ଓ ତହିଁର ହେତୁ ଏହି ଦର୍ଶାଇ ଅଛନ୍ତି କି ଇଂରେଜ ଗବର୍ଣ୍ଣମେଣ୍ଟ ସହିତ ତାହାଙ୍କର କିଛି ପ୍ରୟୋଜନ ନାହିଁ । ଏଥି ସଙ୍ଗେ ପୁତ୍ର ଶୋକର କଥା ମଧ୍ୟ ଲେଖାଅଛି ।

କାବୁଲ ଯୁଦ୍ଧର ପ୍ରୟୋଜନ ସକାଶେ ଅଲୁଆରର ରାଜା ୨୦୦ ଉଟ ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ ଦେବାକୁ ଇଚ୍ଛା କରିବାରେ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରିଅଛନ୍ତି ।

ଏଥର ଚୀନଦେଶରେ ଯେଉଁ ଦୁର୍ଭିକ୍ଷ ହୋଇଥିଲା ତହିଁରେ ୭୦ ଲକ୍ଷ ଲୋକ ମରି ପଡିଅଛନ୍ତି ।

ସମ୍ପ୍ରତି ଲିବରପୁଲ ଥିଏଟରରେ ଅଗ୍ନି ଲାଗି ଥିଲା ଭୟରେ ଲୋକମାନେ ଦ୍ୱାର ନିକଟରେ ଠେଲାଠେଲି ହେବାରୁ ତଳରେ ୩୭ ଜଣ ମରି ଯାଇଅଛନ୍ତି ଅନେକ ଲୋକ ଜଖମୀ ହୋଇଅଛନ୍ତି ।

ବମ୍ବେଇ ନଗରରେ ଦୀପାବଳୀଅମାବାସ୍ୟା ରାତ୍ରରେ ଭାରି ରୋଷନାଇ ହୁଅଇ । ଗତ ଦୀପାବଳୀ ରାତ୍ରରେ ସେହିପରି ହୋଇଥିଲା ଏବଂ ଦର୍ଶକଙ୍କ ଭିଡ଼ ଏମନ୍ତ ହୋଇଥିଲା ଯେ ସଡ଼କ ଦେଇ ଚାଲିବାର କଠିନ ଥିଲା । ମାତ୍ର ରାତ୍ର ସ ୯ ଘା ସମୟ ଭାରି ବୃଷ୍ଟି ହେବାରେ ଲୋକମାନେ ଛିନ୍ନଭିନ୍ନ ହୋଇ ପଳାଇଲେ ଓ କ୍ଷଣ କ୍ଷଣକେ ବିଜୁଳି ପ୍ରକାଶ ଭିନ୍ନ ଆଉ କିଛି ଆଲୁଅ ରହିଲା ନାହିଁ । ଏ ରାତ୍ରରେ ସମୁଦ୍ରରେ ଭାରି ଜୁଆର ଉଠିଥିଲା ତହିଁରେ ଅନେକ ଦ୍ରବ୍ୟ ଭାସି ଯାଇଅଛି ।

ସୁରଟର ସମ୍ପାଦକମାନଙ୍କୁ ଯେଉଁ ମକଦ୍ଦମା ହୋଇଥିଲା ତହିଁରେ ସରକାରଙ୍କର କୋଡିଏ ହଜାର ଏବଂ ସମ୍ପାଦକମାନଙ୍କର ୪୫ ହଜାର ଟଙ୍କା ବ୍ୟୟ ହେଲା । ସମ୍ପାଦକମାନେ ମାନ୍ୟର ସହିତ ମୁକ୍ତ ପାଇଲେ କିନ୍ତୁ ମକଦ୍ଦମା ଖର୍ଚ୍ଚାରେ ତାହାଙ୍କର ସର୍ବନାଶ ହେଲା । ଏ କଥାଟା ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ବଡ଼ ଊଣା ଅଟଇ ଏବଂ ଆମ୍ଭମାନଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟଙ୍କୁ ଉଚିତ ଯେ ଏମାନଙ୍କୁ କିଛି କ୍ଷତିପୂରଣ ଦେବେ ।

## ପ୍ରେରିତପତ୍ର ।

**ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।**

**ଏହିକି ମୁଁ ଗତ ପୂଜା ସମୟରେ ସ୍ଥାନାନ୍ତର ବୁଲି ଯାଇ ପୁରୀଜିଲାରେ ଭ୍ରମଣ କରୁଁ ଶୁଣିଲି ଏବଂ କେତେକ ସ୍ଥଳରେ ଦେଖିଲି ଯେ ସେ ଜିଲାର ଆସେସରମାନେ କେବଳ ବାହ୍ୟାଡ଼ମ୍ବର ଦେଖି କିଛି ବାସ୍ତବିକ ବିବେଚନା ନ କରି ଗରିବମାନଙ୍କ ଉପରେ ଟାକ୍ସ ବନ୍ଦୋବସ୍ତ କରିବାରେ ଅଣୁମାତ୍ର କୁଣ୍ଠାଧାରଣ କରୁ**

Digitized by srujanika@gmail.com

ନାହାନ୍ତି ଅର୍ଥାତ୍ ଯାହା ଦ୍ବାରେ ଖଣ୍ଡେ ପଥର-ଶୁନ୍ଦନୀ କି ଭଲ ଯାବନ୍ତି ଖଣ୍ଡେ ଅଛି କିମ୍ବା ଯାହାର ଘରଖଣ୍ଡେ ଭଲ ହୋଇ ଦେଖା ଯାଉ-ଅଛି ଅଥବା ଯେ ଯଜମାନମାନଙ୍କରେ ଆପଣାର ଗୃହ କାର୍ଯ୍ୟ ଚଳିବା ନିମିତ୍ତ ( କୃଷକ ଥିବାରୁ ) କିଛି ଧାନ ବିକ୍ରୟ କରୁଅଛି ଏହି ପରି ବ୍ୟକ୍ତି-ମାନଙ୍କ ଉପରେ ଏକଟଙ୍କା ଦୁଇଟଙ୍କା କାହା-ଠାରେ ପାଞ୍ଚଟଙ୍କା ଏପରି ଟାକ୍ସ ଧାର୍ଯ୍ୟ କରୁ-ଅଛନ୍ତି । କେହି ଅପୀଲ କରି ପ୍ରାର୍ଥନା କଲେ କି ଆମ୍ଭମାନଙ୍କର ମହାଜନୀ କି କାରବାର କିଛି ନାହିଁ ଏହା ଉତ୍ତମରୂପେ ବିବେଚନା କରି ଟାକ୍ସ ବନ୍ଦୋବସ୍ତ କରନ୍ତୁ । ଏପରି ଅନେକ ଅପୀଲ ଦରଖାସ୍ତ ନାମଞ୍ଜୁର ହେବାରୁ ଆଉ ସମସ୍ତେ ଲୁରୁ କପାଳ ମାଡ଼ି ଚୁପ ହୋଇ ରହି-ଲେଣି । ଆଉ ଏକ ଆଶ୍ଚର୍ଯ୍ୟ କଥା ଶୁଣିଲୁ ଯେ ଯାହା ଦ୍ବାରେ ଖଣ୍ଡେ ଭଲ ମୂଲ୍ୟବାନ୍ ଲୁଗା ଶୁଖିବାର ଦେଖି ଅଛନ୍ତି ତାହା ଉପରେ ସୁଦ୍ଧା ଟାକ୍ସ ବନ୍ଦୋବସ୍ତ କରିଅଛନ୍ତି ଏବଂ ଯେଉଁ ଚୃଷିମାନଙ୍କର ଚୃଷ ବିନା ଅନ୍ୟ ଉପାୟ ନାହିଁ ସେମାନେ ବର୍ଷକାର ଖଜଣା ଓ ଗୃହ କାର୍ଯ୍ୟ ଚଳିବାପାଇଁ ଧାନ ବିକ୍ରୟ କରିବାର ଶୁଣି ସେମାନଙ୍କ ଉପରେ ସେହିରୂପ ଗୁରୁ ଟାକ୍ସ ବସାଇ ଅଛନ୍ତି । ଏପରି ଯେଉଁ ତେଲ ଏକ ଦିନରେ ଲୁଣ ସେରେ ଓ ତେଲ ଅଧସେରେ ବିକିବାର ଦେଖି ଅଛନ୍ତି ତାହା ଉପରେ ସୁଦ୍ଧା ଏକଟଙ୍କା ଓ ଦୁଇଟଙ୍କା ପର୍ଯ୍ୟନ୍ତ ଟାକ୍ସ ବସିଅଛି । ଏହି ପରି ନିୟମରେ ଟାକ୍ସ ବନ୍ଦୋବସ୍ତ କରି ନିରପରାଧ ପ୍ରଜାମାନଙ୍କୁ ବୃଥା ଦୁଃଖରେ ଗ୍ରସ୍ତ କରିଅଛନ୍ତି । ଆଇନରେ ଉକ୍ତଅଛି ଯେ ମହାଜନୀ ବା ବାଣିଜ୍ୟ କି ଶିଳ୍ପାଦି କାରଗରି ବ୍ୟବହାର ଉପରେ ଲଭ ୫ ୧୦୦୲ ଙ୍କା ହେଉ-ଥିଲେ ଏକଟଙ୍କା ବା ଦୁଇଟଙ୍କା ଟାକ୍ସ ଲାଗିବ । ଏଥିରୁ ଉକ୍ତ ଟାକ୍ସ ବନ୍ଦୋବସ୍ତ ସବୁ ଏ ନିୟମର କେଉଁ ଅଂଶକୁ ଗ୍ରହଣ କରିଅଛି ପାଠକେ ବିଚାର କରନ୍ତୁ । ଏହିପରି ଅନ୍ୟାୟ ବନ୍ଦୋ-ବସ୍ତ ଦେଖି ଉକ୍ତ ଦାୟଗ୍ରସ୍ତମାନଙ୍କ ସନ୍ତାପିତ ବିଳାପ ଶୁଣି ଅତିଶୟ ଦୁଃଖିତ ହୋଇ ସରକା-ରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ଏହି ଟାକ୍ସର ଯଥାର୍ଥ ବନ୍ଦୋବସ୍ତ ବ୍ୟତିରେକେ ଅନ୍ୟାୟ ଟାକ୍ସ ଦାୟରୁ ସର୍ବସାଧାରଣଙ୍କୁ ମୁକ୍ତ କରିବା ବିଷୟରେ ଯଥା ନ୍ୟାୟ ବିଚାର କରନ୍ତୁ । ଯେହେତୁ ସରକାର ସମସ୍ତ ପ୍ରଜାମାନଙ୍କ ହର୍ତ୍ତା କର୍ତ୍ତାରକ୍ଷ ହୋଇ ଯେବେ ଏପରି ପ୍ରଜାପୀଡ଼ାର ପ୍ରତୀକାର ନ କରିବେ ତେବେ ଦୁଃଖି ପ୍ରଜାମାନଙ୍କର ଆଉ କେଉଁ ଉପାୟ ଅଛି ? ଇତି ।

୨୨।୧୦।୭୮

। ଇ । କେହି ଦର୍ଶକ

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ଦେଶହିତୈଷୀ ବରେଷୁ ।

ମହାଶୟ !

ଏତଦ୍ଦେଶୀୟ ବ୍ରାହ୍ମଣ ଜମିଦାର ମଣ୍ଡଳୀରେ ନିମ୍ନ ଲିଖିତ ଘଟନାଟିର ପ୍ରଥମାବତାର ହୋଇ ଥିବାରୁ ଆପଣଙ୍କ ନିକଟରେ ପ୍ରାର୍ଥନା କରୁଅଛି ଯେ ତତ୍ସମ୍ବନ୍ଧୀୟ ମଲ୍ଲିଖିତ କତିପୟ ପଂକ୍ତିକ ଦେଶହିତୈଷିଣୀ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବା ହେବେ ।

କଟକ ଜିଲ୍ଲାର ଅନ୍ତର୍ଗତ କେନ୍ଦ୍ରା ଘଲ-କାର ମୃତ ଜମିଦାର ବାବୁ କୁଳମଣି ପ୍ରହରାଜ-ଙ୍କର କନିଷ୍ଠ ଭ୍ରାତା ଶ୍ରୀଯୁକ୍ତ ବାବୁ ନରସିଂହ ପ୍ରହରାଜ ଅତିଭବ୍ୟ କତିପୟ ଭଦ୍ର ବ୍ୟକ୍ତି ଏବଂ ପଣ୍ଡିତମାନଙ୍କୁ ଛାତ୍ରବର୍ଗ ସହିତ ନିଜ ବସାଠାକୁ ନିମନ୍ତ୍ରଣ କରି ସେମାନଙ୍କ ସଙ୍ଗେ ବିଷୟରକ୍ଷଣ ପ୍ରେମାଳାପ ଓ ବିଦ୍ୟା ଚର୍ଚ୍ଚା କଲା ପରେ ମିଷ୍ଟାନ୍ନ ଭୋଜନ ଅପେକ୍ଷା ମିଷ୍ଟତର ବାକ୍ୟରେ ଆହୂତ ବ୍ୟକ୍ତିମାନଙ୍କୁ ପରିତୃପ୍ତ କରାଇ ପଣ୍ଡିତମାନଙ୍କୁ ସତ୍କାର ପ୍ରଦାନ ପୂର୍ବକ ଆଗତ ବିଦ୍ୟାର୍ଥୀମାନ-ଙ୍କର ଉତ୍ସାହ ବର୍ଦ୍ଧନ କରି ନିଜ ଶିଷ୍ଟତାର ପରି-ଚୟ ଦେଲେ । ମଧ୍ୟ ବାବୁ ମହାଶୟଙ୍କର ଇଂରେଜୀ ଅଧ୍ୟୟନ ଆଉ ବଙ୍ଗୋତ୍କଳ ସମ୍ବାଦ ପତ୍ରାଦିର ପଠନ ବିଷୟରେ ସ୍ପୃହା ଅଙ୍କୁରିତ ହେବାର ଦେଖି ବୋଧ ହେଉଅଛି ଯଦି ବାବୁ ମହାଶୟ ନିଜ ସମ୍ପତ୍ତିର ବୃଦ୍ଧି ବିଷୟରେ ତତ୍ପର ହୋଇ ସେହି ସବୁ ସଦ୍ଗୁଣର ଉନ୍ନତି ସାଧ-ନରେ ଯତ୍ନବାନ୍ ହେବେ ତେବେ ଅବଶ୍ୟ ଉତ୍କଳୀୟ ବ୍ରାହ୍ମଣ ଜମିଦାର ଶ୍ରେଣୀରେ ବଶିଷ୍ଠ ଖ୍ୟାତିମାନ୍ ହେବେ । ଈଶ୍ୱର କରନ୍ତୁ ବାବୁଙ୍କର ଅଙ୍କୁରିତ ସ୍ପୃହାଲତା ଫଳପୁଷ୍ପ ଶାଳିନୀ ହୋଇ ଅନତି ବିଳମ୍ବରେ ଦେଶକୁ ସୁବାସିତ କରୁ ।

ଅନୁଷଙ୍ଗୀ କ୍ରମରେ ବକ୍ତବ୍ୟ ଏହି ଯେ ଦେଶୀୟ କେହି ସମ୍ଭ୍ରାନ୍ତ ବିଶେଷତଃ ବ୍ରାହ୍ମଣ ଜମିଦାର ନିଜ ଦେଶରୁ ସଂସ୍କୃତ ବିଦ୍ୟାର ବିଲୋପ ହେଉ ଥିବାର ଖେଦୋକ୍ତି ପ୍ରକାଶ କରନ୍ତି ମାତ୍ର ତାହାର ଉନ୍ନତି ବିଷୟରେ କେତେ-ଜଣ ଜମିଦାର କି ଉପାୟ କରୁଅଛନ୍ତି ? ବଙ୍ଗୀୟ ଜମିଦାରଗଣ ଏହି ବିଦ୍ୟାର ଉନ୍ନତି ବିଷୟରେ କିପରି ବ୍ୟୟ ଏବଂ ସଦୁପାୟ ଅବଲମ୍ବନ କରୁ-ଅଛନ୍ତି ତାହା ପ୍ରାୟ ଏମାନେ ଜାଣନ୍ତି ନାହିଁ । ଜାଣିବେ ଅବା କାହୁଁ ଯେଉଁମାନେ ସଂବାଦ ସବୁ ମିଥ୍ୟା ଗଳ୍ପରେ ପରିପୂର୍ଣ୍ଣ ଅତଏବ ତାହା ଅଣିବାରେ ବ୍ୟୟ ଆଉ ତତ୍ପାଠରେ ସମୟ ଯାପନ କରିବା ବୃଥା ମନେ କରି ନାନାପ୍ରକାର ନପଟ କଚ୍ଚରଦ୍ୱାର ଜାଲାଦିଘାତ ଏବଂ ଫଉଜଦାରୀ ମକଦ୍ଦମାରେ ବିପୁଳ ଅର୍ଥ ବ୍ୟୟ କରିବା ସଦ୍ବ୍ୟୟ ଜ୍ଞାନ କରନ୍ତି । ଏତାଦୃଶ ବ୍ୟକ୍ତିମାନଙ୍କ ନିକଟରେ ଅମଙ୍ଗ ଭିନ୍ନ ସାଧାରଣ ଭଦ୍ରଲୋକ ଆଉ ପଣ୍ଡିତଗଣ କିପରି ଅବା ସମାଦୃତ ହେବେ । ଅତଏବ ପଣ୍ଡିତଗଣ ଶିକ୍ଷିତ ବଙ୍ଗୀୟ ସମ୍ଭ୍ରାନ୍ତ-ମାନଙ୍କ ନିକଟ ଯଥୋଚିତ ସମାଦୃତ ହୁଅନ୍ତି ମାତ୍ର ସ୍ୱଦେଶୀୟ ଏବଂ ସ୍ୱଜାତୀୟ ଜମିଦାରଙ୍କ ନିକଟରେ ସେମାନେ ଘୃଣାର ପାତ୍ର । ଯେଉଁ-ମାନଙ୍କର ବିଦ୍ୟାର୍ଥୀମାନଙ୍କଠାରେ ଏତାଦୃଶ ଅନୁ-ରାଗ ସେମାନଙ୍କଦ୍ୱାରା ଯେ ଜାତୀୟ ଉଦ୍ଦୀପନା ସାଧିତ ହେବ ସେ ଆଶା ଦୁରାଶା ମାତ୍ର । କିନ୍ତୁ ଯେଉଁ କରୁଣାମୟ ପରମେଶ୍ୱର ଅଗାଧ ପୟୋଧି ଗର୍ଭସ୍ଥ ଭୂଭାଗକୁ ଦ୍ୱୀପରୂପରେ ପରି-ଣତ କରି ତାହା ପ୍ରତ୍ୟରତର ରତ୍ନାକରଦ୍ୱାରା ସମାଲୋଡିତ କରୁଅଛନ୍ତି ଏବଂ ନିବିଡ଼ ବନା-ବୃତ ଗିରି ଗହ୍ୱରସ୍ଥ ଲୋକମାନଙ୍କର ବଦନକୁ ବିବିଧ ବିଦ୍ୟାରତ୍ନରେ ସମଲଂକୃତ କରୁ-ଅଛନ୍ତି ତାହାଙ୍କ କୃପାରେ ଯେ ଅସ୍ମଦ୍ଦେଶ ଏକ ସମୟରେ ବିବିଧ ବିଦ୍ୟାର ଆଲୋକରେ ଆଲୋ-କିତ ହେବ ଏହା ବିଚିତ୍ର ନୁହେ କମଧିକମିତି ।

୩।୧୧।୭୮ } ବଶମ୍ବଦ
କଟକ } କସ୍ୟଚିତ୍ ସ୍ୱକୃତବାଦନଃ ।

---


ବିଜ୍ଞାପନ ।

କାଉନ୍ସିଲର ୭ମ ସଂଖ୍ୟା ମଧ୍ୟରେ ରଘୁନାଥଦାସଙ୍କ ବିଜ୍ଞାପନ ଦେଇ ଅଛନ୍ତି ଯେ ସେ "ଦାର୍ଢ୍ୟଦାରତ୍ୱି" କୁ ଛପା-ଇବାକୁ ନିଶ୍ଚୟ କରି ଅଛନ୍ତି, ତହିଁରେ "ଅନ୍ୟ କେହି ଚେଷ୍ଟା କରିବେ ନାହିଁ ।" ଆମ୍ଭେ ତହିଁରେ ଚେଷ୍ଟା କରୁଅଛୁଁ ଓ କରିଲୁଁ ।

କଟକ
9-11 78 } **B. D.**


---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଚତୁର୍ଭୁଜ ପଟ୍ଟନାୟକ କାଲେକ୍ଟର ବଲାସ୍ତ୍ର | ଟ | ୩୫ |
| " ମଧୁସୂଦନ ପଟ୍ଟନାୟକ ମଣ୍ଡେଶ୍ୱର " | ଟ | ୨।୶ |
| " ସଚ୍ଚିଦାନନ୍ଦ ବୋଷ ପୁରୀ " | ଟ | ୧୶। |
| ଶ୍ରୀ ଶ୍ରୀ ରାଜା ଭଞ୍ଜ ଅଠମଲ୍ଲିକ " | ଟ | ୩୧ |

☞ ଏହି ଉତ୍କଳ ଦୀପିକା ପତ୍ର କଟକ ଚଉଧୁରୀବଜାରରେ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

GISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ଶ | ସ ୪୫ ସଂଖ୍ୟା

ତା ୧୭ ରଖ ମାହେ ନବେମ୍ବର ସନ ୧୮୭୮ ମସିହା । ମୁ । ମାର୍ଗଶିର ବ ୩ ଜ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୲
ମଫସଲପାଇଁ ଡାକମାସୁଲ ଟ୧୷

କାର୍ତ୍ତିକପୂର୍ଣ୍ଣିମାର ତିନ୍ନିଚାରଦିନ ପୂର୍ବେ ଏଠାରେ ଯେଉଁ ଝଡ଼ବର୍ଷା ହୋଇଥିଲା ତାହା ଦେଶର କୌଣସିଠାରେ ତୋଫାନ ହୋଇ ଥିବାର ଆଶଙ୍କା ହୋଇ ଥିଲା । ତେଲିଗ୍ରାଫର ତାର ସମ୍ବାଦରୁ ଜଣାଯାଏ ଯେ ବାସ୍ତବରେ ଚଳିତ ମାସ ତା ୪ ରଖ ରାତ୍ରଠାରୁ ତା ୫ ରଖ ସନ୍ଧ୍ୟା ପର୍ଯ୍ୟନ୍ତ ଇସାଡ଼ପଟ୍ଟନରେ ଭୀଷଣ ତୋଫାନ ହୋଇ ଥିଲା । ବାତାସର ଗତି ଉତ୍ତର ପୂର୍ବରୁ ଆରମ୍ଭ ହୋଇ ଦକ୍ଷିଣ ପଶ୍ଚିମରେ ପରିଣତ ହୋଇ ଥିଲା । ସମୁଦ୍ରର ଲହରୀ ଅତ୍ୟନ୍ତ ଉଚ୍ଚ ଓ ଭୀଷଣ ହୋଇ ଥିଲା । ଦୁଇଖଣ୍ଡ ଦେଶୀୟ ଜାହାଜ ରପ୍ତି ବୋଝାଇ ନେବାକୁ ଆସିଥିଲା ସମ୍ପୂର୍ଣ୍ଣରୂପେ ନଷ୍ଟଗଲା । ଦୁଇଖଣ୍ଡ ବଡ ଜାହାଜ ମଧ୍ୟ ମସ୍ ପଡିଅଛି ଗୋଟିକରନାମ ବାମ୍ବୋଜ । ଏ ଜାହାଜ ସକାଳ ସାତଘଣ୍ଟା ବେଳେ ଲଙ୍ଗରରୁ ଅଲଗା ହୋଇ ଘ ୧୦ ଟା ବେଳେ ଗଭୀର ଜଳରେ ବୁଡିଗଲା । ଏଥିରେ ଜ ୧୩ଣ ଲୋକ ଥିଲେ କେବଳ ଜଣେ ବଞ୍ଚି ଆସିଲା ଆଉ ସମସ୍ତେ ମରି ପଡିଲେ । ଅନ୍ୟ ଜାହାଜ ନାମ ପିଫସାଏର । ଏ ଜାହାଜ ଲଙ୍ଗରରୁ ଅଲଗା ହୋଇ ଏକମାଇଲ ଉତ୍ତରକୁ ଭାସିଯାଇ ପଥରରେ କଚଡ଼ା ହୋଇ ଭାଙ୍ଗିଗଲା । ଏଥିରେ ୧୫ଜଣ ମନୁଷ୍ୟ ଥିଲେ ତହିଁ ମଧ୍ୟରୁ ଜ ୯ ଣ ମରିପଡିଲେ ଏକଜଣ କୂଳରେ ଥିଲା ଓ ଚାରିଜଣ ବଞ୍ଚି ଆସିଲେ । ବିମଳିପଟ୍ଟନରେ ମଧ୍ୟ ଏକ ଜାହାଜ ନଷ୍ଟ ହୋଇ ଥିଲା ଏବଂ ତହିଁରେ ଚାରିଜଣ ମରି ପଡିଥିଲେ । ନଗର ମଧ୍ୟରେ କିଛି ଉତ୍ପାତ ହୋଇ ନ ଥିଲା ।

---

ବ୍ରହ୍ମଦେଶର ନୂତନ ରାଜାଙ୍କ ଶାସନ ପୂର୍ବାପେକ୍ଷା ଅନେକ ଉତ୍ତମ ହେଲେହେଁ ରାଜ୍ୟଯୋଗ୍ୟ ଝଣାଝଣି ଅବଶ୍ୟ ଶେଷ ହୋଇ ନାହିଁ । ପୂର୍ବାପର ସେଠାରେ ଏହିପରି ଦେଖାଯାଇ ଅଛି ଯେ ନୂତନ ରାଜା ହେବା କାଳରେ ଗୃହାଏ ହଣାକଟା ଲାଗଇ ଯେ ସମସ୍ତଙ୍କୁ ପରାଜୟ କରିପାରେ ସେ ରାଜା ହୁଅଇ । ଏଥର ତାହା ନ ହୋଇ କୁଶଳରେ ସବୁ କାର୍ଯ୍ୟ ହୋଇ ଯାଇଥିଲା । କିନ୍ତୁ ବର୍ତ୍ତମାନ ତାରସମ୍ବାଦରୁ ଜଣାଯାଏ ଯେ ଯେଉଁ ଦୁଇଜଣ ରାଜପୁତ୍ର ଇଂରାଜଙ୍କ ରେସିଡେନ୍ସିରେ ଅଛନ୍ତି ତାହାଙ୍କ ସମ୍ପର୍କରେ ଗୋଲମାଲ ଉପସ୍ଥିତ ହୋଇ ଅଛି । ସେମାନଙ୍କ ଖୁଡ଼ୁତା ପଳାଇଯାଇ ଛଦ୍ମବେଶରେ ଫେରି ଆସିଅଛି । ସେ କେତେଗୁଡ଼ାଏ ସିପାହି ସଂଗ୍ରହ କରି ଡକାଇତି ଓ ଅତ୍ୟାଚାରମାନ କରୁଅଛି । ଏମାନଙ୍କ ସରଦାର ଏବଂ ୬୦ ଜଣ ଧରାପଡି କାରାବଦ୍ଧ ହୋଇ ଅଛନ୍ତି । ଏପରି କରିବାର ଉଦ୍ଦେଶ୍ୟ ଏହି ଜଣାଯାଏ ଯେ ଜ୍ୟେଷ୍ଠପୁତ୍ରକୁ ରାଜା କରିବା ତାହାର ଇଚ୍ଛା ଅଟଇ । ଜ୍ୟେଷ୍ଠପୁତ୍ର ବର୍ତ୍ତମାନ ରେସିଡେଣ୍ଟଙ୍କ ଘରେ ଅଛନ୍ତି । ଯାହାହେଉ ଏ ଗୋଲମାଲ ଶେଷ ନ ହେଲେ ଶାସନ କାର୍ଯ୍ୟ ଶାନ୍ତ ଭାବରେ ଚଳିବାର କଠିନ ।

---

ଗତ ସପ୍ତାହ କଲିକତାରୁ ତାରଡାକ ଯୋଗେ ସଂବାଦ ଆସିଥିଲା କି ରେବନସା ସାହେବ ବଙ୍ଗଳା ସିବିଲ ସରବିସର ଜଣେ ଭୂତପୂର୍ବ କର୍ମଚାରୀ ମରିଯାଇ ଅଛନ୍ତି । କଲିକତାର ସମ୍ବାଦପତ୍ରମାନଙ୍କରେ କାହିଁରେ ଏଚ୍, ଇ, ରେବନସା ଓ କାହିଁରେ କେବଳ ମିଷ୍ଟର ରେବନସା ବୋଲି ଲେଖାଥିଲା । ଇଣ୍ଡିୟାନମିରର ଏହାଙ୍କୁ ଆମ୍ଭମାନଙ୍କର ପୂର୍ବ କମିଶ୍ନର ଟି, ଇ, ରେବନସା ବୋଲି ନିଶ୍ଚୟ କରି ଅଛନ୍ତି ଏବଂ ବାଲେଶ୍ୱର ସଂବାଦବାହିକା ତହିଁ ଉପରେ ନିର୍ଭର କରି ସାହେବ ପ୍ରଶଂସିତଙ୍କର ଅନ୍ତ୍ୟେଷ୍ଟିକ୍ରିୟା ପର୍ଯ୍ୟନ୍ତ ସାରି ଦେଇ ଅଛନ୍ତି । ମାତ୍ର ଆମ୍ଭମାନଙ୍କର ଅବଶ୍ୟ ତହିଁରେ ବିଶ୍ୱାସ ହୋଇ ନାହିଁ କାରଣ ଆମ୍ଭମାନଙ୍କର ଯେଉଁ ରେବନସା ତାହାଙ୍କ ନାମ ଏଚ୍, ଇ, ନୁହେ କି ସେ ଭୂତପୂର୍ବ କର୍ମଚାରୀ ନୁହନ୍ତି କାରଣ ଅବଶ୍ୟ ସେ ସିବିଲ ସରବିସରେ ଅଛନ୍ତି ଆମ୍ଭେମାନେ ଏକାନ୍ତ ବିଶ୍ୱାସ କରୁଁ ଯେ ଉକ୍ତ ସଂବାଦଟି ଆମ୍ଭମାନଙ୍କ ପୂର୍ବ କମିଶ୍ନରଙ୍କ ସହିତ କୌଣସି ସମ୍ପର୍କ ନ ରଖେ ଏବଂ ଆଶା କରୁଁ ଯେ ଏଥିରେ ତାହାଙ୍କର ଆୟୁ ବୃଦ୍ଧି ହେବ ।

---

ମୋକ୍ତିଆରନାମା ଷ୍ଟାମ୍ପ ସମ୍ପର୍କରେ ମହାମାନ୍ୟ ବୋର୍ଡ ଗତ ସେପ୍ଟେମ୍ବର ମାସର ତା ୭ ମୂର ସରକ୍ୟୁଲର ପ୍ରଚାର କରିଅଛନ୍ତି ତହିଁର ଅନୁବାଦ ନିମ୍ନେ ଲେଖାଅଛୁଁ ଯଥା;—

Digitized by srujanika@gmail.com

Split by PDF Splitter



୧—ଫର୍ମ ଅର୍ଥାତ୍ ଲୁଷ୍ଟାନୀ କିମ୍ବା ଏକତ୍ରରେ କର୍ମ କରୁଥିବା ବ୍ୟକ୍ତିଙ୍କ ଭିନ୍ନ ଏକ ମୋକ୍ତାର-ନାମାରେ ଏକରୁ ଅଧିକ ବ୍ୟକ୍ତିଙ୍କୁ ମୋକ୍ତାର ମୁକରର କଲେ ପ୍ରତ୍ୟେକ ବ୍ୟକ୍ତି ସକାଶେ ଦୂଇ ସିଠାମ ଷ୍ଟାମ୍ପ ଲାଗିବ ।

୨—ଫର୍ମ ଅର୍ଥାତ୍ ଲୁଷ୍ଟାନୀ କିମ୍ବା ଏକତ୍ରରେ କର୍ମ କରୁଥିବା ବ୍ୟକ୍ତିଙ୍କ ଭିନ୍ନ ଏକରୁ ଅଧିକ ବ୍ୟକ୍ତି ମୋକ୍ତାରନାମା ଲେଖିଦେଲେ ପ୍ରତ୍ୟେକ ଲେଖିଦେବା ବ୍ୟକ୍ତି ସକାଶେ ପୃଥକ୍ ଷ୍ଟାମ୍ପ ଲାଗିବ ।

୩—ଆଇନର ଏ ବିଧି ପ୍ରତିପାଳନ ସକାଶେ ସମସ୍ତ ରାଜସ୍ବ କର୍ମଚାରୀଙ୍କୁ ଜଣାଇ ଦିଆଯାଇଅଛି କି ଅସମ୍ପୂର୍ଣ୍ଣ ଷ୍ଟାମ୍ପ ଲାଗିଥିବା ମୋକ୍ତାରନାମା ସେମାନଙ୍କ ନିକଟରେ ଦାଖଲ ହେଲେ ସନ ୧୮-୬୯ ମସିହା ୧୮ ଆଇନର ୨୩ ଦଫା ୨୪ ଧାରା ଅନୁସାରେ କର୍ମକାରକ ହେବେ ।

୪—ଉକ୍ତ କର୍ମଚାରୀମାନଙ୍କର କର୍ତ୍ତବ୍ୟ ଏହି କି ପ୍ରତ୍ୟେକ ମୋକଦ୍ଦମାରେ ମୋକ୍ତାର ଯେଉଁ ମୋକ୍ତାରନାମାଦ୍ବାରା କର୍ମ କରେ ସେ ମୋକ୍ତାରନାମା ତାହାଠାରୁ ତଲବ କରିବେ ।

ଷ୍ଟାମ୍ପ ଆଇନ ସନ ୧୮୬୯ ସାଲରେ ପ୍ରଚାର ହେଲେହେଁ ଏପର୍ଯ୍ୟନ୍ତ ଏହି ବିଧି ଚଳି ଆସୁଥିଲା କି ଏକ ମୋକ୍ତାରନାମାରେ ଯେତେ ମୋକ୍ତାର ନିଯୁକ୍ତ ହୋଇ ଥାଉନ୍ତୁ ଅବା ଯେତେ ବ୍ୟକ୍ତି ମୋକ୍ତାରନାମା ଲେଖି ଦେଇ ଥାଉନ୍ତୁ ତହିଁରେ ଏକ ଷ୍ଟାମ୍ପ ଲାଗୁଥିଲା ବର୍ତ୍ତମାନ ବୋର୍ଡଙ୍କ ବ୍ୟବସ୍ଥାନୁସାରେ ତାହା ହେବ ନାହିଁ । ଲେଖିଦେବା ଭିନ୍ନ, ବ୍ୟକ୍ତି ସକାଶେ ଭିନ୍ନ, ଷ୍ଟାମ୍ପ ଓ ଭିନ୍ନ, ମୋକ୍ତାର ସକାଶେ ଭିନ୍ନ, ଷ୍ଟାମ୍ପ ଲାଗିବ ଏଥିରେ ମୌକଲମାନେ ବିଶେଷ ଖର୍ଚ୍ଚାନ୍ତ ହେବେ ମାତ୍ର ସରକାରଙ୍କର ଅବଶ୍ୟ ଅଧିକ ଲାଭ ହେବ । ବୋଧ ହୁଏ ଏହି ଉଦ୍ଦେଶ୍ୟରେ ଏ ସରକ୍ୟୁଲର ବାହାର ଅଛି କିନ୍ତୁ ଯେସ୍ଥଲେ ରାଜସ୍ବର ପ୍ରୟୋଜନରେ ଷ୍ଟାମ୍ପ ମାସୁଲ ନିଆ ଯାଉଅଛି ସେ ସ୍ଥଳେ ଆଇନର ଯେପରି ଅର୍ଥ କଲେ ଆୟ ବୃଦ୍ଧି ହେବ ତାହା କରିବା ଦୂଷଣୀୟ ବୋଲି ଯାଇ ନ ପାରେ । ତେବେ କେତେକ ସ୍ଥଳରେ ସନ୍ଦେହ ଜଣାଯାଏ । ଯଥା ଯଦ୍ୟପି ଏକ ମୋକଦ୍ଦମାର ଦୁଇ କି ଅଧିକ ମୁଦେଇ କିମ୍ବା ମୁଦାଲା ଏକଜଣ ମୋକ୍ତାର ନିଯୁକ୍ତ କରନ୍ତି ଅଥବା ଜଳକର ସମ୍ପର୍କରେ ଏକ ମୌଜାର ରୟତମାନେ କିଛି ଆପତ୍ତି କରି ଯଦ୍ୟପି ମୋକ୍ତାର ନିଯୁକ୍ତ କରନ୍ତି ତେବେ ପ୍ରତ୍ୟେକ ପକ୍ଷ ଅଥବା ରୟତ ସକାଶେ ପୃଥକ୍ ଷ୍ଟାମ୍ପ ଲାଗିବ କିମ୍ବା ସମସ୍ତଙ୍କ ପାଇଁ ଏକ ଷ୍ଟାମ୍ପ ଯଥେଷ୍ଟ ହେବ ଏହା ସ୍ପଷ୍ଟରୂପେ ବୁଝା ଯାଉ ନାହିଁ । ଆମ୍ଭମାନଙ୍କ ବିବେଚନାରେ ଏପରି ସ୍ଥଳେ ଏକ ଷ୍ଟାମ୍ପ ଲାଗିବ । ମୂଳକଥା ଏହି ବୋଧ ହୁଇ ଯେ ଏକ ମୋକ୍ତାର ସକାଶେ ଏକ ଷ୍ଟାମ୍ପ ଲାଗିବ ମାତ୍ର ଏକ କାର୍ଯ୍ୟ ସକାଶେ ଅଧିକ ବ୍ୟକ୍ତି ଲେଖି ଦେଲେ ପୃଥକ୍ ଷ୍ଟାମ୍ପ ଦେବାକୁ ହେବ ନାହିଁ ।

ଯାହାହେଉ ଯଦ୍ୟପି ବୋର୍ଡଙ୍କ ବ୍ୟବସ୍ଥା ନ୍ୟାଯ୍ୟ ଓ ଆଇନସଙ୍ଗତ ଅଟଇ ତେବେ ତାହା କେବଳ ରାଜସ୍ବ ଅଦାଲତରେ ପ୍ରଚଳ ନ ହୋଇ ସକଳ ଅଦାଲତରେ ପ୍ରବଳ ହେବାର ଉଚିତ । ଅତଏବ ବୋର୍ଡ ଏବିଷୟ ବ୍ୟବସ୍ଥାପକ ସଭାକୁ ଅର୍ପଣ କରନ୍ତୁ ସେଠାରୁ ଯେଉଁ ବ୍ୟବସ୍ଥା ବାହାରିବ ତାହା ସକଳ ସ୍ଥଳରେ ପ୍ରବଳ ହେବ ଓ ତହିଁରେ ଲୋକମାନଙ୍କର ମନ ମାନିବ ।

---

## ଅନଗୁଳ ଡାକଘରର ମୋକଦ୍ଦମା ।

ଅନଗୁଳର ଡାକଘର ସମ୍ପର୍କରେ ସମ୍ପ୍ରତି ଏକ କଣ୍ଢି ମୋକଦ୍ଦମା ହୋଇ ଯାଇଅଛି । ସେହି ଡାକଘରର ପୋଷ୍ଟମାଷ୍ଟର ପୁଲିସରେ ସମ୍ବାଦ ଦେଲେ କି ଡାକଘରର ଚୋରି ହୋଇ ଅଛି ଏବଂ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରେ ତାହାଙ୍କ ହାତରେ ଥିବା ସରକାରୀ ତହବିଲ ଅପହୃତ ହୋଇଅଛି । ପୁଲିସ ଅନୁସନ୍ଧାନ କଲେ ଚୋରି ହେବାର କିଛି ଥାଇ ପାଇଲେ ନାହିଁ କିନ୍ତୁ ଡାକଘର ଓ ପୋଷ୍ଟମାଷ୍ଟରଙ୍କ ବସା ତଲାସ କରିବାରେ ଗୋଟିଏ ହାତବାକ୍ସ ପାଆ ଗଲା ଯେ ତହିଁରେ ଅନେକ ଡାକଚିଠି ଥିଲା । ସେସବୁ ଚିଠି ଫିଟାଥିଲା ଏବଂ ଯାହାଙ୍କ ନାମର ଚିଠି ତାହାଙ୍କୁ ଦିଆ ହୋଇ ନ ଥିଲା । ଏଭିନ୍ନ କେତେ ଫର୍ଦ୍ଦ ସାଦା କାଗଜରେ କେବଳ ବାବୁ ନନ୍ଦକିଶୋର ଦାସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡଙ୍କ ଦସ୍ତଖତ ଥିଲା । ଏ ସମସ୍ତ ଦେଖି ପୁଲିସ ପୋଷ୍ଟମାଷ୍ଟରଙ୍କୁ ପ୍ରକୃତ ଚୋର ସିଦ୍ଧାନ୍ତ କରି ଯାଗ୍-ମତେ ଚାଲାଣ କଲେ । ତହସିଲଦାର ପୋଷ୍ଟମାଷ୍ଟରଙ୍କୁ ହାଜତରେ ରଖି ସଦର କଟକକୁ ରିପୋର୍ଟ କରିବାରେ ଅସିଷ୍ଟାଣ୍ଟ ସୁପରିଣ୍ଟ ବାବୁ ଅନଗୁଳକୁ ଯାଇ ମୋକଦ୍ଦମା ତଦାରଖ କରି ପୋଷ୍ଟମାଷ୍ଟରର ଅପରାଧ ସାବ୍ୟସ୍ତ ହେବାରୁ ତାହାକୁ ପାଞ୍ଚବର୍ଷ କାରାବାସ ଦଣ୍ଡ ଦେଇଅଛନ୍ତି । ପୋଷ୍ଟମାଷ୍ଟର ଆପଣା ଅପରାଧ ସ୍ୱୀକାର କଲା । ତାହାର ଜବାବରୁ ଜଣାଗଲା ଯେ ଅନଗୁଳର ତତ୍କାଳୀନ ଜଣେ ତହସିଲଦାରଙ୍କ ସହିତ ଶତ୍ରୁତା ରଖି ତାହାଙ୍କ ମନ କଷବା ମାନସରେ ପୋଷ୍ଟମାଷ୍ଟରକୁ କହିଲେ ଯେ ତହସିଲଦାର ଯେତେ ଇଂରାଜୀ ଚିଠି ଲେଖିବେ ଓ ତାହାଙ୍କ ନିକଟକୁ ଯେତେ ଚିଠି ଆସିବ ସେ ସମସ୍ତ ଡାକଘରେ ଅଟକାଇ ରଖି ସେମାନଙ୍କୁ ଦେଖାଇବେ ଓ ଏଥିରେ ଅସମ୍ମତ ହେଲେ ତାହାଙ୍କର ଅନିଷ୍ଟ ହେବ । ପୋଷ୍ଟମାଷ୍ଟର ଭୟରେ ତାହାଙ୍କ କଥରେ ସ୍ୱୀକାର କଲା । ଜାଲ କାଗଜ ମଧ୍ୟ ସେହିମାନେ ପ୍ରସ୍ତୁତ କରି ତହିଁର ଜାଲଚିଠି ଲେଖି ଅନ୍ୟ ସରକାରୀ ଲଫାପା ମଧ୍ୟରେ ତହସିଲଦାରଙ୍କ ନିକଟକୁ ପଠାଇ ଥିଲେ । ଆଉ ସରକାରୀ ତହବିଲ ସେ କିଛି ଆପେ ଖର୍ଚ୍ଚ କରିଥିଲା ଓ କିଛି ଅନ୍ୟକୁ ଉଧାର ଦେଇଥିଲା । ତାହାର ବଦଳି ହେବାର ହୁକୁମ ହେବାରୁ ସେ ଟଙ୍କା ଭରଣା କରି ନ ପାରି ସେହିମାନଙ୍କ ପରାମର୍ଶରେ ଚୋରିର ସମ୍ବାଦ ପୁଲିସରେ ଦେଇଥିଲା । ପରାମର୍ଶଦାତାମାନେ ଧରା ହୋଇ ସଦର ମୁକାମକୁ ଆସି ଥିଲେ କଣ୍ଢରରେ ଏକବର୍ଷ ଲେଖାଏ କଏଦ ହେଲେ

ଉପର ଲିଖିତ ବିବରଣରୁ ସ୍ପଷ୍ଟ ଜଣାଯାଏ ଯେ ବାବୁ କହ୍ନଇ ପଟ୍ଟନାୟକ ତହସିଲଦାରଙ୍କ ବିରୁଦ୍ଧରେ ଏକ କଣ୍ଢି ମେଲ ହୋଇଥିଲା ଓ ସେହି ଦୁରାତ୍ମାଙ୍କର ଉଦ୍ୟମରେ ବୋଧ ହୁଅଇ ବାବୁଙ୍କର ଚାକିରୀ ପର୍ଯ୍ୟନ୍ତ ଯିବାର ଅବସ୍ଥା ଘଟିଥିଲା । ପରମେଶ୍ୱରେ ଧର୍ମ ରକ୍ଷା କଲେ । ଓ ମନ୍ଦକାରୀମାନେ ଆପଣା ଉଦ୍ୟମରେ ଆପେ ଧରା ପଡ଼ିଲେ । ପୋଷ୍ଟମାଷ୍ଟରର କଥାରୁ ଜଣା-ଯାଏ ଯେ ସେ ଯେତେ ମୂର୍ଖ ତେତେ ଦୁଷ୍ଟ ନୁହଇ । ଏହାର ବୟକ୍ରମ ମଧ୍ୟ ଅଳ୍ପ କି ୨୩।୨୪ ବର୍ଷ ହେବ ସୁତରାଂ ମନ୍ଦ ଲୋକଙ୍କ କଥାରେ ପଡ଼ି ଏପରି ଗୁରୁତର ଅପରାଧମାନ କରିବା ବିଚିତ୍ର ନୁହଇ । [illegible] ବାବୁ ଜଣେ ଅତ୍ୟନ୍ତ ସଜ୍ଜନ ଓ ନିରପେକ୍ଷ ହାକିମ ତାହାଙ୍କର ମନ୍ଦ ହୋଇଥିଲେ ସମସ୍ତେ ଦୁଃଖିତ ହୋଇଥାନ୍ତେ । ଧର୍ମର ସୂକ୍ଷ୍ମଗତିର ଏଠାରେ ଚମତ୍କାର ରୂପେ ପ୍ରକାଶ ପାଇଲା ।

---

## କାବୁଲ ସମ୍ପର୍କୀୟ ସମାଚାର ।

ଅମିରଙ୍କ ନିକଟକୁ ଶେଷ ଯେଉଁ ପତ୍ର ପଠାଇବାକୁ ଗବର୍ଣ୍ଣମେଣ୍ଟ ସ୍ଥିର କରିଥିବାର ଗତ ସପ୍ତାହରେ ଲେଖିଥିଲୁଁ ସମ୍ପ୍ରତି ଭାରତଡାକ

Digitized by srujanika@gmail.com

Split by PDF Splitter



ଯୋଗେ ଜଣା ଗଲା ଯେ ଚଳନ୍ତମାସ ତା ୨ ରିଖରେ ଉକ୍ତ ପତ୍ର ଅଲି ମସଜିଦର ସୈନ୍ୟାଧ୍ୟକ୍ଷ ଫଏଜମହମ୍ମଦ ଖାନଙ୍କୁ ଅର୍ପିତ ହେଲା ଓ ସେହି ଦିନ ଉକ୍ତ ପତ୍ରର ଏକଖଣ୍ଡ ପ୍ରତିଲିପି ପେସୁଆରରେ ଥିବା ଅମିରଙ୍କ ଡାକଘରେ ଦିଆଗଲା ।

ଏକ ତାର ସମ୍ବାଦରୁ ଜଣା ଯାଏ ଯେ ଉପର ଲିଖିତ ପତ୍ର ଏହି ମର୍ମରେ ଲେଖା ଯାଇଅଛି କି ଅମିର ରୁଷୀୟମାନଙ୍କୁ ଆଫଗନସ୍ଥାନରୁ ବିଦାୟ କରିଦେବେ ଏବଂ ସମ୍ପୂର୍ଣ୍ଣରୂପେ ନିରପେକ୍ଷ ରହିବେ ।

ଅମିରଙ୍କର ଉତ୍ତର ସନ୍ତୋଷଜନକ ନ ହେଲେ ମହାମାନ୍ୟ କମାଣ୍ଡର ଇନ୍‌ଚିଫ୍ ଚଳନ୍ତ ମାସ ତା ୨୧ ରିଖ ସୁଦ୍ଧା ପେସୁଆରକୁ ଯାତ୍ରା କରି ଖାଇବର ଓ ତାରତମ୍‌ଘାଟିରେ ସ୍ୱୟଂ ଯୁଦ୍ଧର ଆଜ୍ଞା ଦେବେ । ତା ୨୦ ରିଖ ପୂର୍ବରେ ଉତ୍ତର ପଠାଇବା କାରଣ ଅମିରଙ୍କୁ ଲେଖାଯାଇଅଛି ।

ଜନରବ ଶୁଣାଯାଏ ଯେ ଅମିର ବର୍ତ୍ତମାନ ଜେଲାଲବାଦରେ ଅଛନ୍ତି । ହିରାତରୁ ଅନେକ ସେନା କାନ୍ଦାହାରକୁ ଆସୁଅଛନ୍ତି ଏବଂ ଏହା ମଧ୍ୟ କଥିତ ହୁଅଇ କି ଯଦ୍ୟପି ଇଂରାଜଙ୍କ ପକ୍ଷରୁ ଯୁଦ୍ଧ ଆରମ୍ଭ ନ ହେବ ତେବେ ଅମିର ଖାଇବରଘାଟି ଓ କୋଟା ନିକଟରେ ଇଂରାଜଙ୍କୁ ଆକ୍ରମଣ କରିବେ ।

ଖାଇବରଘାଟିରେ ଥିବା ଅମିରଙ୍କର ସୈନ୍ୟ ଖାଦ୍ୟଦ୍ରବ୍ୟ ନ ପାଇବା ଏବଂ ରୋଗ ହେତୁ ପଳାଇ ଯାଉଅଛନ୍ତି । ଅଲି ମସଜିଦରେ ଥିବା ଅମିରଙ୍କ ସୈନ୍ୟ ଅମିରଙ୍କ ନିକଟକୁ ଏହି ମର୍ମରେ ଏକ ଆବେଦନପତ୍ର ପଠାଇଅଛନ୍ତି କି ଅବିଳମ୍ବରେ ଇଂରାଜଙ୍କ ସେନାକୁ ଆକ୍ରମଣ କରିବା ନୋହିଲେ ଜେଲାଲବାଦକୁ ଫେରିଯିବାର ଆଜ୍ଞା ସେମାନଙ୍କୁ ଦିଆଯାଉ ଯେହେତୁ ସେମାନଙ୍କ ବର୍ତ୍ତମାନ ଅବସ୍ଥା ଅତ୍ୟନ୍ତ ମନ୍ଦ ଅଟଇ । ଜ୍ୱରରୋଗରେ ଏକଦିନ (ତା ୨୬ ରିଖ ଅକ୍ଟୋବର) ରେ ତ ୪୦ ଣ ମରି ଯାଇଥିଲେ । ଏବେ ଦେଖିବା କେହି ଭରସା କରନ୍ତି ଯେ ଇଂରାଜ ଗବର୍ଣ୍ଣମେଣ୍ଟ ଯାହା ଚାହାନ୍ତି ତହିଁରେ ଅମିର ସମ୍ପୂର୍ଣ୍ଣରୂପେ ଏବଂ ବିନାଆପତ୍ତିରେ ସମ୍ମତ ହେବେ । ଯେବେ ତାହା ହୁଅଇ ତେବେ ମଙ୍ଗଳ ମାତ୍ର ଆମ୍ଭେମାନେ ବିବେଚନା କରୁ ଯେ ଅମିର ଯେପରି ସରବ ଗର୍ବ ଦେଖାଇ ଅଛନ୍ତି ତଦୁପଯୁକ୍ତ ଦଣ୍ଡ କରିବା ତାହାଙ୍କ ପକ୍ଷରେ ଆବଶ୍ୟକ ହୋଇଅଛି । କଥିତ ହୁଅଇ କି ଯେତେବେଳେ ନବାବ ଗୋଲାମ ହୋସେନଙ୍କୁ ପତ୍ର ଦେଇ ବିଦାୟ କଲେ ତେତେବେଳେ ଅମିର ତାହାଙ୍କ ସାକ୍ଷାତରେ ଆପଣା ଲୋକଙ୍କୁ କହିଲେ ଯେ "ଇଂରାଜମାନେ ଅତ୍ୟନ୍ତ ନୀଚଜାତି ଯେବ୍ୟକ୍ତି ସେମାନଙ୍କୁ ଶାସନ କରନ୍ତି ସେ ଜଣେ ମେମସାହେବଦ୍ୱାରା ଶାସିତ ହୁଅନ୍ତି ପୁଣି ସେ ମେମସାହେବ ଜଣେ ସ୍ତ୍ରୀଲୋକର ଅଧୀନ । ସେ ସ୍ତ୍ରୀ ପୁଣି ଦୁଇଶତ ଲୋକ (ପାର୍ଲେମେଣ୍ଟ ସଭା) ର ଆଜ୍ଞା ପାଳନ କରନ୍ତି । ଭଲ କହତ ଏମନ୍ତ ଇଂରାଜ ଜାତଠାରୁ କେଉଁ କଥା ଆଶା କରାଯାଇ ପାରେ" । ଏପରି ଅହଙ୍କାର ଓ ଘୃଣାପୂର୍ଣ୍ଣବାକ୍ୟ ଯେ କହେ ସେ ସହଜରେ ସାଧୁ ହେବାର କେଉଁ ଆଶା । ସେ ଯାହାହେଉ ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଅମିର ଇଂରାଜଙ୍କୁ ଘୋର ଶତ୍ରୁରୂପେ ରୁଷିୟାର ଆଶ୍ରୟ ଗ୍ରହଣ କରିଅଛନ୍ତି ଏବଂ ରୁଷିୟାର ପ୍ରବର୍ତ୍ତନାରେ ସେ ଏତାଦୃଶ ମନ୍ଦବୃତ୍ତିକୁ ଭଜିଅଛନ୍ତି । ରୁଷିୟା ସାହାଯ୍ୟ ଦେବାକୁ ନିଶ୍ଚୟ ପ୍ରସ୍ତୁତ ଥିବାର ଜଣାଯାଏ । ଏକ ତାରସମ୍ବାଦରେ ଲେଖାଅଛି ଯେ ସହସ୍ର ରୁଷୀୟ ସରଦାର ଓ ସୈନ୍ୟ ଅମିରଙ୍କ ନିକଟରେ ଚାକରି କରିବାକୁ ଅନୁମତି ପାଇଅଛନ୍ତି ।

—*—

## ଧର୍ମାର୍ଥ ଓ ସଦାବର୍ତ୍ତ ସମ୍ପତ୍ତି ।

ଗତସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ ଯେ ସଦାବର୍ତ୍ତ ଓ ଧର୍ମାର୍ଥ ସମ୍ପତ୍ତିର ଅପବ୍ୟୟ ନିବାରଣ ପକ୍ଷରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ସମ୍ମତ ହୋଇ ଅଛନ୍ତି ଓ କିପ୍ରକାର ବ୍ୟବସ୍ଥା ହେଲେ ଭଲ ହେବ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଏ ବିଷୟରେ ସର୍ବସାଧାରଣଙ୍କ ମତ ଜାଣିବାକୁ ଇଚ୍ଛୁକ ହୋଇ ଦସ୍ତୋଡି ପାଣ୍ଡୁଲିପି ଆପଣା ଅଭିମତ ସହିତ ପ୍ରଚାର କରିଅଛନ୍ତି । ଗୋଟିଏ ପାଣ୍ଡୁଲିପି କଟକରେ ବସିଥିବା ଦେଶୀୟ ଲୋକଙ୍କର ସଭାଦ୍ୱାରା ସନ ୧୮୭୦ ସାଲରେ ପ୍ରସ୍ତୁତ ହୋଇଥିଲା ଆଉ ଗୋଟିଏ ସମ୍ପ୍ରତି ମାନ୍ଦ୍ରାଜଗବର୍ଣ୍ଣମେଣ୍ଟ ପ୍ରସ୍ତୁତକରି ପଠାଇ ଅଛନ୍ତି । ମାନ୍ଦ୍ରାଜ ପାଣ୍ଡୁଲିପିଟୀ ଉକ୍ତ ଗବର୍ଣ୍ଣମେଣ୍ଟର ଜଣେ ମେମ୍ବର ସର ଡବଲ୍ୟୁ ରବିନସନଙ୍କ ପ୍ରସ୍ତାବମତେ ପ୍ରସ୍ତୁତ ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏହାକୁ ପସନ୍ଦ କରିଅଛନ୍ତି । ଏ ପାଣ୍ଡୁଲିପିରେ ଏହିପରି ବ୍ୟବସ୍ଥା ହୋଇଅଛି କି ମଠ ଓ ସଦାବର୍ତ୍ତ ସମ୍ପତ୍ତିର ତତ୍ତ୍ୱାବଧାରଣ ସକାଶେ ଗବର୍ଣ୍ଣମେଣ୍ଟ ତିନି ଚାରିଜଣ କମିଶ୍ନର ଓ ଜଣେ ସେକ୍ରେଟରି ନିଯୁକ୍ତ କରିବେ । କମିଶ୍ନରଙ୍କ ମଧ୍ୟରେ ଏକଜଣ ଇଂରାଜ ବାରିଷ୍ଟର ରହିବେ । କମିଶ୍ନରମାନେ ବେତନଭୋଗୀ ହେବେ । ଏକ ଜଣର ବେତନ ମାସକୁ ଏକହଜାର କମ୍ବା ବାରଶତ ଟଙ୍କା ହେବ । କମିଶ୍ନରଙ୍କ ଅଧୀନରେ ଜଣେ ସେକ୍ରେଟରି ହେବେ । ଏହାଙ୍କ ବେତନ ଟ ୬୦୦୲ ଙ୍କା ପର୍ଯ୍ୟନ୍ତ ହେବ । ଏହି କମିଶ୍ନର ଓ ସେକ୍ରେଟରି ମିଶି ବୋର୍ଡ ନାମରେ ଏକ ମହକୁମା ହେବ । ଏହା ରାଜଧାନୀରେ ସ୍ଥାପିତ ହେବ । ବୋର୍ଡକୁ ପ୍ରଚୁର କ୍ଷମତା ଦିଆଯିବ ଯେମନ୍ତ କି ତାହାଙ୍କ ଆଜ୍ଞା ପ୍ରତିପାଳନରେ ତ୍ରୁଟି ହେଲେ ସେମାନେ ତତ୍କ୍ଷଣାତ୍ ଦଣ୍ଡ ଦେଇ ପାରିବେ । ମଠର ଅଧିକାରୀ ଓ ମାରଫତଦାରମାନେ ବୋର୍ଡରେ ଆପଣା୨ ମଠ ରେଜଷ୍ଟରି କରାଇବାକୁ ବାଧ୍ୟ ହେବେ । ପ୍ରତିବର୍ଷ ଆୟ ବ୍ୟୟର ଆଗାମୀ ତାଲିକା ଓ ପଶ୍ଚାତ୍ ପ୍ରକୃତ ଜମା ଖର୍ଚ୍ଚ ହେସାବମାନ ପଠାଇବେ । ବୋର୍ଡ ସେ ସମସ୍ତ ତଦାରଖ ଓ ମଞ୍ଜୁର ନାମଞ୍ଜୁର କରିବେ । ବୋର୍ଡ ପ୍ରତ୍ୟେକ ମଠର କାର୍ଯ୍ୟ ନିର୍ବାହ ପକ୍ଷରେ ନିୟମାବଳୀ ପ୍ରସ୍ତୁତ କରିବେ ଓ ସେ ନିୟମାବଳୀ ଅଦାଲତଦ୍ୱାରା ପ୍ରବଳ ହୋଇ ପାରିବ ବୋର୍ଡ ଯେ କାର୍ଯ୍ୟ କରିବେ ତାହା ସର୍ବସମ୍ମତ ଏବଂ ଏକପ୍ରକାର ବିଚାରକାର୍ଯ୍ୟ ନ୍ୟାୟ ହେବ ଏବଂ ବୋର୍ଡର ସମସ୍ତ କାର୍ଯ୍ୟାବଳୀ ଏବଂ ସ୍ଥାନୀୟ କମିଟୀ ଓ ଇନ୍‌ସ୍ପେକ୍ଟରଙ୍କ ରିପୋର୍ଟମାନ ସର୍ବସାଧାରଣଙ୍କ ଜାଣିବାକାରଣ ଗଜେଟରେ ଛପା ହେବ । ମହନ୍ତ ଅଧିକାରୀ ପ୍ରଭୃତିଙ୍କୁ ବୋର୍ଡ ନିଯୁକ୍ତ ଓ ବରଖାସ୍ତ କରି ପାରିବେ ଏବଂ ସେମାନଙ୍କ ଜମାଥିବା ସମ୍ପତ୍ତି ସେମାନେ ବୁଝାଇ ନ ଦେଲେ ମାଜିଷ୍ଟ୍ରେଟଙ୍କ ସାହାଯ୍ୟଦ୍ୱାରା ତାହା ହୋଇ ପାରିବ । ବୋର୍ଡ ସମସ୍ତ ଦାନସମ୍ପତ୍ତି ଏବଂ ତହିଁର ବଲବାଟଙ୍କାର ସରକାରୀମାରଫତଦାର (ଟ୍ରଷ୍ଟି) ହେବେ । କୌଣସି ବିଷୟରେ ସନ୍ଦେହ ଓ ବିବାଦ ହେଲେ ବୋର୍ଡ ତାହା ନିଷ୍ପତ୍ତି କରି ପାରିବେ ଓ ତାହାଙ୍କ ଆଜ୍ଞା ଉପଯୁକ୍ତ ଅଦାଲତଦ୍ୱାରା ଅନ୍ୟଥା ନ ହେଲେ ପ୍ରବଳ ହେବ । ବୋର୍ଡ ଆପଣା ଅଧୀନରେ ୫ ଜଣ ବା ଅଧିକ ଇନସ୍ପେକ୍ଟର ନିଯୁକ୍ତ କରି ପାରିବେ । ଏମାନଙ୍କ ବେତନ ମାସକୁ ଟ ୫୦୦୲ ଙ୍କା ଲେଖାଏ ହେବ । ଏମାନେ ସ୍ଥାନୀୟ ଅନୁସନ୍ଧାନ ଇତ୍ୟାଦି କାର୍ଯ୍ୟ କରିବେ । ବୋର୍ଡ ଇନସ୍ପେକ୍ଟର ଇତ୍ୟାଦି ନିଯୁକ୍ତ ରହିବାର ସମସ୍ତ

Digitized by srujanika@gmail.com

Split by PDF Splitter



କାର୍ଯ୍ୟ ସମସ୍ତ ମଠ ଉପରେ ଲଗେଇ ହୋଇ ଆଦାୟ ହେବ ।

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ଉପରଲିଖିତ ମର୍ମରେ ଏକ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରାଇଅଛନ୍ତି ତହିଁରେ ଧାରା ୧୬୦ଟା ଅଛି । ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଏହାକୁ ଅତ୍ୟନ୍ତ ବାହୁଲ୍ୟ ଜ୍ଞାନ କରିଅଛନ୍ତି ଏବଂ ଏଥିରେ ମୁସଲମାନ ଦାନ ଧର୍ମାର୍ଥ ସମ୍ପତ୍ତିର କଥା ବଖାନ ନ ଥିବାର ଦୋଷ ଦେଖାଇ ଅଛନ୍ତି । ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଓଡ଼ିଶାର ଦେଶୀୟ କମିଶନଦ୍ୱାରା ସନ ୧୮୭୦ ସାଲରେ ପ୍ରସ୍ତୁତ ହୋଇଥିବା ଆଇନର ପାଣ୍ଡୁଲିପିକୁ ଅଧିକ ପସନ୍ଦ କରିବାର ଜଣାଯାଏ । ଉକ୍ତ ପାଣ୍ଡୁଲିପି ବର୍ତ୍ତମାନ ସୁହୃଦସମାଜଦ୍ୱାରା ଆଂଶିକ ପରିବର୍ତ୍ତିତ ହୋଇ ତହିଁ ଉପରେ ତର୍କ ବିତର୍କ ହେଉଅଛି । ତହିଁର ସାରମର୍ମ ଆଗାମୀ ସପ୍ତାହରେ ପ୍ରକାଶ କରିବୁଁ । ମାନ୍ଦ୍ରାଜର ପ୍ରସ୍ତାବ ମତେ କାର୍ଯ୍ୟ ହେଲେ ଅନେକ ଗୁଡ଼ିଏ ସଦାବର୍ତ୍ତ ଟଙ୍କା କେବଳ ମକଦ୍ଦମା ଖର୍ଚ୍ଚରେ ଉଡ଼ିଯିବ ଓ କାର୍ଯ୍ୟତଃ ସକଳ ତତ୍ତ୍ୱାବଧାରଣ କେବଳ ଇନ୍‌ସ୍‌ପେକ୍‌ଟରଙ୍କ ହାତରେ ରହିବ । ମହନ୍ତ ଓ ମାରଫତଦାରମାନେ ଇନ୍‌ସ୍‌ପେକ୍‌ଟରଙ୍କୁ ସନ୍ତୁଷ୍ଟ କରି ପାରିଲେ ନିଶ୍ଚିନ୍ତ ହୋଇ ରହିବେ । କିଏ ମଠଧାରିଙ୍କ ନାମରେ ନାଲିଶ କରିବା ସକାଶେ ଖର୍ଚ୍ଚଧାରିକୁ ଯିବ କି ?

## ସାପ୍ତାହିକସଂବାଦ ।

ଗତ କାର୍ତ୍ତିକପୂର୍ଣ୍ଣିମା ଏଥର ଦୁଇଦିନ ପାଳନ ହେଲା । ପାଞ୍ଜି ଅନୁସାରେ ଶନିବାର ପୂର୍ଣ୍ଣିମାର ସକଳ କାର୍ଯ୍ୟ ହେବାର ଥିଲା ତଦନୁସାରେ ଏଠାରେ ଏବଂ ପୁରୁଷୋତ୍ତମରେ ଜାଣିବା ଲୋକମାନେ କର୍ମକାରକ ହେଲେ । କିନ୍ତୁ ଅପର ସାଧାରଣ ରବିବାର ଦିନ ପୂର୍ଣ୍ଣିମାର ବ୍ରତ ଆଚରଣ କଲେ ଓ ସେଦିନ ଏଠାରେ ବାଇଯାତ୍ରା ହୋଇଥିଲା ।

ଏ ସପ୍ତାହରେ ଶୀତକାଳ ପ୍ରକୃତରୂପେ ଆରମ୍ଭ ହେଲା ଓ ମେଘ ଓ ବର୍ଷାର ସମସ୍ତ ଶଙ୍କା ଭାଙ୍ଗି ଗଲା । ଧାନଫସଲପ୍ରତି ଆଉ କିଛି ଉତ୍ପାତ ନାହିଁ । କେବଳ କୁଇରୋଗ ଭଲା ପଡ଼ିଲେ ସମସ୍ତ ମଙ୍ଗଳ ହେବ ।

ପୋଲିସବାବୁଙ୍କ ଅଶ୍ରୟରେ ଯେତେ ପହିଲବାନ ଏଠାରେ ଥିଲେ ତହିଁ ମଧ୍ୟରୁ ଅଧିକାଂଶ ବିଦାୟ ହୋଇ ଗଲେଣି କିନ୍ତୁ ସର୍ବାପେକ୍ଷା ବଳିଷ୍ଠ ପହିଲବାନ ଏଠାରେ ଅଛି । ଗତ ମଙ୍ଗଳବାର ରାତ୍ରରେ ଏ ନଗରର କେତେକଜଣ ଦୁଷ୍ଟଲୋକ ତାହାକୁ ଅକାରଣ ଲଉଡ଼ି ପ୍ରହାର କରିଥିବାରୁ ତହିଁର ମୋକଦ୍ଦମା ହୋଇଅଛି । ଅମ୍ଭେମାନେ ଶୁଣିଲୁଁ ଯେ ଦଶ ପନ୍ଦର ଜଣ ଲୋକ ମିଶି ଉକ୍ତ ପହିଲବାନକୁ ବାଡ଼ିରେ ମାରିଲେ କିନ୍ତୁ ପହିଲବାନ କାହାରିକୁ ପ୍ରହାର କଲା ନାହିଁ । ବଳବାନ ଲୋକର ଏପ୍ରକାର ଧୈର୍ଯ୍ୟ ଅତ୍ୟନ୍ତ ଶୋଭନୀୟ ଅଟଇ ।

ଏବର୍ଷ କଟକ କଲେଜରୁ ଜ ୧୧ ଣ ଛାତ୍ର ପ୍ରବେଶିକା ଏବଂ ଜ ୮ ଣ ଛାତ୍ର ଫାଷ୍ଟଆର୍ଟସ ପରୀକ୍ଷା ଦେବାକୁ ପ୍ରାର୍ଥୀ ହୋଇଅଛନ୍ତି । ଫାଷ୍ଟଆର୍ଟସ ପରୀକ୍ଷା ସକାଶ ଆଉ ଦୁଇ ତିନିଜଣ ପ୍ରାର୍ଥୀ ହୋଇଥାନ୍ତେ । ମାତ୍ର କଲେଜର ପ୍ରିନସିପଲଙ୍କ ବିଚାରରେ ସେମାନେ ଦରଖାସ୍ତ କରି ପରିଶେଷରେ ଉକ୍ତ ସାର୍ଟିଫିକେଟ ନ ପାଇବାରୁ ପ୍ରାର୍ଥୀ ହୋଇ ପାରିଲେ ନାହିଁ ।

ବାଲେଶ୍ୱର ସ୍କୁଲରୁ ଜ ୭ ଣ ଛାତ୍ର ପ୍ରବେଶିକା ପରୀକ୍ଷା ଦେବା ନିମିତ୍ତ ପ୍ରାର୍ଥୀ ହୋଇଥିବାର ସେଠା ସମ୍ବାଦପତ୍ରରୁ ଜଣାଯାଏ ।

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ତାରକେଶ୍ୱରର ଗଦି ନିମନ୍ତେ ମହନ୍ତ ଶ୍ୟାମଗିରିଙ୍କ ସଙ୍ଗରେ ମହନ୍ତ ମାଧବଗିରିର ଯେଉଁ ମୋକଦ୍ଦମା ହେଉଥିଲା ସେହି ମୋକଦ୍ଦମାରେ ହୁଗୁଳିର ଜଜ ସାହେବ ମାଧବଗିରି ପକ୍ଷରେ ଡିକ୍ରୀ ଦେଇଅଛନ୍ତି ।

୨ । ମହାରାଜା ହୋଲକାର ଦିନ ମଧ୍ୟରେ ୧୨ ଠାରୁ ୧୫ ଘଣ୍ଟା କାଳ ପରିଶ୍ରମ କରିପାରନ୍ତି, ଏବଂ କରିଥାନ୍ତି । ଏତଦ୍ଦେଶୀୟ ରାଜବର୍ଗଙ୍କର ଚିରବିଳାସୀ ଜୀବନରେ ଏହା ବାହାଦୁରୀ ଅଟଇ ।

୩ । ଭାରତବର୍ଷର ଦୁର୍ଭିକ୍ଷରେ ବ୍ରହ୍ମଦେଶ ବଡ଼ ମହତ୍ୱ ହୋଇଗଲା । ଭାରତବର୍ଷୀୟ ଚାଉଳ ବିକ୍ରୀଦ୍ୱାରା ସେଠାରେ ୨ କୋଟି ଟଙ୍କା ଧନ ବୃଦ୍ଧି ହୋଇଅଛି ।

୪ । ନିଜାମର ୪ ଦଳ ଅଶ୍ୱାରୋହୀ ସୈନ୍ୟ ୭ ଦଳ ପଦାତିକ ଏବଂ ୪ ଦଳ ଗୋଲନ୍ଦାଜ ସୈନ୍ୟ ଅଛନ୍ତି । ଏହିସବୁ ସୁଶିକ୍ଷିତ ସୈନ୍ୟ ଆମିରଙ୍କ ବିପକ୍ଷରେ କାର୍ଯ୍ୟ କରିବା କାରଣ ସରସ ଭାରତର ଗବର୍ଣ୍ଣମେଣ୍ଟଙ୍କୁ ଦେବାକୁ ସ୍ୱୀକାର କରିଅଛନ୍ତି ।

୫ । ସୁଖର ବୋଲନ୍ତୁ ଅମ୍ଭେମାନେ ଅହ୍ଲାଦ ସହିତ ପ୍ରକାଶ କରୁଅଛୁଁ ଯେ ପାଇକପଡ଼ା ରାଜବାଟୀର କୁମାର ଗଦାଧର ସିଂହ ବାହାଦୁର ଭାରତଷ୍ଟାର ସହର ଅଧୀନସ୍ଥ ସ୍ତ୍ରୀଶିକ୍ଷା ବିଦ୍ୟାଳୟରେ ଏକାବେଳକେ ହଜାରେ ଟଙ୍କା ଦାନ କରିବାକୁ ଅଙ୍ଗୀକାର କରିଅଛନ୍ତି । ଏ ଉଚ୍ଚଦାନ ନିମିତ୍ତ ଅମ୍ଭେମାନେ କୁମାର ବାହାଦୁରଙ୍କୁ କୃତଜ୍ଞ ହୃଦୟରେ ଧନ୍ୟବାଦ କରୁଅଛୁଁ । ପାଇକପଡ଼ାର ରାଜସରକାର ନିକଟରେ ଉକ୍ତ ମତ ଅନେକ ବିଷୟରେ ଉପକୃତ ଅଛି ।

୬ । କଲିକତାଗୁଜବ ଯେ ଗବର୍ଣ୍ଣମେଣ୍ଟଙ୍କର ବେତନଭୋଗୀ ଡାକ୍ତରମାନେ ହାସପାତାଳ ଛଡ଼ା ବାହାରେ ଚିକିତ୍ସା କରି ପାରିବେ ନାହିଁ । ଜଣେ ଗବର୍ଣ୍ଣମେଣ୍ଟଙ୍କର ଡାକ୍ତରଙ୍କୁ ଅମ୍ଭେମାନେ ପଚାରି ବୁଝିଲୁଁ କଥା ଠିକ ନୁହେ । ସୋମପ୍ରକାଶ ଭୁଲ ଶୁଣିଅଛନ୍ତି ।

୭ । ଗବର୍ଣ୍ଣମେଣ୍ଟ ପୋଷ୍ଟେଲ ଲଫାଫର ମାସୁଲର ହାର ଯେତେ ଊଣା କରୁଅଛନ୍ତି ତେତେ ଆୟ ବଢ଼ୁଅଛି ଏହା ଗୋଟିଏ ବଡ଼ ଶୁଭଲକ୍ଷଣ । ଏବର୍ଷ ପୂର୍ବବର୍ଷଠାରୁ ୭ ଲକ୍ଷ ଟଙ୍କାରୁ ଅଧିକ ଲାଭ ହୋଇଅଛି । ସମ୍ବାଦପତ୍ରର ମାସୁଲ ଏକପଇସା କଲେ ବୋଧ ହୁଏ କ୍ଷତି ହେବ ନାହିଁ ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି କି ବଙ୍ଗଳାର ପୂର୍ବାଞ୍ଚଳର କେତେଜଣ ଧନୀ ଜମିଦାର ବଜାର ଦରଠାରୁ ଊଣା ମୂଲ୍ୟରେ ଚାଉଳ ବିକ୍ରୟ କରିବାଦ୍ୱାରା ଅନେକ ଦୁଃଖୀ ଲୋକର ସାହାଯ୍ୟ କରୁଅଛନ୍ତି ।

ପବନ୍ ସାହେବ ଓ ବଏଲ ସାହେବ ବିଶେଷ ପତ୍ରପ୍ରେରକ ନିଯୁକ୍ତ ହୋଇ ଇଂଲଣ୍ଡରୁ ସୀମା ପ୍ରଦେଶକୁ ଆସି ଅଛନ୍ତି । ଏମାନେ କାବୁଲ ଯୁଦ୍ଧର ସଂବାଦସବୁ ଲେଖିବେ ।

ବର୍ଲିନର ସନ୍ଧି ଅନୁସାରେ ରୁଷିଆ କାର୍ଯ୍ୟ କରିବାକୁ ଅସମ୍ମତ ଦେଖାଉ ଅଛି । ଏଥିପାଇଁ ଇଂଲଣ୍ଡ ଅଷ୍ଟ୍ରିଆ ଏବଂ ତୁର୍କ ମଧ୍ୟରେ ମିତ୍ରତା ସ୍ଥାପନ ହେଉଅଛି । ଏମାନେ ମିଶି ରୁଷିଆକୁ ସୁପଥକୁ ଆଣିବେ ।

ମାନ୍ଦ୍ରାଜ ୟୁନିଭର୍ସିଟିର ଆଗାମୀ ପରୀକ୍ଷାରେ ଦୁଇଜଣ ଯୁବତୀ ସ୍ତ୍ରୀ ପ୍ରବେଶିକା ପରୀକ୍ଷା ଦେବେ ।

ଲେଡାବୁର ନବାବକୁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଟ ୨୫୦୦୦ଙ୍କା ଋଣ ଦେବାକୁ ସ୍ୱୀକାର କରିଅଛନ୍ତି ସୁଧ ବର୍ଷକୁ ଟ ୫୧ଙ୍କା ଲେଖାଏଁ । ନବାବ ପ୍ରତିବର୍ଷ ଟ ୫୦୦୦୧ଙ୍କା ଲେଖାଏଁ କିସ୍ତିବନ୍ଦିରେ ଆଦାୟ କରିବେ ।

ଏହି ମାସ ତା ୧୮ ଦିନରେ ମାନ୍ୟବର ଲେଫ୍‌ଟନେଣ୍ଟ ଗବର୍ଣ୍ଣର ସାହେବ ଦାର୍ଜିଲିଂରୁ କଲିକତାକୁ ଯାତ୍ରା କରିବେ ଏବଂ ତା ୨୦ ଦିନ ମଧ୍ୟରେ ଏହାଙ୍କ ସଙ୍ଗେ ଯାଇଥିବା ଅଫିସମାନ ସେଠାରୁ ଉଠି ଆସିବ ।

କଟକରେ ଧୋବା ଓ ଭଣ୍ଡାରୀମାନେ ଲାଇସେନ୍ସ ଟାକ୍ସ ଦେବା ଭୟରେ ନେଡ଼ ବାଳ କର୍ମ କରିବେ ନାହିଁ ବୋଲି ସ୍ଥିର କରିଥିଲେ । କିନ୍ତୁ କଟକର ଅସିଷ୍ଟାଣ୍ଟ କଲେକ୍ଟର ମିଷ୍ଟରଦାସ ଘର ଗ୍ରାମରେ ସେମାନଙ୍କୁ ସଦୁପଦେଶ ଦେବାରେ ମେଳ ଭାଙ୍ଗି ଗଲା । ସେମାନଙ୍କୁ ବୁଝାଇ ଦେଲେ ଯେ ମେଳ କଲେ ସରକାର କ୍ଷତି ହେବେ ନାହିଁ । ଯାହାଙ୍କର ଆୟ ଏକଶତ ଟଙ୍କାରୁ ଅଧିକ ହେବ ତାହାଙ୍କୁ ଅବଶ୍ୟ ଟାକ୍ସ ଦେବାକୁ ହେବ । ଯେବେ ସେମାନେ ମେଳି କରି କର୍ମ ନ କରିବେ ତେବେ ଆପେ ଉପାସେ ମରିବେ । ଯେଉଁ ଦିନର କର୍ମ ନ କଲେ ସେଥିର ଅର୍ଜନଦ୍ୱାରା ଟାକ୍ସ ଆଦାୟ ହୋଇଥାନ୍ତା । ବାସ୍ତବରେ ମାଛ ମାରିବା ସକାଶେ ଘରେ ନିଆଁ ଲଗାଇ ଦେବା ବ୍ୟବସ୍ଥା ଏମାନେ କରିଥିଲେ ।

ଫତେଗଡ଼ର ଜଜ ସନ୍ଦର୍ସ ସାହେବଙ୍କୁ ତାହାଙ୍କ ଅଧୀନସ୍ଥ ହିନ୍ଦୁ ସବଡିନେଟ ଜଜ ପ୍ରହାର କରିଅଛନ୍ତି ବୋଲି ପାଇଓନିୟରରୁ ଶୁଣି ଅଛୁଁ । କଦର ମାରପିଟ ହେଲା ବିଶେଷ ଜଣା ଯାଇ ନାହିଁ । ଯାହାହେଉ ଦେବାଣୀ ଅଦାଲତ ଯାହା ଫଉଜଦାରୀ ଅଶ୍ରୟ ନେଲେ ବଡ଼ ଲଜ୍ଜାକଥା ଅଟଇ ।

ଲାଇସେନ୍ସ ଟାକ୍ସ ବିରୁଦ୍ଧରେ କଲିକତାର ବଣିକସଭାରୁ ଯେଉଁ ଆବେଦନପତ୍ର ଇଂଲଣ୍ଡକୁ ଯାଇଥିଲା ସେକ୍ରେଟାରି ଅବ୍ ଷ୍ଟେଟ ତାହା ଅଗ୍ରାହ୍ୟ କଲେ । ସାପ କି କେବେ ବାନ୍ତି କରେ ?

### ବିଜ୍ଞାପନ ।

ମାଇନର ସ୍କଲାର୍‌ସିପର ଛାତ୍ରବୃତ୍ତି ପରୀକ୍ଷା ଚଳିତ ନବେମ୍ବର ମାସ ତା ୨୧ ଦିନ ଏବଂ ଲୋୟର ସ୍କଲାର୍‌ସିପର ପରୀକ୍ଷା ଡିସେମ୍ବର ମାସ ତା ୪ ଦିନରେ ଆରମ୍ଭ ହେବ ।

The 1st Novr. 1878. Cuttack. } *(Sd.)* Radhanath Rai. *Joint Inspector of schools Orissa Dn.*

### ପାଠଶାଳର ପାଠ୍ୟପୁସ୍ତକ ।

ଶିକ୍ଷାମଞ୍ଜରୀ ପ୍ରଥମ ଓ ଦ୍ୱିତୀୟଭାଗ ଛପା ହୋଇଥିଲା । ବର୍ତ୍ତମାନ ତୃତୀୟଭାଗ ଛପା ହୋଇଅଛି—ମୂଲ୍ୟ ଟ ॰ ୵ । ତୃତୀୟଭାଗରେ ଗଦ୍ୟ ଓ ପଦ୍ୟ, ଦସ୍ତଖତିକ, କୃଷି, ଦସ୍ତାବିଜ, ଅଣଲଜିପ୍ର, ଜଳ, ଜମିଦାରୀ ଓ ମହାଜନୀ ହିସାବ ପତ୍ର ଲେଖିବାର ଧାରା ପ୍ରଭୃତି ପାଠଶାଳର ପ୍ରୟୋଜନୀୟ ସମସ୍ତ ବିଷୟ ଅଛି—ଯାହାଙ୍କର ପୁସ୍ତକ ଅବଶ୍ୟକ ସେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ତତ୍ତ୍ୱ କଲେ ପାଇପାରିବେ ।

କଟକ ୭ । ୧୧ । ୭୮ } ଶ୍ରୀ ବଳରାମ ଦାସ ।

☞ ଏହି ଉତ୍କଳ ଦୀପିକା ସହର କଟକ ତେଲାବଜାରରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

GISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ
ସଂ ୪୬ ଖ୍ୟା

ତା ୨୩ ରିଖ ମାହେ ନବେମ୍ବର ସନ ୧୮୭୮ ମସିହା । ମୂ । ମାର୍ଗଶିର ବ ୧୦ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୲
ମଫସଲପାଁଇ ଡାକମାସୁଲ ଟ୧୫୰

କାବୁଲ ସମ୍ପର୍କୀୟ କିଛି ବିଶେଷ ସମ୍ବାଦ ଏ ସପ୍ତାହରେ ଆସି ନାହିଁ ତା ୨୦ ର ନବମ୍ବରରେ ଅମିରଙ୍କର ଉତ୍ତର ଆସିବାର ଥିଲା । ବୋଧ ହୁଅଇ ଦୁଇ ଏକ ଦିନରେ ଯୁଦ୍ଧ ହେବା ନ ହେବାର ତତ୍ତ୍ୱ ଜଣାଯିବ । ସମ୍ପ୍ରତି ବିଲାତରୁ ଯେ ସମସ୍ତ ତାରସମ୍ବାଦ ଆସିଅଛି ତହିଁରୁ ଜଣାଯାଏ ଯେ ରୁଷିଆ ବର୍ଲିନ ସନ୍ଧିର ନିୟମମାନ ପ୍ରତିପାଳନ କରିବାକୁ ଦୃଢ଼ରୂପେ ଭରସା ଦେଇ ଅଛନ୍ତି ଏବଂ ତୁରସ୍କର ସ୍ଥଳଭାଗ ଆପଣା ରାଜ୍ୟର ଉନ୍ନତି ନିମିତ୍ତ ଯେ ସମସ୍ତ ବନ୍ଦୋବସ୍ତ କରିବା ସକାଶେ ଉକ୍ତ ସନ୍ଧିଦ୍ୱାରା ବାଧ୍ୟ ଅଛନ୍ତି ତହିଁର ଅନୁଷ୍ଠାନ ଆରମ୍ଭ କରିଅଛନ୍ତି ସୁତରାଂ ଇଉରୋପରେ କୌଣସି ଗୋଳମାଳର ସମ୍ଭାବନା ନାହିଁ ।

---

ବେହାରର ଜମିଦାରମାନଙ୍କର ଏକ ସଭା ସୋନପୁରଠାରେ ହୋଇଥିଲା । ହତୁଆର ମହାରାଜା, ବେତିୟାର ମହାରାଜକୁଅଁର, ସିଉହାର ରାଜା ଏବଂ ଅନ୍ୟାନ୍ୟ ପ୍ରଧାନ ବ୍ୟକ୍ତିମାନେ ଏଥିର ଉଦ୍‌ଯୋଗକାରୀ ଥିଲେ ଓ ହତୁଆର ମହାରାଜା ସଭାପତିର ଆସନ ଗ୍ରହଣ କରିଥିଲେ । ବୈହାର ଜମିଦାରଙ୍କ ସଭା ନାମରେ ଗୋଟିଏ ସଭା ସ୍ଥାପନ ହୋଇଅଛି । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଅନେକ ଜମିଦାର ଅତ୍ୟନ୍ତ ଉତ୍ସାହ ସହିତ ଏ ସଭାରେ ଉରତି ହେଉଅଛନ୍ତି ଏବଂ ଇଂରାଜ ଜମିଦାର ଓ ନୀଲକରମାନେ ସୁଦ୍ଧା ଏଥିର ସଭ୍ୟ ହେବା ପାଇଁ ଇଚ୍ଛୁକ ହୋଇଅଛନ୍ତି । ଏପରି ସଭା ଯଦି ଚିରକାଳ ଅଟଳ ହୋଇ ସ୍ଥାୟୀ ହେଲେ ତାହା ହେବ ନୋହିଲେ ଗୁରୁଦିନର ଉତ୍ସାହରେ କିଛି ଟିକିବ ନାହିଁ ।

---

କାର୍ତ୍ତିକପୂର୍ଣ୍ଣିମା ଉତ୍ତାରୁ ଯେ ପ୍ରକାର ମେଘ ଲାଗିଯାଇ ଏକାବେଳକେ ଭାରି ଶୀତ ଉପସ୍ଥିତ ହେଲା ତହିଁରେ ଆମ୍ଭେମାନେ ନିଶ୍ଚୟ ଅନୁମାନ କରିଥିଲୁଁ ଯେ ଆଉ ବୃଷ୍ଟି ହେବ ନାହିଁ । କିନ୍ତୁ ତାହା ସିଦ୍ଧ ହେଲା ନାହିଁ । ଏ ସପ୍ତାହ ଆରମ୍ଭରୁ ଅଳ୍ପ ଅଳ୍ପ ମେଘ ବାହାରି ଗତ ବୁଧବାର ଦିନଯାକ ସୂର୍ଯ୍ୟଙ୍କୁ ଘୋଡ଼ାଇ ରଖିଲା ସେଠାରୁ ତିନଦିନ ଝିପି ବୃଷ୍ଟି ହେଲା । ଯେମନ୍ତ ଅଲସୁଆ ହାକିମମାନେ ନାନାପ୍ରକାରରେ କାଳ କ୍ଷେପଣ କରି ସାଲତମାମୀ ଭୟରେ ବର୍ଷ ଶେଷରେ ମୋକଦମାମାନ କାଟେଇ ଦିଅନ୍ତି ତହିଁର ହେଲା କି ଅବିଚାର ହେଲା ତହିଁପ୍ରତି ଅଧିକ ଦୃଷ୍ଟି ରଖି ପାରନ୍ତି ନାହିଁ ବୋଧ ହୁଅଇ ଇନ୍ଦ୍ରଦେବତା ଏଣିକି ତେମନ୍ତ ରୀତି ଧରିଅଛନ୍ତି ଯଥାକାଳରେ ପ୍ରଚୁର ବର୍ଷା କରି ନ ପାରି ଏତେବେଳେ ସାଲତମାମୀ ନିକାଶ କରୁଅଛନ୍ତି କିନ୍ତୁ ଏଥିରେ ସଂସାରର ମଙ୍ଗଳ କି ଅମଙ୍ଗଳ ହେଉଅଛି ତହିଁପ୍ରତି ଦୃଷ୍ଟି ରଖି ପାରୁ ନାହାନ୍ତି ବାସ୍ତବରେ ଏ ସମୟର ବୃଷ୍ଟିଦ୍ୱାରା ଅପକାର ଭିନ୍ନ ଉପକାର ନାହିଁ । ହରତପ୍ରଭିନ୍ନ ଖବର କଥା ସରିଲା ଇନ୍ଦ୍ରଦେବତା ଏଥର କ୍ଷାନ୍ତ ହେଉନ୍ତୁ ।

---

ଷ୍ଟାମ୍ପ ରାଜସ୍ୱପର ଅବକାରୀ ରାଜସ୍ୱକୁ ମଧ୍ୟ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ପ୍ରଦେଶୀୟ ଗବର୍ଣ୍ଣମେଣ୍ଟଙ୍କୁ ଇଜରା ଦେଇ ଅଛନ୍ତି । ଏଥି ସକାଶେ ବାର୍ଷିକ ୬୪ ଲକ୍ଷ ଟଙ୍କା ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ଦେଣ ପଡିବ । ଏଥକୁ ଏ ବର୍ଷ ( ସନ ୧୮୭୭।୭୮ ) ରେ ଟ ୬୮୬୬୧୩୦୯ ଙ୍କା ଆୟ ହୋଇଅଛି । ସୁତରାଂ ବଙ୍ଗଳା ଗବର୍ଣ୍ଣମେଣ୍ଟର ଟ ୪୬୬୧୩୦୯ ଙ୍କା ଲାଭ ହୋଇଅଛି । ଏଣେ ସନ୧୮୭୬।୭୭ ସାଲରେ ଟ ୬୨୪୭୦୫୯୯ ଙ୍କା ଆୟ ହୋଇଥିଲା । ସୁତରାଂ ଗତବର୍ଷାପେକ୍ଷା ଏ ବର୍ଷ ଟ ୬୧୯୦୭୧୯ ଙ୍କା ଅଧିକା ଆୟ ହୋଇଅଛି । ଭାଙ୍ଗ ଛଡା ଆଉ ସମସ୍ତ ପ୍ରକାର ମାଦକ ଦ୍ରବ୍ୟରେ ଅଳ୍ପ ହେଉ ବା ବିସ୍ତର ହେଉ ଅଧିକା ଆୟ ହୋଇଅଛି ତହିଁ ମଧ୍ୟରେ ଦେଶୀ ସରାବ, ରମ, ଗଞ୍ଜେଇ ଏବଂ ଅଫୀମରେ ଆୟ ବୃଦ୍ଧି ଅଧିକ ହୋଇଅଛି । ଏଥି ମଧ୍ୟରେ ଗଞ୍ଜେଇର ଆୟ ବୃଦ୍ଧି ଦେଖି ଲେଫ୍‌ଟନେଣ୍ଟ ଗବର୍ଣ୍ଣର କିଛି ବ୍ୟସ୍ତ ହୋଇ ଅଛନ୍ତି । ସନ ୧୮୭୬।୭୭ ସାଲରେ ମ ୭୪୫୮ ହଣ ଗଞ୍ଜେଇ ବିକ୍ରୟ ହୋଇ ଥିଲା ଓ ସନ ୧୮୭୭।୭୮ ରେ ମାସୁଲ ବୃଦ୍ଧି ହେଲେହେଁ ମ ୮୧୯୬ ହଣ ବିକ୍ରୟ ହେଲା ଅର୍ଥାତ୍ ଗଞ୍ଜେଇର ଖର୍ଚ୍ଚ ଶତକରା ୧୦ ଲେଖାଏ ବଢି ହେଲା । ଲେଫ୍‌ଟନେଣ୍ଟ

Digitized by srujanika@gmail.com

ଗବର୍ଣ୍ଣର ବୋଲନ୍ତି କି ସବୁ ମାଦକଦ୍ରବ୍ୟ ମଧ୍ୟରେ ଗଞ୍ଜେଇ ଅତ୍ୟନ୍ତ ଅନିଷ୍ଟକର ଅଟଇ ଅତଏବ ଯେତେକାଳ ଏହାର ବ୍ୟବହାର ବନ୍ଦ ନହେଉଥିବ ତେତେକାଳ ସମୟ ସମୟରେ ଏହାର ମାସୁଲ ବର୍ଦ୍ଧିତ ହେବ । ଏଥିରୁ ବୋଧହୁଅଇ ଯେ ଗଞ୍ଜେଇ ଏବଂ ଗବର୍ଣ୍ଣମେଣ୍ଟଙ୍କର ଗୋଟାଏ ଟକ୍କର ଲାଗିଲା ପରିଶେଷରେ କିଏ କାହାଠାରେ ପରାସ୍ତ ହେବ ଦେଖିବାପାଇଁ ବଡ କୌତୁକ ରହିଲୁଁ ।

———

କୋର୍ଟଫିସ ଏବଂ ଷ୍ଟାମ୍ପକାଗଜ ବିକ୍ରିଦ୍ୱାରା ସନ ୧୮୭୬।୭୭ ରେ ବଙ୍ଗଳା ଗବର୍ଣ୍ଣମେଣ୍ଟର ଆୟ ଟ ୯୩୯୧୭୯୪୯ ଙ୍କା ହୋଇଥିଲା । ଗତବର୍ଷ ଅର୍ଥାତ୍ ସନ ୧୮୭୭।୭୮ ରେ ଟ ୧୦,୭,୩୧,୭୭୨୯ ଙ୍କା ଆୟ ହୋଇଅଛି । ଏଥିରୁ ଦେଖାଯାଏ ଯେ ଏ ବର୍ଷ ପ୍ରାୟ ସାଢେ ବାରଲକ୍ଷଟଙ୍କା ଅଧିକା ଆୟ ହୋଇ ଅଛି ମାତ୍ର ଏପରି ହେବାର ଗୋଟିଏ ବିଶେଷ କାରଣ ଅଛି ଅର୍ଥାତ୍ ଦାଖଲଖାରଜସମ୍ବନ୍ଧୀୟ ନୂତନଆଇନ, ଏହାଦ୍ୱାରା ବଙ୍ଗଳାରେ ଅନେକ ଅଧିକ ଆୟ ହୋଇଅଛି ସୁତରାଂ ପ୍ରତିବର୍ଷ ଏପ୍ରକାର ବଢିବାର ଆଶା ହୋଇ ନ ପାରେ । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଷ୍ଟାମ୍ପକାଗଜ ଏବଂ କୋର୍ଟଫିସର ଆୟ ଗବର୍ଣ୍ଣମେଣ୍ଟ ବଙ୍ଗଳାକୁ ଏହିବର୍ଷଠାରୁ ଦେଇ ଏହି ଚୁକ୍ତି କରିଅଛନ୍ତି କି ଏ ବର୍ଷଠାରୁ ବଙ୍ଗଳା ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଟ ୧,୦୫,୭୫,୦୦୦୯ ଙ୍କା ଦେବେ ଏବଂ ଏଥିଉତ୍ତାରୁ ପଞ୍ଚବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ୨୫ ଲକ୍ଷ ଟଙ୍କା ଲେଖାଏ ବୃଦ୍ଧି କରି ଦେଉଥିବେ ତହିଁ ଉତ୍ତାରୁ ନୂଆ ବନ୍ଦୋବସ୍ତ ହେବ । ଏଥିରୁ ଏ ବର୍ଷ ଯେପରି ଆୟ ହୋଇଅଛି ତହିଁରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ପାଉଣା ଯାଇ ଟ ୫୭୭୭୨୯ ଙ୍କା ଲାଭ ହୋଇଅଛି ମାତ୍ର ଯଦ୍ୟପି କି ବିଶେଷ କାରଣରେ ଏବର୍ଷ ଅଧିକ ଆୟ ହୋଇଅଛି ତଥାପି ଲେଫଟନେଣ୍ଟ ଗବର୍ଣ୍ଣର ବୋଲନ୍ତି ଯେ କୌଣସିରୂପେ ପ୍ରତିବର୍ଷ ଯେ ୨୫ ଲକ୍ଷଟଙ୍କା ବଢିବ ନାହିଁ ଏମନ୍ତ ସମ୍ଭାବନା ହେଉ ନାହିଁ । କାରଣ କେବଳ କୋର୍ଟଫିସଦ୍ୱାରା ଆୟ ବୃଦ୍ଧି ନ ହୋଇ ସମସ୍ତ ପ୍ରକାର ଷ୍ଟାମ୍ପ କାଗଜ ଅଧିକ ବିକ୍ରୟ ହୋଇଅଛି ।

———

ଆବକାରୀ ଶୁଳ୍କ ବୃଦ୍ଧିର ଫଳ କି ?

ସନ ୧୮୭୭।୭୮ ସାଲର ବଙ୍ଗଳାର ଅବକାରୀ ଶୁଳ୍କର ଫଳାଫଳ ଏଥିପୂର୍ବେ ଆମ୍ଭେମାନେ ପାଠକମାନଙ୍କୁ ଜଣାଇ ଅଛୁଁ । ଲେଫଟନେଣ୍ଟ ଗବର୍ଣ୍ଣରଙ୍କ ପ୍ରକାଶିତ ମନ୍ତବ୍ୟରୁ ଜଣାଯାଏ ଯେ ସନ ୧୮୭୩।୭୪ ସାଲରେ ଅବକାରୀ ଶୁଳ୍କର ମୋଟ ୫୭ ଲକ୍ଷ ଟଙ୍କା ଥିଲା ସନ ୧୮୭୫।୭୬ ରେ ୬୦½ ଲକ୍ଷ ହେଲା ସନ ୧୮୭୬।୭୭ ରେ ୬୨¼ ଲକ୍ଷ ଏବଂ ସନ ୧୮୭୭।୭୮ ରେ ୬୮½ ଲକ୍ଷ ଟଙ୍କା ହେଲା । ଏଥିରୁ ଲେଫଟନେଣ୍ଟ ଗବର୍ଣ୍ଣର ବୋଲନ୍ତି ଯେ ଆବକାରୀ ଶୁଳ୍କର ବୃଦ୍ଧି ଅପେକ୍ଷା ଦେଶର ଧନ ବୃଦ୍ଧିର ଅଧିକ ପରିଚୟ ଅନ୍ୟ କୌଣସି ରୂପେ ମିଳଇ ନାହିଁ । ସନ ୧୮୭୪।୭୫ ସାଲର ଦୁର୍ଭିକ୍ଷଠାରୁ ଅବିରତ ଭାବରେ ଶୁଳ୍କ ବଢି ଆସୁଅଛି ଅତଏବ ଅବକାରୀ ମହଲମାନ ସୁଶାସନ ହେତୁ କେବଳ ବୃଦ୍ଧି ହୋଇ ଅଛି ନୋହିଲେ ଆବକାରୀ ଦ୍ରବ୍ୟର ମୂଲ୍ୟ ଯେମନ୍ତ ଉଚ୍ଚ ରହିଅଛି ତହିଁରେ ସରାପ, ଗଞ୍ଜେଇ ଓ ଆଫୁର ଖର୍ଚ୍ଚ ଊଣା ପଡିବାର ସମ୍ପୂର୍ଣ୍ଣ ସମ୍ଭାବନା ଥିଲା । ଲେଫଟନେଣ୍ଟ ଗବର୍ଣ୍ଣରଙ୍କ ଉପର ଲିଖିତ ମତପ୍ରତି ଆମ୍ଭମାନଙ୍କ ଘୋର ସନ୍ଦେହ ଅଛି । ଅବଶ୍ୟ ବୋଲିଯାଇ ପାରେ ଯେ ପେଟକୁ ଭାତ ନ ମିଳିଲେ ଲୋକେ କାହୁଁ ମାଦକଦ୍ରବ୍ୟ ସେବନ କରିବେ ଓ ଅବକାରୀ ଶୁଳ୍କ ନଅଙ୍କର ଦାରୁଣକଷ୍ଟ ସମୟରେ ଊଣା ପଡିବାର ଦେଖା ଯାଇ ଅଛି କିନ୍ତୁ ଏହା ବୋଲି ଯେ ଧନ ହେଲେ ଲୋକେ ମାଦକ ଦ୍ରବ୍ୟ ସେବନ କରନ୍ତି ଏମନ୍ତ ବୋଲି ଯାଇ ନ ପାରେ । ବର୍ତ୍ତମାନ ସମୟରେ ଖାଦ୍ୟ ଦ୍ରବ୍ୟର ଦାମ୍ ବଢି ହେବାରୁ ଯେପ୍ରକାର ଓଡିଶାକୁ ଧନ ଆସିଲା ଏବଂ ସେହି ଧନ ଯେଉଁ ଶ୍ରେଣୀର ଲୋକଙ୍କୁ ପ୍ରାପ୍ତ ହେଲା ଯେବେ ସେମାନେ ଅଧିକ ମାଦକ ଦ୍ରବ୍ୟ ସେବନ କରିବାର ଦେଖାଯାନ୍ତା ତେବେ ନିଶ୍ଚୟ ବୋଲିଯାନ୍ତା ଯେ ଧନ ବୃଦ୍ଧି ହେଲେ ମାଦକ ଦ୍ରବ୍ୟ ଅଧିକ ଖର୍ଚ୍ଚ ହୁଅଇ ମାତ୍ର ବାସ୍ତବ ଘଟଣା ତାହା ନୁହଇ । ଯେଉଁ ଲକ୍ଷ୍ମୀବନ୍ତ ଲୋକମାନେ ବାଣିଜ୍ୟ ବ୍ୟବସାୟଦ୍ୱାରା ଅର୍ଥଲାଭ କରୁ ଅଛନ୍ତି ଅର୍ଥାତ୍ ତଥା ଜମିଦାର ଓ ମହାଜନ ପ୍ରଭୃତି ଅବକାରୀ ଦ୍ରବ୍ୟର ନିକଟକୁ ଯାନ୍ତି ଓ ଗଲେ ଅତ୍ୟଳ୍ପ ପରିମାଣରେ । କିନ୍ତୁ ମାଦକ ଦ୍ରବ୍ୟ ଲକ୍ଷ୍ମୀଛଡାଙ୍କର ସର୍ବସ୍ୱ । ପେଟକୁ ଦାନା ଦେହକୁ ବସ୍ତ୍ର ପଛକେ ନ ଥାଉ ପରିବାର ବର୍ଗ ପଛକେ ଶତ ମରନ୍ତୁ ପଇସାଟିଏ ହାତକୁ ଆସିଲେ ଆଗେ ମାଦକ ଦ୍ରବ୍ୟ କିଣାଯିବ ତହିଁଉତ୍ତାରୁ ଯାହା ବଳିବ ତହିଁରେ ପରବରଣ ହେବ ଏପରି ଲକ୍ଷ୍ମୀଛଡାଙ୍କ ସଂଖ୍ୟା କି ସହର କି ମଫସଲରେ ଅଧିକ ଦେଖା ଯାଏ । ଆଉ ଯାହାଙ୍କର ଆୟର ହ୍ରାସ ବୃଦ୍ଧି ନାହିଁ ଯଥା ନାନାପ୍ରକାର କାରିଗର ସରକାରୀ ଓ ଅପର ବେତନଭୋଗୀ ଚାକର ଓ ପରପୋଷ୍ୟ ଅଲସୁଆ ଏବଂ ଯେଉଁମାନେ ଅସତ୍ ଉପାୟରେ କେବେ କିଛି ଲାଭ କରନ୍ତି ଯଥା ଠକ, ଚୋର, ଜୁଆଡେର ଏହିପ୍ରକାର ଲୋକ ଅଧିକ ପରିମାଣରେ ଆବକାରୀର ଭକ୍ତ । ଏମାନଙ୍କଦ୍ୱାରା ଦେଶର ଧନବୃଦ୍ଧି ହେବାର କେଉଁଠି ଥାଉ ବରଂ ସାକ୍ଷାତରେ ସର୍ବନାଶ ହେଉଅଛି । ଆମ୍ଭେମାନେ ବିବେଚନା କରୁଁ ଯେ ଅବକାରୀ ଶୁଳ୍କର ବୃଦ୍ଧିଦ୍ୱାରା ଦେଶର ଧନବୃଦ୍ଧିର ପରିଚୟ ଯେତେ ମିଳଇ ତଦପେକ୍ଷା ଦେଶରେ ଲକ୍ଷ୍ମୀଛଡାଙ୍କର ସଂଖ୍ୟା ଅଧିକ ହେବାର ପରିଚୟ ମିଳଇ । ଏହା ମଧ୍ୟ ଅକାତରରେ ବୋଲିଯାଇ ପାରେ ଯେ ମାଦକ ଦ୍ରବ୍ୟର ଆୟ ବୃଦ୍ଧି ସଙ୍ଗେ ପୁଲିସର ଅପଟୁତାର ବିଶେଷ ପରିଚୟ ମିଳୁଅଛି । ଯେଉଁମାନେ ଚାରି ପଇସା ନ୍ୟାଯ୍ୟ ପରିଶ୍ରମଦ୍ୱାରା ଆୟକରୁ ଅଛନ୍ତି ଯେବେ କେବଳ ସେହିମାନେ ମାଦକ ଦ୍ରବ୍ୟ ଖାଉଥାନ୍ତେ ତେବେ ଆମ୍ଭେମାନେ ବୋଲନ୍ତୁ ଯେ ଅବକାରୀ ଶୁଳ୍କ ବୃଦ୍ଧିଦ୍ୱାରା ଦେଶର ଧନ ବୃଦ୍ଧିର ପରିଚୟ ମିଳୁ ଅଛି ମାତ୍ର ସାକ୍ଷାତରେ ଦେଖୁଁ ଅଛୁଁ କି ଯାହାଙ୍କର ପଇସାଟିଏ ଆୟ କରିବାର କ୍ଷମତା ନାହିଁ ସେମାନେ ସୁଦ୍ଧା ଦିନସାରା ମଦଭାଟିରେ ପଡିରହି ଗୋଲଟାଣୁ ଅଛନ୍ତି ଓ ସମୟେରେ ଶେଷରେ ମଧ୍ୟ ଧରାପଡୁ ଅଛନ୍ତି । ଯେବେ ପୁଲିସ ଯଥାର୍ଥ ରୂପେ ଆପଣା କାର୍ଯ୍ୟ କରନ୍ତେ ତେବେ ଏପରି ବ୍ୟକ୍ତିମାନେ ଅବକାରୀର ଆୟବୃଦ୍ଧି କରିବାଦ୍ୱାରା ଆପଣା ଗୁଣଭକ୍ତି ଦେଖାଇ ପାରନ୍ତେ ନାହିଁ । ଅତଏବ ଆମ୍ଭମାନଙ୍କର ସ୍ଥିର ବିଶ୍ୱାସ ଏହିଯେ ଅବକାରୀ ଶୁଳ୍କ ବୃଦ୍ଧିଦ୍ୱାରା ଯେମନ୍ତ ଲୋକଙ୍କର ଅଧଃପାତ ଏବଂ ପୁଲିସର ଅକର୍ମଣ୍ୟତା ବୃଦ୍ଧିର ପରିଚୟ ମିଳଇ ଆଉ କାହିଁରେ ସେପରି ମିଳଇ ନାହିଁ ଏବଂ ଏସମସ୍ତ ଦେଶର ଧନ ବୃଦ୍ଧିର ବିରୋଧୀ ଅଟନ୍ତି ।

———

ଧର୍ମାର୍ଥ ଓ ସଦାବର୍ତ୍ତ ସମ୍ପତ୍ତି ।

ଗତ ସପ୍ତାହରେ ମାନ୍ଦ୍ରାଜ ବ୍ୟବସ୍ଥାପକସଭାରୁ ବାହାରିଥିବା ପାଣ୍ଡୁଲିପିର ସାରାଂଶ ପାଠକମାନଙ୍କୁ ଜଣାଇ ଥିଲୁଁ । ଏ ସପ୍ତାହରେ କଟକ ପ୍ରଭୃତିସମାଜଦ୍ୱାରା ପ୍ରସ୍ତୁତ ହୋଇଥିବା ପାଣ୍ଡୁଲି-

Split by PDF Splitter

Digitized by srujanika@gmail.com